ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୨୮/୨୦୨୦ (୧୬ ପୃଷ୍ଠା) | Bhubaneswar, Wednesday, October 28/2020 | ★★★★★★
୪୬ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ଟପ୍‌ଲେସ୍ ଫଟୋ ଶେୟାର କଲେ ମୃଣାଳ

ଅଭିନେତ୍ରୀ ମୃଣାଳ ଠାକୁର ଏକ ଟପ୍‌ଲେସ ଫଟୋ ଶେୟାର କରିଛନ୍ତି। ତାହାକୁ ନେଇ ଏବେ ସବୁଠି ଚର୍ଚ୍ଚା।

୧୪

୧୬

## ଋଦ୍ଧିମାନଙ୍କ ବିସ୍ଫୋରକ ବ୍ୟାଟିଂ

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦର ଋଦ୍ଧିମାନ ଶାହା ବିସ୍ଫୋରକ ୮୭ ରନ କରିବା ସହ ଟପ୍ ସ୍କୋରର ହୋଇଛନ୍ତି।



# ଚନ୍ଦ୍ରରେ ଜଳର ସନ୍ଧାନ

ୱାଶିଂଟନ,୨୭।୧୦



ଚନ୍ଦ୍ରରେ ସୂର୍ଯ୍ୟକିରଣ ପଡୁଥିବା ପୃଷ୍ଠରେ ଜଳ ରହିଛି ବୋଲି ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ସ୍ପଷ୍ଟ କରିଛନ୍ତି। ସେଠାରେ ଜଳଅଣୁ ଥିବାର ଏକ ଆବିଷ୍କାରରୁ ଜଣାପଡିଛି। ଏଥିପାଇଁ ଗବେଷକମାନେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ଷ୍ଟାଟୋସ୍ଫିୟରିକ୍ ଅବ୍‌ଜରଭେଟୋରି ଫର୍ ଇନ୍‌ଫ୍ରାରେଡ୍ ଆଷ୍ଟ୍ରୋନୋମିର ବ୍ୟବହାର କରିଥିଲେ। ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ଥିବା ବୃହତ୍ ଫାଟରେ ଜଳଅଣୁ ଚିହ୍ନଟ ହୋଇଥିବା ସେମାନେ ଦାବି କରିଛନ୍ତି। ପୂର୍ବରୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଚନ୍ଦ୍ରୟାନ-୧ ମିଶନ ସମେତ ଅନ୍ୟାନ୍ୟ ଗବେଷଣାରୁ ଚନ୍ଦ୍ରପୃଷ୍ଠରେ ଉଦ୍‌ଜାନ ଥିବା ଚିହ୍ନଟ ହୋଇଥିଲା। ସେତେବେଳେ ଜଳ ଓ ହାଇଡ୍ରୋକ୍ସିଲ (ଓଏଚ୍) ମଧ୍ୟରେ ପାର୍ଥକ୍ୟ ଜାଣିବା ସମ୍ଭବ ହୋଇ ନ ଥିଲା ବୋଲି ନାସା ବୈଜ୍ଞାନିକମାନେ କହିଛନ୍ତି। ସଦ୍ୟ ଅଧ୍ୟୟନ ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ପ୍ରକାଶ ପାଇଛି। ଚନ୍ଦ୍ରର କ୍ଲାଭିଅସ୍ କ୍ରାଟର ଅଞ୍ଚଳରେ ଜଳଅଣୁ ରହିଛି। ଏକ ଘନମିଟର ମାଟି ଉପରେ ଆବଦ୍ଧ ରହିଥିବା ଏହି ଜଳର ପରିମାଣ ପାଖାପାଖି ୧୨ ଆଉନ୍ସ ବୋତଲ ହେବ।

# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

ନୂଆଦିଲ୍ଲୀ,୨୭।୧୦(ପି.ଟି.)



ଆମେରିକା ପ୍ରତିରକ୍ଷା ସଚିବ ମାର୍କ ଟି. ଏସ୍‌ପର ଏବଂ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର।

- ଦୁଇ ଦେଶର ସୈନ୍ୟବାହିନୀ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଦାନ ପ୍ରଦାନ ହୋଇପାରିବ
- ଆମେ ଭାରତ ସହ ଅଛୁ: ପମ୍ପିଓ

ଭାରତ-ଆମେରିକା ମଧ୍ୟରେ ମଙ୍ଗଳବାର ଐତିହାସିକ ପ୍ରତିରକ୍ଷା ଚୁକ୍ତି ବେସିକ୍ ଏକ୍ସଚେଞ୍ଜ ଆଣ୍ଡ କୋ-ଅପରେଶନ ଏଗ୍ରିମେଣ୍ଟ (ବିଇସିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ବଳରେ ଉଭୟ ଦେଶର ସୈନ୍ୟବାହିନୀ ପରସ୍ପର ମଧ୍ୟରେ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି, ଜିଓସ୍ପାଟିଆଲ (ଭୂସ୍ଥାନିକ) ମ୍ୟାପ୍ ଏବଂ ଗୋପନୀୟ ସାଟେଲାଇଟ୍ ଡାଟା ଆଦାନପ୍ରଦାନ କରିପାରିବେ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ଅର୍ଥନୈତିକ ଓ ସାମରିକ ସାମର୍ଥ୍ୟ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଭାରତ-ଆମେରିକା ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ଅବସରରେ ସେମାନଙ୍କ ସୁରକ୍ଷା ସମ୍ପର୍କ ଓ ରଣନୈତିକ ସହଯୋଗ ବୃଦ୍ଧି କରିବାକୁ ସଂକଳ୍ପ କରିଛନ୍ତି। ଭାରତ ଗସ୍ତରେ ଆସିଥିବା ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଏବଂ ପ୍ରତିରକ୍ଷା ସଚିବ ମାର୍କ ଟି. ଏସ୍ପରଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ଦୁଇ ଦେଶର ଉଚ୍ଚ ସାମରିକ ଓ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ ☞ପୃଷ୍ଠା-୧୩

## ପରାଗ ଗୁପ୍ତା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ

### ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ): ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୮୮ ବ୍ୟାଚ ଆଇଏଏସ୍ ଅଫିସର ପରାଗ ଗୁପ୍ତାଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଇସ୍ପାତ୍ ଓ ଖଣି ବିଭାଗର ପ୍ରମୁଖ ସଚିବ ସୁରେନ୍ଦ୍ର କୁମାରଙ୍କୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଟିଡିକଲ୍ ଏମ୍‌ଡି ମାନସୀ ନିମ୍ଭାଲଙ୍କୁ ଓଏସ୍‌ଏମ୍‌ଏବୋର୍ଡର ମେମ୍ବର ସେକ୍ରେଟାରି ଭାବେ ନିଯୁକ୍ତି ଦିଆଯାଇଛି। ଯୋଜନା ଓ ସଂଯୋଜନ ବିଭାଗ ଡେପୁଟି ସେକ୍ରେଟାରି ଯେଦୁଲା ବିଜୟଙ୍କୁ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ବିଷାକ୍ତ ମଦ ପିଇ ୪ ମୃତ

ବନ୍ତଲା,୨୭।୧୦(ଡି.ଏନ.ଏ.)

- ଅନ୍ୟ ୪ ଜଣଙ୍କ ଚାଲିଛି ଚିକିତ୍ସା
- ଘଟଣାସ୍ଥଳରେ ଅବକାରୀ ନିରୀକ୍ଷକ
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ପଥରଗଡ଼ ଗ୍ରାମରେ ବିଷାକ୍ତ ମଦ୍ୟପାନ ଯୋଗୁ ୪ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତିମାନେ ହେଲେ ଅନିଲ ପଧାନ (୧୮), ଟୁକୁନା ପଧାନ (୨୫), ଶଶିକାନ୍ତ ଦେହୁରୀ (୩୦) ଓ ପ୍ରମୋଦ ସାହୁ (୪୨)। ଅନିଲ, ଟୁକୁନାଙ୍କ ରବିବାର ରାତିରେ ଗାଁରେ ମୃତ୍ୟୁ ହୋଇଥିବାବେଳେ ଶଶିକାନ୍ତଙ୍କ ସୋମବାର ଏବଂ ପ୍ରମୋଦ ସାହୁଙ୍କ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଆଉ ୪ଜଣ ବାସୁଦେବ ପଧାନ (୩୨), ସୁଶାନ୍ତ ଦେହୁରୀ (୩୫), ରୋହନ ପଧାନ (୨୦), ବସନ୍ତ ଦେହୁରୀ (୪୫) ଚିକିତ୍ସାଧୀନ ଅଛନ୍ତି। ତେବେ ଏହା ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କି ନୁହେଁ ସେ ନେଇ ପୋଲିସ କି ଅବକାରୀ ବିଭାଗ ଅଧିକାରୀମାନେ ମୁହଁ ଖୋଲୁ ନ ଥିବାରୁ ବ୍ୟବଚ୍ଛେଦ ରିପୋର୍ଟକୁ ☞ପୃଷ୍ଠା-୪

# 'ନକାରାତ୍ମକ ରହିବ ଅଭିବୃଦ୍ଧି'

ନୂଆଦିଲ୍ଲୀ,୨୭।୧୦



- ଅର୍ଥ ବ୍ୟବସ୍ଥାରେ ଆସୁଛି ସୁଧାର
- ପାର୍ବଣରେ ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି

ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ନକାରାତ୍ମକ କିମ୍ବା ଶୂନ ସ୍ତରରେ ରହିବା ଆଶଙ୍କା ରହିଛି। କରୋନା ଯୋଗୁ ଏଭଳି ସ୍ଥିତି ସାମ୍ନା କରିବାକୁ ପଡିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଘରୋଇ ବଜାର ଅଭିବୃଦ୍ଧିରେ ସୁଧାର ପରିଲକ୍ଷିତ ହେଉଛି। ଆସନ୍ତା ବର୍ଷ ସୁଦ୍ଧା ଭାରତ ପୁଣି ଥରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହୋଇପାରିବ। ଭାରତର ଅର୍ଥନୈତିକ ସୁଧାର ପ୍ରକ୍ରିୟାରେ ସ୍ଥିତାବସ୍ଥା ଫେରୁଥିବା ବେଳେ ଏହା ପୁଣିଥରେ ନିରନ୍ତର ଭିତ୍ତିରେ ଚାଲିବା ସମ୍ଭାବନା ଦେଖାଯାଉଛି। ପାର୍ବଣରେ ଆର୍ଥିକ କାର୍ଯ୍ୟକଳାପ ଉନ୍ନତ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ତୃତୀୟ ଏବଂ ଚତୁର୍ଥ ତ୍ରୈମାସରେ ଅଭିବୃଦ୍ଧିରେ ବେଶ୍ ସୁଧାର ଆସିବା ନେଇ ଆଶା ରହିଥିବା ସେ ମତ ରଖିଛନ୍ତି।

କରୋନା ଭାଇରସ୍‌କୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶରେ ଲକ୍‌ଡାଉନ ଲାଗୁ କରାଇବା ନିଷ୍ପତ୍ତି ☞ପୃଷ୍ଠା-୧୩

## ୫ ସୁଦ୍ଧା ଚକ୍ରବୃଦ୍ଧି ସୁଧ ଫେରାଇବେ ବ୍ୟାଙ୍କ

ନୂଆଦିଲ୍ଲୀ,୨୭।୧୦

କୋଭିଡ୍-୧୯ ଯୋଗୁ ଲୋକମାନେ ଋଣ କିସ୍ତି ପଇଠ କରିବାରେ ସମସ୍ୟା ଦେଖାଦେବାରୁ କେନ୍ଦ୍ର ସରକାର ୬ ମାସର ମୋରାଟୋରିୟମ ସୁବିଧା ଘୋଷଣା କରିଥିଲେ। ଏହି ସମୟରେ ବ୍ୟାଙ୍କଗୁଡ଼ିକ ଚକ୍ରବୃଦ୍ଧି ସୁଧ ଲଗାଇଥିବା ଦେଖାଯାଇଥିଲା। ଏହାକୁ ନେଇ ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର କରାଯାଇଥିଲା। ଏହି ମାମଲାର ଉପରେ ସର୍ବୋଚ୍ଚ ଅଦାଲତ ଶୁଣାଣି କରୁଥିବା ବେଳେ ରିଜର୍ଭ ବ୍ୟାଙ୍କ ଏବଂ ସରକାରଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ମଙ୍ଗଳବାର କେନ୍ଦ୍ର ସରକାର ଏହି ମାମଲାରେ ପକ୍ଷ ରଖିଥିବା ଜଣାପଡ଼ିଛି। ବ୍ୟାଙ୍କଗୁଡିକ ମୋରାଟୋରିୟମ ଅବଧିରେ ଲାଗୁ କରିଥିବା ଚକ୍ରବୃଦ୍ଧି ସୁଧ ଫେରାଇବେ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ନଭେମ୍ବର ୫ ସୁଦ୍ଧା ଚକ୍ରବୃଦ୍ଧି ସୁଧ ଗ୍ରାହକଙ୍କ ଆକାଉଣ୍ଟକୁ ଫେରାଇ ଦିଆଯିବ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ବ୍ୟକ୍ତିବିଶେଷଙ୍କୁ ଏହାର ଲାଭ ମିଳିପାରିବ।

ଏହି ଚକ୍ରବୃଦ୍ଧି ସୁଧ ଫେରସ୍ତ ପଦକ୍ଷେପ ମଧ୍ୟରେ ☞ପୃଷ୍ଠା-୧୩

## ନିରାଡ଼ମ୍ବର ଭସାଣି



କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ମଙ୍ଗଳବାର ନିରାଡ଼ମ୍ବର ଭାବେ ମା'ଙ୍କୁ ଭସାଣି ନିମନ୍ତେ କଟକ ପୁରୀଘାଟ ଦେବୀଗଡ଼ା ଘାଟକୁ ନିଆଯାଉଛି।

## ନଭେମ୍ବର ପହିଲାରୁ ଧାନ ସଂଗ୍ରହ

୩

# ଦିଲୀପ ରାୟଙ୍କ ଦଣ୍ଡାଦେଶ ସ୍ଥଗିତ

**କୋଇଲା ଦୁର୍ନୀତି**



- ସିବିଆଇ କୋର୍ଟ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ
- ୨୪ ଘଣ୍ଟାରେ ରୋକ୍ ଲଗାଇଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ,୨୭।୧୦

କୋଇଲା ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୩ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ ମଙ୍ଗଳବାର ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ହାଇକୋର୍ଟ ଏହି ମାମଲାରେ ନିଷ୍ପତ୍ତି ନ ନେବା ଯାଏ ଦିଲୀପଙ୍କ ଦଣ୍ଡାଦେଶକୁ ଜଷ୍ଟିସ୍ ସୁରେଶ କୈତ୍‌ଙ୍କ ଖଣ୍ଡପୀଠ ସ୍ଥଗିତ ରଖିଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୫ରେ ହେବ।

୧୯୯୯ରେ ଦିଲୀପ ରାୟ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରରେ କୋଇଲା ରାଷ୍ଟ୍ରମନ୍ତ୍ରୀ ଥିବାବେଳେ କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡ୍‌କୁ ଝାଡ଼ଖଣ୍ଡର ଗିରିଡ଼ିହସ୍ଥିତ ବ୍ରହ୍ମଡ଼ିହ କୋଲ୍ ବ୍ଲକ୍ ଆବଣ୍ଟନ କରାଯାଇଥିଲା। ଏଥିରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ରାଜିନାମାର ଜୁଆ

**ଆଜିର ମନ୍ତବ୍ୟ**

"କେତେକ ରାଜ୍ୟରେ ପାରିବାରିକ ଦୁର୍ନୀତି ରାଜନୈତିକ ସଂସ୍କୃତିର ଅଂଶ ପାଲଟିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ସନ୍ଦେହ ବଢ଼ାଉଛି ବେହିସାବ ଖର୍ଚ୍ଚ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୨୭।୧୦

**ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି**

- ୧୦ ବର୍ଷର ହିସାବ ପଡ଼ିରହିଛି
- ଜିଲାସ୍ତରରେ ୨୯%, ବିଭାଗସ୍ତରରେ ୩୮% ୟୁସି ଦାଖଲ ବାକି
- ୪ ବିଭାଗ ୧ ଟଙ୍କାର ବି ୟୁସି ଦେଇନି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ବାବଦ ପୁନରୁଦ୍ଧାର ଓ ଥଇଥାନ ରାଶିର ହିସାବ ତଥା ବିନିଯୋଗ ପ୍ରମାଣପତ୍ର(ୟୁସି)ଦେବାରେ ବିଫଳ ହୋଇଛନ୍ତି। ଗତ ୧୦ ବର୍ଷରେ ଆବଣ୍ଟିତ ହୋଇଥିବା ସିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଏନ୍‌ସିସିଏଫ୍ ଏବଂ ଏନ୍‌ଡିଆର୍‌ଏଫ୍‌ରୁ ମିଳିଥିବା ଅନୁଦାନର ୨୮.୬୯ ପ୍ରତିଶତ ୟୁସି ଜିଲାସ୍ତରରେ ଏବଂ ବିଭାଗ ସ୍ତରରେ ୩୮.୫୧ ପ୍ରତିଶତ ୟୁସି ଦାଖଲ ବାକି ରହିଛି। ଗତ ୩୦ ତାରିଖ ସୁଦ୍ଧା ୪ଟି ବିଭାଗ ୧ ଟଙ୍କାର ବି ୟୁସି ଦାଖଲ କରି ପାରି ନ ଥିବା ସରକାରୀ ରିପୋର୍ଟରେ ସ୍ପଷ୍ଟ ହୋଇଛି। ଏହାବାଦ୍ ଗତ ୬ ତାରିଖରେ ବିଧାନସଭାରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ରିପୋର୍ଟରେ ୩୭ଟି ବିଭାଗ ମୋଟ ୪୫,୩୪୦ କୋଟି ଟଙ୍କାର ୟୁସି ଦାଖଲ କରି ନ ଥିବା ତଥ୍ୟ ପଦାକୁ ଆସିଛି। ଏଥିଯୋଗୁ ପରବର୍ତ୍ତୀ ଅନୁଦାନ ପ୍ରଦାନ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ସିଏଜି ରିପୋର୍ଟ ପରେ ଗତ ୨୧ ତାରିଖରେ ରାଜ୍ୟ ଜଳ ସମ୍ପଦ ବିଭାଗ ଯୁଗ୍ମ ସଚିବ ସୁବ୍ରତ କୁମାର ପଣ୍ଡା ରାଜ୍ୟ ନିର୍ବାହୀ କମିଟି ବୈଠକର ନିଷ୍ପତ୍ତି ଅନୁସାରେ ଯଥାଶୀଘ୍ର ବକେୟା ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିର ଭରଣା ପାଇଁ ଆସୁଥିବା ସରକାରୀ ଅର୍ଥକୁ ଏଭଳି ଖାମଖିଆଲ ଭାବେ ଗ୍ରହଣ କରିବା ବିପନ୍ନଙ୍କ ପାଇଁ ଉପହାସ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଥିରୁ ସହାୟତା ରାଶିର ଠିକ୍ ବିନିଯୋଗକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ, ପୁରୀ, ଖୋର୍ଦ୍ଧା, ଯାଜପୁର ଆଦି ଉପକୂଳ ଜିଲା ପାଇଁ ବନ୍ୟା ଓ ବାତ୍ୟା ଚିର ସହଚର। ନିୟମିତ ବ୍ୟବଧାନରେ ହେଉଥିବା ବନ୍ୟା ଯୋଗୁ ଏହି ଅଞ୍ଚଳବାସୀଙ୍କ ଅନେକ ସମସ୍ୟାର ସମାଧାନ ଅସମାହିତ ହୋଇରହିଛି। ଗତ ଅଗଷ୍ଟରେ ବୈତରଣୀ ଓ ବ୍ରାହ୍ମଣୀରେ ହୋଇଥିବା ବନ୍ୟା ଦୁଇ ଦଶନ୍ଧିର ସବୁଠୁ ବଡ଼ ବୋଲି କୁହାଯାଉଛି। ଏହି ବନ୍ୟାରେ ଯାଜପୁର ଜିଲାର ୨୫୮ ପଞ୍ଚାୟତ ୧୨୪୪ ଗ୍ରାମର ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ୧୦ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୧୧, ୨୦୧୫ ଓ ୨୦୧୭ରେ ହୋଇଥିବା ବନ୍ୟା ସାଙ୍ଗକୁ ଫାଇଲିନ, ହୁଡ୍‌ହୁଡ୍, ଫନୀ, ତିତ୍‌ଲି ଭଳି ବାତ୍ୟାରେ ଯାଜପୁର ଜିଲାର ବିପୁଳ ପରିମାଣର ଧନଜୀବନ ନଷ୍ଟ ହୋଇଛି। ସରକାରଙ୍କ ତରଫରୁ ଗତ ୧୦ ବର୍ଷରେ ପ୍ରାକୃତିକ ବିପର୍ଯ୍ୟୟ ସହାୟତା ବାବଦରେ ଯାଜପୁର ଜିଲାକୁ ୬,୮୪୮ କୋଟି ୨୩ ଲକ୍ଷ ୫୨ ହଜାର ଟଙ୍କା ପ୍ରଦାନ ☞ପୃଷ୍ଠା-୪

# ଟ୍ରମ୍ପ୍‌ଙ୍କ ସପକ୍ଷରେ ଇତିହାସ

## ଆମେରିକାର ୪୫ ରାଷ୍ଟ୍ରପତିଙ୍କ ମଧ୍ୟରୁ ୩୫ ପୁନଃ ନିର୍ବାଚିତ



ୱାଶିଂଟନ,୨୭।୧୦

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ପୁନଃ ନିର୍ବାଚିତ ହୋଇପାରିବେ ନା ତାଙ୍କ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହୋଇ ଧୂଳି ଚାଟିବେ ତାହା ହେଉଛି ବର୍ତ୍ତମାନ ପାଇଁ ସବୁଠୁ ବଡ଼ ପ୍ରଶ୍ନ। କେବଳ ଆମେରିକା ନୁହେଁ, ବରଂ ଚାଇନା, ଋଷିଆ, ଭାରତ, ଫ୍ରାନ୍ସ, ଇସ୍ରାଏଲ୍ ଓ ☞ପୃଷ୍ଠା-୧୩

## ବାଇଡେନ ୬ ପଏଣ୍ଟ ଆଗରେ



ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଏବେ ଡୋନାଲ୍ଡ ଟ୍ରମ୍ପ୍‌ଠାରୁ ଡେମୋକ୍ରାଟିକ୍ ଚ୍ୟାଲେଞ୍ଜର ଜୋ ବାଇଡେନ ଆଗୁଆ ରହିଛନ୍ତି। ୧୦ଟି ପୋଲ୍‌ର ଟ୍ରେଣ୍ଡରୁ ଜଣାପଡ଼ିଛି ଯେ, ଆମେରିକାର ଅଧାରୁ ଅଧିକ ଭୋଟର ବାଇଡେନଙ୍କ ସପକ୍ଷରେ ଥିବାବେଳେ ଟ୍ରମ୍ପ୍ ୬ ପଏଣ୍ଟ ପଛରେ ପଡ଼ିଯାଇଛନ୍ତି। ତେବେ ନଭେମ୍ବର ୩ ମଙ୍ଗଳବାର ଭୋଟ ନିର୍ଦ୍ଧାରଣ କରିବ ଯେ ଟ୍ରମ୍ପ୍ ପୁଣିଥରେ ହ୍ୱାଇଟ୍ ହାଉସ୍‌କୁ ଯିବା ନା ବିଶ୍ୱ ରାଜନୀତିର ଏହି ବିଶାଳ ପ୍ରାସାଦର ଚାବି ବାଇଡେନଙ୍କୁ ହସ୍ତାନ୍ତର କରିବେ। ଆମେରିକାରେ ୨୫୭ ନିୟୁତ ଲୋକଙ୍କ ବୟସ ୧୮ କିମ୍ବା ତଦୂର୍ଦ୍ଧ୍ୱ। ସେମାନଙ୍କ ମଧ୍ୟରୁ ୨୪୦ ନିୟୁତ ନାଗରିକ ଚଳିତ ବର୍ଷ ନିର୍ବାଚନରେ ମତଦାନ ପାଇଁ ଯୋଗ୍ୟ। ଅଦ୍ୟାବଧି ୫୮.୭ ନିୟୁତ ଭୋଟର ମତଦାନ କରିସାରିଲେଣି। ମେଲ୍-ଇନ୍ ବାଲଟ୍ସ ସଂଖ୍ୟା ଅଭୂତପୂର୍ବ ଭାବେ ବଢ଼ିଚାଲିଛି, ଯେଉଁଥିପାଇଁ ନଭେମ୍ବର ୩ରେ ଗଣତି ବିଳମ୍ବ ହୋଇପାରେ।

**ଛାତ୍ରୀଙ୍କୁ ଗୁଳିକରି ହତ୍ୟା**

ଦିଲ୍ଲୀର ଫରିଦାବାଦଠାରେ ଜଣେ ଛାତ୍ରୀ(୨୧)ଙ୍କୁ ଗୁଳିମାଡ଼ କରି ହତ୍ୟା କରାଯାଇଛି। ହରିୟାଣାର ବାଣିଜ୍ୟ ଛାତ୍ରୀ ନିକିତା ତୋମାର ପରୀକ୍ଷା ଦେବା ଲାଗି କଲେଜକୁ ଆସୁଥିବାବେଳେ ଦୁଇଜଣ ଯୁବକ ତାଙ୍କୁ କାର୍‌ରେ ଅପହରଣ ଲାଗି ଉଦ୍ୟମ କରିଥିଲେ। ଏଥିରେ ବିଫଳ ହେବାରୁ ସେମାନେ ଗୁଳିମାଡ଼ କରି ନିକିତାଙ୍କୁ ମାରି ଦେଇଥିଲେ। ପୋଲିସ ଦୁଇ ଅଭିଯୁକ୍ତ ତୌସିଫ୍ ଓ ରେହାନ୍‌ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ବାହାର ଲୋକେ କଶ୍ମୀରରେ ଜମି କିଣିପାରିବେ

ଶ୍ରୀନଗର,୨୭।୧୦(ପି.ଟି.)



ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦର ବର୍ଷକ ପରେ କେନ୍ଦ୍ର ସରକାର କେତେକ ଆଇନରେ ସଂଶୋଧନ ଆଣିଛନ୍ତି। ଫଳରେ ଜମ୍ମୁ-କଶ୍ମୀର ବାହାର ଲୋକ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଜମି କିଣିପାରିବେ। ଏନେଇ ପ୍ରକାଶିତ ଗେଜେଟ ବିଜ୍ଞପ୍ତିରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ଉନ୍ନୟନ ଅଧିନିୟମର ଧାରା ୧୭ରୁ 'ରାଜ୍ୟର ସ୍ଥାୟୀ ବାସିନ୍ଦା' ଶବ୍ଦ ଉଠାଇଦେଇଛନ୍ତି। ସେଠାରେ ଉପରୋକ୍ତ ଅଧିନିୟମ ଅନୁଯାୟୀ ଜମି କିଣାବିକା ହୋଇଥାଏ।

**ଆଇନ ସଂଶୋଧନ କଲା କେନ୍ଦ୍ର**

ଗତବର୍ଷ ଅଗଷ୍ଟରେ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ପୂର୍ବରୁ ଅପ୍ରବାସୀ ଜମ୍ମୁ-କଶ୍ମୀରରୁ ସ୍ଥାବର ସମ୍ପତ୍ତି କିଣିପାରୁ ନ ଥିଲେ। ବର୍ତ୍ତମାନର ଏହି ସଂଶୋଧନ ବଳରେ ସେମାନଙ୍କୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଜମି କିଣିବାର ସୁଯୋଗ ମିଳିବ। ତେବେ କୃଷିଜମିକୁ ଅଣକୃଷି ଜମିରେ ପରିବର୍ତ୍ତନ କରିବାକୁ ଅନୁମତି ଦିଆଯାଇନାହିଁ ବୋଲି ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି। ତେବେ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଲାଗି କୃଷିଜମିକୁ ଅଣକୃଷି ଜମିରେ ବଦଳାଯାଇପାରିବ।

ଆଇନରେ ସଂଶୋଧନ ହୋଇଥିବାରୁ ବହୁସଂଖ୍ୟାରେ ବାହାର ଲୋକ ଜମ୍ମୁ-କଶ୍ମୀରରେ ଜମି କିଣିବାକୁ ଆଗେଇ ଆସିବେ ବୋଲି ପୂର୍ବତନ ଆଡଭୋକେଟ ଜେନେରାଲ ମହମ୍ମଦ ଇଶାକ୍ କାଦ୍ରି କହିଛନ୍ତି। ସେମାନଙ୍କ ପାଇଁ ଆଉ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ଏଭଳି ସଂଶୋଧନ ଗ୍ରହଣୀୟ ନୁହେଁ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା କହିଛନ୍ତି।



ପଶ୍ଚିମବଙ୍ଗର ମୁର୍ଶିଦାବାଦସ୍ଥିତ ବେଲଡାଙ୍ଗରେ ଦୁର୍ଗା ମୂର୍ତ୍ତି ଭସାଣି ବେଳେ ୫ ଜଣ ବ୍ୟକ୍ତି ଭାସିଯାଇଛନ୍ତି। ଜଣେ ମୃତକଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଛି।

## ବିସର୍ଜନ ବେଳେ ୫ ଭାସିଗଲେ

କୋଲକାତା, ୨୭।୧୦

ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲା ବେଲ୍‌ଡାଙ୍ଗଠାରେ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ସମୟରେ ୫ ଜଣ ବ୍ୟକ୍ତି ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଦୁଇଟି ଡଙ୍ଗାରେ ୬ ଜଣ ଯାଇଥିବାବେଳେ ଦେବୀ ବିସର୍ଜନ ବେଳେ ସମସ୍ତେ ବୁଡ଼ିଯାଇଥିଲେ। ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆଉ ଜଣଙ୍କ ଲାଗି ଖୋଜାଖୋଜି ଜାରି ରହିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ପୋଲିସ ଓ ଉଦ୍ଧାରକାରୀ ଟିମ୍ ଖୋଜାଖୋଜି ଜାରି ରଖିଥିବା ପ୍ରକାଶ।

## ପମ୍ପିଓଙ୍କୁ ଚାଇନାର ସମାଲୋଚନା



ମାଇକ୍ ପମ୍ପିଓ

ବେଜିଂ,୨୭।୧୦(ପି.ଟି.): ଚାଇନା ଓ ଏହାର ପଡୋଶୀ ଦେଶଗୁଡ଼ିକ ମଧ୍ୟରେ ମତଭେଦର ମଞ୍ଜି ନ ବୁଣିବାକୁ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓଙ୍କୁ ବେଜିଂ କହିଛି। ସେହିପରି ଆଞ୍ଚଳିକ ଶାନ୍ତି ଓ ସ୍ଥିରତାକୁ ଦୁର୍ବଳ ନ କରିବାକୁ ଚାଇନା ପମ୍ପିଓଙ୍କୁ ପରାମର୍ଶ ଦେଇଛି। ଭାରତ ଗସ୍ତରେ ଥିବା ପମ୍ପିଓ ଏହା ପରେ ଶ୍ରୀଲଙ୍କା ଓ ମାଳଦ୍ୱୀପ ଗସ୍ତ କରିବେ। ଏ ସମ୍ପର୍କରେ ପ୍ରଶ୍ନ ହେବାରୁ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ ୱେନ୍‌ବିନ୍ ଗଣମାଧ୍ୟମକୁ କହିଛନ୍ତି, ବେଜିଂ ସମ୍ପର୍କରେ ପମ୍ପିଓଙ୍କ ଅଭିଯୋଗରେ ନୂଆ କିଛି ନାହିଁ। ତାଙ୍କର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଶୀତଳ ଯୁଦ୍ଧ ମାନସିକତାକୁ ଉସୁକାଇବା ସହ ନୀତିଗତ ବିଭେଦ ସୃଷ୍ଟି କରିବା ତାଙ୍କ ଅଭିଯୋଗରୁ ସ୍ପଷ୍ଟ ହେଉଛି। ଭାରତ ଓ ଆମେରିକା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରିପ୍ରେକ୍ଷୀରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଏଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ ଆଜି

ପାଟନା/ନୂଆଦିଲ୍ଲୀ, ୨୭।୧୦

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବୁଧବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୧୬ ଜିଲାର ୭୧ ଆସନ ଲାଗି ଭୋଟଗ୍ରହଣ କରାଯିବ। ମୋଟ ୧,୦୬୬ ପ୍ରାର୍ଥୀ ମଇଦାନରେ ଅଛନ୍ତି।

ଅପର ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ୧୭ ଜିଲାର ୯୪ ଆସନ ଲାଗି ନଭେମ୍ବର ୩ରେ ମତଦାନ କରାଯିବ। ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ମୋଟ ୧,୪୬୩ ପ୍ରାର୍ଥୀଙ୍କ ମଧ୍ୟରୁ ୫୦୨ ଜଣଙ୍କ ବିରୋଧରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୩୮୯ ନେତାଙ୍କ ବିରୋଧରେ ସଙ୍ଗିନ ମାମଲା ରହିଛି। ବିହାର ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ରିପୋର୍ଟ ଅନୁଯାୟୀ ଆର୍‌ଜେଡି ୫୬ ପ୍ରାର୍ଥୀଙ୍କ ମଧ୍ୟରୁ ୩୬, ଭାଜପାର ୪୬ ପ୍ରାର୍ଥୀଙ୍କ ମଧ୍ୟରୁ ୨୯, କଂଗ୍ରେସର ୨୪ ପ୍ରାର୍ଥୀଙ୍କ ମଧ୍ୟରୁ ୧୪, ଏଲ୍‌ଜେପିର ୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୨୮, ବିଏସ୍‌ପିର ୩୩ ପ୍ରାର୍ଥୀଙ୍କ ମଧ୍ୟରୁ ୧୬, ଜେଡିୟୁର ୪୩ ପ୍ରାର୍ଥୀଙ୍କ ମଧ୍ୟରୁ ୨୦ ଜଣଙ୍କ ବିରୋଧରେ ଆପରାଧିକ ରେକର୍ଡ ରହିଥିବା ସତ୍ୟପାଠରେ ଦର୍ଶାଯାଇଛି। ଆର୍‌ଜେଡିର ୫୦% ଏବଂ ଭାଜପା ଓ ଏଲ୍‌ଜେପିର ୪୪% ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।



ନିର୍ବାଚନର ଅବ୍ୟବହିତ ପୂର୍ବରୁ ଇଭିଏମ୍ ଧରି କୈମୁରରେ ପହଞ୍ଚିଛନ୍ତି ସୁରକ୍ଷା କର୍ମୀ।

- ମଇଦାନରେ ଅଛନ୍ତି ୧,୦୬୬ ପ୍ରାର୍ଥୀ
- ୫୦୨ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ରେକର୍ଡ

ସେହିଭଳି ସଙ୍ଗିନ ଅପରାଧ ମାମଲାରେ ବିଏସ୍‌ପିର ୧୪, କଂଗ୍ରେସର ୧୦, ଜେଡିୟୁର ୧୪ ଜଣଙ୍କ ନାମ ରହିଛି। ମହିଳା ବିରୋଧୀ ଅପରାଧ ମାମଲାରେ ୪୯ ପ୍ରାର୍ଥୀଙ୍କ ନାମ ରହିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ବିରୋଧରେ ବଳାତ୍କାର ମାମଲା ଥିବା ଜଣାପଡ଼ିଛି। ୩୨ ଜଣଙ୍କ ବିରୋଧରେ ହତ୍ୟା ମାମଲା ଓ ୧୪୩ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଚାଲିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ଆପରାଧିକ ମାମଲା ଥିବା ୩୪% ନେତାଙ୍କୁ ପ୍ରାର୍ଥୀ କରିଥିବା ରିପୋର୍ଟରୁ ଜଣାପଡ଼ିଛି।

## ତାଲିକାରେ ସଲ୍ଲାଉଦ୍ଦିନ, ଭଟ୍‌କଲ ଭ୍ରାତା

ନୂଆଦିଲ୍ଲୀ,୨୭।୧୦(ପି.ଟି./ ଆଇଏଏନ୍‌ଏସ୍)

ଆତଙ୍କବାଦକୁ ଦୃଢ଼ହସ୍ତରେ ଦମନ କରିବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ବଡ଼ ପଦକ୍ଷେପ ନେଇଛନ୍ତି। ୧୮ ଆତଙ୍କବାଦୀଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ, ୧୯୬୭ ଲଗାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ହିଜ୍‌ବୁଲ ମୁଜାହିଦ୍ଦିନ ମୁଖ୍ୟ ସୟଦ ସଲ୍ଲାଉଦ୍ଦିନ ଓ ଇଣ୍ଡିଆନ ମୁଜାହିଦ୍ଦିନ ପ୍ରତିଷ୍ଠାତା ଭଟ୍‌କଲ ଭ୍ରାତା। ସେହିପରି ୧୯୯୯ କାନ୍ଦାହାର ବିମାନ ଅପହରଣକର୍ତ୍ତା ଅବ୍‌ଦୁଲ ରୌଫ୍ ଅସଗର, ଇବ୍ରାହିମ ଆଥର ଓ ୟୁସୁଫ ଆଝାର ମଧ୍ୟ ଏହି ତାଲିକାରେ ଅଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ୟୁଏପିଏ ଆଇନକୁ ୨୦୧୯ ଅଗଷ୍ଟରେ ସଂଶୋଧନ କରାଯାଇଥିଲା। ପୂର୍ବରୁ କେବଳ ସଙ୍ଗଠନଗୁଡ଼ିକୁ ଆତଙ୍କବାଦୀ ଗୋଷ୍ଠୀ ଘୋଷଣା କରାଯାଉଥିଲା। ନୂଆ ସଂଶୋଧନ ବଳରେ ଏଣିକି ବ୍ୟକ୍ତିମାନଙ୍କୁ ମଧ୍ୟ ଆତଙ୍କବାଦୀ ଘୋଷଣା କରାଯାଇ ପାରିବ। ୨୦୧୯ ସେପ୍ଟେମ୍ବରରେ ୪ ଓ ୨୦୨୦ ଜୁଲାଇରେ ୯ ଜଣଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇଥିଲା।



ସୟଦ ସଲାହୁଦ୍ଦିନ

**୧୮ ଆତଙ୍କବାଦୀଙ୍କ ବିରୋଧରେ ୟୁଏପିଏ ଲାଗିଲା**

ସଦ୍ୟ କାର୍ଯ୍ୟାନୁଷ୍ଠାନ ପରେ ୟୁଏପିଏ ବଳରେ ଆତଙ୍କବାଦୀ ଘୋଷଣା କରାଯାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ହିଜ୍‌ବୁଲ ମୁଖ୍ୟ ସଲ୍ଲାଉଦ୍ଦିନ ମୁମ୍ବାଇ ଆକ୍ରମଣ ଏବଂ ଆଇସି ୮୧୪ ଅପହରଣରେ ସମ୍ପୃକ୍ତ ଥିବା ଏଥିରେ ଦର୍ଶାଯାଇଛି। ସେହିପରି ଇଣ୍ଡିଆନ୍ ମୁଜାହିଦ୍ଦିନ ପ୍ରତିଷ୍ଠାତା ଇସ୍‌ମାଇଲ୍ ଶାହବାନ୍ଦରି ଓରଫ୍ ରିୟାଜ ଭଟକଲ ଓ ତାଙ୍କ ଭାଇ ମହମ୍ମଦ ଇକ୍‌ବାଲ ଓରଫ୍ ଇକ୍‌ବାଲ ଭଟକଲ ଜର୍ମାନ ବେକେରି, ବାଙ୍ଗାଲୋରର ଚିନ୍ନାସ୍ୱାମୀ ଷ୍ଟାଡିୟମ, ଜାମା ମସ୍‌ଜିଦ୍, ଶୀତଲଘାଟ ଓ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ଥିଲେ।

## ଦୀପିକାଙ୍କ ମ୍ୟାନେଜରଙ୍କୁ ସମନ

ମୁମ୍ବାଇ, ୨୭।୧୦

ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କ ମ୍ୟାନେଜର କରିଶ୍ମା ପ୍ରକାଶଙ୍କୁ ଏନ୍‌ସିବି ପକ୍ଷରୁ ପୁଣି ଥରେ ସମନ କରାଯାଇଛି। ପୂର୍ବରୁ ୨୦୧୭ ଡ୍ରଗ୍ସ ଚାର୍ଟକୁ ନେଇ ଦୀପିକା ଓ କରିଶ୍ମାଙ୍କୁ ଏନ୍‌ସିବି ଜେରା କରିଥିଲା। ମଙ୍ଗଳବାର କରିଶ୍ମାଙ୍କ ବାସଭବନରେ ଚଢ଼ଉ ପରେ ଡ୍ରଗ୍ସ ସଂଗ୍ରହ କରାଯାଇଛି। ହେଲେ କରିଶ୍ମାଙ୍କ ଟେର୍ ମିଳିନାହିଁ। ତେଣୁ ତାଙ୍କୁ ସମନ କରାଯାଇଛି।

## ସିବିଆଇ ତଦନ୍ତର ଅନୁଧ୍ୟାନ କରିବେ ହାଇକୋର୍ଟ

ନୂଆଦିଲ୍ଲୀ,୨୭।୧୦(ପି.ଟି.)



**ହାଥ୍‌ରସ୍ ମାମଲା**

- ପୀଡ଼ିତା ପରିବାରକୁ ସିଆର୍‌ପିଏଫ୍ ସୁରକ୍ଷା ଯୋଗାଇବାକୁ ନିର୍ଦ୍ଦେଶ

ଉତ୍ତରପ୍ରଦେଶର ହାଥ୍‌ରସ୍‌ରେ ଘଟିଥିବା ବହୁଚର୍ଚ୍ଚିତ ଦଳିତ ଯୁବତୀ ଗଣବଳାତ୍କାର ଓ ହତ୍ୟା ଘଟଣାର ତଦନ୍ତ ସିବିଆଇ କରୁଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟ ଏହାର ଅନୁଧ୍ୟାନ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଥିସହିତ ପୀଡ଼ିତାଙ୍କ ପରିବାର ସଦସ୍ୟ ଓ ସାକ୍ଷୀମାନଙ୍କୁ ସିଆର୍‌ପିଏଫ୍ ସୁରକ୍ଷା ଯୋଗାଇଦେବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ସବୁ ଦିଗ ଉପରେ ହାଇକୋର୍ଟ ଅନୁଧ୍ୟାନ କରିବେ। ଉତ୍ତରପ୍ରଦେଶ ବାହାରେ ମାମଲାର ବିଚାର ପାଇଁ ହୋଇଥିବା ଆବେଦନ ସମ୍ପର୍କରେ ସିବିଆଇ ତଦନ୍ତ ପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ୍ ଏ.ଏସ୍. ବୋପନ୍ନା ଏବଂ ଭି. ରାମସୁବ୍ରମଣ୍ୟମ୍ ରହିଛନ୍ତି। ଉତ୍ତରପ୍ରଦେଶରେ ନିରପେକ୍ଷ ବିଚାର ସମ୍ଭବ ନୁହେଁ ବୋଲି ଅନେକ ସାମାଜିକ କର୍ମୀ ଓ ଆଇନଜୀବୀ ଅଭିଯୋଗ କରି ମାମଲାର ସ୍ଥାନାନ୍ତର ଅନ୍ୟ ରାଜ୍ୟକୁ କରିବା ପାଇଁ ଆବେଦନ କରିଥିଲେ।

ସୂଚନାଯୋଗ୍ୟ ସେପ୍ଟେମ୍ବର ୧୪ରେ ୧୯ ବର୍ଷୀୟା ଦଳିତ ଯୁବତୀଙ୍କୁ ଉଚ୍ଚ ଜାତିର ୪ ଜଣ ଯୁବକ ଅତ୍ୟନ୍ତ ବୀଭତ୍ସ ଭାବରେ ବଳାତ୍କାର କରିଥିଲେ। ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେପ୍ଟେମ୍ବର ୨୯ରେ ପୀଡ଼ିତା ଆଖିବୁଜିଥିଲେ। ସେହି ରାତିରେ ତରବରିଆ ଭାବେ ପୀଡ଼ିତାଙ୍କ ଶେଷକୃତ୍ୟ ସାରିଦେବା ଲାଗି ସ୍ଥାନୀୟ ପୋଲିସ ପରିବାର ଲୋକଙ୍କୁ ବାଧ୍ୟ କରିଥିଲା। ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଅକ୍ଟୋବର ୧୫ରେ ସର୍ବୋଚ୍ଚ ଅଦାଲତ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତଦନ୍ତ ଶେଷ ପରେ ମାମଲାର ବିଚାର ଦିଲ୍ଲୀର ଏକ ଅଦାଲତରେ କରାଇବା ପାଇଁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଆଇନଜୀବୀ ସୁପ୍ରିମକୋର୍ଟଙ୍କୁ କହିଥିଲେ। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତରେ ସତ୍ୟପାଠ ଦାଖଲ କରି ମାମଲାର ସାକ୍ଷୀ ଓ ପୀଡ଼ିତାଙ୍କ ପରିବାରକୁ ଯୋଗାଇ ଦିଆଯାଇଥିବା ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ।

## ବିବାହ ଲାଗି ରାଜି ନ ହେବାରୁ ଅଭିନେତ୍ରୀଙ୍କୁ ଛୁରାମାଡ଼



ମାଲ୍‌ଭି ମାଲହୋତ୍ରା

ମୁମ୍ବାଇ, ୨୭।୧୦: ଟିଭି ଅଭିନେତ୍ରୀ ମାଲ୍‌ଭି ମାଲହୋତ୍ରାଙ୍କୁ ସୋମବାର ରାତିରେ ଛୁରାମାଡ଼ କରାଯାଇଛି। ଯୋଗେଶ୍ କୁମାର ମହିପାଲ ସିଂ ନାମକ ଜଣେ ଯୁବକ ଏକ ଅଡି କାର୍‌ରେ ଆସି ତାଙ୍କୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ଏହାକୁ ମାଲ୍‌ଭି ଅଗ୍ରାହ୍ୟ କରିବା ପରେ ଯୋଗେଶ୍ ଛୁରାମାଡ଼ କରିଥିଲେ। ମାଲ୍‌ଭିଙ୍କ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ କହିଛି। ଯୋଗେଶ୍ ଓ ମାଲ୍‌ଭି ପରସ୍ପରକୁ ଜାଣନ୍ତି ଓ ବନ୍ଧୁଭାବେ ସେମାନଙ୍କ ପରିଚୟ ଥିଲା ବୋଲି ପୋଲିସ ପ୍ରକାଶ କରିଛି। ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଧରିବା ଲାଗି ପ୍ରୟାସ ଜାରି ରହିଥିବା ମୁମ୍ବାଇ ପୋଲିସର ମୁଖପାତ୍ର ଏସ୍. ଚୈତନ୍ୟ କହିଛନ୍ତି।

## ଦିଲ୍ଲୀରେ ଡାକ୍ତରଙ୍କ ଆମରଣ ଅନଶନ

ନୂଆଦିଲ୍ଲୀ, ୨୭।୧୦: କରୋନା ସମୟରେ କୋଭିଡ୍ ଯୋଦ୍ଧାର ମାନ୍ୟତା ପାଇଥିବା ଡାକ୍ତରମାନେ ଜୀବନକୁ ବାଜି ଲଗାଇ ରୋଗୀଙ୍କ ସେବା କରୁଛନ୍ତି। ହେଲେ ରାଜଧାନୀ ଦିଲ୍ଲୀରେ ୩ ମାସ ହେବ ଡାକ୍ତରଙ୍କୁ ଦରମା ମିଳିନି। ଏଭଳି ସ୍ଥିତି ଯୋଗୁ ଡାକ୍ତରମାନେ ଦୀର୍ଘ ୨୨ ଦିନ ହେବ ଆନ୍ଦୋଳନ କରିଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ହିନ୍ଦୁ ରାଓ ହସ୍ପିଟାଲର ରେସିଡେଣ୍ଟ ଡାକ୍ତରମାନେ ସୋମବାର ଏନେଇ ଯନ୍ତରମନ୍ତରଠାରେ କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ କରିଥିଲେ। ସେମାନେ ମଙ୍ଗଳବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ବାବଦ ୧୩,୫୦୦ କୋଟି ଟଙ୍କା ତୁରନ୍ତ ଦେବା ଲାଗି ସେମାନେ ଦାବିକରିଛନ୍ତି। ସେମାନଙ୍କ ସହ ମ୍ୟୁନିସିପାଲ କର୍ପୋରେଶନ, ପଲିକ୍ଲିନିକ, ଡିସ୍‌ପେନ୍‌ସରି, ମାଟରନିଟି ସେଣ୍ଟରର ବରିଷ୍ଠ ଡାକ୍ତରମାନେ ମଧ୍ୟ ଅନଶନରେ ସାମିଲ ହୋଇଛନ୍ତି। କରୋନା ଚିକିତ୍ସା କରୁଥିବା ୧୨ ସରକାରୀ ହସ୍ପିଟାଲର ଡାକ୍ତର ଜରୁରିକାଳୀନ ସେବା ବନ୍ଦକରି ଏହାକୁ ସମର୍ଥନ ଜଣାଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ୧୦ ଦିନ ମଧ୍ୟରେ ବକେୟା ପୈଠ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**୩ ମାସର ଦରମା ବାକି**





ପ୍ରୋଫେଟ୍ ମହମ୍ମଦଙ୍କ ବିରୋଧରେ ବ୍ୟଙ୍ଗଚିତ୍ର ପ୍ରକାଶନକୁ ବିରୋଧ କରି କରାଚୀରେ ଫ୍ରାନ୍ସର ଜାତୀୟ ପତାକାକୁ ପୋଡ଼ି ରାଷ୍ଟ୍ରପତି ଇମାନ୍ୱେଲ ମାକରଁଙ୍କ ଫଟୋକୁ ବିକୃତ କରୁଛନ୍ତି ଧାର୍ମିକ ଗୋଷ୍ଠୀ 'ତହଫୁଲ-ଇ-ଇସ୍‌ଲାମ୍ ପାକିସ୍ତାନ'ର ସମର୍ଥକ।

# ବିସ୍ଫୋରଣରେ ୮ ଶିଶୁ ମୃତ, ୧୨୫ ଆହତ

ପେଶାୱର,୨୭।୧୦(ପି.ଟି.)

ଉତ୍ତର-ପଶ୍ଚିମ ପାକିସ୍ତାନର ପେଶାୱର ସହରରେ ଏକ ସେମିନାରିରେ ମଙ୍ଗଳବାର ସକାଳେ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ଏଥିରେ ୮ ଶିଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୧୨୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। କେହି ଦୁର୍ବୃତ୍ତ ସେମିନାରି ପାଚେରି ପାଖରେ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ବ୍ୟାଗ ରଖି ଚାଲିଯାଇଥିଲା। ସକାଳ ପ୍ରାର୍ଥନା ସଭା ପରେ ଏହି ବିସ୍ଫୋରଣ ଘଟିଥିଲା ବୋଲି ପେଶାୱର ଏସ୍‌ପି ୱାକର ଆଜିମ୍ କହିଛନ୍ତି। ଏହା ଆଇଇଡି ବିସ୍ଫୋରଣ ବୋଲି ବିଶ୍ୱାସ କରାଯାଉଛି। ମୃତାହତଙ୍କ ବୟସ ୭ରୁ ୧୧ ବର୍ଷ ମଧ୍ୟରେ। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଘଟଣାର ଦୃଢ଼ ନିନ୍ଦା କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



# ନଭେମ୍ବର ୩୦ ଯାଏ ରହିବ ଅନ୍‌ଲକ୍ ୫

ନୂଆଦିଲ୍ଲୀ, ୨୭।୧୦

- ଗାଇଡ୍‌ଲାଇନ୍ ଅବଧି ବଢ଼ାଇଲା କେନ୍ଦ୍ର
- ଦୈନିକ ସଂକ୍ରମଣ ୩୭ ହଜାର ତଳେ

ମହାମାରୀ କରୋନା ସ୍ଥିତି ଆସ୍ତେ ଆସ୍ତେ ସୁଧୁରିବାରେ ଲାଗିଥିବାବେଳେ କେନ୍ଦ୍ର ସରକାର ଗତ ସେପ୍ଟେମ୍ବରରେ ଜାରି କରିଥିବା ଅନ୍‌ଲକ୍ ୫ ଗାଇଡ୍‌ଲାଇନ୍‌କୁ ନଭେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମଙ୍ଗଳବାର କେନ୍ଦ୍ର ସରକାର କହିଛନ୍ତି, କଣ୍ଟେନ୍‌ମେଣ୍ଟ ଏରିଆକୁ ଛାଡ଼ି ବିଭିନ୍ନ ସିନେମା, ଥିଏଟର ଓ ମଲ୍ଟିକମ୍ପ୍ଲେକ୍ସ ଆଦି ଖୋଲିବା ସହ ପୂର୍ବଭଳି ନଭେମ୍ବର ୩୦ ଯାଏ ସେମାନଙ୍କ ୫୦% ବସିବା କ୍ଷମତା ଜାରି ରଖିବେ। ରାଜ୍ୟରେ କିମ୍ବା ରାଜ୍ୟ ବାହାରେ କୌଣସି ବ୍ୟକ୍ତି ଓ ଜିନିଷପତ୍ର ଉପରେ କଟକଣା ଲଗାଯାଇପାରିବ ନାହିଁ। ଅନୁମତି ନ ଥିବା ଅନ୍ତର୍ଜାତୀୟ ଉଡ଼ାଣ ପୂର୍ବଭଳି ବନ୍ଦ ରହିବ। ସ୍କୁଲ ଓ କୋଚିଂ ସେଣ୍ଟର ଖୋଲିବା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଷ୍ପତ୍ତି ନେବେ। ନଭେମ୍ବର ୩୦ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଲକ୍‌ଡାଉନ୍ କଟକଣା ଜାରି ରହିବ। ସାମାଜିକ, ଧାର୍ମିକ ଓ ରାଜନୈତିକ କାର୍ଯ୍ୟରେ ମାତ୍ର ୧୦୦ ଲୋକଙ୍କୁ ସର୍ତ୍ତମୂଳକ ଅନୁମତି ମିଳିବ। ପ୍ରକାଶଥାଉ କି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସେପ୍ଟେମ୍ବର ୩୦ରେ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ବିଭିନ୍ନ କାର୍ଯ୍ୟକଳାପକୁ ଅକ୍ଟୋବର ୧୫ରୁ ସାମାନ୍ୟ କୋହଳ କରାଯାଇଥିଲା।

ମହାମାରୀ କରୋନାର ପ୍ରକୋପ କମିଥିଲେ ହେଁ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୭୯ ଲକ୍ଷ ଟପିଲାଣି। ଦୀର୍ଘ ୩ ମାସ ମଧ୍ୟରେ ମଙ୍ଗଳବାର ଦୈନିକ ସଂକ୍ରମଣ କମି ୩୬,୪୭୦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪୮୮ ଜଣ ପ୍ରାଣ ହରାଇଥିବାବେଳେ ଦେଶରେ କରୋନା ମୃତ୍ୟୁ ୧.୨୦ ଲକ୍ଷରେ ପହଞ୍ଚିଛି। ୭୨ ଲକ୍ଷ ବ୍ୟକ୍ତି ସୁସ୍ଥ ହୋଇଥିବାବେଳେ ଏବେ ୬.୨୫ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ସୁସ୍ଥହାର ୯୦.୨୩%ରେ ପହଞ୍ଚିଛି। ଟିକା ନ ଆସିବା ପର୍ଯ୍ୟନ୍ତ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ବାରମ୍ବାର ବାର୍ତ୍ତା ଦେଉଛନ୍ତି। କରୋନାର ପ୍ରଭାବ ଏବେବି ରହିଥିବାବେଳେ ଅନ୍‌ଲକ୍ ୫ କଟକଣା ନଭେମ୍ବର ୩୦ ପର୍ଯ୍ୟନ୍ତ ମାନିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୪୦,୧୬,୫୯୩ | ୧୧,୬୭,୭୬୪ | ୩,୨୩,୦୧,୧୦୮ |
| ଭାରତ | ୭୯,୭୪,୯୬୩ | ୧,୧୯,୮୨୩ | ୭୨,୩୪,୭୪୯ |
| ଓଡ଼ିଶା | ୨,୮୩,୯୪୨ | ୧୨୭୨(+୫୩) | ୨,୬୮,୧୧୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଝିଅପୁଅଙ୍କ ସହ ଟ୍ରେନ୍ ଆଗକୁ ଡେଇଁଲେ ବାପା

**ଗୋଟିଏ ଜୁଇରେ ଜଳିଲା ୩ ମୃତଦେହ**

ଟିକିରି/ରାୟଗଡ଼ା ଅଫିସ/ଲକ୍ଷ୍ମୀପୁର,୨୭।୧୦(ଡି.ଏନ୍.ଏ.): ନିଜ ଝିଅ ପୁଅଙ୍କ ସହ ଟ୍ରେନ୍ ଆଗକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଟିକାମ୍ବ ଗ୍ରାମର କେଶବ ସୁବୁଦ୍ଧି (୩୮), ଝିଅ ଶ୍ରେୟା (୧୨) ଏବଂ ପୁଅ ସିଦ୍ଧୁ (୭)। ଏଭଳି ଏକ ଦୁଃଖଦ ଘଟଣା କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନା ଅଧୀନ ସିଙ୍ଗାରାମ ରେଳଷ୍ଟେଶନରେ ସୋମବାର ଘଟିଛି। ମୃତକମାନେ ରହୁଥିବା ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ ସଦର ଗାଁରେ ଶୋକାକୁଳ ପରିବେଶ ମଧ୍ୟରେ ଗୋଟିଏ ଜୁଇରେ ସେମାନଙ୍କ ମୃତଦେହ ସତ୍କାର କରାଯାଇଛି। ଘଟଣାସ୍ଥଳରେ ଲକ୍ଷ୍ମୀପୁର ଜିଆର୍‌ପି ଏବଂ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ପ୍ରକାଶ ଯେ, ଘରେ ଦଶହରା ପୂଜା ସରିବା ପରେ ବଜାର ବୁଲାଇନେବାକୁ କହି କେଶବ ଝିଅ ଶ୍ରେୟା ଓ ପୁଅ ସିଦ୍ଧୁଙ୍କୁ ଘରୁ ନେଇ ବାହାରିଥିଲେ। ସକାଳ ପ୍ରାୟ ୯ଟା ସମୟରେ ସିଙ୍ଗାରାମ ରେଳଧାରଣା ନିକଟରେ ପହଞ୍ଚି ମାଲଗାଡ଼ି ଆଗକୁ ପ୍ରଥମେ ସିଦ୍ଧୁଙ୍କୁ ଟ୍ରେନ୍ ଆଗକୁ ଠେଲି ଦେଇଥିଲେ। ଶ୍ରେୟା ଏହାକୁ ଦେଖି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ କେଶବ ତାଙ୍କୁ ଜୋର ଜବରଦସ୍ତ ଆଣି ଟ୍ରେନ୍ ସମ୍ମୁଖକୁ ଠେଲିଦେବା ପରେ ନିଜେ ଡେଇଁ ଆତ୍ମହତ୍ୟା କରିଥିଲେ। ଖବରପାଇ ଜିଆର୍‌ପି ଏବଂ ଲକ୍ଷ୍ମୀପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। କେସ୍ ନଂ. ୬/୨୦, ୭/୨୦ ଓ ୮/୨୦ରେ ୩ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାରିବାରିକ କଳହରୁ କେଶବ ଏପରି ପଦକ୍ଷେପ ନେଇପାରିଥାନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡୁଛି ବୋଲି ତଦନ୍ତକାରୀ ଅଧିକାରୀ କୋରାପୁଟ ଜିଆର୍‌ପି ଥାନାର ଏସ୍.କେ. ପ୍ରଧାନ ସୂଚନା ଦେଇଛନ୍ତି।

# ଜଳାପୁଟ ଜଳଭଣ୍ଡାରରେ ଡଙ୍ଗା ବୁଡ଼ି: ୨ ନିଖୋଜ

କୋରାପୁଟ,୨୭।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ପାଡୁଆ ଥାନା ଅନ୍ତର୍ଗତ ଜଳାପୁଟ ଜଳଭଣ୍ଡାରରେ ରବିବାର ଏକ ଦେଶୀ ଡଙ୍ଗା ବୁଡ଼ି ୩ ଜଣ ଯୁବକ ନିଖୋଜ ହୋଇଯାଇଥିଲେ। ସେମାନେ ହେଲେ ପ୍ରଶାନ୍ତ ଖରା, ଚିତ୍ତ ଖିଲ ଓ ମନୋଜ କୁର୍ଲ୍ଲାଲ। ଖବର ପାଇ କୋରାପୁଟ ଓଡ୍ରାଫର ହାବିଲଦାର ଗୋପାଳ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଲାସି କରି ମନୋଜ କୁର୍ଲ୍ଲାଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ତାଙ୍କ ଘର ପାଡୁଆ ଉପରସାହିରେ ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି ରବିବାର ଏକ ଦେଶୀ ଡଙ୍ଗାରେ ପ୍ରଶାନ୍ତ ଚିତ୍ତ,ମନୋଜ, ଅଭୟ ହନ୍ତାଳ ଓ ମନୋଜ ହନ୍ତାଳ ୫ ଜଣ ଯୁବକ ଜଳାପୁଟ ଜଳଭଣ୍ଡାରର ରାମତା ଗ୍ରାମକୁ ଯାଉଥିଲେ। ହଠାତ୍ ସେମାନେ ଯାଉଥିବା ଡଙ୍ଗାଟି ଭାରସାମ୍ୟ ହରାଇ ବୁଡିଯାଇଥିଲା। ଫଳରେ ପ୍ରଶାନ୍ତ, ଚିତ୍ତ ଓ ମନୋଜ ନିଖୋଜ ହୋଇଯାଇଥିଲେ। ଅଭୟ ହନ୍ତାଳ, ମନୋଜ ହନ୍ତାଳ ପହଁରି କୂଳକୁ ଚାଲି ଆସିଥିଲେ । ସେମାନେ ଘଟଣା ସମ୍ପର୍କରେ କାହାକୁ କିଛି ନ କହି ନୀରବ ରହିଥିଲେ। ପରେ ନିଖୋଜ ଯୁବକଙ୍କ ପରିବାର ଲୋକେ ଅଭୟ ଓ ମନୋଜଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ସହ ଯାଇଥିବା ୩ ଯୁବକ ନିଖୋଜ ଥିବା କହିଥିଲେ । ଘଟଣା ସମ୍ପର୍କରେ ଭୟରେ ସେମାନେ କାହାକୁ କିଛି କହି ନ ଥିବା ପ୍ରକାଶ କରିଥିଲେ । ପାଡୁଆ ଥାନାରେ



ଜଳାପୁଟ ଜଳଭଣ୍ଡାରରେ ନିଖୋଜ ଯୁବକଙ୍କୁ ଉଦ୍ଧାର ପାଇଁ ନିୟୋଜିତ ଓଡ୍ରାଫ୍ ଟିମ୍।

**ଜଣକ ମୃତଦେହ ଉଦ୍ଧାର**

ସୋମବାର ରାତିରେ ନିଖୋଜ ଯୁବକଙ୍କ ପରିବାର ଲୋକେ ଏତଲା ଦେବା ପରେ ମଙ୍ଗଳବାର ସକାଳୁ କୋରାପୁଟ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଲାସି ଆରମ୍ଭ କରିଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଅନ୍ୟ ୨ ଯୁବକଙ୍କ ମୃତଦେହ ମିଳିନାହିଁ।

# କବି ନିତ୍ୟାନନ୍ଦ ନାୟକଙ୍କୁ ମିଳିଲା ଶାରଳା ପୁରସ୍କାର

**୪୧ତମ ଶାରଳା ପୁରସ୍କାର**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ଶ୍ରେଷ୍ଠ ସାହିତ୍ୟକୃତି ଲାଗି ପ୍ରତି ବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ବରିଷ୍ଠ କବି ନିତ୍ୟାନନ୍ଦ ନାୟକଙ୍କୁ ପ୍ରଦାନ କରାଯାଇଛି। ୨୦୧୭ରେ ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ପ୍ରକାଶିତ ତାଙ୍କ ରଚିତ କବିତା ସଂକଳନ 'ସେତେବେଳକୁ ନ ଥିବି' ପାଇଁ ସେ ଏହି ସମ୍ମାନ ଲାଭ କରିଛନ୍ତି। କରୋନାଜନିତ କଟକଣାକୁ ଦୃଷ୍ଟିରେ ରଖି ଏକ ନିରାଡମ୍ବର ସମାବେଶରେ ନାୟକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ୫ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିଭଳି ସଙ୍ଗୀତ ଏବଂ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ବିଶିଷ୍ଟ ଚିତ୍ରକର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କୁ ଇଳା ପଣ୍ଡା ଚିତ୍ରକଳା ସମ୍ମାନ ଓ ସଙ୍ଗୀତଜ୍ଞ ରଞ୍ଜିତ କୁମାର ନାଗଙ୍କୁ ଇଳା ପଣ୍ଡା ସଙ୍ଗୀତ ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଇମ୍ପା ଚାରିଟେବଲ ଟ୍ରଷ୍ଟର ଟ୍ରଷ୍ଟି ପାରମିତା ପଣ୍ଡା ଉପସ୍ଥିତ ରହି କହିଥିଲେ, କୋଭିଡ୍ ଲାଗି ଚଳିତ ବର୍ଷର ଉତ୍ସବରେ ପୁରସ୍କାର ପ୍ରଦାନ ପାଇଁ ନିମନ୍ତ୍ରିତ ଅତିଥି ନାହାନ୍ତି। ମାତ୍ର ସାହିତ୍ୟ ଓ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଯେଉଁ ୩ ଜଣ ପ୍ରତିଭାଙ୍କୁ ଏଥର ପୁରସ୍କୃତ କରାଯାଇଛି ସେମାନେ ହିଁ ଆମ ପାଇଁ ବରେଣ୍ୟ ବୋଲି ସେ କହିଥିଲେ। ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତ ଇଳା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶାରଳା ପୁରସ୍କାର' ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲସ୍ ଆଣ୍ଡ୍ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ(ଇମ୍ପାକ୍ଟ) ଆନୁକୂଲ୍ୟରେ ୧୯୭୯ ମସିହାଠାରୁ ପ୍ରତିବର୍ଷ ପ୍ରଦାନ କରାଯାଉଛି।



ନିତ୍ୟାନନ୍ଦ ନାୟକ

# ଆଜି ଭର୍ଚୁଆଲ ପ୍ରଚାର କରିବେ ନବୀନ

**ବିଧାନସଭା ଉପ ନିର୍ବାଚନ**

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

ନଭେମ୍ବର ୩ ତାରିଖରେ ତିର୍ତ୍ତୋଲ ଓ ବାଲେଶ୍ୱର ବିଧାନସଭା ଉପନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି। ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତ ଜୋରଦାର ହେଉଛି।



ଉଭୟ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ପ୍ରଚାର କରିବେ। ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ବୁଧବାର ତିର୍ତ୍ତୋଲ ବିଧାନସଭା ଏବଂ ୨୯ ତାରିଖରେ ବାଲେଶ୍ୱର ଉପନିର୍ବାଚନ ପାଇଁ ପ୍ରଚାର କରିବେ।

# ନଭେମ୍ବର ପହିଲାରୁ ଧାନ ସଂଗ୍ରହ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

- ନାମ ପଞ୍ଜୀକୃତ କଲେ ୧୫ ଲକ୍ଷ ଚାଷୀ
- ଧାନ ସଂଗ୍ରହରେ ସାମିଲ ହେବେ ୨୮୫୭ ପ୍ୟାକ୍ସ
- କ୍ଷୁଦ୍ର, ନାମମାତ୍ର ଚାଷୀଙ୍କ ଠାରୁ ଧାନ ସଂଗ୍ରହକୁ ଗୁରୁତ୍ୱ

ନଭେମ୍ବର ପହିଲାରୁ ଧାନ ସଂଗ୍ରହ ଆରମ୍ଭ ହେବ। ଚଳିତବର୍ଷ ରାଜ୍ୟରେ ୧୪.୯୭ ଲକ୍ଷ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ୨୦୧୯-୨୦ ଆର୍ଥିକବର୍ଷ ତୁଳନାରେ ୨୧ ପ୍ରତିଶତ ଅଧିକ। ଗତବର୍ଷ ୧୨.୩୫ ଲକ୍ଷ ଚାଷୀ ନାମ ପଞ୍ଜୀକୃତ କରିଥିଲେ। ସେହିପରି ନାମମାତ୍ର, କ୍ଷୁଦ୍ର ଓ ନିମ୍ନ ମଧ୍ୟମ ଚାଷୀ ପଞ୍ଜୀକରଣରେ ଯଥାକ୍ରମେ ୨୧, ୨୨ ଏବଂ ୨୪ ପ୍ରତିଶତ ବୃଦ୍ଧି ପାଇଛି। ଚଳିତ ବର୍ଷ ୨୮୫୭ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ହେବେ। ଏବେ ସୁଦ୍ଧା ୩୩୩୭ ମଣ୍ଡି ଖୋଲିବା ପାଇଁ ପ୍ରସ୍ତୁତି ହୋଇଛି। ୧୩୧୫ ମିଲର ଧାନ କିଣିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୧୯-୨୦ରେ ୭୦.୫୬ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା। ବରଗଡ଼, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାରେ ୨୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ। ଗତବର୍ଷ ୧୯୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୨.୩୦ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରି କମିଶନି ବାବଦରେ ୭୨୧ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରୁ ଏହି ସୂଚନା ମିଳିଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବ ଧାନକିଣା ପାଇଁ ପ୍ରସ୍ତୁତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରସ୍ତୁତିର ସମୀକ୍ଷା କରି ଧାନକିଣା କେନ୍ଦ୍ର ଓ ମଣ୍ଡିରେ ମୌଳିକ ସୁବିଧା ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଠାରୁ ଅଗ୍ରାଧିକାରଭିତ୍ତିରେ ଧାନ ସଂଗ୍ରହ କରିବା ସହ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ପଇଠ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ନଭେମ୍ବର ୧ରୁ ୨୦୨୧ ମାର୍ଚ୍ଚ ୩୧ ମଧ୍ୟରେ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା, କଳାହାଣ୍ଡି ଆଦି ଜିଲାରୁ ଧାନ ସଂଗ୍ରହ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଜିଲାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ କମିଟି କାର୍ଯ୍ୟ କରୁଛି। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା, କୃଷି ଓ କୃଷକ ସଶକ୍ତୀକରଣ ସଚିବ ସୌରଭ ଗର୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି ଯାଦବ ପ୍ରମୁଖ ଯୋଗ ଦେଇଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................


ବିରାଟ ପରିବାରବର୍ଗ


ଶାନ୍ତନୁ ପରିବାରବର୍ଗ


ଯଜ୍ଞ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଦିଲୀପ ରାୟଙ୍କ...

ବ୍ୟାପକ ଦୁର୍ନୀତି ହୋଇଥିବା ଦର୍ଶାଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲା ରୁଜୁ କରିଥିଲା। ଗତ ୬ ତାରିଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, କୋଇଲା ମନ୍ତ୍ରଣାଳୟର ୨ ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ବାନାର୍ଜୀ ଓ ନିତ୍ୟାନନ୍ଦ ଗୌତମଙ୍କ ସମେତ କାଷ୍ଟ୍ରନ୍ ଟେକ୍ନୋଲୋଜି ଲିଃ'ର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଅଗ୍ରୱାଲ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସିବିଆଇ ଓକିଲ ସେମାନଙ୍କ ବିରୋଧରେ ଆଜୀବନ କାରାଦଣ୍ଡାଦେଶ ଦାବି କରିଥିବାବେଳେ ସୋମବାର ସ୍ୱତନ୍ତ୍ର ବିଚାରପତି ଭରତ ପରାଶର ୪ ଦୋଷୀଙ୍କୁ ୩ ବର୍ଷ ଲେଖାଏ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏଥିସହ ଦିଲୀପ ରାୟଙ୍କୁ ୧୦ ଲକ୍ଷ ଟଙ୍କା, ପ୍ରଦୀପ ଓ ନିତ୍ୟାନନ୍ଦଙ୍କୁ ୨ ଲକ୍ଷ ଲେଖାଏ ଏବଂ ମହେନ୍ଦ୍ରଙ୍କୁ ୬୦ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଏହାର କିଛି ସମୟ ପରେ ଦିଲୀପ ରାୟ ଓ ଅନ୍ୟ ଦୋଷୀମାନେ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବେଲ୍ ବଣ୍ଡରେ ଜାମିନରେ ଆସିଥିଲେ। ଦିଲୀପ ରାୟ ସିବିଆଇ କୋର୍ଟର ରାୟକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ମଙ୍ଗଳବାର ଏହାର ଶୁଣାଣି କରି ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଦଣ୍ଡାଦେଶକୁ ସ୍ଥଗିତ ରଖିଛନ୍ତି।

## ସନ୍ଦେହ ବଢ଼ାଉଛି...

### ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁଦାନ ଓ ବିନିଯୋଗ ପ୍ରମାଣପତ୍ରର ସ୍ଥିତି ସିଆର୍‌ଏଫ୍-ଏସ୍‌ଡିଆର୍‌ଏଫ୍/ଏନ୍‌ସିସିଏଫ୍-ଏନ୍‌ଡିଆର୍‌ଏଫ୍ (୨୦୧୦-୧୧ ରୁ ୨୦୧୯-୨୦)

| କ୍ର.ନଂ. | ବିଭାଗ | ଅନୁଦାନ | ବିନିଯୋଗ ପ୍ରମାଣ ପତ୍ର ଦାଖଲ | ବଳକା |
|---|---|---|---|---|
| ୧ | କୃଷି ଓ କୃଷକ ସଶକ୍ତୀକରଣ | ୫୭୯.୦୭୪ | ୫୪୩.୪୬୫ | ୩୫.୬୦୯ |
| ୨ | ଶକ୍ତି | ୧୦୨୧୨୪.୦୭୩ | ୫୫୨୧୫.୧୫୧ | ୪୬୯୦୮.୯୨୨ |
| ୩ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ | ୯୦୨୪.୬୫୩ | ୭୦୪୦.୨୮୧ | ୧୯୮୪.୩୭୨ |
| ୪ | ଜଙ୍ଗଲ ଓ ପରିବେଶ | ୧୩୦୬.୪୩୩ | ୩୦୬.୪୩୩ | ୧୦୦୦.୦୦ |
| ୫ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୫୯୨୪୩.୩୩୨ | ୫୮୬୭୫.୫୧୨ | ୫୬୭.୮୨୦ |
| ୬ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୨୨୬୦୪.୨୦୧ | ୧୦୪.୨୦୧ | ୨୨୫୦୦.୦୦୦ |
| ୭ | ଗୃହ | ୭୧୬.୯୬୪ | ୧୯୪.୯୧୦ | ୫୨୨.୦୫୪ |
| ୮ | ଗୃହ ଏବଂ ନଗର ଉନ୍ନୟନ | ୧୬୫୧୬.୪୮୯ | ୧୧୩୧୫.୭୩୧ | ୫୨୦୦.୭୫୮ |
| ୯ | ହସ୍ତତନ୍ତ ଓ ବୟନ ଶିଳ୍ପ | ୩୭୩୪.୩୦୧ | ୩୪୯.୭୧୦ | ୩୩୮୪.୫୯୧ |
| ୧୦ | ସୂଚନା ଓ ଲୋକସମ୍ପର୍କ | ୧୪୪.୫୫୦ | ୦.୦୦୦ | ୧୪୪.୫୫୦ |
| ୧୧ | ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ | ୧୩୦୯୨.୬୪୩ | ୬୮୭୭.୫୩୫ | ୬୨୧୫.୧୦୮ |
| ୧୨ | ପଞ୍ଚାୟତିରାଜ ଓ ପାନୀୟଜଳ | ୧୨୨୨୪୭.୨୫୬ | ୪୭୨୦୧.୫୮୩ | ୭୫୦୪୫.୬୭୩ |
| ୧୩ | ଗ୍ରାମ୍ୟ ଉନ୍ନୟନ | ୫୧୪୪୪.୬୬୩ | ୩୩୯୨୧.୩୧୫ | ୧୭୫୨୩.୩୪୮ |
| ୧୪ | ବିଦ୍ୟାଳୟ ଓ ଗଣଶିକ୍ଷା | ୫୦୦୦.୦୦୦ | ୪୫୮୭.୭୦୦ | ୪୧୨.୩୦୦ |
| ୧୫ | ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ | ୩୨୦.୦୦୦ | ୨୭୪.୦୦୦ | ୪୬.୦୦୦ |
| ୧୬ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୪୮୯୧.୧୧୪ | ୦.୦୦୦ | ୪୮୯୧.୧୧୪ |
| ୧୭ | ଜଳସମ୍ପଦ | ୬୬୨୭୩.୯୫୪ | ୬୫୦୮୮.୫୫୩ | ୧୧୮୫.୪୦୧ |
| ୧୮ | ପୂର୍ତ୍ତ ବିଭାଗ | ୨୭୭୪୦.୭୩୬ | ୨୦୧୧୯.୯୩୭ | ୭୬୨୦.୭୯୯ |
| ୧୯ | ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି | ୨୨.୨୫୦ | ୦.୦୦୦ | ୨୨.୨୫୦ |
| ୨୦ | ପୋଲିସ ମହାନିର୍ଦ୍ଦେଶକ | ୯୫.୯୮୪ | ୦.୦୦୦ | ୯୫.୯୮୪ |
| | ମୋଟ | ୫୦୭୧୨୨.୬୭୦ | ୩୧୧୮୧୬.୦୧୭ | ୧୯୫୩୦୬.୬୫୩ |

କରାଯାଇଛି। କିନ୍ତୁ ସେଥିରୁ ୪,୮୮୨ କୋଟି ୯୨ ଲକ୍ଷ ୦୪ ହଜାର ଟଙ୍କାର ୟୁସି ଦାଖଲ ହୋଇଥିବାବେଳେ ୧,୯୬୫ କୋଟି ୩୧ ଲକ୍ଷ ୪୮ ହଜାର ଟଙ୍କାର ୟୁସି ଦାଖଲ ବାକି ରହିଛି। ଏ କ୍ଷେତ୍ରରେ ପୁରୀ ଜିଲାରେ ସର୍ବାଧିକ ୭୦.୬୧% ୟୁସି ଦାଖଲ ବାକି ରହିଥିବାବେଳେ କଟକ ଜିଲାରେ ୫୨.୨୮ %, କେନ୍ଦ୍ରାପଡ଼ା ଜିଲାରେ ୪୮.୫୨%, ଖୋର୍ଦ୍ଧା ଜିଲାରେ ୪୪.୪୬ % ଓ ଯାଜପୁର ଜିଲାରେ ୨୩.୫୪% ୟୁସି ବକେୟା ପଡିଛି। ଅନ୍ୟପକ୍ଷରେ ବିଭିନ୍ନ ବିଭାଗକୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ୫,୦୭୧ କୋଟି ୨୨ ଲକ୍ଷ ୬୭ ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ସେଥିରୁ ୧,୯୫୩ କୋଟି ୦୬ ଲକ୍ଷ ୬୫ ହଜାର ୩ଶହ ଲକ୍ଷ ଟଙ୍କାର ୟୁସି ବାକି ପଡ଼ିଛି। ଏଥିମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସର୍ବାଧିକ ୯୯.୫୩% ୟୁସି ଦାଖଲ କରାଯାଇନାହିଁ। ଏହି ବିଭାଗକୁ ୨୨୬ କୋଟି ୦୪ ଲକ୍ଷ ୨୦ ହଜାର ୧ ଶହ ଟଙ୍କା ପ୍ରଦାନ କରାଯାଇଥିବାବେଳେ ମାତ୍ର ୧ କୋଟି ୦୪ଲକ୍ଷ ୨୦ ହଜାର ୧ଶହ ଲକ୍ଷ ଟଙ୍କାର ୟୁସି ଦାଖଲ ହୋଇଛି। ୪ଟି ବିଭାଗ ଯଥା ସୂଚନା ଓ ଲୋକ ସମ୍ପର୍କ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଏବଂ ଡିଜି ପୋଲିସ ୧ ଟଙ୍କାର ବି ୟୁସି ଦାଖଲ କରି ପାରିନାହାନ୍ତି। ଏହିସବୁ ତଥ୍ୟକୁ ଅବଲୋକନ କଲେ ଅନୁଦାନ ବିନିଯୋଗର ସ୍ୱଚ୍ଛତା ଉପରେ ସଂଶୟ ସୃଷ୍ଟି ହେଉଥିବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି।

**ପ୍ରଥମ ପୃଷ୍ଠାରୁ...**


ମୃତ ଶଶିକାନ୍ତଙ୍କ ପରିବାର।

## ବିଷାକ୍ତ ମଦ...

ଅପେକ୍ଷା କରାଯାଇଛି। ଗ୍ରାମର କେତେଜଣଙ୍କ କହିବା ଅନୁଯାୟୀ, ଏକ ଘରର ଛାତ ପକାଇବା କାର୍ଯ୍ୟରେ ରବିବାର ୧୫ରୁ ଅଧିକ ଶ୍ରମିକ ନିୟୋଜିତ ହୋଇଥିଲେ। କାର୍ଯ୍ୟ ଶେଷ କରିବା ପରେ କେତେଜଣ ମହୁଲି ମଦ ପିଇଥିଲେ। ଏହାପରେ ସେମାନେ ବାନ୍ତି କରିବା ସହିତ ଅଚେତ ହୋଇପଡ଼ିଥିଲେ। ମୃତ ଟୁକୁନାଙ୍କ ବଡ଼ ଭାଇ ମାଟିଆ ପଧାନ କହିଛନ୍ତି, ଟୁକୁନା ଓ ଅନିଲଙ୍କଠାରେ ମୁଣ୍ଡ ବୁଲାଇବା ସହ ଆଖିକୁ ଦେଖା ନ ଯିବା, କଳା ବାନ୍ତି କରିବା ଲକ୍ଷଣ ଦେଖାଯାଇଥିଲା। ଉଭୟଙ୍କୁ ମେଡିକାଲ ନିଆଯିବା ବାଟରେ ଅନିଲଙ୍କ ମୃତ୍ୟୁ ହୋଇଯାଇଥିଲା। ଟୁକୁନା ଦେହ ଭଲ ଲାଗୁଥିବା କହିବାରୁ ଘରକୁ ଫେରାଇ ଅଣାଯାଇଥିଲା। ସେହିଦିନ ରାତିରେ ଅନିଲଙ୍କ ମୃତଦେହ ସତ୍କାର କରାଯାଇଥିଲା। ପରେ ଟୁକୁନା ଭୋର ସମୟରେ ପ୍ରାଣ ହରାଇଥିଲେ। ସେହିପରି ଗୁରୁତର ସୁଶାନ୍ତଙ୍କ ବାପା ଅଲେଖ ଦେହୁରୀ କହିଛନ୍ତି, ପୁଅ କାମରୁ ଆସିଲା ପରେ ଜଣେ ବ୍ୟକ୍ତି ଦେଇଥିବା ମହୁଲି ମଦ ପିଇଥିଲା। ପରେ ଆଖିକୁ ଭଲ ଦେଖାଯାଉନି ଓ ମୁଣ୍ଡ ବୁଲାଉଛି ବୋଲି କହିବାରୁ ତାକୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଏପରି ଖବରପାଇ ରବିବାର ରାତିରେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ଜରପଡ଼ା ଆଇଆଇସି ପ୍ରଦୀପ କୁମାର ପ୍ରଧାନ, ପୁରଣାକୋଟ ଥାନା ଅଧିକାରୀ ବିକ୍ରମ ବିହାରୀ ଜୟପୁରିଆ ପଥରଗଡ଼ରେ ପହଞ୍ଚି ତଦନ୍ତ କରିଥିଲେ। ସୋମବାର ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରମେନ୍ଦ୍ର ନାଏକ ତଦନ୍ତ କରିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ମହୁଲି ମଦ ରନ୍ଧାଯାଇଥିବା ସ୍ଥାନକୁ ଯାଇ ସ୍ପିରିଟ୍, ଜାର, ମହୁଲ ଓ ବିଭିନ୍ନ ସାମଗ୍ରୀ ଜବତ କରିଛନ୍ତି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଘଟଣାସ୍ଥଳ ପରିଦର୍ଶନ କରିଥିବା ଖବର ମିଳିଛି। ଏ ବିଷୟରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାଏକ କହିଛନ୍ତି, ଏହା ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କି ନୁହେଁ ତାହା ଦୁଇଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ। ସେହିପରି ଗ୍ରାମ ସମ୍ପାଦକ ଗୌତମ ପଧାନଙ୍କ ଅଭିଯୋଗ କ୍ରମେ ଏ ସଂକ୍ରାନ୍ତରେ ପୁରୁଣାକୋଟ ଥାନାରେ ଅଭିଯୁକ୍ତ ଠିକାଦାର କାଳିଆ ଦେହୁରୀ ଓ ସହଯୋଗୀ ବସନ୍ତ ଦେହୁରୀଙ୍କ ବିରୋଧରେ ନଂ. ୫୫/୨୦୨୦ରେ ଏକ ମାମଲା ରୁଜୁକରାଯାଇଥିବା ସୂଚନା ମିଳିଛି। ଅଭିଯୁକ୍ତ କାଳିଆ ଦେହୁରୀ ପଥରଗଡ଼ ଜଙ୍ଗଲରେ ବେଆଇନ ଭାବେ ମଦ ପ୍ରସ୍ତୁତ କରିବା ସହ ଶ୍ରମିକମାନଙ୍କୁ ପିଇବାକୁ ଦେଇଥିଲେ। ଏଥିରେ ବସନ୍ତ ଦେହୁରୀ ଓ ଶଶିକାନ୍ତ ଦେହୁରୀ ସହଯୋଗ କରିଥିବା ପୋଲିସ ଏକ ପ୍ରେସ୍ ବାର୍ତ୍ତାରେ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପରର ଦେଖି**
**ମୋର ଡେଇଁଲା ଡାହାଣ ଆଖି।**

ଅନ୍ୟର ଭଲ ବା ଉନ୍ନତି ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରି ପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରିପାରି ନ ଥାନ୍ତି। ଅନ୍ୟର ଧନ ଦଉଲତ ଦେଖି ଲାଳାୟିତ ହୋଇପଡୁଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପାଇଲେ ପାଇବୁ ମେଞ୍ଚାଏ**
**ନଇଲେ ଖାଇବୁ କେଞ୍ଚାଏ।**

ସାଧାରଣତଃ ଭୋଜିଭାତ ବା ମେଳା ମଉଛବରେ ଏପରି ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ପଛକୁ ରହିଲେ କେବେ ଅଧିକ ମିଳିଯାଏ ତ କେବେ କେବେ ସରିଯିବା ଭଳି ପରିସ୍ଥିତି ମଧ୍ୟ ଉପୁଜିଥାଏ। ଆହାର ବା ଖାଦ୍ୟର ବଳକା ଉପରେ ଏହା ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଶନି ଦୃଷ୍ଟ ଚନ୍ଦ୍ରଙ୍କ ଯୋଗୁ ବିଭିନ୍ନ ପ୍ରକାର ସମସ୍ୟା ନେଇ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ। ଘରକଥା ହେଉ କିମ୍ବା କର୍ମକ୍ଷେତ୍ର ସବୁ କାମ ଗୋଳିଆ ରହିବ। ସଭାସମିତିରେ ଆଲୋଚନା ଓ ସମାଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରି ଆସିବ। ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି।

**ବୃଷ** — ନୀଚସ୍ଥ ଶୁକ୍ରଙ୍କ ଯୋଗୁ ସବୁ ଠିକ୍ ଥିବ, କିନ୍ତୁ ଶେଷ ସମୟରେ ବିଗିଡ଼ି ଯାଇପାରେ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ବିଶେଷ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ, କହିବେ ବହୁତ କିନ୍ତୁ କାମ କଲା ବେଳକୁ ସେମାନଙ୍କ ଦେଖା ମିଳି ନ ପାରେ।

**ମିଥୁନ** — ଆଜିର ଚନ୍ଦ୍ର ଓ ବୁଧଙ୍କ ଷଡ଼ାଷ୍ଟକ ସ୍ଥିତିଜନିତ ପ୍ରତ୍ୟେକ କାମ ଯୁକ୍ତିତର୍କ ମଧ୍ୟରେ ସମାହିତ ହେବ। ଅଧିକାଂଶ ସମୟରେ ଭୁଲ୍ ବୁଝାମଣାରୁ ଟିକିଏ ଟିକିଏ କଥାରେ କଳହ ଲାଗିପାରେ। ଅର୍ଥ ସମ୍ପର୍କିତ ଝମେଲାର ସମ୍ମୁଖୀନ ହେବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି।

**କର୍କଟ** — ଗୁରୁ ନକ୍ଷତ୍ରସ୍ଥ ଚନ୍ଦ୍ର ଆଜି ଅନେକ କାଳ୍ପନିକ ଆଶା ଓ କାମନାକୁ ମନ ଭିତରେ ଉଜ୍ଜୀବିତ କରିବେ। ବିଭିନ୍ନ କ୍ଷେତ୍ରରୁ ଅର୍ଥ ପାଇବେ, କିନ୍ତୁ ମାନସିକ ଶାନ୍ତି ହରାଇବେ। ପରିବାର ଲୋକଙ୍କ ଯୁକ୍ତି ଗ୍ରହଣ କରିବାକୁ ବାଧ୍ୟହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ସହ ଅବସାଦ ଦେଖାଦେଇପାରେ।

**ସିଂହ** — କର୍ମସ୍ଥ ରାହୁଙ୍କ ହେତୁ କୌଶଳରେ କାମ ହାସଲ କରିବା ସହ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ। ପରିସ୍ଥିତି ଓ ରହୁଥିବା ପରିବେଶରେ ଗଡ଼ବଡ଼ ସୃଷ୍ଟି ହେବା ଆଶଙ୍କା ରହିଛି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇଯିବେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ।

**କନ୍ୟା** — ଆଜି ଯାହାକୁ ଯାହା କହିବେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟମ୍ଭାବୀ। ଶୁକ୍ର ଧନାଧିପ ରାଶିସ୍ଥ ହେତୁ ଦୀର୍ଘଚେଷ୍ଟା ପରେ ଆଜି ଋଣସୂତ୍ରରେ ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢ଼ିପାରେ। ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** — ପାପଗ୍ରହ ମଧ୍ୟସ୍ଥ ବୃହସ୍ପତି ହେତୁ ଆକସ୍ମିକଭାବେ ଦୀର୍ଘଦିନର ସମ୍ପର୍କ ସୂତ୍ର ଛିନ୍ନହେବା ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ହେତୁ ସଫଳତା ପାଇବା କଷ୍ଟକର ହୋଇପଡ଼ିବ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆର୍ଥିକ ଅଭିବୃଦ୍ଧି ନିମିତ୍ତ ତତ୍ପରତା ପ୍ରକାଶ କରିବେ।

**ବିଛା** — ତୃତୀୟସ୍ଥ ଶନିଙ୍କ ଯୋଗୁ ଝଗଡ଼ା ସାଙ୍ଗକୁ ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ। ବିବାଦୀୟ ପରିସ୍ଥିତିର ମୁକାବିଲା କରି ଆପଣ ବିଜୟୀ ହେବେ। ବ୍ୟବସାୟ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣକରି ଉପକୃତ ହୋଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ଅନ୍ୟମାନଙ୍କ ସକାଶେ ଉଦାର ମନୋଭାବ ପୋଷଣ କଲେ ବି ସେମାନଙ୍କ ଚିନ୍ତାଧାରା ବଦଳାଇବା ସମ୍ଭବପର ନୁହେଁ। ଆଗୁଆ ପଦକ୍ଷେପ ଗ୍ରହଣ କଲେ ମଧ୍ୟ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବା ସମ୍ଭାବନା। ଶାରୀରିକ ସୁସ୍ଥତା ଫେରିପାଇବା ଯୋଗୁ ହଇରାଣ ହେବାକୁ ପଡ଼ିପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ମକର** — କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ଚନ୍ଦ୍ରଙ୍କ ପ୍ରଭାବରୁ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**କୁମ୍ଭ** — ଦ୍ୱିତୀୟସ୍ଥ ମଙ୍ଗଳ ଯୋଗୁ ନିଜ ଲୋକମାନଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସକାଳ ସମୟରେ ବହୁ ପ୍ରତୀକ୍ଷିତ ଶୁଭ ଖବରଟି ପାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ମୀନ** — ଚନ୍ଦ୍ରମଙ୍ଗଳ ସଂଯୋଗରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା ସାଙ୍ଗକୁ ଆର୍ଥିକ ଉନ୍ନତିର ମାର୍ଗ ସୁଗମ ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ବୁଧବାର, ଅକ୍ଟୋବର ୨୮ତାରିଖ। ଦିବା ଘ.୦୯।୧୧ମି. ପରେ ଉତ୍ତରଭାଦ୍ରପଦ ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ଦିବା ଘ.୦୫।୪୯ ଗତେ ଘ.୦୬।୩୫ ମଧ୍ୟେ, ଘ.୦୭।୨୦ଗତେ ଘ.୦୮।୦୬ମଧ୍ୟେ, ସନ୍ଧ୍ୟା ଘ.୦୬।୦୧ ଗତେ ଘ.୦୬।୫୨ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୩୫ ଗତେ ଘ.୦୭।୨୦ ମଧ୍ୟେ, ଦିବା ଘ.୦୧।୨୩ ଗତେ ଘ.୦୩।୪୦ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧।୩୦ ଗତେ ଘ.୧୨।୫୫ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Kaibarta Boy 1984 Software Engineer, Bangalore caste-no-bar. 7377203805 D-18731




**HIRE**

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734




**SALE**

Buy two 1BHK combined flats on Cuttack Bhubaneswar National Highway, Telengapentha. Contact : 9090196181 D-70005

**Plot sale near AIIMS Hospital Bhubaneswar with 30' Road. 9439206202** D-69190

2BHK simplex 27,00,000/- finishing Hanspal (finance available), plot Atala- 8093465134 D-69634

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner- 9090963952** D-69192

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**30'Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191




**Godown space available near Puri bypass area 18000/-, open space 15000/-. 9938125254** D-18598




Herbal full body massage by smart / expert therapist. Contact: 8338067247. D-69798

Monalisa massage club : All types body massage with hiprofile smart lady rooms service available 9708545108. D-18733

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Get refreshment body massage by expert therapist contact for 7205084157. D-69799

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

**BUSINESS**

Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684

**LOST**

I, Nawal Kishor Kesharwani, S/o- Late Kishan Lal Kesharwani, R/o- Ward No.11, Khariar Road, PS. Jonk, Nuapada have lost my Registered Sale Deed near Khariar Road Daily Market on 10.10.2020 vide number 2448/1981 dtd. 17.09.1981 executed in the office of Dist. Sub-Registrar, Nuapada. D-69816

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା।**



**ବିରାଟ ନାଗ**
ବରପାଲି, ବଜାରପଡ଼ା

ଆଜି ଜନ୍ମଦିନରେ ଆମ୍ଭେମାନେ ମା' ସମଲେଶ୍ୱରୀଙ୍କ ନିକଟରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତ ଓ ସୁଖଶାନ୍ତି ପାଇଁ ପ୍ରାର୍ଥନା କରୁଛୁ।

-:ଶୁଭେଚ୍ଛା ସହ:-
ମା'- କ୍ଷୀର ନାଗ, ବାପା- ଅନିଲ ନାଗ ଓ ପରିବାର।

ଧ-୧୮୭୨୯

**Happy Birthday Santanu**



**ଶାନ୍ତନୁ ଦାଶ**

ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ଭାଇ ଦୀର୍ଘାୟୁ, ନିରୋଗ ଏବଂ ସୁସର୍ବଦା ଖୁସୀ ରହୁ।

**Happy Birthday "BHAI"**

ଧ-୧୮୭୩୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖସିଲା ରାତି ତାପମାତ୍ରା

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହିତ ଖସିବାରେ ଲାଗିଛି ରାତିରେ ତାପମାତ୍ରା। ଆଗାମୀ ଦିନରେ ଏହା ଆହୁରି ହ୍ରାସ ପାଇବ। ଏଥିସହ ଶୀତ ବଢ଼ିବ ହେବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର୍. ବିଶ୍ୱାସ।

ମୌସୁମୀ ଫେରିବା ସମ୍ପର୍କରେ ଅଧିକ ସୂଚନା ଦେଇ ନିର୍ଦ୍ଦେଶକ କହିଛନ୍ତି, ମଙ୍ଗଳବାର ସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର ନୂଆପଡ଼ା, କେନ୍ଦୁଝର ଏବଂ ନବରଙ୍ଗପୁର ଜିଲାରୁ ମୌସୁମୀ ସମ୍ପୂର୍ଣ୍ଣ ଅପସରି ଯାଇଛି। ମୟୂରଭଞ୍ଜ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଜିଲାର କେତେକ ଅଞ୍ଚଳରୁ ଆଂଶିକ ପ୍ରତ୍ୟାବର୍ତ୍ତନ କରିଛି। ପାଗ ଅନୁକୂଳ ଥିବାରୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ମୌସୁମୀ ଅନ୍ୟାନ୍ୟ ଜିଲାରୁ ପ୍ରତ୍ୟାବର୍ତ୍ତନ କରିବ। ଚଳିତ ବର୍ଷ ମୌସୁମୀ ୧୦-୧୨ ଦିନ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଛି। ଏହାର ପ୍ରଭାବରେ ଭଲ ବର୍ଷା ହୋଇଛି। ଜୁଲାଇରେ ପାଗ ଶୁଖିଲା ଥିଲା। ତେବେ ଅଗଷ୍ଟରୁ ଅକ୍ଟୋବର ତୃତୀୟ ସପ୍ତାହ ଯାଏ ଲଗାତର ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ବର୍ଷା ଅଭାବ ଭରଣା ହୋଇଛି। ଜୁନ୍ ପହିଲାରୁ ଅକ୍ଟୋବର ୨୭ ଯାଏ ଓଡ଼ିଶାରେ ସ୍ୱାଭାବିକ ଠାରୁ ୪% ଅଧିକ ବର୍ଷିଛି। ଆସନ୍ତା ୫ ଦିନ ଯାଏ ପାଗ ଶୁଖିଲା ରହିବ। କାଁ ଭାଁ କେଉଁଠି ଅସରାଏ ଦିଅସରା ବର୍ଷା ହେବା ସମ୍ଭାବନା ଥିବା ସେ କହିଛନ୍ତି।

ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୨୫୦ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୩୦୨ ମିଲିମିଟର। ମାଲକାନଗିରି ଏବଂ ଝାରସୁଗୁଡ଼ା ଜିଲାରେ ଅଧିକ ବର୍ଷା ରେକର୍ଡ କରାଯାଇଛି। ଜୁନ୍ ପହିଲାରୁ ଅକ୍ଟୋବର ୨୭ ମଧ୍ୟରେ ରାଜ୍ୟରେ ୧୦ଟି ଲଘୁଚାପ ସୃଷ୍ଟି ହୋଇଛି। ଅଗଷ୍ଟରେ ୫ଟି ହୋଇଥିବା ବେଳେ ସେପ୍ଟେମ୍ବରରେ ଗୋଟିଏ ଏବଂ ଅକ୍ଟୋବରରୁ ଅଦ୍ୟାବଧି ୪ଟି ଲଘୁଚାପ ସୃଷ୍ଟି ହୋଇସାରିଲାଣି। ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ୍ ୧୧ରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନ୍‌ରେ ସାଧାରଣ ବୃଷ୍ଟିପାତଠାରୁ ୯.୩% ଅଧିକ ବର୍ଷା ହୋଇଥିବା ବେଳେ ଜୁଲାଇରେ ୩୪.୯% କମ୍ ବର୍ଷା ହୋଇଥିଲା। ଚାଷକାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ତେବେ ଅଗଷ୍ଟରେ ୪୫.୨%ରୁ ଅଧିକ ବର୍ଷା ହେବାପରେ ଜୁଲାଇର ନିଅଣ୍ଟକୁ ଭରଣା କରିଥିଲା। ଅଗଷ୍ଟରେ ୧୭ ଜିଲାରେ ସାଧାରଣ ବୃଷ୍ଟିପାତ (୧୯ ପ୍ରତିଶତ)ଠାରୁ ଅଧିକ ହୋଇଥିବା ବେଳେ ୧୨ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିଲା। ଅଗଷ୍ଟରେ ୪ ଲଘୁଚାପ ହୋଇଥିଲା। ଲଘୁଚାପଜନିତ ବର୍ଷା ଯୋଗୁ ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ହୋଇଥିଲା। ଏଥିରେ ଯାଜପୁର, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲା ଅଧିକ ପ୍ରଭାବିତ ହୋଇଥିଲା।

ମୌସୁମୀ ଅପସାରଣ ହୋଇଥିବାରୁ ରାଜ୍ୟକୁ ଉତ୍ତର ପୂର୍ବ ଦିଗରୁ ପବନ ବହିବା ଆରମ୍ଭ ହୋଇଛି। ରାତ୍ରିର ତାପମାତ୍ରା ତଳକୁ ଖସିବାରେ ଲାଗିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳର ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ସୋନପୁର ୧୪.୨, ଦାରିଙ୍ଗବାଡି ୧୫, ବାରିପଦା ୧୭, କେନ୍ଦୁଝର ୧୬.୬, ବଲାଙ୍ଗୀର ୧୫.୫, କୋରାପୁଟ ୧୫.୮ ଏବଂ ଫୁଲବାଣୀର ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

- ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ
- ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ବର୍ଷା
- ଝାରସୁଗୁଡ଼ା, ମାଲକାନଗିରିରେ ଅଧିକ

## ରୁକ୍ମିଣୀ ଦେବୀଙ୍କ ପରଲୋକ

କୋଣାର୍କ, ୨୭।୧୦(ଡି.ଏନ୍.ଏ.)



ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ନିୟନ୍ତ୍ରିକା ତଥା କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ରୁକ୍ମିଣୀ ଦେବୀଙ୍କର ୭୫ ବର୍ଷ ବୟସରେ ମଙ୍ଗଳବାର କଟକ ବିଡ଼ାନାସୀସ୍ଥ ଶୋଭନୀୟ ଆନ୍ଦୋଳନର ମୁଖ୍ୟ କାର୍ଯ୍ୟାଳୟଠାରେ ପରଲୋକ ହୋଇଯାଇଛି। ରବିବାର ଅସୁସ୍ଥତା କାରଣରୁ କୋଣାର୍କରୁ ସେ ଚିକିତ୍ସା ନିମନ୍ତେ କଟକ ଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସକାଳୁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ହଜାର ହଜାର ଶୁଭେଚ୍ଛୁ ଶୋଭନୀୟ ଆନ୍ଦୋଳନର ସେବିକା ଓ ଶୋଭନୀୟ ଶିକ୍ଷାଶ୍ରମର ପୁରାତନ ଛାତ୍ରୀଛାତ୍ରଗଣ ମର୍ମାହତ ହୋଇପଡ଼ିଛନ୍ତି।

୧୯୭୪ରେ ଅବିଭକ୍ତ କଟକ ଜିଲାର ଉଦୟଗିରିରେ ଆରମ୍ଭ ହୋଇଥିବା ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପୂଜ୍ୟ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଆନ୍ଦୋଳନର ପ୍ରଥମ ସମ୍ପାଦିକା ଥିଲେ। ଏହାସହ ସେ କୋଣାର୍କ ସାହିତ୍ୟ ସଂସଦର ଉପସଭାପତି ତଥା ପ୍ରତିଷ୍ଠାତା ସଦସ୍ୟ ରୂପେ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ବିୟୋଗରେ ମଙ୍ଗଳବାର ଶିଳ୍ପୀବାଟିକା ପରିସରରେ ଏକ ଶୋକସଭା ଆୟୋଜିତ ହୋଇଛି। ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ, କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଗୋପ କଲେଜ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ, ନିରଂଜନ ସାହୁ ପ୍ରମୁଖ ରୁକ୍ମିଣୀ ଗୁରୁମାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

## ନାଳରୁ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୭।୧୦ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ବ୍ରିଜ ତଳ ନାଳରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ଜଣଙ୍କ ହେଲେ ଭଦ୍ରକ ବାସୁଦେବପୁରର କମଳାକାନ୍ତ ନାୟକ। ସେ ନୂଆପଲ୍ଲୀରେ ଭଡ଼ାରେ ରହୁଥିବାବେଳେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସୂଚନା ମୁତାବକ ରବିବାର ସକାଳେ ସ୍ଥାନୀୟ ଲୋକେ ନାଳ ଭିତରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପ୍ରାଥମିକ ତଦନ୍ତରୁ ପୋଲିସ ଏହାକୁ ଦୁର୍ଘଟଣା ବୋଲି କହୁଥିବାବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଆଲୋଚନା ହେଉଛି। ମୃତକଙ୍କ ଦେହରେ ଅନେକ ସ୍ଥାନରେ କଟାଦାଗ ରହିଥିବାରୁ ତାଙ୍କୁ କେହି ହତ୍ୟା କରି ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ବରମୁଣ୍ଡା ଫ୍ଲାଏ ଓଭରବ୍ରିଜ ସର୍ଭିସ ରୋଡ୍‌କୁ ଲାଗି ଏହି ନାଳ ରହିଛି। ଅସାବଧାନତା ବଶତଃ ଗାଡ଼ି ଚଳାଇ ଯୁବକ ତା ଭିତରେ ଗଳି ପଡ଼ିଥିବା ପୋଲିସ ସନ୍ଦେହ କରୁଛି।

## ନାବାଳିକାଙ୍କୁ ୬ ମାସ ଧରି ବଳାତ୍କାର

କୁଆଁରମୁଣ୍ଡା, ୨୭।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଥିବା ଏକ ଆବଦ୍ଧ କୋଠରୀରେ ଜଣେ ନାବାଳିକାଙ୍କୁ ରଖି ୬ମାସ ଧରି ବଳାତ୍କାର କରାଯାଉଥିଲା। କୌଶଳକ୍ରମେ ନାବାଳିକା ଜଣକ ଯୁବକଙ୍କ କବଳରୁ ଖସି ଆସି ସୋମବାର କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଫାଣ୍ଡି ପୋଲିସ ଅଭିଯୁକ୍ତ ରଞ୍ଜିତ୍ ବଡାଇକ୍(୨୦)ଙ୍କୁ ଡକାଇ କଥାବାର୍ତ୍ତା କରିଥିଲା। ଏପରି କି ଏହି ଘଟଣାକୁ ରଫାଦଫା କରିବାକୁ ଫାଣ୍ଡି ପୋଲିସ ଚେଷ୍ଟା କରିଥିଲା। ହେଲେ ନାବାଳିକା ଓ ତାଙ୍କ ପରିବାର ପକ୍ଷରୁ ଏହାକୁ ଦୃଢ ବିରୋଧ କରାଯାଇଥିଲା। ସୁନ୍ଦରଗଡ଼ ଏସ୍‌ପି ଏ ସମ୍ପର୍କରେ ଜାଣିବା ପରେ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ମାମଲା (ନଂ.୨୦୨/୨୦) ରୁଜୁ କରି ଫାଣ୍ଡି ପୋଲିସ ଅଭିଯୁକ୍ତ ରଞ୍ଜିତଙ୍କୁ ବାର୍ତ୍ତାଗୁଟୁ ଗ୍ରାମର ଗଞ୍ଜୁଟୋଲାରୁ ଗିରଫ କରିଛି। ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୀଡିତାଙ୍କୁ ରାଉରକେଲାସ୍ଥିତ ମା'ଗୃହରେ ରଖାଯାଇଛି।

## ଯୁବତୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

ଖୋର୍ଦ୍ଧା ଅଫିସ, ୨୭।୧୦

ଏକ ଘରୋଇ ବସ୍‌ରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ସୋମବାର ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ହେଲେ କଟକ ଜିଲା କିଶୋରନଗର ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳର ପ୍ରତ୍ୟୁଷ କୁମାର ବିଷୋୟୀ। ସୂଚନା ଅନୁଯାୟୀ, ଯୁବତୀ ଜଣକ କଳାହାଣ୍ଡିରୁ ଏକ ଘରୋଇ ବସ୍‌ରେ ଭୁବନେଶ୍ୱର ଆସୁଥିବା ବେଳେ ଖୋର୍ଦ୍ଧା ଜୟମଙ୍ଗଳ ନିକଟରେ ଶିକ୍ଷକ ପ୍ରତ୍ୟୁଷ ତାଙ୍କୁ ଅସଦାଚରଣ କରିଥିଲେ। ଯୁବତୀ ଜଣକ ବଡ଼ ପାଟି କରିବାରୁ ଉପସ୍ଥିତ ବସ୍ କର୍ମଚାରୀ ଓ ଯାତ୍ରୀ ପ୍ରତ୍ୟୁଷଙ୍କୁ କାବୁ କରିନେଇଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୬୬/୨୦) ରୁଜୁକରି ପ୍ରତ୍ୟୁଷଙ୍କୁ ଗିରଫ କରିଥିଲା।

## ଯୁବତୀଙ୍କ ପେଟରୁ ବାହାରିଲା ୫୭ କେଜି ଟ୍ୟୁମର

ଖୋର୍ଦ୍ଧା ଅଫିସ, ୨୭।୧୦



- ୫ଘଣ୍ଟାର ବିରଳ ଅସ୍ତ୍ରୋପଚାର
- ୧୦ବର୍ଷ ଧରି ଯନ୍ତ୍ରଣା ଭୋଗୁଥିଲେ
- ଚିକିତ୍ସାରେ ଅର୍ଥ ସାଜିଥିଲା ବାଧକ

ଦୀର୍ଘ ୧୦ବର୍ଷ ଧରି ଅସହ୍ୟ ଯନ୍ତ୍ରଣା ଭୋଗୁଥିବା ଜଣେ ଯୁବତୀଙ୍କ ପେଟକୁ ସୋମବାର ଅସ୍ତ୍ରୋପଚାର କରାଯାଇ ୫୭କେଜି ଓଜନର ଟ୍ୟୁମର ବାହାର କରାଯାଇଛି। ଯୁବତୀ ଜଣକ ହେଲେ ନବରଙ୍ଗପୁର ଜିଲା ଅଞ୍ଚଳାଡ଼ିହି ପଣ୍ଡ୍ରିଆଖନା କଚରପଡ଼ା ଗ୍ରାମର ଫୁଲମତୀ ଗଣ୍ଡ(୨୫)। ଖୋର୍ଦ୍ଧା ଜିଲା କୁହୁଡି ସାଇ ସେବା ସଦନରେ ୫ଜଣିଆ ଡାକ୍ତରୀ ଟିମ୍‌ର ୫ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଏହି ଟ୍ୟୁମର ବାହାର କରାଯାଇଛି।

ସୂଚନା ଅନୁଯାୟୀ, କଚରପଡ଼ା ଗ୍ରାମର ଧନିରାମ ଗଣ୍ଡ ଓ ହାଲୁରୀଙ୍କ ଝିଅ ଫୁଲମତୀ। ଧନିରାମ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଫୁଲମତୀଙ୍କ ପେଟରେ ଯନ୍ତ୍ରଣା ହେବାରୁ ପରିବାରଲୋକେ ତାଙ୍କୁ ସ୍ଥାନୀୟ ମେଡିକାଲଠାରୁ କୋରାପୁଟର ବିଭିନ୍ନ ମେଡିକାଲ, ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପେଟରେ ଟ୍ୟୁମର ହୋଇଥିବା ଜାଣିବା ପରେ ଅର୍ଥ ଅଭାବରୁ ଅପରେଶନ କରିପାରି ନ ଥିଲେ। ଏ ସମ୍ପର୍କରେ କେହି ବ୍ୟକ୍ତି ଫୁଲମତୀଙ୍କୁ ଆର୍ଥିକ ସହଯୋଗ ଲାଗି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଫେସବୁକରେ ତାଙ୍କ ସମ୍ପର୍କରେ ଜାଣିବା ପରେ ସାଇସେବା ସଦନର ମୁଖ୍ୟ ଜଗନ୍ନାଥ ସାହୁ ତାଙ୍କୁ ଯୋଗାଯୋଗ କରିଥିଲେ। ଅକ୍ଟୋବର ୨୧ରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସାଇ ସେବା ସଦନକୁ ଅଣାଯାଇଥିଲା। ସାଥିରେ ଆସିଥିଲେ ଫୁଲମତୀଙ୍କ ମା' ଏବଂ ଭାଇ। ପରେ ଫୁଲମତୀଙ୍କ କରୋନା ଟେଷ୍ଟ ଏବଂ ଆବଶ୍ୟକ ସମସ୍ତ ରିପୋର୍ଟ ଆସିବା ପରେ ଅପରେଶନ ଲାଗି ସ୍ଥିର ହୋଇଥିଲା। ସୋମବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି ଅପରେଶନ ହୋଇଥିଲା। କୋରାପୁଟ ମେଡିକାଲର ଆସିଷ୍ଟାଣ୍ଟ ସର୍ଜନ ଡା. ଜଗଦୀଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସାଇ ସେବା ସଦନର ଡା. ସୌମ୍ୟ ଦାଶ, ଆନାସ୍ଥେସିଆ ଡା. ଚନ୍ଦ୍ରଶେଖର ବେହେରା, ବିଶ୍ୱମିତ୍ ଛତିରିଆ, ପୂର୍ଣ୍ଣଚନ୍ଦ୍ର ଦତ୍ତ ସାମିଲ ହୋଇଥିଲେ। ଫୁଲମତି ଏବେ ସୁସ୍ଥ ଥିବା ଜଣାପଡ଼ିଛି। ପୂର୍ବରୁ ସାଉଥ ଆଫ୍ରିକାର ଜଣେ ରୋଗୀଙ୍କ ପେଟରୁ ୫୫କେଜି ଟ୍ୟୁମର ବାହାରିଥିଲା। ୫୭କେଜି ଟ୍ୟୁମର ବାହାରିବା ବିରଳ। ଏଥିଲାଗି ଗିନିଜ ଅଫ ରେକର୍ଡ ପାଇଁ ଆବେନ କରାଯିବ ବୋଲି ସାଇସେବା ସଦନର ମୁଖ୍ୟ ଜଗନ୍ନାଥ କହିଛନ୍ତି।






ଅତିମାନସ ସତ୍ୟ-ଚେତନାର ସମ୍ମୁଖରେ ପୃଥିବୀର ଅନ୍ଧକାର ତିଷ୍ଠି ରହିପାରିବ ନାହିଁ। କାରଣ, ଏହା ପରମ ପୁରୁଷଙ୍କର ପର୍ଯ୍ୟାପ୍ତ ସର୍ବଜ୍ଞାନମୟ ଜ୍ୟୋତି ଏବଂ ସର୍ବ ସାମର୍ଥ୍ୟପୂର୍ଣ୍ଣ ଶକ୍ତିକୁ ପୃଥିବୀ ମଧ୍ୟରେ ବିଜୟ ହାସଲ ନିମିତ୍ତ ଉତ୍ତାରି ଆଣିପାରେ। -ଶ୍ରୀମା

# ରାଜିନାମାର ଜୁଆ

ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ଭାରତ ଓ ଆମେରିକା ମଧ୍ୟରେ ୨୭ ଅକ୍ଟୋବର ୨୦୨୦ରେ ବେସିକ୍ ଏକ୍ସଚେଞ୍ଜ ଆଣ୍ଡ୍ କୋଅପରେଶନ ଏଗ୍ରିମେଣ୍ଟ (ବିଇସିଏ) ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ପ୍ରତିରକ୍ଷା ସଂକ୍ରାନ୍ତ ଉଦ୍ଦେଶ୍ୟ ପୂରଣ ଲାଗି ଉପଗ୍ରହ ଚିତ୍ର, ମ୍ୟାପ୍, ନଟିକାଲ ଓ ଏରୋନଟିକାଲ୍ ଚାର୍ଟସ୍‌ରୁ ଦୁଇ ଦେଶ ଗୋଇନ୍ଦା ସୂଚନା ଆଦାନପ୍ରଦାନ କରିପାରିବେ। ସମଗ୍ର ବିଶ୍ୱ ଯେତେବେଳେ କୋଭିଡ୍-୧୯ ଦ୍ୱାରା କବଳିତ ଓ ବୈଠକଗୁଡ଼ିକରେ ଶାରୀରିକ ଉପସ୍ଥିତି ଦେଖିବାକୁ ମିଳୁନାହିଁ, ସେହି ସମୟରେ ଦୁଇ ଦେଶର ନେତା ପରସ୍ପରକୁ ଭେଟିବା ଅସ୍ୱାଭାବିକ ମନେହେଉଛି। ପୁଣି ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ମାତ୍ର ସପ୍ତାହେ ଥିବା ବେଳେ ଏଭଳି ଏକ ବୈଠକ ଅନୁଷ୍ଠିତ ହେବା ସନ୍ଦେହ ସୃଷ୍ଟି କରୁଛି। କୁହାଗଲାଣି ଆମେରିକାରେ ଡେମୋକ୍ରାଟିକ୍ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ସପକ୍ଷରେ ଅଧିକ ଜନମତ ରହୁଥିବାରୁ ଡୋନାଲ୍ଡ ଟ୍ରମ୍ପ୍ ସେଠାରେ ଥିବା ଭାରତୀୟଙ୍କୁ ତୁଷ୍ଟ କରିବା ଲାଗି ଏଭଳି ତରବରିଆ ଯୋଜନା କରିଛନ୍ତି। ଇତିମଧ୍ୟରେ ଭାରତ ଓ ଚାଇନା ସେନା ଲଦାଖଠାରେ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ତେଣୁ ବେଜିଂକୁ ବିରୋଧ କରି ଆମେରିକା ନୂଆଦିଲ୍ଲୀକୁ ସମର୍ଥନ କରୁଛି ବୋଲି ଭାରତ ଗସ୍ତରେ ଥିବା ଆମେରିକା ପ୍ରତିରକ୍ଷା ସଚିବ ମାର୍କ ଏସ୍‌ପର ଓ ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ପ୍ରକାଶ କରିଛନ୍ତି।

ଏହି ରାଜିନାମା ହେବା ପୂର୍ବରୁ ସାମରିକ ତଥ୍ୟ ଆଦାନପ୍ରଦାନ ନେଇ ଭାରତ ଓ ଆମେରିକା ମଧ୍ୟରେ ୩ଟି ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଜେନେରାଲ ସିକ୍ୟୁରିଟି ଅଫ୍ ମିଲିଟାରୀ ଇନ୍‌ଫର୍ମେଶନ ଏଗ୍ରିମେଣ୍ଟ (ଜିଏସ୍‌ଓଏମ୍‌ଆଇଏ), ଲଜିଷ୍ଟିକ୍ସ ଏକ୍ସଚେଞ୍ଜ ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟ (ଏଲ୍‌ଏମ୍‌ଓଏ) ଏବଂ କମ୍ୟୁନିକେଶନ୍ସ କମ୍ପାଟିବିଲିଟି ଆଣ୍ଡ୍ ସିକ୍ୟୁରିଟି ଏଗ୍ରିମେଣ୍ଟ (ସିଓଏମ୍‌ସିଏଏସ୍‌ଏ) ନାମରେ ସ୍ୱାକ୍ଷରିତ ହୋଇଥିବା ରାଜିନାମା ଭାରତ ଓ ଆମେରିକା ପ୍ରତିରକ୍ଷା ସୂଚନା ବିକାଶ କ୍ଷେତ୍ରରେ ସେଭଳି ଉନ୍ନତି ଆଣିପାରିନାହିଁ। ତେବେ ବିଇସିଏ ଦ୍ୱାରା ଆମେରିକା ଅଧିକ ଲାଭବାନ ହେବା ଆଲୋଚନା ହେଉଛି। ଆମେରିକାଠାରୁ ଭାରତ ଆଣିଥିବା ସି-୧୭ ଗ୍ଲୋବମାଷ୍ଟର ୩, ସି-୧୩୦ଜେ ସୁପର ହର୍କ୍ୟୁଲିସ୍ ଏବଂ ପି୮-ଓ୍ୱାନ୍ ପୋସାଇଡନ୍ ଭଳି ବିଭିନ୍ନ ପ୍ରକାର ଉଡ଼ାଜାହାଜ ଲାଗି ଆବଶ୍ୟକ ଅତ୍ୟାଧୁନିକ ନାଭିଗେଶନ ସହାୟତା ଓ ଫ୍ଲାଇଟ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଯୋଗାଇବାରେ ଆମେରିକା ସହାୟତା ଦେବ। ତେଣୁ ଭାରତ କେବଳ ବ୍ୟବହାରକାରୀ ରାଷ୍ଟ୍ର ଭାବେ ଅର୍ଥ ଗଣିବାକୁ ବାଧ୍ୟ ହେବ।

ଆମେରିକା ପଛରେ ଗୋଡ଼ାଇ ଭାରତ ଅତୀତରେ ଅନେକ କ୍ଷତିର ସମ୍ମୁଖୀନ ହୋଇଛି। ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ୧୯୯୧ରେ ଭାରତରେ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ (ଏଲ୍‌ପିଜି) ନାମରେ ନୂଆ ଅର୍ଥନୈତିକ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା। ଏହା ଦ୍ୱାରା ଦେଶର ଅର୍ଥନୀତି ବିଶ୍ୱସ୍ତରର ହେବ ବୋଲି ଲୋକଙ୍କୁ ସ୍ୱପ୍ନ ଦେଖାଯାଇଥିଲା। କିନ୍ତୁ ସେଥିରୁ ଚାଇନା ଲାଭବାନ ହେଲା। କାରଣ ଭାରତ ଏକ ଖାଉଟି ଦେଶ ହୋଇଥିବାରୁ ଚାଇନାରୁ ସାମଗ୍ରୀ ଆମଦାନୀ କରିଚାଲିଲା। ମୁକ୍ତ ଅର୍ଥନୀତିରେ କୌଣସି ବାଡ଼ବତା ନ ଥିବାରୁ ଚାଇନାର ସପ୍ଲାଇ ଚେନ୍ ବା ଯୋଗାଣ ଶୃଙ୍ଖଳକୁ ଭାଙ୍ଗିବା ଭାରତୀୟ ମଧ୍ୟମ ଓ କ୍ଷୁଦ୍ର କମ୍ପାନୀଙ୍କ କ୍ଷେତ୍ରରେ ସମ୍ଭବ ହେଲା ନାହିଁ। ଆଜିର ସ୍ଥିତିରେ ଚାଇନା ଜିନିଷ ବର୍ଜନ ପାଇଁ ଯେତେ ସ୍ଲୋଗାନ ଦିଆଗଲେ ମଧ୍ୟ ବାଣଠାରୁ ଗଣେଶ ମୂର୍ତ୍ତି ସବୁ ଅବାଧରେ ଆସୁଛି।

ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ମଧ୍ୟ ଅର୍ଥନୀତିକୁ ସଜଡ଼ା ଯାଇପାରିଲା ନାହିଁ। ପୁଣି ମନମୋହନ ସିଂ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେହି ସମୟରେ ଆମେରିକା ପ୍ରୀତି ପୁଣି ବଢ଼ିଗଲା। ଭାରତ-ଆମେରିକା ବେସାମରିକ ଆଣବିକ ଚୁକ୍ତି ୨୦୦୮ରେ ସ୍ୱାକ୍ଷରିତ ହୋଇଥିଲା। ସେତେବେଳେ କୁହାଯାଇଥିଲା ଯେ, ଶକ୍ତି କ୍ଷେତ୍ରକୁ ଏହା ସୁଦୃଢ଼ କରିବ। ଇତିମଧ୍ୟରେ ୧୨ ବର୍ଷ ବିତିଗଲାଣି, କିନ୍ତୁ ବିଜୁଳି ଚାହିଦା ବଢ଼ିବଢ଼ି ଚାଲିଛି। ୨୦୧୪ରେ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ବିଶ୍ୱାସ କରାଯାଉଥିଲା ଯେ ବୈଦେଶିକ ନୀତିରେ ପରିବର୍ତ୍ତନ ଆସିବ। ସମସ୍ତେ ଗୋଟେ ଲାଉର ମଞ୍ଜି ଭଳି କୂଟନୈତିକ, ବାଣିଜ୍ୟିକ ଓ ସାମରିକ କ୍ଷେତ୍ରରେ କୌଣସି ଉନ୍ନତି ଆଣିପାରି ନାହାନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭୂୟସୀ ପ୍ରଶଂସା କରୁଥିବା ମୋଦିଙ୍କ ସମୟରେ ଭାରତର ଅଧିକ କ୍ଷତି ଘଟିଛି। ଟ୍ରମ୍ପ୍ କ୍ଷମତାସୀନ ହେବା ପରେ ପ୍ରଥମେ ଏଚ୍-୧ବି ଭିଜା ନିୟମକୁ କଡ଼ାକଡ଼ି କରିଦେଇଥିଲେ। ସେହିପରି ଭାରତୀୟ ସାମଗ୍ରୀ ଉପରେ ପ୍ରତିବନ୍ଧକ ଲଗାଇ ଆମ ବଜାର ବ୍ୟବସ୍ଥାକୁ ସେ ଦୋହଲାଇ ଦେଇଛନ୍ତି। ନିକଟ କଥା ଦେଖିଲେ ନିର୍ବାଚନୀ ଭାଷଣ ଦେବା ବେଳେ ଭାରତକୁ ସେ ଏକ ଅପରିଷ୍କାର ଓ ଅପରିଚ୍ଛନ୍ନ ଦେଶ ଭାବେ ଅଭିହିତ କରିଥିଲେ। ଏତେ ନ୍ୟୂନ ଦୃଷ୍ଟିରେ ଭାରତକୁ ଦେଖୁଥିଲେ ମଧ୍ୟ ଟ୍ରମ୍ପ୍‌ଙ୍କୁ ମୋଦି ସମର୍ଥନ କରିଚାଲିଛନ୍ତି। ମାତ୍ର ଏବର ସ୍ଥିତି ଦେଖିଲେ ଆମେରିକୀୟମାନେ ଟ୍ରମ୍ପ୍‌ଙ୍କ ଆଡୁ ମୁହଁ ମୋଡ଼ିଥାଇପାରନ୍ତି। ବିଶେଷକରି ସେଠାରେ ଥିବା ଅଧିକାଂଶ ଭାରତୀୟ ଭବିନେଲେଣି ଯେ ସେମାନଙ୍କୁ ସେହି ସମାଜରେ ବଞ୍ଚିବାକୁ ପଡ଼ିବ। ଅନ୍ୟପକ୍ଷରେ ଡେମୋକ୍ରାଟିକ୍ ଦଳ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ପ୍ରତି ନିର୍ବାଚନୀ ପବନ ବୋହୁଥିବା ରାଜନୈତିକ ସମୀକ୍ଷକମାନେ କହିଲେଣି। ଦେଖିବାକୁ ଗଲେ ଆମେରିକା ନିର୍ବାଚନକୁ ଲକ୍ଷ୍ୟ କରାଯାଇ 'ହାଓଡି ମୋଦି' ଓ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମ କରାଯାଇଥିଲା। କିନ୍ତୁ ତାହାର ପ୍ରଭାବ ଆମେରିକୀୟ ଭାରତୀୟଙ୍କ ଉପରେ ପଡ଼ି ନ ଥିବା ପରିଲକ୍ଷିତ ହୋଇଛି। ସମ୍ଭବତଃ ନୂଆ ଚାଲ୍ ଖେଳାଯାଇ ବିଇସିଏ ରାଜିନାମା କରାଯାଇଛି। ଏହାର ପ୍ରଭାବ ଭାରତର ସାମରିକ ବ୍ୟବସ୍ଥା ଉପରେ କିପରି ରହିବ ତାହା ଏବେ କହିବା କଷ୍ଟକର। କାରଣ ଯଦି ଟ୍ରମ୍ପ ହାରିଯାଆନ୍ତି, ତେବେ ଭାରତ ଅଧିକ କ୍ଷତିଗ୍ରସ୍ତ ହେବ। ଏହା ଏକ ସାମରିକ ଚୁକ୍ତି ହୋଇଥିବା ହେତୁ ଚାଇନାର ବିରୋଧ ବୃଦ୍ଧି ପାଇବା ସ୍ୱାଭାବିକ। ଅନ୍ୟପଟେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଯଦି ସୁନିଶ୍ଚିତ ଜାଣିଛନ୍ତି ଯେ ଟ୍ରମ୍ପ ଜିତିବେ, ତେବେ ଏହି ଜୁଆଖେଳ ଏବେ ଟ୍ରମ୍ପ୍‌ଙ୍କୁ ସୁବିଧା ଦେବ। କିନ୍ତୁ ଏହା ଭାରତକୁ କେଉଁ ଭାବେ ସହାୟକ ହେବ ତାହା ଦେଖିବା ବାକି ଅଛି। କାରଣ ଗତ ୪ ବର୍ଷରେ ଭାରତ ପ୍ରତି ଟ୍ରମ୍ପ୍‌ଙ୍କ ଆଭିମୁଖ୍ୟ ସକାରାତ୍ମକ ନ ଥିଲା। ଯଦି ଜିତନ୍ତି, ତେବେ ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ଆସିବ ବୋଲି କହିବା ଅବାସ୍ତବ ମନେହେଉଛି।

# ହର୍ଡ ଇମ୍ୟୁନିଟି ନା ଗଣହତ୍ୟା



ସହଦେବ ସାହୁ

ଯୁକ୍ତରାଷ୍ଟ୍ର ଆମେରିକାରେ ଅକ୍ଟୋବର ମାସ ଆରମ୍ଭରୁ ଦୈନିକ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ୨୩ ତାରିଖରେ ସର୍ବାଧିକ ୭୯,୦୦୦ ଲୋକ ଚିହ୍ନଟ ହୋଇଛନ୍ତି। ଏ ରେକର୍ଡ ଆଗରୁ ଜୁଲାଇ ୧୬ରେ ଚିହ୍ନଟ ସଂକ୍ରମିତ ସଂଖ୍ୟା ୩୦,୦୦୦ରୁ ଖୁବ୍ ବେଶି। ଶୀତ ଆସିଲେ କରୋନା ସଂକ୍ରମଣ ବଢ଼ିପାରେ ବୋଲି କହୁଥିବା ବୈଜ୍ଞାନିକମାନଙ୍କ ବାଣୀକୁ ସତ ବୋଲି ଏହା ପ୍ରମାଣିତ କରୁଛି । ଭାରତରେ ବି ଶୀତ ଋତୁ ଆସୁଛି। ପୁଣି, ସୁଇଡେନରେ ହର୍ଡ ଇମ୍ୟୁନିଟି (ଗୋଷ୍ଠ ବା ସାମାଜିକ ପ୍ରତିରୋଧ ଶକ୍ତି) କୌଶଳ ରୋଗପ୍ରତିରୋଧ ଶକ୍ତି ବଢାଇବାରେ ଫେଲ୍ ମାରିଥିଲେ ବି ଯୁକ୍ତରାଷ୍ଟ୍ର ସରକାରଙ୍କ ସଚିବାଳୟ (ହ୍ୱାଇଟ୍ ହାଉସ୍) ହର୍ଡ ଇମ୍ୟୁନିଟି ସପକ୍ଷରେ ରାୟ ଦେଇଆସୁଛନ୍ତି। ଜନସଂଖ୍ୟାର ଯେତେ ଶତାଂଶ ସଂକ୍ରମିତ ହେଲେ ପ୍ରତିରୋଧକ ଶକ୍ତି ଯଥେଷ୍ଟ ହେବ ଏକ୍ସପର୍ଟମାନଙ୍କ ମତରେ ତାହା ହେଉଛି ୭୦। କିନ୍ତୁ ଆମେରିକାରେ ଏଯାବତ୍ ଜନସଂଖ୍ୟାର ମାତ୍ର ୧୦ପ୍ରତିଶତ କୋଭିଡ୍-୧୯ ଭାଇରସ ସଂସ୍ପର୍ଶରେ ଆସିଛନ୍ତି ଅର୍ଥାତ୍ ସେତିକି ସଂଖ୍ୟକ ମାର୍କିନ୍‌ମାନଙ୍କ ଦେହରେ ରକ୍ଷାକାରୀ ଆଣ୍ଟିବଡି ବିକଶିତ ହୋଇଥାଇପାରେ। ଏହାର ମାନେ କୋଟି କୋଟି ମାର୍କିନ୍ ଲୋକ ଏବେ ବି ଆଘାତପ୍ରବଣ। ତେଣୁ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଭାରତରେ ବି ସେହି କଥା । ପ୍ରାୟ ୪ କୋଟି ଲୋକ ଭାଇରସ-ସଂସ୍ପର୍ଶରେ ଆସିଲେଣି ବୋଲି ଅନୁମାନ କରାଯାଉଛି, ସେହିମାନେ ହିଁ ସଂକ୍ରମଣ ବିରୋଧରେ ଶକ୍ତି ହାସଲ କରିଥାଇପାରନ୍ତି । କିନ୍ତୁ ୭୦ପ୍ରତିଶତ ମାନେ ତ ୧୦୦ କୋଟି ! ତେଣୁ ଗାଁ ଗହଳିରେ ବ୍ୟାପିଲେ ହିଁ ୧୦୦ କୋଟି ହେବ । ସେ ପ୍ରକାରର ସଂକ୍ରମଣକୁ ସମ୍ଭାଳିପାରିବା ତ! ଟିକା ବାହାରିଗଲେ ସରକାର ସେତିକି ସଂଖ୍ୟକ ଲୋକଙ୍କୁ ଟିକା ଦେଇ ସେମାନଙ୍କ ଦେହରେ ଆଣ୍ଟିବଡି ତିଆରି କରାଇପାରିବେ; କିନ୍ତୁ କେତେ ସମୟ ଦରକାର ଭାବିପାରୁଛନ୍ତି ତ! ଚିନ୍ତା କରିବାର ବହୁତ ଦିଗ: ଏତେ ଲୋକଙ୍କୁ ଟିକା ଦେବାପାଇଁ ଦେଶସାରା ସବୁ ବସ୍ତିକୁ ଛୁଇଁବାକୁ ପଡିବ; ବୋଝ ବୋଝ ଟିକା ବୋହିନେବା, ବରଫାବୃତ କରି ରଖିବା, ଭଣ୍ଡାରରେ ମହଜୁଦ ରଖିବା, ତାଲିମପ୍ରାପ୍ତ ଟିକାଦେବାବାଲା ଲୋକ ଯୋଗାଡ କରିବା, ଆଘାତପ୍ରବଣ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଥମେ ଟିକା ଦେବା, ଯାହାକୁ ଟିକାଦେବା ତାକୁ ନଜରରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରିବା ବା ଚିକିତ୍ସା ଯୋଗାଇବା, ଏ ସବୁ କାମ ପାଇଁ ସଂଖ୍ୟାଧିକ ସ୍ୱାସ୍ଥ୍ୟକର୍ମୀ ଯୋଗାଡ କରିବା ଇତ୍ୟାଦି।

ଆମ ଦେଶର ଲୋକସଂଖ୍ୟା ୧୪୦ କୋଟି ପାଖାପାଖି, ପୃଥିବୀର ଜନସଂଖ୍ୟାର ପ୍ରାୟ ୨୦ପ୍ରତିଶତ। ଏତେ ଲୋକଙ୍କ ଭିତରେ ହର୍ଡ ଇମ୍ୟୁନିଟି ଆଣିବାର ଏକମାତ୍ର ଉପାୟ ହୋଇଛି ସମୂହ ଟିକାଦାନ । କିନ୍ତୁ ଟିକା ତ ଏତେ ଶୀଘ୍ର ବାହାରୁନାହିଁ। ତା' ହେଲେ କ'ଣ ସମସ୍ତଙ୍କୁ ସଂକ୍ରମିତ ହୋଇଯିବାକୁ ଛାଡିଦେବା ? ଯେଉଁମାନେ ଲକ୍‌ଡାଉନ୍ ବ୍ୟବସ୍ଥା ଉଠାଇଦେଇ ସ୍କୁଲ,କଲେଜ ଓ ଦୋକାନ ବଜାର ଖୋଲିବାକୁ ଚାହୁଁଛନ୍ତି ସେମାନେ ପରୋକ୍ଷରେ ତାହା ହିଁ ଚାହୁଁଛନ୍ତି।

ସହାନୁଭୂତିମୂଳକ କାର୍ଯ୍ୟାବଳୀ ମାନେ ବିପଦ ଆଉ ସମ୍ପଦ ଭିତରେ ସମନ୍ୱୟ ରଖିବା। ହର୍ଡ ଇମ୍ୟୁନିଟି ପାଇବା ପାଇଁ ଆମକୁ ପ୍ରଥମେ ଖୋଜି ଖୋଜି ଏପରି ଲୋକଙ୍କୁ ବାହାର କରିବାକୁ ପଡିବ, ଯେଉଁମାନଙ୍କ ମୃତ୍ୟୁଆଶଙ୍କା ବହୁତ କମ୍, ଯେଉଁମାନେ ସ୍ୱାଭାବିକ ଜୀବନଯାତ୍ରା ଚଳାଇଆସୁଛନ୍ତି, କୌଣସି ପ୍ରକାରର ଅସୁସ୍ଥତା ପ୍ରକାଶ କରିନାହାନ୍ତି। ସେହିମାନଙ୍କୁ ପ୍ରଥମେ ଟିକା ଦେବାକୁ ପଡିବ । ମହାମାରୀ ଭିତରେ ଆମେ ୮ ମାସରୁ ବେଶି ରହିଲୁଣି, ହର୍ଡ ଇମ୍ୟୁନିଟି ତ କାହିଁକି କେଉଁଠି ଆସିନାହିଁ । ଖାଲି ସୁଇଡେନ୍ ଉଦାହରଣ ଦେଖନ୍ତୁ। ଯେତେବେଳେ ଅନେକ ଦେଶ ମହାମାରୀ ଆରମ୍ଭରେ ପୂରା ଲକ୍‌ଡାଉନ୍ ଚାଲୁକରିଦେଲେ ସେତେବେଳେ ସୁଇଡେନ୍ ବ୍ୟବସାୟ ବାଣିଜ୍ୟ ଓ ଅନ୍ୟ ସଂଗଠନଗୁଡିକୁ ଖୋଲା ରଖିଲା, ଜନସାଧାରଣ ଏକାଠି ହେବାକୁ ୫୦ ଭିତରେ ରଖିଥିଲେ ବି ବେସରକାରୀ ଉତ୍ସବମାନଙ୍କରେ କଟକଣା ରଖିଲା ନାହିଁ, ସ୍କୁଲ, ମଲ୍ ଆଦି ଖୋଲା ରଖିଲା । ମାସ୍କ ବ୍ୟବହାର ଉପରେ ଜୋର୍ ଦେଲା ନାହିଁ, କ୍ୱାରାଣ୍ଟାଇନ୍ କି କଣ୍ଟାକ୍ଟ୍ ଟ୍ରେସିଂ ଲାଗୁ କଲାନାହିଁ। ସୁଇଡେନରେ ମୃତ୍ୟୁହାର ଏବେ ବି ବଢିଚାଲିଛି, ଏ ଯାବତ୍ ହର୍ଡ ଇମ୍ୟୁନିଟି ଆସିନାହିଁ। ମୃତ୍ୟୁ ଆଉ ଯନ୍ତ୍ରଣା ଛଡା ଆଉ କିଛି ଲାଭ ହୋଇନାହିଁ । ଆମେରିକା ଯୁକ୍ତରାଷ୍ଟ୍ରରେ ବି ସେହି କଥା। ଏ ପରିସ୍ଥିତିକୁ କ'ଣ କହିବା, ହର୍ଡ ଇମ୍ୟୁନିଟି ନା ମାସ୍ ମର୍ଡର୍?

ସ୍ୱାଭାବିକତାକୁ ଫେରିବା- ଏକ ପ୍ରକାରର ଜେଲ୍‌ରୁ ମୁକୁଳିବା- ବଡ ଆକର୍ଷଣୀୟ ଲାଗୁଛି। ଆମେରିକାରେ କେତେକ ବୁଦ୍ଧିଜୀବୀ ଦସ୍ତଖତ କରି ଏକ ଦରଖାସ୍ତ କରିଛନ୍ତି ତାକୁ ଗ୍ରେଟ୍ ବାରିଂଟନ୍ ଡିକ୍ଲେରେସନ୍ କୁହାଯାଉଛି। ଦରଖାସ୍ତକାରୀମାନେ ଚାହୁଁଛନ୍ତି ଲୋକଙ୍କୁ ସ୍ୱାଭାବିକ ଜୀବନ ଯାପନ କରିବାକୁ ଛାଡିଦିଆଯାଉ, ସମସ୍ତେ ସଂକ୍ରମଣର ମୁହାଁମୁହିଁ ହୋଇଗଲେ ସାମାଜିକ ପ୍ରତିରୋଧ ଶକ୍ତି (ହର୍ଡ ଇମ୍ୟୁନିଟି) ଆସିଯିବ । ସେମାନେ ତିନିଟା ବଡ କଥା ଭୁଲିଯାଉଛନ୍ତି। ପ୍ରଥମ କଥା ହେଉଛି - ବିପଦ କମ୍ ଥିବା ଲୋକଙ୍କ ଭିତରେ ବି ବିପଦ ଆସିଯିବ, ଯେଉଁମାନେ ଧୀରେ ଧୀରେ ଭଲ ହୁଅନ୍ତି ସେମାନଙ୍କ ଉପରେ ବିପଦ ମାଡିଆସିବ, ଯେଉଁମାନଙ୍କଠାରେ ଲକ୍ଷଣ ଦିଶୁନାହିଁ ସେମାନଙ୍କ ହୃତପିଣ୍ଡ ଓ ଫୁସ୍‌ଫୁସ୍‌କୁ କ୍ଷତି ଆସିବ । ଏକ ସର୍ଭେରୁ ଡାକ୍ତରମାନେ ଦେଖିଛନ୍ତି ପ୍ରତି ୧୦୦ ସୁସ୍ଥ ହୋଇଥିବା ରୋଗୀଙ୍କ ଭିତରୁ ୭୮ ଜଣଙ୍କ ହୃତପିଣ୍ଡ କ୍ଷତିଗ୍ରସ୍ତ ହୋଇଛି। ସେହିମାନଙ୍କ ଜୀବନର ସ୍ୱାଚ୍ଛନ୍ଦ୍ୟ ପ୍ରଭାବିତ ହେବନାହିଁ କି ? ଦ୍ୱିତୀୟ କଥା ହେଉଛି ଯେଉଁମାନେ ବିପଦପ୍ରବଣ ସେମାନଙ୍କୁ କିପରି ରକ୍ଷା କରିବା ସେ ବିଷୟରେ ସେମାନେ ଭାବୁନାହାନ୍ତି । ନାତିନାତୁଣୀଙ୍କୁ ଜେଜେମାନଙ୍କ ପାଖକୁ ଛାଡିବ ନାହିଁ ସିନା, ଯେଉଁଠି ନାତିନାତୁଣୀ ଜେଜେ-ଜେଜେମା' ସାଙ୍ଗରେ ଗୋଟିଏ ଘରେ ରହୁଛନ୍ତି ସେମାନଙ୍କ କଥା କ'ଣ ହେବ? ଯେଉଁ ମଧୁମେହୀ, କର୍କଟରୋଗରୁ ସଦ୍ୟବଞ୍ଚିତ ବା ମେଦବହୁଳ ଲୋକ ଘରଭିତରେ ଥିବ ଓ ନିଜ ନିଜର କାମରେ ଲାଗିଥିବ ତାକୁ କିପରି ରକ୍ଷା କରିବ ? ତୃତୀୟ କଥାଟି ହେଉଛି - ଏ ବ୍ୟବସ୍ଥାରେ କେତେ ଲୋକ ମରିବେ ବାରିଂଟନ୍ ଘୋଷଣା ହିସାବ କରିନାହିଁ। ୟୁନିଭର୍ସିଟି ଅଫ୍ ଓ୍ୱାଶିଂଟନ୍‌ର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲୁଏଶନ୍ ଏକ ମଡେଲିଂ କରି ଦେଖାଇଛି ଯେ ସାହାଣ ମେଲା କରିଦେଲେ ଆସନ୍ତା ଫେବୃୟାରୀ ପହିଲା ସୁଦ୍ଧା ଆମେରିକାରେ ୫ ଲକ୍ଷ ୭୧ ହଜାର ୫୨୭ ଲୋକ ମରିଯିବେ ଏବଂ ଦୈନିକ ମୃତ୍ୟୁହାର ବଢିଚାଲିଥିବ। କିନ୍ତୁ ଆଜିକାଲିକାର କଟକଣା ଚାଲୁ ରଖିଲେ ମାତ୍ର ୪ଲକ୍ଷ ୧୫ ହଜାର ମରିପାରନ୍ତି।

କେତେକ ଗବେଷକ ଆଶାବାଦୀ ଯେ ୪୩ପ୍ରତିଶତ ଲୋକ ସଂକ୍ରମିତ ହୋଇଗଲେ ହର୍ଡ ଇମ୍ୟୁନିଟି ଆସିପାରେ। ଜେଲ୍‌ମାନଙ୍କରୁ ଓ ଲାଟିନ୍ ଆମେରିକାରୁ ଯାହା ତଥ୍ୟ ସଂଗ୍ରହ କରାଯାଇଛି ତହିଁରୁ ଜଣାପଡୁଛି ଯେ ୬୦ପ୍ରତିଶତରୁ ୭୦ପ୍ରତିଶତ ଯାଏ ସଂକ୍ରମିତ ନ ହେଲା ପର୍ଯ୍ୟନ୍ତ ମହାମାରୀ କମୁନାହିଁ। ଆମେରିକାରେ ଏ ପର୍ଯ୍ୟନ୍ତ ୧୦ପ୍ରତିଶତ ଓ ଭାରତରେ ଏ ପର୍ଯ୍ୟନ୍ତ ୫ପ୍ରତିଶତ ସଂକ୍ରମିତ ହୋଇନାହାନ୍ତି । ଭାରତରେ ୪୩ପ୍ରତିଶତ ମାନେ ତ ୬୫ କୋଟି ଲୋକ । ଲୋକଙ୍କୁ ଖୋଲା ଛାଡିଦେଲେ କେତେ ଭାରୀ ପଡିବ ତାହା ଦେଖିବା କଥା । ଧରନ୍ତୁ ୪୦ପ୍ରତିଶତ ଲୋକ ସଂକ୍ରମିତ ହେଲେ ଯଦି ହର୍ଡ ଇମ୍ୟୁନିଟି ଆସିଯିବ ତା'ହେଲେ ବି ଆମେରିକାରେ ୮ ଲକ୍ଷ ଆମେରିକାନ୍ ମରିଯିବେ ବୋଲି ଆଇ.ଏଚ୍.ଏମ୍.ଇ. ଆକଳନ କରିଛି, କିନ୍ତୁ ପ୍ରକୃତ ମୃତ୍ୟୁ ସଂଖ୍ୟା ୧୦ଲକ୍ଷରୁ ବେଶି ହୋଇପାରେ । ଏଥିଲାଗି ଦେଶକୁ କେତେ ମୂଲ୍ୟ ଦେବାକୁ ପଡିବ ଜାଣନ୍ତି କି? ସୁସ୍ଥ ହୋଇଥିବା ଲୋକଙ୍କ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ଓ ଅନ୍ୟ ଅଙ୍ଗମାନଙ୍କୁ କି କି କ୍ଷତି ହୋଇପାରେ ଏବଂ ତାହା ଯଦି ମୃତ୍ୟୁକୁ ତ୍ୱରାନ୍ୱିତ କରିଦିଏ ବା ଶାରୀରିକ ଅକ୍ଷମତା ଆଣେ ଏବଂ ଏ ଅକ୍ଷମତା କେତେ ବର୍ଷ ଧରି ରହିବ ତାହା ଆମକୁ ଜଣା ନ ଥାଏ, ତେବେ ପରିଣାମ କ'ଣ ହେବ? ୧୯୧୮ର ଇନ୍‌ଫ୍ଲୁଏଞ୍ଜା ମହାମାରୀର ପ୍ରତିକୂଳ ପ୍ରଭାବ କଥା ମନେପକାନ୍ତୁ, ଇନ୍‌ଫ୍ଲୁଏଞ୍ଜା ମହାମାରୀର ପ୍ରତିକୂଳ ପ୍ରଭାବ ୧୯୨୦ ଦଶକ ଓ ପରେ ଦେଖାଯାଇଥିଲା। ୧୯୧୯ରେ ଇନ୍‌ଫ୍ଲୁଏଞ୍ଜା ବ୍ୟାପିବାଟା ଶୀର୍ଷରେ ପହଞ୍ଚିବା ପରେ ଜନ୍ମ ନେଇଥିବା ପିଲାମାନେ ବଢିଲା ବେଳକୁ ଅସୁସ୍ଥ ହୋଇପଡିଥିବାର ଜଣାଅଛି। ଏକ୍ସପର୍ଟମାନେ କହନ୍ତି, ବୋଧହୁଏ ୧୯୨୦ ଦଶକ ଆରମ୍ଭ ବେଳକୁ ଏନ୍‌ସେଫାଲାଇଟିସ୍ ଲେଥାର୍ଜିକା ନାମକ ରୋଗ ମହାମାରୀର ରୂପ ନେଇଥିଲା । ପିଲାମାନେ ଶୋଇରହିବା ଓ ଅଳସୁଆ ହେବା ଏକ ବେମାରୀ ହୋଇଗଲା । ଅବଶ୍ୟ ପରେ ଏ ରୋଗ ଉଭେଇଯାଇଥିଲା । ୧୯୧୮ର ମହାମାରୀ ଓ ଅନ୍ୟ ଭାଇରସମାନେ ପାର୍କିନସନ୍ ରୋଗ ଆଣିଛନ୍ତି ବୋଲି ବିଶେଷଜ୍ଞମାନେ କହିଥିଲେ ।

ସୁଇଡେନକୁ ଉଦାହରଣ ଦେଉଥିବା ଲୋକେ ଜାଣନ୍ତି ଯେ ସୁଇଡେନ୍ ସରକାର ନାଗରିକମାନଙ୍କୁ ମାସ୍କ ଲଗାଇବାକୁ ବାଧ୍ୟ କରୁନାହିଁ। ଅଥଚ ତାହାର ପଡୋଶୀ ରାଷ୍ଟ୍ର ଡେନ୍‌ମାର୍କ ଓ ନର୍‌ୱେ ସେମାନଙ୍କ ନାଗରିକମାନଙ୍କୁ ମାସ୍କ ଲଗାଇବାକୁ ବାଧ୍ୟ କରୁଛି । ସୁଇଡେନ୍‌ରେ ଲକ୍ଷେ ଲୋକଙ୍କ ପିଛା ମୃତ୍ୟୁହାର ଡେନମାର୍କ ତୁଳନାରେ ୫ ଗୁଣ ଓ ନର୍‌ୱେ ତୁଳନାରେ ୧୧ଗୁଣ ବେଶି। ଏପରି ମୃତ୍ୟୁହାର କ'ଣ ସୁଇଡେନରେ ଅର୍ଥନୈତିକ ଅଭିବୃଦ୍ଧି ଆଣିଲା କି? ନା । ଗତ ତ୍ରୈମାସିକୀରେ ଡେନମାର୍କର ଜିଡିପି ୮.୩ପ୍ରତିଶତ ଓ ନର୍‌ୱେର ଜିଡିପି ୫.୧ପ୍ରତିଶତ କମିଥିଲା ବେଳେ ସୁଇଡେନର ଜିଡିପି ୮.୩ପ୍ରତିଶତ କମିଗଲା ।

ତା' ହେଲେ କ'ଣ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ବନ୍ଦ ରହିବ? ଆଉ କ'ଣ କୋଭିଡ୍-୧୯ ସଂକ୍ରମଣ ରୋକିବାର ବିକଳ୍ପ ପନ୍ଥା ନାହିଁ। ଅଛି, ସଙ୍ଗରୋଧ (ସୋସିଆଲ୍ ଡିଷ୍ଟାନ୍ସିଂ) ମାନିବା, ଗହଳିକୁ ନ ଯିବା, ମୁଖା ପିନ୍ଧିବା, ହାତ ଧୋଇବା, ସଂସ୍ପର୍ଶରେ କିଏ ଆସିଛି ତାକୁ ଖୋଜି ତା'ର ଚିକିତ୍ସା ଦେଖିବା, ଲୋକମାନେ ନିଜେ ନିଜେ ଏକଲା ରହି (ଆତ୍ମସଂଯମ ବା ସେଲ୍ଫକ୍ୱାରାଣ୍ଟାଇନ ଅନୁସରଣ କରି) ସରକାରଙ୍କୁ ସାହାଯ୍ୟ କରିବା ଭଳି ଅବସ୍ଥା ଆଣିବାକୁ ପଡିବ, ସ୍କୁଲ କଲେଜ ଖୋଲିବା ବି ସେହି କଟକଣା ଭିତରେ ରହିବ, କୌଣସି ଅନୁଷ୍ଠାନ ପୂରାପୂରି ଏଭଳି କଟକଣା ନ ମାନିଲେ ତାହା ବନ୍ଦ ରଖାଯିବା ଉଚିତ ହେବ । ହର୍ଡ ଇମ୍ୟୁନିଟି ନାଁରେ ଲୋକଙ୍କୁ ମରିବାକୁ ଛାଡିବା ନାହିଁ ଏବଂ ଯଥେଷ୍ଟ ପରୀକ୍ଷା ନ କରି ତଥା ଉପଯୁକ୍ତ କଟକଣା ନ ରଖି ସାମୂହିକ ଟିକା ଦାନ ଆରମ୍ଭ କରିବା ନାହିଁ ।

Email:sahadevas@yahoo.com

# ଝିଅ ଜନମ ପର ଘରକୁ



ଡ. ଶ୍ରୀହରି ପଣ୍ଡା

କୁହାଯାଏ ଭାଗ୍ୟବାନଙ୍କୁ କନ୍ୟା ମିଳିଥାଏ । କାରଣ ଦୁନିଆରେ ଯେତେ ଦାନ ଅଛି ସବୁଠାରୁ ବଡ଼ ଦାନ କନ୍ୟାଦାନ । କନ୍ୟା କେବଳ ବାପଘରକୁ ଆନନ୍ଦ ଦିଏନି ପରନ୍ତୁ ତା'ର ସେବାଯତ୍ନରେ ଶ୍ୱଶୁର ଘରକୁ ମଧ୍ୟ ସ୍ୱର୍ଗରେ ପରିଣତ କରିଥାଏ । ଦୁହିତା ଦୁଇ କୁଳକୁ ହିତା । ଏଣୁ ଝିଅଟିଏ ଜନ୍ମ ହେଲେ ଉପଯୁକ୍ତ ସମୟରେ ବିବାହ କରି ବାପଘରୁ ପରଘରକୁ ଚାଲିଯାଏ, ସେଇଥିପାଇଁ ତାକୁ ପରଘରୀ ବୋଲି ମଧ୍ୟ କୁହାଯାଏ । 'ଝିଅ ଜନମ ପର ଘରକୁ' -ଏହି ଓଡ଼ିଆ ଢଗଟି ମୂଳରେ ରହିଛି ଓଡିଆ ନାରୀର ସମ୍ପୂର୍ଣ୍ଣ ଜୀବନଦର୍ଶନ ଓ ଜୀବନାଦର୍ଶ । ଏହାର ଆକ୍ଷରିକ ଅର୍ଥ ଏହା ଯେ ଝିଅ ଯେତେ ପଢିଥିଲେ କି ଯୋଗ୍ୟା ହୋଇଥିଲେ ମଧ୍ୟ ତା'ର ସ୍ଥାନ ପରଘରେ । ଝିଅ ମାତାପିତାଙ୍କର ଅଶେଷ ସ୍ନେହ ପ୍ରେମର ପିତୁଳାଟିଏ । ଛୋଟ ହେଉ ବା ବଡ଼ ହେଉ, ବିବାହିତା ହେଉ ବା ଅବିବାହିତା ହେଉ ସେ ମାତାପିତାଙ୍କର ଅମାପ ଶ୍ରଦ୍ଧାର ଅଧିକାରିଣୀ । ସେ ମଧ୍ୟ ପିତାମାତାଙ୍କ ପାଇଁ ଅଧିକ ଆକୁଳ ହୋଇଥାଏ । ପ୍ରଥମାବସ୍ଥାରୁ ମା'ର ହାତ ଧରି ଚାଲିଶିଖିବା ପରଠାରୁ ବୟସ ବଢିବା ସହିତ ମା'ର ସାହାଯ୍ୟକାରିଣୀ ପାଲଟିଯାଏ । ଝିଅ ଉପରେ ମା'ର ଯେତିକି ଅଧିକାର ସେତିକି ପୁଅ ଉପରେ ନ ଥାଏ। ପ୍ରତ୍ୟେକଟି କଥାରେ ଝିଅକୁ ଆଗ ଲୋଡା । ଝିଅଟିଏ ଜନ୍ମ ହେଲେ ମା' ମନରେ ଅଜଣା ଭୟ ସଂଚାର ହୁଏ। ଏଣୁ ଝିଅ ନୁହେଁ ବରଂ ପୁଅଟିଏ ପାଇବା ପାଇଁ ସେ କେତେ ଠାକୁରଙ୍କୁ ପ୍ରାର୍ଥନା କରେ, ଉପବାସ ରହି ମାନସିକ କରେ । ଆଜି ସମୟ ବଦଳିଲାଣି । ଏବେ ଅବଶ୍ୟ ଝିଅଟିଏ ଜନ୍ମ ନେଲେ ମା' ଆଉ ଭୟଭୀତ ହେଉନି କି ଶାଶୁ ଝିଅ ଜନ୍ମ କରିଥିବା ଅପରାଧରେ ତାକୁ ବାପଘରକୁ ପଠାଇ ଦେଉନି । ସ୍ୱାମୀ ମଧ୍ୟ ଗାଳି ଦେଉନି । ବୋଧହୁଏ ଆଜିର ସୀମିତ ପରିବାରରେ ଝିଅଟିଏ ଦରକାର ବୋଲି ସମସ୍ତେ ଚିନ୍ତା କଲେଣି କିଛି ବିକୃତ ମାନସିକ ରୋଗଗ୍ରସ୍ତ ମନୁଷ୍ୟଙ୍କ ଛଡ଼ା ।

କନ୍ୟାଟିଏ ବାପଘରେ ଲାଳିତପାଳିତ ହୋଇ, ଶିକ୍ଷା ସଂସ୍କାର ନେଇ ଶ୍ୱଶୁର ଘରକୁ ସଂସ୍କାରିତ, ସମୃଦ୍ଧ କରେ । ନିଜ ପରିବାରକୁ ଛାଡ଼ି ଅନ୍ୟ ଏକ ପରିବାରକୁ ଆପଣେଇ ନିଏ । ନିଜର ପରିଚିତି ହରାଇ ଏକ ନୂଆ ପରିଚୟରେ ବଞ୍ଚେ। ବାପଘରର ହସଖୁସିରେ ସମୟ କାଟୁଥିବା କନ୍ୟାଟି ଶ୍ୱଶୁର ଘରେ ଗୃହିଣୀ ପାଲଟି ଯାଏ। ପୁରୁଷ ବାହାରର ସମସ୍ତ ଦାୟିତ୍ୱ ନେଲାବେଳେ ସେ ଘରର ଯାବତୀୟ କାମର ଦାୟିତ୍ୱ ନିଏ। ପରିବାରର ବୃଦ୍ଧି ଏବଂ ଭାବୀ ବଂଶଧରକୁ ଉନ୍ନତମାନର ମଣିଷ କରି ଗଢି ତୋଳିବା କାର୍ଯ୍ୟ ତା' ମଧ୍ୟରୁ ଅନ୍ୟତମ। ସେ କାହା ପ୍ରତି ଅବହେଳା ପ୍ରଦର୍ଶନ କରି ନ ଥାଏ। ଯେତେ ଦୁଃଖ ଆସିଲେ ମଧ୍ୟ ତାକୁ ପଛରେ ପକାଇ ନିଜର କର୍ମରେ ସଦା ନିୟୋଜିତ ଥାଏ । ସୁଦୀର୍ଘ ଦଶମାସ ଗର୍ଭଧାରଣଠାରୁ ବକ୍ଷନିଗାଡ଼ି ଶିଶୁ ମୁଖରେ ଅମୃତ ଢାଳିଦେବା ଯାଏ ଥାଏ ମାତୃତ୍ୱର ପରାକାଷ୍ଠା । ସେଥିରେ ତା'ର ଦୁଃଖ ନାହିଁ କି ଅନୁଶୋଚନା ନାହିଁ; ଅଛି କେବଳ ଆତ୍ମତୃପ୍ତି, ମାତୃତ୍ୱର ସ୍ୱାଭିମାନ । କିନ୍ତୁ ଏବେ ବି ଏହି ତ୍ୟାଗର ମୂର୍ତ୍ତିକୁ ବୁଝିବାକୁ କିଛି ଅହଂକାରୀ ପୁରୁଷ ଅସମର୍ଥ। ନିଜ ଘରର ଭାବୀ ନିର୍ମାତ୍ରୀକୁ ଅପମାନିତ, ଲାଞ୍ଛିତ କରିବାକୁ କୁଣ୍ଠା କରନ୍ତି ନାହିଁ। ତାଙ୍କ ଦୃଷ୍ଟିରେ ନାରୀ ଏକ ଚାବିଦିଆ କଣ୍ଢେଇ। ଯେତେ ମୋଡିଲେ ସେତେ ଚାଲିବ। ସେ ଯେ ରକ୍ତ,ମାଂସର ମଣିଷଟିଏ। ତା'ର ବି ସାନ୍ତ୍ୱନା ଦରକାର, ଆଶ୍ୱାସନାର ହାତଟିଏ ଦରକାର। ସେମାନେ ଏହାକୁ ଭୁଲିଯାଇ କଥାକଥାକେ ଅତ୍ୟାଚାର କରିବାକୁ ପଶ୍ଚାଦପଦ ନୁହନ୍ତି। ସେଇଥିପାଇଁ ଏବେ ବହୁ ବାହାଘର ଅଳ୍ପ କେଇଟା ଦିନ ପରେ ଭାଙ୍ଗି ଯାଉଥିବା ଦେଖାଯାଉଛି । ଝିଅ ଶ୍ୱଶୁରଘର ଛାଡି ବାପଘରେ ରହୁଛି। ଏଥିରେ ଝିଅର ଭୁଲ୍ ଅପେକ୍ଷା ପୁରୁଷଙ୍କର ଅହଂକାର ଯଥେଷ୍ଟ ପରିମାଣରେ ଦାୟୀ । ପରଘରୁ ଆସିଥିବା କନ୍ୟାଟିକୁ ନିଜଘର ସ୍ନେହ, ଆଦରରେ ନ ବାନ୍ଧି ଯେଉଁ ଘର ଘୃଣା ଓ ତିରସ୍କାରରେ ବାନ୍ଧିବାର ଚେଷ୍ଟା କରୁଛି ସେହି ଘରର ଏ ଅବସ୍ଥା । ଯେତେଦିନ ଯାଏ ଏ ମାନସିକତାର ପରିବର୍ତ୍ତନ ନ ହୋଇଛି ପରଝିଅ ନିଜଘରର ସମ୍ମାନ ବୋଲି ସମାଜ ନ ବୁଝିଛି, ସେତେଦିନ ଯାଏ ଏ ରୋଗ ବଢିବ ପଛେ କମିବାର ନାମ ନେବ ନାହିଁ।

ନାରୀର ସୁଖରେ ଦେବତାମାନେ ସୁଖୀ ହୋଇଥାନ୍ତି ଏବଂ ସେହି ଘରକୁ ତ୍ୟାଗ କରନ୍ତି ନାହିଁ ବୋଲି ଜନଶ୍ରୁତି ଅଛି। ସ୍ତ୍ରୀକୁ ସମ୍ମାନ ପ୍ରଦର୍ଶନ କଲେ ଦେବତା ଆପ୍ୟାୟିତ ହୁଅନ୍ତି । ସେ ହିଁ ହେଉଛି ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧିର ବୀଜମନ୍ତ୍ର । ପ୍ରକୃତି ବିନା ପୁରୁଷ ଅସମାପ୍ତ, ଶକ୍ତି ବିନା ଶିବ ଅପୂର୍ଣ୍ଣ । ନାରୀ ବିନା ସମାଜ ଅସଙ୍ଗତ, ଅସୁନ୍ଦର । ସେଥିପାଇଁ ସମସ୍ତ ଶାସ୍ତ୍ର ପୁରାଣରେ ନାରୀର ଜୟଗାନ ହୋଇଛି । ଏହାକୁ ବୁଝିବା ଦରକାର, ଚିନ୍ତିବା ଦରକାର । ସେ ଜାୟା ହେଉ ବା ଭଗ୍ନୀ ହେଉ, ତା'ର ସ୍ୱାର୍ଥତ୍ୟାଗ, ବଳିଦାନ ଓ ଜୀବନକୁ ମନୋଜ୍ଞ ସୁନ୍ଦର କରିବାର ପରିକଳ୍ପନା ସର୍ବଦା ସ୍ୱୀକାର୍ଯ୍ୟ । ସେଥିପାଇଁ ତ କୁହାଯାଏ ଯେଉଁ ଘରେ ନାରୀମାନଙ୍କର ପୂଜା ହୁଏ ସେହିଘରେ ଦେବତାମାନେ ବାସ କରନ୍ତି । ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା ।''

ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ-୯୮୫୩୯୪୮୪୫୮

## ଏଇ ଭାରତରେ

କର୍ଣ୍ଣାଟକର ଜଣେ ପୋଲିସ ଅଧିକାରୀ ଦୁଇ ଅନାଥ ଭଉଣୀଙ୍କ ଜୀବନ ଗଢିବାରେ ଲାଗିଛନ୍ତି। ସେମାନଙ୍କ ପାଇଁ ଦୈନନ୍ଦିନର ଆବଶ୍ୟକତା ପୂରଣ କରିବା ସହ ସେମାନଙ୍କ ପାଇଁ ଏକ କୋଠା ଘର ମଧ୍ୟ ନିର୍ମାଣ କରିଛନ୍ତି। ଅଭିଭାବକ ହୋଇ ସ୍କୁଲ୍‌ରେ ବଡ ଭଉଣୀର ନାମ ଲେଖାଇ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ଲକ୍‌ଡାଉନ ପରେ ଫେସ୍‌ବୁକରେ ଦୁଇ ଭଉଣୀଙ୍କ ଦୁଃଖ ଦେଖି ଏର୍‌ଡିକୋଟେ ପୋଲିସଷ୍ଟେଶନର ଏଏସ୍‌ଆଇ ଏସ.ଡୋରେସ୍ୱାମୀ ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ବଡ଼ଭଉଣୀର ବୟସ ୧୭ ହୋଇଥିବାବେଳେ ସାନର ବୟସ ୧୪। ସେମାନେ ରହୁଛନ୍ତି ମହୀଶୂରଠାରୁ ୬୦କି.ମି. ଦୂର ଶ୍ରୀରାମ ହାଲି ଗାଁରେ। ପିଲାବେଳୁ ମାତାପିତାଙ୍କ ଦେହାନ୍ତ ପରେ ସେମାନେ ବୁଢ଼ୀମା' ପାଖରେ ବଢିଥିଲେ। ବୁଢ଼ୀମା' ୨୦୧୨ରେ ଆରପାରିକୁ ଚାଲିଗଲା ପରେ ଦୁହିଁଙ୍କ ଦୁର୍ଦ୍ଦଶା ବଢିଯାଇଥିଲା। ଏପ୍ରିଲରେ ସୋସିଆଲ ମିଡିଆରେ ତାହା ଦେଖିବା ପରେ ଡୋରେସ୍ୱାମୀ ତାଙ୍କ ସ୍ତ୍ରୀ ଓ ପୁଅଙ୍କ ସହ ହାଲିରେ ପହଞ୍ଚିବା ପରେ ସବୁ ସୁବିଧା ଥାଇ ସେମାନଙ୍କ ପାଇଁ ୩ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରି ଛାତ ଘରଟିଏ ଗଢିଦେଇଛନ୍ତି। ନିଜେ ଡୋରେସ୍ୱାମୀ ସେମାନଙ୍କ ଅଭିଭାବକ ହୋଇ ଏକ ଘରୋଇ ସ୍କୁଲରେ ବଡ଼ ଭଉଣୀର ନାମ ଲେଖିଛନ୍ତି। ଅନ୍‌ଲାଇନରେ କ୍ଲାସ କରିବା ପାଇଁ ଏକ ସ୍ମାର୍ଟଫୋନ ମଧ୍ୟ କିଣିଦେଇଛନ୍ତି। ପ୍ରତିମାସରେ ସେମାନଙ୍କ ଖର୍ଚ୍ଚ ଲାଗି ୧,୫୦୦ଟଙ୍କା ତାଙ୍କ ଦରମାରୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୫

- ଦକ୍ଷିଣ କୋରିଆର ରାଷ୍ଟ୍ରପତି ରୋତାଏ କ୍ଷମତାରେ ଥିବାବେଳେ ସରକାରୀ ପାଣ୍ଠିର ଅପବ୍ୟବହାର କରିଥିବାରୁ ସର୍ବସମ୍ମୁଖରେ କ୍ଷମାଭିକ୍ଷା କରିଛନ୍ତି।
- ବିଶ୍ୱବ୍ୟାଙ୍କର ଚାପରେ ରାଜ୍ୟ ସରକାର ବିଦ୍ୟୁତ୍ ଶୁଳ୍କ ୨୦%କୁ ବୃଦ୍ଧି କରିଛନ୍ତି।

## ଚିରନ୍ତନୀ

ଶୋକେ ଓଦା ନୀଳ ଭୁରୁ
ବହେ କି ପରାସ ଗୁରୁ
ନୀରବ ଧିଆନେ ଅବା
ନାହିଁ କହେ କଥା
ମୋ ବିରହେ ଲୁଚାଇଛି ବ୍ୟଥା !
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | 9 | | | | | 7 | | | | | |
| 3 | | 8 | | | C | 7 | | 0 | | 6 | 1 | | | E |
| E | C | | 4 | | D | B | | 5 | | A | | | 7 | |
| | | | | 5 | | | 6 | | | | 0 | | | A |
| D | 6 | | | | | | | | | | | 0 | 3 | |
| | 1 | 4 | C | | | | | | | | | | | 2 |
| 5 | | 6 | | 0 | E | | 8 | | | 4 | 9 | | | |
| | 3 | | | | 1 | | 9 | | | 0 | | C | E | |
| | | | | | A | | | | 8 | 1 | B | | | 3 |
| 2 | 8 | A | 7 | | 9 | | | | 6 | | | | | 4 |
| | | | | | | | | 7 | B | | 4 | | | |
| 9 | | | | | | A | | C | 1 | 3 | 6 | B | 5 | |
| | | | | 3 | | | B | | | 8 | D | 2 | C | |
| A | 4 | | 5 | 7 | | | | 3 | C | | | | | 8 |
| | | | | | | | | | | | A | | 9 | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 7 | 8 | 5 | B | 3 | E | 4 | 1 | 2 | 0 | C | A | D | 9 |
| E | 3 | 9 | 0 | 8 | D | 7 | C | 6 | A | 1 | 5 | B | 2 | 4 |
| 0 | B | 2 | A | 4 | 7 | D | 5 | 3 | 8 | 9 | 6 | 1 | E | C |
| 1 | A | C | E | 9 | 2 | 8 | 0 | B | D | 7 | 4 | 3 | 5 | 6 |
| 5 | D | 4 | 6 | 1 | C | 9 | A | 2 | E | B | 3 | 7 | 8 | 0 |
| B | 8 | 6 | 7 | 2 | 0 | 5 | E | 4 | 3 | C | 9 | D | 1 | A |
| 9 | 4 | 0 | D | 6 | 1 | 3 | 7 | A | B | 5 | 8 | E | C | 2 |
| 2 | E | D | 3 | A | 8 | 1 | 9 | C | 0 | 4 | 7 | 5 | 6 | B |
| 7 | C | 1 | 9 | 5 | E | B | 2 | 0 | 6 | A | D | 8 | 4 | 3 |
| 3 | 5 | A | 4 | C | B | 6 | D | 8 | 1 | E | 2 | 0 | 9 | 7 |
| C | 1 | B | 8 | D | 5 | A | 6 | 9 | 4 | 3 | 0 | 2 | 7 | E |
| 8 | 2 | 3 | C | 7 | 4 | 0 | B | E | 9 | D | 1 | 6 | A | 5 |
| 4 | 0 | 5 | 1 | E | 6 | C | 3 | D | 7 | 2 | A | 9 | B | 8 |
| A | 6 | E | 2 | 3 | 9 | 4 | 1 | 7 | 5 | 8 | B | C | 0 | D |
| D | 9 | 7 | B | 0 | A | 2 | 8 | 5 | C | 6 | E | 4 | 3 | 1 |

ଗତ ରବିବାରର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନପ୍ରତିନିଧିଙ୍କ ସମ୍ପତ୍ତି ଠାବ କରାଯାଉ

ମହାଶୟ,

ହାଇସ୍କୁଲର ଶିକ୍ଷକ ଓ କଲେଜ ଅଧ୍ୟାପକଙ୍କ ଘରୁ କୋଟି କୋଟି ଟଙ୍କାର କଳାଧନ ଜବତ କରାଯାଉଥିବା ବେଳେ ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧିଙ୍କ ଘରେ ଭିଜିଲାନ୍ସ ଓ ସିବିଆଇ ତରଫରୁ ଚଢାଉ କରାଯାଉନାହିଁ କାହିଁକି ? ଅନେକ ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧିଙ୍କ ପାଖରେ ଆୟ ବର୍ହିଭୂତ ସମ୍ପତ୍ତି ରହିଛି। ଏମାନେ ରାଜନୈତିକ ଏବଂ ପ୍ରଶାସନିକ କ୍ଷମତାର ଅପବ୍ୟବହାର କରି ସମ୍ପତ୍ତି ଠୁଳ କରୁଛନ୍ତି। ଏମାନେ ରଖିଥିବା କଳାଧନରେ ଭୂସମ୍ପତ୍ତି କ୍ରୟ କରି ଏହାକୁ ଧଳା କରୁଛନ୍ତି। କାରଣ ବେଞ୍ଚମାର୍କ ଭେଲୁଏସନ ଅନୁଯାଇ ମାତ୍ର ହଜାରେ ଟଙ୍କାରେ କିଣାଯାଉଥିବା ୧ ଡିସିମିଲ ଜମିର ବିକ୍ରେତାଙ୍କୁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଦିଆଯାଉଛି। ଏହି କଳାଧନକୁ ବିକ୍ରେତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରାଯାଉଛି। ଏହାଛଡା ଏମାନଙ୍କ ପାଖରେ କୋଟି କୋଟି ଟଙ୍କାର ସୁନା, ହୀରା ଆଦି ଅଳଙ୍କାର ରହିଛି। ସରକାରଙ୍କ ଦାରିଦ୍ର୍ୟ ଦୂରକାରୀ ଯୋଜନାଗୁଡ଼ିକ ଏମାନଙ୍କ ଯୋଗୁ ବିଫଳ ହେଉଛି। ସରକାରୀ ଯୋଜନାର ସିଂହଭାଗ ଏମାନଙ୍କ ଦ୍ୱାରା ଆତ୍ମସାତ ହେଉଛି। ଏମାନଙ୍କ ଆୟ ବର୍ହିଭୂତ ସମ୍ପତ୍ତିର ଖୋଳତାଡ ଠିକ୍‌ଭାବେ ହେଉନାହିଁ। ଏପରି ଚାଲିଲେ ବିକାଶ କଦାପି ସମ୍ଭବ ନୁହେଁ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜେଲ ଗଲେ ୫ ଅଭିଯୁକ୍ତ

ଗୋପ,(ଡି.ଏନ୍.ଏ.): ଗୋପ ଥାନା ଅଞ୍ଚଳରୁ ଲକ୍ଷାଧିକ ଟଙ୍କା ଲୁଟ୍ ଘଟଣାରେ ମଙ୍ଗଳବାର ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ବିଜୟ ଖଟୋଇ, ମାନସ ମହାନ୍ତି, ପିଣ୍ଟୁ ମଲ୍ଲିକ, ଅଶୋକ ସ୍ୱାଇଁ, ଦୁର୍ଗା ମହାନ୍ତି। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୨ ବନ୍ଧୁକ, ୫୦ ହଜାର ଟଙ୍କା, ଗୋଟିଏ କାର୍ ଜବତ ହୋଇଛି। କୋଣାର୍କ ଅଞ୍ଚଳର ଜଣେ ବ୍ୟବସାୟୀ ପ୍ରାୟ ଦୁଇ ମାସ ପୂର୍ବେ ୨ଲକ୍ଷ ଟଙ୍କା ଧରି ଫେରୁଥିବା ବେଳେ ତମ୍ପାଳ ଛକ ନିକଟରେ ଦୁର୍ବୃତ୍ତମାନେ ତାଙ୍କ ଗାଡ଼ି ଉପରକୁ ବୋମା ଫିଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ସେହିପରି ଏକ ଘରୋଇ ବ୍ୟାଙ୍କ କର୍ମଚାରୀ ୩ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା।

**ସଂକ୍ଷେପରେ**

## ଜେଲ ଗଲେ ଢାବା ମ୍ୟାନେଜର

### ମହିଳାଙ୍କୁ ବଳାତ୍କାର ଘଟଣା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ):** କ୍ୟାପିଟାଲ ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ଢାବାରେ ଜଣେ ମହିଳା କର୍ମଚାରୀଙ୍କୁ ବଳାତ୍କାର ଅଭିଯୋଗରେ ଉକ୍ତ ଢାବାର ମ୍ୟାନେଜର ସୁକାନ୍ତ ନାୟକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ଘର ନୟାଗଡ଼ ଜିଲାରେ ହୋଇଥିବାବେଳେ ସେ ଭୁବନେଶ୍ୱର ୟୁନିଟ-୩ରେ ରହି ଢାବାରେ ମ୍ୟାନେଜର କାମ କରୁଥିଲେ। ମାଷ୍ଟରକ୍ୟାଣ୍ଟିନ ବସ୍ଷ୍ଟାଣ୍ଡରୁ ବାହାରିବା ରାସ୍ତାରେ ଏକ ଢାବା ରହିଛି। ଲକ୍ଡାଉନ ପରେ ଏକ ଗରିବ ଦମ୍ପତି ସେଠାରେ ରହି କାର୍ଯ୍ୟ କରୁଥିଲେ। ଶନିବାର ସନ୍ଧ୍ୟାରେ ସୁକାନ୍ତ ମହିଳାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଏସମ୍ପର୍କରେ ମହିଳାଙ୍କ ସ୍ୱାମୀ ସୁକାନ୍ତଙ୍କୁ ପଚାରିବାରୁ ସେ ଓଲଟା ଧମକ ଦେଇ ମାଡ଼ ମାରିଥିଲେ। ଏ ସମ୍ପର୍କରେ ବାହାରେ କାହାକୁ ନ କହିବା ପାଇଁ ଚାପ ପକାଇବା ସହ ଆପୋସବୁଝାମଣା ପାଇଁ ବାଧ କରିଥିଲେ। ଘଟଣା ସମ୍ପର୍କରେ ରବିବାର ସକାଳୁ ମହିଳା ଜଣକ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଢାବାରେ ଚଢ଼ାଉ କରିବା ସହ ସୁକାନ୍ତଙ୍କୁ ଗିରଫ କରିଥିଲା।

## ଫାଣ୍ଡିରେ ଉତ୍ପାତ,୨ ଗିରଫ

**ଚୌଦ୍ୱାର,୨୭।୧୦(ଡି.ଏନ୍.ଏ.):** ଟିପିଏମ ଫାଣ୍ଡି ପରିସରରେ ମଦ୍ୟପାନ କରି ପାଟିତୁଣ୍ଡ କରିବା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଫାଣ୍ଡି ଅଧୀନ ଗୋଡ଼ିପାଟଣା ଗ୍ରାମର ପ୍ରକାଶ ବେହେରା ଓ ମୁରାଦ୍ଖାଁପାଟଣା ଗ୍ରାମର ଉମେଶ ସ୍ୱାଇଁ। ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ୨ଜଣ ଅତ୍ୟଧିକ ମଦ୍ୟପାନ କରି ଫାଣ୍ଡି ପରିସରରେ ଗାଳିଗୁଲଜ କରିବା ସହ ହୋହଲ୍ଲା କରୁଥିଲେ।

# ହାଇୱେ ପାଟ୍ରୋଲିଂ ପାଇଁ ମିଳୁନାହାନ୍ତି ଏସ୍‌ପିଓ

**ଓଡ଼ିଶା ପୋଲିସକୁ କୋଭିଡ୍ ବାଧକ**

- ସ୍ୱଳ୍ପ ଭଡ଼ା ଯୋଗୁ ଗାଡ଼ି ଦେବାକୁ ରାଜି ହେଉନାହାନ୍ତି ମାଲିକ
- ପୁଣି ନୋଟିସ ପ୍ରକାଶ କଲା ରାଜ୍ୟ ପୋଲିସ

ଭୁବନେଶ୍ୱର,୨୭।୧୦ (ବ୍ୟୁରୋ)

ରାଜ୍ୟରେ ଅଧିକାଂଶ ଦୁର୍ଘଟଣା ଜାତୀୟ ରାଜପଥରେ ହିଁ ଘଟୁଛି। ତେଣୁ ଏହାକୁ ରୋକିବା ପାଇଁ ହାଇୱେ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦେବାକୁ ସୁପ୍ରିମ୍‌କୋର୍ଟ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ପୋଲିସକୁ ଯୁଦ୍ଧକାଳୀନ ଭିତ୍ତିରେ ପାଟ୍ରୋଲିଂ କରିବାକୁ କହିଛନ୍ତି। ହେଲେ ଏବେ ପୋଲିସ ପାଟ୍ରୋଲିଂ ପାଇଁ ୨ଟି ସମସ୍ୟା ସୃଷ୍ଟି ହୋଇଛି। ପ୍ରଥମତଃ କୋଭିଡ୍ ଯୋଗୁ ଏସ୍‌ପିଓ ଆବେଦନ କରୁ ନ ଥିବା ବେଳେ ୨ୟରେ କମ୍ ଭଡ଼ା ମିଳୁଥିବା କାରଣରୁ ପାଟ୍ରୋଲିଂ ପାଇଁ ଗାଡ଼ି ମିଳୁନି।

ପ୍ରକାଶ ଯେ, ହାଇୱେ ପାଟ୍ରୋଲିଂ ଭ୍ୟାନ୍‌ରେ ଏସ୍‌ପିଓଙ୍କୁ ନିଯୁକ୍ତି ଦିଆଯିବା କଥା। ଯେଉଁମାନେ ସେନା ଏବଂ ପୋଲିସ ବିଭାଗରୁ ଅବସର ନେଇଥିବେ ସେହିମାନଙ୍କୁ ଏହି ହାଇୱେ ପାଟ୍ରୋଲିଂରେ କାର୍ଯ୍ୟ କରିବାକୁ ଦିଆଯିବ। କିନ୍ତୁ କୋଭିଡ୍ ଭୟରେ କୌଣସି ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରୁନାହାନ୍ତି। କାରଣ ଯେଉଁମାନେ ଏସ୍‌ପିଓ ଭାବେ ନିୟୋଜିତ ହେବେ ସେମାନଙ୍କ ବୟସ ୬୦ ଉପରେ ହେବ। ସେମାନଙ୍କ କାର୍ଯ୍ୟ ରାଜପଥରେ ରହୁଥିବାରୁ ସେମାନେ ଏକାଧିକ ଥର ବାହାର ରାଜ୍ୟର ଡ୍ରାଇଭର ଏବଂ ଭିନ୍ନ ଭିନ୍ନ ଲୋକଙ୍କ ସହ ମିଳାମିଶା କରିବେ। ଯେଉଁଥିପାଇଁ ସେମାନଙ୍କୁ କୋଭିଡ୍ ହେବାର ଅଧିକ ସମ୍ଭାବନା ରହିଛି। ବୟସକୁ ଦୃଷ୍ଟିରେ ରଖି ଅନେକ ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରୁନାହାନ୍ତି। ଆଉଏକ କାରଣ ହେଉଛି ଏସ୍‌ପିଓଙ୍କୁ ୨୪ଘଣ୍ଟା କାର୍ଯ୍ୟ କରିବାକୁ କୁହାଯାଉଛି। ଯେଉଁଥିପାଇଁ ଅନେକ ଏଥିରେ ଯୋଗଦେବାକୁ ରାଜି ହେଉ ନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ବିଭାଗ ଏସ୍‌ପିଓଙ୍କ କାର୍ଯ୍ୟକୁ ୨୪ଘଣ୍ଟାରୁ ୮ଘଣ୍ଟାକୁ କମ୍ କରିବା ସହ ଏନେଇ ମଙ୍ଗଳବାର ଏକ ସାନି ବିଜ୍ଞପ୍ତି ପ୍ରକାଶ କରିଛି।

ସେହିପରି ଦ୍ୱିତୀୟ ସମସ୍ୟା ହେଲା ପାଟ୍ରୋଲିଂ ପାଇଁ ଆବଶ୍ୟକ ଭ୍ୟାନ୍ ମିଳୁନି। ରାଜ୍ୟ ପୋଲିସ ଭ୍ୟାନ୍‌ଭଡ଼ାରେ ଲଗାଇବାକୁ ୨ଥର ଟେଣ୍ଡର କରିଥିଲେ ମଧ୍ୟ କୌଣସି ଗାଡ଼ି ମାଲିକ ଆବେଦନ କରୁନାହାନ୍ତି। ଯେଉଁଥିପାଇଁ ପୋଲିସ ପୁଣି ତୃତୀୟ ଥର ମଙ୍ଗଳବାର ସାନି ନୋଟିସ ବାହାର କରିଛି। ଏଥର ଟେଣ୍ଡରରେ କିଛିଟା ପରିବର୍ତ୍ତନ କରିଛି ପୋଲିସ। ହାଇୱେ ପାଟ୍ରୋଲିଂ ପାଇଁ ଭଡ଼ାକୁ ଲଗାଉଥିବା ଗାଡ଼ି ମାଲିକଙ୍କୁ ପୂର୍ବରୁ ମାସକୁ ଭଡ଼ା ଆକାରରେ ୩୦ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏଥର ଏହି ଭଡ଼ାକୁ ୭୦ହଜାରକୁ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଦ୍ୱାରା ଭ୍ୟାନ୍ ପାଇଁ ଗାଡି ମିଳିପାରିବ ବୋଲି ପୋଲିସ ବିଭାଗ ଆଶା ରଖିଛି।

# ଡକାୟତି ଯୋଜନା, ୪ଗିରଫ

**୧ଲକ୍ଷ ଟଙ୍କା, ମାରଣାସ୍ତ୍ର, କାର, ବାଇକ୍ ଜବତ**

ଖୋର୍ଦ୍ଧା ଅଫିସ,୨୭।୧୦

ଖୋର୍ଦ୍ଧା ଟାଉନ ପୋଲିସ ରବିବାର ରାତିରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଡକାୟତି ଗ୍ୟାଙ୍ଗ୍‌ର ୪ସଦସ୍ୟଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନେ ହେଲେ ଆଦର୍ଶ ଥାନା କୁମାରବସ୍ତ ଗ୍ରାମ ପ୍ରଧାନସାହିର ଆଶିଷ ରଞ୍ଜନ ପ୍ରଧାନ ଓରଫ କାହ୍ନା, ଗୁରୁଜଙ୍ଗ ମାଳିସାହିର ଚିନ୍ମୟ ମହାପାତ୍ର ଓରଫ ଚିନୁ, ଗୁରୁଜଙ୍ଗ କୋଚିଲା କଣସାହିର ସୋମନାଥ ସାହୁ ଓରଫ ସୁରେଶ, ଦଶପଲ୍ଲା ଥାନା ଅଧୀନ ଖଣ୍ଡପଡ଼ାର ସୁଜିତ କୁମାର ଦାଶ। ସୋମବାର ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲକୁ ପଠାଇଦିଆଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କାର୍, ବାଇକ୍, ଖଣ୍ଡା, ୨ଟି ଲୁହାରଡ୍ ଏବଂ ୧ଲକ୍ଷ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୬୯/୨୦) ରୁଜୁ ହୋଇଛି। ଅନ୍ୟପଟେ ପୋଲିସ ଲକ୍ଷାଧିକ ଟଙ୍କା ନେଇ ୨ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଛାଡ଼ିଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଅଭିଯୋଗକୁ ଥାନାଧିକାରୀ ଉମାଶଙ୍କର ସିଂ ଖଣ୍ଡନ କରିଛନ୍ତି। ଏକ ଡକାୟତି ଯୋଜନା ଉଦ୍ୟମ ଚାଲିଥିବା ଖବରପାଇ ପାଟ୍ରୋଲିଂ ଟିମ୍ ଚଢ଼ାଉ କରିଥିଲା ବୋଲି ସେ କହିଛନ୍ତି।

# ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା



**କୃଷ୍ଣପ୍ରସାଦ,୨୭।୧୦(ଡି.ଏନ୍.ଏ.):** ରାଶନ କାର୍ଡ ଦାବିରେ ମଙ୍ଗଳବାର ସାମାଜିକ କର୍ମୀ ଭାରତ ବେହେରାଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ହୁଞ୍ଜଣ ଏବଂ ପାଟନାସୀ ଗ୍ରାମର କେତେଜଣ ବ୍ୟକ୍ତି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ପହଞ୍ଚି ୭ଦିନ ମଧ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୭ଦିନ ମଧ୍ୟରେ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସାମାଜିକ କର୍ମୀ ଭାରତ କହିଛନ୍ତି।

## ୬ ଲକ୍ଷ ଦାଦାବଟି ମାଗି ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୧୦ (ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ୬ ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ପାତ୍ରପଡ଼ା ପାଟ୍ଟଶାଣୀ ସାହିର ଚୈତନ୍ୟ ପାଟ୍ଟଶାଣୀ। ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରେ ରହୁଥିବା ତପନ କୁମାର ନାୟକଙ୍କ ପାତ୍ରପଡ଼ା ଅଞ୍ଚଳରେ ଏକ ପାଉଁରୁଟି ଫ୍ୟାକ୍ଟ୍ରି ରହିଛି। ତେବେ ଫ୍ୟାକ୍ଟ୍ରି ଚଳାଇବାକୁ ହେଲେ ୬ ଲକ୍ଷ ଟଙ୍କା ଦାଦାବଟି ଦେବାକୁ ପଡ଼ିବ ବୋଲି ଅଭିଯୁକ୍ତ ଚୈତନ୍ୟ ତପନଙ୍କୁ କହିବା ସହ ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତପନଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୬୮୬/୨୦)ରୁଜୁ କରିଛି।

## ସାକ୍ଷୀଗୋପାଳ ମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ

**ସାକ୍ଷୀଗୋପାଳ, ୨୭।୧୦(ଡି.ଏନ୍.ଏ.):** ପରମ୍ପରାକ୍ରମେ ମଙ୍ଗଳବାର ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିରରେ ମହାକାର୍ତ୍ତିକ ନୀତି ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ ବିଭିନ୍ନ ନୀତି ପରେ ସାକ୍ଷୀଗୋପାଳଙ୍କ ନଟବର ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ପ୍ରତ୍ୟହ ସକାଳେ ୯ଟାରୁ ବାଲଧୂପ ଶେଷ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଦେଖିବାର ସୁଯୋଗ ମିଳିଥାଏ। କିନ୍ତୁ ଚଳିତବର୍ଷ କରୋନା କଟକଣା ଯୋଗୁ ଭକ୍ତମାନେ ଏହି ବେଶ ଦର୍ଶନ ସୁଯୋଗରୁ ବଞ୍ଚିତ ହୋଇଛନ୍ତି।


भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
Admission into Ph.D. Programme
(Spring Session: January – 2021)
ONLINE applications are invited from eligible candidates for admission into Ph.D. Programme in the Schools of Earth Ocean & Climate Sciences, Infrastructure, Electrical Sciences (inclusive of Comp. Sc. & Engg.), Mechanical Sciences, Minerals, Metallurgical and Materials Engineering, Basic Sciences, Humanities, Social Sciences and Management. For further details, visit our website http://www.iitbbs.ac.in
Sd./- Registrar


# ବାପାଙ୍କ ଚକ୍ଷୁଦାନ ଇଚ୍ଛାକୁ ପୂରଣ କଲେ ଝିଅ

**ପିପିଲି,୨୭।୧୦(ସ୍ୱ.ପ୍ର.):** ପିପିଲି ପୋପରଙ୍ଗା ପଞ୍ଚାୟତ ଅର୍ଜ୍ଜୁନଗୋଦା ଗ୍ରାମର କର୍ଣ୍ଣ ସେଠୀ ହୃଦ୍‌ଘାତରେ ପୀଡ଼ିତ ଥିଲେ। ବଞ୍ଚିବାର ଆଶା କମିଯାଉଥିବାରୁ ଝିଅକୁ ଡାକି କହିଥିଲେ, ମୋତେ ଯେଉଁ ରୋଗ ହୋଇଛି କେତେବେଳେ କ'ଣ ହେବ ତାହା କହିହେବନି। କିନ୍ତୁ ମୋର ଗୋଟିଏ ଶେଷ ଇଚ୍ଛା ପୂରଣ କରିବୁ। ମୁଁ ସିନା ଦୁନିଆରୁ ହଜିଯାଇ କିଛି ଦେଖିପାରିବିନି, ହେଲେ ମୋ ଆଖିରେ ଅନ୍ୟକୁ ଦୁନିଆ ଦେଖାଇବି। ତେବେ ସୋମବାର କର୍ଣ୍ଣଙ୍କ ମୃତ୍ୟୁ ପରେ ବାପାଙ୍କ ଏହି ଇଚ୍ଛାକୁ ପୂରଣ କରିଛନ୍ତି ତାଙ୍କ ଝିଅ କଳ୍ପନା। ସୋମବାର ପୂର୍ବାହ୍ନରେ କର୍ଣ୍ଣଙ୍କୁ ହୃଦଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ପିପିଲି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ପରେ ପୋଲିସ ନଂ. ୬୨/୨୦ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲା। କର୍ଣ୍ଣ ଜଣେ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘର ବରିଷ୍ଠ ସଦସ୍ୟ ଥିଲେ। ତାଙ୍କ ଝିଅ କଳ୍ପନା ବି ଜଣେ ସଂଘର କର୍ମୀ ଥିଲେ। ତେଣୁ ସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ସହଯୋଗକ୍ରମେ ବାପାଙ୍କ ଶେଷଇଚ୍ଛା ମୁତାବକ ପରିବାର ଲୋକଙ୍କ ସୀକୃତି କ୍ରମେ ପୁରୀ ମେଡିକାଲରେ କର୍ଣ୍ଣଙ୍କ ଚକ୍ଷୁ ବାହାର କରାଯାଇଥିଲା। ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ସୁଜତା ମିଶ୍ରଙ୍କ ଅନୁମତିକ୍ରମେ ଚକ୍ଷୁ ବ୍ୟାଙ୍କ ପକ୍ଷରୁ ପରିବାର ଲୋକଙ୍କୁ ଏକ ପ୍ରମାଣପତ୍ର ଦିଆଯାଇଛି।


WANTED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। Salary: 9000/- to 27,000/. Qualification- 7th to 10th & above.
Contact:8144204606

ଚେନ୍ନାଇରେ ଚାକିରି/ ହିନ୍ଦୀ କହିପାରୁଥିବା ଜରୁରୀ/ତୁରନ୍ତ ଯୋଗଦେବା ଆବଶ୍ୟକ/ ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ଘର ସଫେଇବାଲା/ ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ
9884761210

WALK-IN-INTERVIEW
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ ।
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

दक्षिण पूर्व मध्य रेलपथ / ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ୱେଲ୍‌ଡିଂ ଅଂଶ ଏବଂ ରେଳ ଜଏଣ୍ଟର ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି
(୧) ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଆର୍-ଟି-୬୦-୨୦-୨୧ ତାରିଖ: ୧୯।୧୦।୨୦୨୦
କାର୍ଯ୍ୟ: ଡିଇଏନ୍/॥/ରାୟପୁର ଡିଭିଜନଙ୍କ କ୍ଷେତ୍ରାଧିକାର ଅଧୀନରେ ତତ୍ତ୍ୱାବଧାନ, ସାଧନ ଓ କାରଖାନା ତଥା ବ୍ୟବହାର୍ଯ୍ୟ ସାମଗ୍ରୀ ଇତ୍ୟାଦି ସମେତ ୱେଲ୍‌ଡିଂ ଅଂଶ (୩୫୦୦ ଜଏଣ୍ଟ)ର ଯୋଗାଣ ଏବଂ ଆଲୁମିନୋ ଥର୍ମିକ୍ ଏସ୍‌କେଭି ପ୍ରକ୍ରିୟା (ଅଟୋମେଟିକ ଟ୍ୟାପିଂ ଥିମ୍ବଲ୍ ଟେକ୍ନୋଲୋଜି ସହିତ ସିଙ୍ଗଲ ଶଟ୍ କ୍ରୁସିବଲ୍) ଦ୍ୱାରା ରେଳ ଜଏଣ୍ଟର ୱେଲ୍‌ଡିଂ ଟେଣ୍ଡର ମୂଲ୍ୟ: ₹୧,୫୨,୪୦,୯୫୧/-। ଇଏମ୍‌ଡି: ₹୨,୭୬,୨୦୦/-। ଟେଣ୍ଡର ଦାଖଲ: ତା୧୯।୧୧।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ତା୧୯।୧୧।୨୦୨୦ରିଖ ୧୧.୦୦ ଘଟିକା।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ, ଦୟାକରି ସିନିୟର ଡିଇଏନ୍ (କୋ.)/ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ ।
ଡିଭିଜନାଲ ଇଞ୍ଜିନିୟର (॥) ଏସ୍.ଇ.ସି. ରେଳପଥ, ରାୟପୁର
PR/R/Engg./AN/96
South East Central Railway @secrail


## 'ସରକାରୀ କର୍ମଚାରୀ ଦୁର୍ନୀତି ମୁକ୍ତ ରହିବା ଦରକାର'

**କଟକ ଅଫିସ,୨୭।୧୦:** ଜଣେ ସରକାରୀ କର୍ମଚାରୀ କିମ୍ବା ଅଧିକାରୀ ନିଜର ଚିନ୍ତାଧାରା, ବ୍ୟବହାର ଓ ସରକାରୀ କାର୍ଯ୍ୟ ସମ୍ପାଦନରେ ଦୁର୍ନୀତି ମୁକ୍ତ ରହିବା ଦରକାର। ନିଜ କାର୍ଯ୍ୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହିତ ଜନସାଧାରଣଙ୍କୁ ମୂଲ୍ୟବୋଧ ଭିତ୍ତିକ ସେବା ଯୋଗାଇବା, ଅନୁଷ୍ଠାନର ସୁନାମ ବଜାୟ ରଖିବା ପାଇଁ ଶପଥ ନେବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ମତ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚୟନୀ ଏଥିରେ ଅଧ୍ୟକ୍ଷତା କରି ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଜୟ କୁମାର ଖଣ୍ଡାୟତରାୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଷ୍ଟାଫ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ଷ୍ଟାଫ କମିଟି ସଭାପତି ବିଶ୍ୱମୋହନ ମହାପାତ୍ର ଧନ୍ୟବାଦ ଦେଇଥିଲେ।


इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
(୨୦୨୧-୨୨ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-X)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆରପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୦/ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି ।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-I) |
| ୦୨ | ଏଗ୍ରିକଲ୍‌ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍ I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ I) |
| ୦୪ | ଲ' ଅଫିସର୍ (ସ୍କେଲ୍ I) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ I) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ I) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୨।୧୧।୨୦୨୦-୨୩।୧୧।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୨।୧୧।୨୦୨୦-୨୩।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ୨୬।୧୨।୨୦୨୦ ଓ ୨୭।୧୨।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ୨୪।୦୧।୨୦୨୧ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ତା୦୨।୧୧।୨୦୨୦ରିଖର ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୨୮।୧୦।୨୦୨୦ ନିର୍ଦ୍ଦେଶକ

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIIIBBS 2020056, ତା.20.10.2020ରିଖ
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରାଜଆଠଗଡ଼ ଦେଇ ସାଳଗାଁ ଏବଂ ବୃନ୍ଦାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପର ସାଳଗାଁ ଏବଂ ରାଜଆଠଗଡ଼ ସେକ୍ସନ ଖୋଲାଯିବା ସମ୍ବନ୍ଧୀୟ ସ୍ଲୋପ୍ ରକ୍ଷଣ (Slop protection) କାର୍ଯ୍ୟ, ରୋଡ୍ ଡାଇଭର୍ସନ (Diversion) କାର୍ଯ୍ୟ, ବୋଲ୍ଡର ପିଚିଙ୍ଗ୍, ଡ୍ରେନ୍ କଭର, ଟ୍ରଲି ରିଫ୍ୟୁଜି ସ୍ଥାନଗୁଡ଼ିକରେ ସ୍ଲାବ, ବ୍ରିଜ୍ ସ୍ଥାନଗୁଡ଼ିକ ଠାରେ ଯାଞ୍ଚ ସିଢ଼ି (Inspection steps), ରେଳବାଇ ଷ୍ଟ୍ରକ୍ଚର/ପୋଷ୍ଟ/ବୋର୍ଡ, ବ୍ରିଜ୍‌ଗୁଡ଼ିକର ପେଣ୍ଟିଙ୍ଗ୍ ଇତ୍ୟାଦି ଭଳି ବିବିଧ କାର୍ଯ୍ୟ ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 522.94 ଲକ୍ଷ, EMD (ଟଙ୍କାରେ) : 4,11,500/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.11.2020 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ଟେଣ୍ଡର ମୂଲ୍ୟର ଅଧା ପ୍ରତିଶତ ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଜମା କରିବାକୁ ହେବ, ଯେଉଁ ପରିମାଣରେ 10%ରୁ କମ୍ ପ୍ରସ୍ତାବ ଦିଆଯାଇଛି ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟର୍ଡ଼ ଆକାଉଣ୍ଟେଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍ର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-59/CD/20-21



DSPL - 88



ସତ୍ୟମେବ ଜୟତେ

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୦ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଦୁର୍ନୀତି ପ୍ରଗତି ପଥରେ ମୁଖ୍ୟ ଅନ୍ତରାୟ । ଗଣତନ୍ତ୍ରର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ମୌଳିକ ସେବା ପ୍ରଦାନ ଓ ନ୍ୟାଯ୍ୟ ଅଧିକାରରୁ ଏହା ଆମକୁ ବଞ୍ଚିତ କରିଥାଏ ଏବଂ ଏକ ମର୍ଯ୍ୟାଦାଜନକ ଜୀବନଯାପନର ଆକାଂକ୍ଷାକୁ ପ୍ରତିହତ କରିଥାଏ । ସାମାଜିକ ଓ ଅର୍ଥନୈତିକ ନ୍ୟାୟ ପ୍ରଦାନ ଦିଗରେ ମଧ୍ୟ ଏହା ଏକ ପ୍ରମୁଖ ବାଧକ ।

ଆମ ସରକାର ଦୁର୍ନୀତି ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛି । ଜନସାଧାରଣଙ୍କୁ ଦୁର୍ନୀତିମୁକ୍ତ ସେବା ଯୋଗାଇ ଦେବା ସହିତ ବିକାଶ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକରେ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱ ବଜାୟ ରଖିବା ନେଇ ଆମେ ପ୍ରତିଶ୍ରୁତିବଦ୍ଧ । ପ୍ରଶାସନିକ ବ୍ୟବସ୍ଥା ତଥା ମୌଳିକ ସେବା ପ୍ରଦାନକୁ ଦୁର୍ନୀତିମୁକ୍ତ କରିବା ପାଇଁ ଅନୁସୃତ ହେଉଥିବା 5'T' ଉପକ୍ରମରେ ସ୍ୱଚ୍ଛତାକୁ ଅଗ୍ରାଧିକାର ଦିଆଯାଉଛି । ସେହିପରି "ମୋ ସରକାର" ଉପକ୍ରମ ଦ୍ୱାରା ବିଭିନ୍ନ ଜନସେବା ପ୍ରଦାନକାରୀ ସରକାରୀ ବିଭାଗ ଦ୍ୱାରା ପ୍ରଦତ୍ତ ଲୋକସେବାକୁ ଦୁର୍ନୀତିମୁକ୍ତ, ଅବାଧ ତଥା ସ୍ୱଚ୍ଛ କରାଇବା ନିମନ୍ତେ ବହୁସ୍ତରୀୟ ତଦାରଖ ବ୍ୟବସ୍ଥା ସହିତ ଜନସାଧାରଣଙ୍କ ମତାମତ ସଂଗ୍ରହକୁ ଯଥାଯଥ ଗୁରୁତ୍ୱ ପ୍ରଦାନ କରାଯାଉଛି ।

ଚଳିତ ବର୍ଷ ଆମ ରାଜ୍ୟରେ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ "ଦୁର୍ନୀତି ନିବାରଣ ସଚେତନତା ସପ୍ତାହ" ପାଳନ କରାଯାଉଥିବାରୁ ଏ ଅବସରରେ ମୁଁ ଆମ ରାଜ୍ୟର ଦୁର୍ନୀତି ନିବାରଣ ବିଭାଗକୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ସମୟରେ ଦୁର୍ନୀତି ନିବାରଣ ପ୍ରକ୍ରିୟାକୁ ଆହୁରି ଅଧିକ ଉତ୍ତରଦାୟୀ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରୁଛି । ରାଜ୍ୟର ପ୍ରତ୍ୟେକ ଜନସେବକ ସର୍ବାଧିକ ସାଧୁତା ଓ ସ୍ୱଚ୍ଛତା ସହିତ ଜନସେବା ଯୋଗାଇଦେବା ନିମନ୍ତେ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ନିମନ୍ତେ ବ୍ରତୀ ହୁଅନ୍ତୁ ବୋଲି ଦୃଢ଼ ଆଶା ପୋଷଣ କରୁଛି ।

ଦୁର୍ନୀତିର ମୂଳୋତ୍ପାଟନ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ । ଏହାର ପ୍ରକୃତ କାର୍ଯ୍ୟକାରିତା ରାଜ୍ୟର ଜନସାଧାରଣ ତଥା ସମାଜର ସବୁ ବର୍ଗର ଲୋକଙ୍କର ସମ୍ମିଳିତ ତଥା ସ୍ୱତଃପ୍ରବୃତ୍ତ ସହଯୋଗ ଏବଂ ସହଭାଗିତା ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଦୁର୍ନୀତିବିହୀନ ସମାଜ ଗଠନ ପାଇଁ ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଏଥି ନିମନ୍ତେ ଦୃଢ଼ସଂକଳ୍ପ ହୋଇ ଆଗେଇ ଆସିବା ସହ ଦୁର୍ନୀତି ନିରାକରଣ ପ୍ରକ୍ରିୟାରେ ସ୍ୱତଃପ୍ରବୃତ୍ତ ଭାବରେ ଅଂଶ ଗ୍ରହଣ କରିବା ପାଇଁ ମୁଁ ଏ ଅବସରରେ ଆହ୍ୱାନ ଦେଉଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-09002/13/0002/2021

# ଛାତ୍ରବୃତ୍ତି, ସୁମଙ୍ଗଳ ପୋର୍ଟାଲ ଉନ୍ମୋଚିତ

■ ଉପଲବ୍ଧ ହେବ ସମସ୍ତ ତଥ୍ୟ
■ ଉପକୃତ ହେବେ ୧୧ ଲକ୍ଷ ଛାତ୍ରୀଛାତ୍ର
■ ଆନ୍ତଃ ଜାତି ବିବାହ ପାଇଁ ସ୍ୱତନ୍ତ୍ର ପୋର୍ଟାଲ
■ ୬୦ ଦିନରେ ମିଳିବ ପ୍ରୋତ୍ସାହନ ରାଶି

ଭୁବନେଶ୍ୱର,୨୭ା୧୦(ବ୍ୟୁରୋ)

ସରକାରୀ ଛାତ୍ରବୃତ୍ତିପାଇଁ ଛାତ୍ରୀଛାତ୍ରମାନଙ୍କୁ ଏବେ ବିଭିନ୍ନ ବିଭାଗର ଭିନ୍ନ ଭିନ୍ନ ପୋର୍ଟାଲ ବ୍ୟବହାର କରିବାକୁ ପଡ଼ିବ ନାହିଁ। ମାତ୍ର ଗୋଟିଏ ପୋର୍ଟାଲ www.scholarship.odisha.gov.inରେ କ୍ଲିକ୍ କରି ପିଲାମାନେ ସେମାନଙ୍କ ଛାତ୍ରବୃତ୍ତି ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ରାଜ୍ୟର ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ଛାତ୍ରବୃତ୍ତି ପୋର୍ଟାଲ ଓ ସୁମଙ୍ଗଳ ପୋର୍ଟାଲର ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ ଅବସରରେ ଏନେଇ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବୈଷୟିକ ବିଦ୍ୟାର ପ୍ରୟୋଗ ଦ୍ୱାରା ହିଁ ସାଧାରଣ ଲୋକଙ୍କୁ ଦକ୍ଷତା ଓ ସ୍ୱଚ୍ଛତାର ସହ ଠିକ୍ ସମୟରେ ଉତ୍କୃଷ୍ଟ ସେବା ଯୋଗାଇ ଦିଆଯାଇ ପାରିବ। ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ପାଇଁ ବୈଷୟିକ ବିଦ୍ୟାର ବ୍ୟାପକ ପ୍ରୟୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାରଙ୍କ ୬ଟି ବିଭାଗ ଅଧୀନରେ ୨୧ ଛାତ୍ର ବୃତ୍ତି ପ୍ରଦାନ କରାଯାଉଛି। ଏବେ ଏକକ ପୋର୍ଟାଲ ଦ୍ୱାରା ବୃତ୍ତି ପ୍ରଦାନ କରୁଥିବା ସରକାରୀ ବିଭାଗ ଓ ଆଶାୟୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୂରତ୍ୱ କମିଯିବ। ସେମାନେ ଘରେ ବସି ସୁବିଧାରେ ଆବେଦନ କରିପାରିବେ ଏବଂ ନିର୍ଦ୍ଦିଷ୍ଟ ସମୟରେ ବୃତ୍ତି ପାଇ ପାରିବେ। ଅନୁସୂଚିତ ଜାତି ଓ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ, ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏହି ବୃତ୍ତିର ସୁବିଧା ପାଇବାରେ ସର୍ବାଗ୍ରେ ରହୁଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଦୁର୍ବଳ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା ସୁବିଧା ଯୋଗାଇବାରେ ରାଜ୍ୟ ସରକାର ପ୍ରାଥମିକତା ଦେଇଆସିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଶ୍ରମ ଓ କର୍ମଚାରୀ ବୀମା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କୃଷି ବିଭାଗର ସମସ୍ତ ବୃତ୍ତି କାର୍ଯ୍ୟକ୍ରମ ଏହି ପୋର୍ଟାଲରେ ପରିଚାଳିତ ହେବ। ରାଜ୍ୟ ଟ୍ରେଜେରି ସହିତ ଏହି ପୋର୍ଟାଲକୁ ଲିଙ୍କ୍ କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟରେ ବୃତ୍ତି ରାଶି ସିଧାସଳଖ ଜମା ହୋଇପାରିବ।

ସେହିପରି ସୁମଙ୍ଗଳ ପୋର୍ଟାଲ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆନ୍ତଃ ଜାତି ବିବାହ ଦ୍ୱାରା ସାମାଜିକ ଏକତା ବଢ଼ିବା ସହ ଜାତିଗତ ଭେଦଭାବ ହ୍ରାସ ହେବ। ସମାଜରେ ସମାନତା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବୃଦ୍ଧି ହେବ। ସୁମଙ୍ଗଳ ପୋର୍ଟାଲ ଏ ଦିଗରେ ବହୁ ପରିମାଣରେ ସହାୟକ ହେବ। ସୁମଙ୍ଗଳ ପୋର୍ଟାଲ www.sumangal.odisha.gov.inରେ ଆବେଦନ କଲେ ଆନ୍ତଃ ଜାତି ବିବାହ କରିଥିବା ଯୋଗ୍ୟ ହିତାଧିକାରୀ ୬୦ ଦିନରେ ପ୍ରୋତ୍ସାହନ ରାଶି ଆକାରରେ ଅଢ଼େଇ ଲକ୍ଷ ଟଙ୍କା ପାଇପାରିବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, କେବଳ ଏହି ବିଭାଗରେ ୬ ଲକ୍ଷ ଛାତ୍ରୀଛାତ୍ର ବୃତ୍ତିର ସୁବିଧା ପାଉଛନ୍ତି। ୫-ଟି କାର୍ଯ୍ୟକ୍ରମ ବ୍ୟାପକ ପରିବର୍ତ୍ତନର ସୁଯୋଗ ଆଣିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ସଚିବ ସୌରଭ ଗର୍ଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ଜିଲାପାଳ ଓ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।



ପୋର୍ଟାଲ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ଦନ୍ତା ହାତୀ ମୃତଦେହ ଉଦ୍ଧାର


ମରି ପଡ଼ିଥିବା ଦନ୍ତା ହାତୀ।

ବଇଣ୍ଡା,୨୭ା୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ କଦଳୀମୁଣ୍ଡା ସେକ୍ସନ ଟେଣ୍ଟେଇପାଲି ଜଙ୍ଗଲରୁ ରବିବାର ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଛି। କେଉଁ କାରଣରୁ ହାତୀର ମୃତ୍ୟୁ ହୋଇଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ ଅସୁସ୍ଥତା ଯୋଗୁ ଜୀବନ ଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। କଦଳୀମୁଣ୍ଡା ଜଙ୍ଗଲରୁ ହାତୀଟି ୨ ଦିନ ହେବ ଟେଣ୍ଟେଇପାଲି ଜଙ୍ଗଲକୁ ପଳାଇ ଆସିଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ଠାରୁ ଖବରପାଇ ଆଠମଲ୍ଲିକ ଡିଏଫ୍ଓ ଏସ୍. ଆନନ୍ଦ, ବାମୁର ଭାରପ୍ରାପ୍ତ ରେଞ୍ଜର କୁଳେଶ ଚନ୍ଦ୍ର ସାହୁ, ଫରେଷ୍ଟର ସୁଦର୍ଶନ ପ୍ରଧାନ, ଗାର୍ଡ ରାଜେଶ ମହାକୁଡ଼ ପ୍ରମୁଖ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପୋତି ଦେଇଥିଲେ।

## ସଂକ୍ଷେପରେ

### କବିତା ସଂକଳନ ‘ଭାବଅର୍ଘ୍ୟ’ର ଭର୍ଚୁଆଲ ଲୋକାର୍ପଣ

**ଭୁବନେଶ୍ୱର,୨୭ା୧୦(ବ୍ୟୁରୋ):** ବରିଷ୍ଠ କବି ଗତିରାଣୀ ମହାପାତ୍ରଙ୍କ କବିତା ସଂକଳନ ‘ଭାବଅର୍ଘ୍ୟ’ର ଭର୍ଚୁଆଲ ପାଠକାର୍ପିତ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଟ୍ୟକାର ତଥା ସାହିତ୍ୟିକ ଅନନ୍ତ ମହାପାତ୍ର ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗତିରାଣୀଙ୍କ ପତି ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଭାରତୀୟ ତୈଳ ନିଗମର ନିର୍ଦ୍ଦେଶକ ରଞ୍ଜନ କୁମାର ମାହାପାତ୍ର ପୁସ୍ତକରେ ଥିବା ୪୯ଟି ମନଛୁଆଁ ଏବଂ ହୃଦୟସ୍ପର୍ଶୀ ଗବିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥେନା ବୁକ୍ସ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବକୁ ନୂଆଦିଲ୍ଲୀରୁ ପ୍ରକାଶିତ ପଲ୍ଲୀବାଣୀର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ର କୁମାର ବେହୁରା, ଅରୁଣା ସାମନ୍ତରାୟ, ଲେଖକ ମାୟାଧର ସାହୁ, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### କ୍ଷତାକ୍ତ ଅବସ୍ଥାରେ ନବଜାତକ ଉଦ୍ଧାର

**ଯାଜପୁର ଟାଉନ, ୨୭ା୧୦(ଡି.ଏନ୍.ଏ.):** ଯାଜପୁର ଜିଲାମୁଖ୍ୟ ଚିକିତ୍ସାଳୟ ପରିସରରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଏକ ନବଜାତ ଶିଶୁପୁତ୍ରକୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ଚାଇଲ୍ଡ ଲାଇନ୍ ପକ୍ଷରୁ ଶିଶୁଟିକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ସକାଳୁ ଜଣେ ସଫେଇ କର୍ମଚାରୀ ଡାକ୍ତରଖାନା ପରିସର ସଫା କରୁଥିବର ବେଳେ ନବଜାତ ଶିଶୁପୁତ୍ର କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସେଠାରୁ ଶିଶୁଟିକୁ ଡାକ୍ତରଖାନାକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ଶିଶୁଟିକୁ କଟକ ବଡ଼ ମେଡିକାଲକୁ ପଠାଯାଇଥିବା ଏଡିଏମ୍ଓ ଡା. ଅନୁପ କୁମାର ନାଥଶର୍ମା ସୂଚନା ଦେଇଛନ୍ତି।

### ନଦୀରେ ବୁଡ଼ି ଯୁବତୀ ମୃତ

**ଚିତ୍ରକୋଣ୍ଡା,୨୭ା୧୦(ଡି.ଏନ.ଏ.):** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଗାଜୁଲମାମୁଡି ପଞ୍ଚାୟତର ଗାଜୁଲମାମୁଡି ଗ୍ରାମର ଜଣେ ମହିଳା ନଦୀକୁ ଗାଧୋଇବାକୁ ଯାଇ ବୁଡିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ଲଳିତା ପନିସିଆ (୨୫)। ସେ ଗ୍ରାମର ସମରା ପନିସିଆଙ୍କ ଝିଅ। ରବିବାର ଲଳିତା ସବୁଦିନ ପରି ନଦୀକୁ ଗାଧୋଇବାକୁ ଯାଇଥିଲେ। ହଠାତ୍ ଗାଧୋଇବା ସମୟରେ ତାଙ୍କ ଗୋଡ ଖସିଯିବାରୁ ଗଭୀର ପାଣିରେ ବୁଡିଯାଇଥିଲେ। ପରିବାର ଓ ଗ୍ରାମବାସୀ ଅନେକ ଖୋଜାଖୋଜି କରି ନଦୀପଠାରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ତେବେ ମୃତଦେହ ବ୍ୟବଚ୍ଛେଦ କରିବାକୁ ଚିତ୍ରକୋଣ୍ଡା ନେବାକୁ ପରିବାର ଲୋକେ ରାଜି ହୋଇ ନ ଥିଲେ। ଶେଷରେ ସେମାନେ ମୃତଦେହ ସତ୍କାର କରିଦେଇଥିବା ଜଣାପଡିଛି।

### ବିଦ୍ୟୁତ୍ ନେଲା ଯୁବତୀଙ୍କ ଜୀବନ

**ଟିକିରି,୨୭ା୧୦(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ା ଥାନା ଅଧୀନ ମାଳାଆମ୍ବ ଗାଁର ପ୍ରମୋଦ ଝୋଡିଆଙ୍କ ଝିଅ ରଜନ୍ତୀ (୧୮)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ରଜନ୍ତୀ ଦଶହରା ପାଇଁ ଘର କାନ୍ଥରେ ଚୂନ ମାରୁଥିଲେ। ଏହି ସମୟରେ ମେନ୍ ସୁଇଚ୍ ନିକଟରେ ଥିବା ବିଦ୍ୟୁତ୍ ତାରରେ ହାତ ବାଜି ଯିବାରୁ ସେ ବେହୋସ ହୋଇଯାଇଥିଲେ। ପ୍ରମୋଦ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିଲେ। ବାଟରେହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପ୍ରମୋଦ ଦୋରାଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

# ଶିଶୁକନ୍ୟାଙ୍କୁ ଧରି କୂଅକୁ ଡେଇଁଲେ ମା’

**ପାରିବାରିକ କଳହର କରୁଣ ପରିଣତି**
**୩ ବର୍ଷର ଝିଅ ମୃତ**

ବ୍ରହ୍ମପୁର ଅଫିସ,୨୭ା୧୦

ଗଞ୍ଜାମ ଜିଲା ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଶିଶୁକନ୍ୟାକୁ ଧରି ମା’ କୂଅକୁ ଡେଇଁ ପଡିଥିଲେ। ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ୩ ବର୍ଷୀୟା ଝିଅ ଶ୍ରେୟାସୀ ସାହୁଙ୍କର ମୃତ୍ୟୁ ଘଟିଛି।

ବଡବଜାର ଥାନା ଶ୍ରୀରାମନଗର ଜଗନ୍ନାଥବିହାର ସପ୍ତମ ଲାଇନ୍‌ର ରାମଚନ୍ଦ୍ର ସାହୁଙ୍କ ଝିଅ ବିଜୟଲକ୍ଷ୍ମୀ ୭ବର୍ଷ ତଳେ ବାଟୁବାରୀ ସାହିର ସୀମାଞ୍ଚଳ ସାହୁଙ୍କୁ ବିବାହ କରିଥିଲେ। ବିବାହ ପରେ ଯୌତୁକ ଦାବି କରି ବିଜୟଲକ୍ଷ୍ମୀଙ୍କୁ ନିର୍ଯାତନା ଦିଆଯାଉଥିଲା। ଅସହ୍ୟ ହେବାରୁ ବିଜୟଲକ୍ଷ୍ମୀ କିଛିଦିନ ହେଲା ବାପଘର ଜଗନ୍ନାଥ ବିହାରକୁ ଚାଲି ଆସିଥିଲେ। ମଙ୍ଗଳବାର ସୀମାଞ୍ଚଳ କୌଣସି କଥାକୁ ନେଇ ବିଜୟଲକ୍ଷ୍ମୀଙ୍କୁ ଫୋନ୍‌ରେ ଗାଳିଗୁଲଜ କରିଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ଝିଅ ଶ୍ରେୟାସୀକୁ ଧରି କୂଅକୁ ଡେଇଁ ପଡିଥିଲେ। ଘଟଣା ସମ୍ପର୍କରେ ବିଜୟଲକ୍ଷ୍ମୀଙ୍କ ଭାଇ ନାରାୟଣ ସାହୁ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି।



୮ ହଜାର ଠିକା କର୍ମଚାରୀଙ୍କୁ ଛଟେଇ କରି ଟାଟା କମ୍ପାନୀକୁ ପୋଷିବା ବିରୋଧରେ ଭୁବନେଶ୍ୱରସ୍ଥିତ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ ଇଞ୍ଜିନିୟର୍ସ ଫ୍ରାଞ୍ଚାଇଜ୍ ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

■ ହତ୍ୟା ଅଭିଯୋଗ
■ ଭଡ଼ାଘର ମାଲିକ ଫେରାର
■ ପୋଲିସର ଛାନଭିନ୍ ଜାରି

ଓଡ଼ାପଡ଼ା, ୨୭ା୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିକଟ ଏକ ଗ୍ରାମରେ ବନ୍ଦ ଘର ଭିତରୁ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଉଦ୍ଧାର କରିଛି। ରେଳଲାଇନ ପାର୍ଶ୍ୱରେ ଥିବା ଉକ୍ତ ଗ୍ରାମରେ ମୃତା ନାବାଳିକା ପରିବାର ସହିତ ଭଡ଼ାରେ ରହୁଥିଲେ। ତାଙ୍କ ମା’ବାପା ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଅପରାହ୍ନରେ ଦୁହେଁ କାମରୁ ଫେରିବା ପରେ ଝିଅର ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ତେବେ ଘଟଣା ପରେ ଘର ମାଲିକ ଫେରାର ହୋଇଯାଇଥିବାରୁ ଏହାକୁ ନେଇ ଗ୍ରାମରେ ଭିନ୍ନ ମତ ପ୍ରକାଶ ପାଇଛି। କେତେଜଣ ଏହାକୁ ବଳାତ୍କାର ପରେ ହତ୍ୟା ବୋଲି କହୁଥିବା ବେଳେ ଅନ୍ୟ କେତେଜଣ ଆତ୍ମହତ୍ୟା ବୋଲି କହୁଛନ୍ତି। ଘଟଣା ସମ୍ପର୍କରେ ମୋଟଙ୍ଗା ଥାନାଧିକାରୀ ସରୋଜିନୀ ସାମ୍ଭଡା କୁହନ୍ତି, ଏଫ୍ଆଇଆର ଲେଖାଚାଲିଛି। ସରିଲେ ଯାହା କିଛି କହିହେବ କହି ସେ ଫୋନ ସୁଇଚ୍ଅଫ୍ କରିଦେଇଥିଲେ। ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ମୃତ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ କରାଯାଇଛି।

# ତିର୍ତ୍ତୋଲରେ ପୋଷ୍ଟାଲ ଭୋଟ ଜାଲିଆତି

■ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ଭାଜପା
■ ଗାଇଡ୍‌ଲାଇନ ଅନୁଯାୟୀ ପୁଣିଥରେ ପୋଷ୍ଟାଲ ଭୋଟିଂ କରିବାକୁ ଦାବି

ଭୁବନେଶ୍ୱର,୨୭ା୧୦(ବ୍ୟୁରୋ)

ତିର୍ତ୍ତୋଲ ଉପନିର୍ବାଚନରେ ସରକାରୀ ଅଧିକାରୀମାନେ ଶାସକ ଦଳକୁ ଜିତାଇବା ପାଇଁ ପୋଷ୍ଟାଲ ଭୋଟ ଜାଲିଆତି କରୁଛନ୍ତି। ପ୍ରିଜାଇଡିଂ ଅଫିସର ପୋଷ୍ଟାଲ ଭୋଟ ଜାଲିଆତି କରି ଶାସକ ଦଳ ସପକ୍ଷରେ ଭୋଟ କରାଉଛନ୍ତି ବୋଲି ରାଜ୍ୟ ଭାଜପା ଅଭିଯୋଗ କରିଛି।

ଭାରତର ମୁଖ୍ୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ନେଇ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି। ଏହି ମର୍ମରେ ସ୍ମାରକପତ୍ର ପ୍ରଦାନ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। କମିଶନଙ୍କ ଗାଇଡ୍‌ଲାଇନ ଅନୁଯାୟୀ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ ଏବଂ କରୋନା ଆକ୍ରାନ୍ତଙ୍କୁ ପୋଷ୍ଟାଲ ବାଲଟରେ ଭୋଟ ଦେବା ପାଇଁ ଅନୁମତି ରହିଛି। କିନ୍ତୁ ତିର୍ତ୍ତୋଲରେ ଏହି ନିୟମର ଅପବ୍ୟବହାର କରି ପ୍ରିଜାଇଡିଂ ଅଫିସର ବିଜେଡି ସପକ୍ଷରେ ଭୋଟ ଆଦାୟ କରୁଛନ୍ତି। ପ୍ରିଜାଇଡିଂ ଅଫିସର ମୁଖ୍ୟ ନିର୍ବାଚନ କମିଶନଙ୍କ ପୋଷ୍ଟାଲ ବାଲଟ ଭୋଟିଂ ଗାଇଡ୍‌ଲାଇନ ଏବଂ ନିର୍ବାଚନ ଅଧିନିୟମ ୧୯୬୧କୁ ଉଲ୍ଲଂଘନ କରୁଥିବା ପ୍ରତିନିଧି ଦଳ ଅଭିଯୋଗ କରିଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ପ୍ରିଜାଇଡିଂ ଅଫିସର ଘର ଘର ବୁଲି ମିଛ ତଥ୍ୟ ଦର୍ଶାଇ ଲୋକଙ୍କଠାରୁ ବିଜେଡି ସପକ୍ଷରେ ଭୋଟ ସଂଗ୍ରହ କରୁଛନ୍ତି। ପୋଷ୍ଟାଲ ଭୋଟ ସଂଗ୍ରହ ସମୟରେ ପ୍ରିଜାଇଡିଂ ଅଫିସର ଓ ବୁଥସ୍ତରୀୟ ଏଜେଣ୍ଟମାନେ ଭୋଟ ଜାଲିଆତି କରିବା ପାଇଁ ଲଫାପାକୁ ସିଲ୍ କରିବା ପରିବର୍ତ୍ତେ ଖୋଲା ଛାଡିଦେଉଛନ୍ତି। ଏହାଦ୍ୱାରା ମତଦାତାଙ୍କ ଗୋପନୀୟତା କ୍ଷୁଣ୍ଣ ହେଉଛି। ଅନେକ ସ୍ଥାନରେ ଦସ୍ତଖତ କିମ୍ବା ଟିପଚିହ୍ନ ନ ନେଇ ଭୋଟକୁ ଜାଲିଆତି କରାଯାଉଛି।

ଏଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଜମମତ ବିରୋଧୀ। ବର୍ତ୍ତମାନ ସୁଦ୍ଧା ହୋଇଥିବା ପୋଷ୍ଟାଲ ଭୋଟିଂକୁ ବାତିଲ କରିବାକୁ ନିର୍ବାଚନ ଅଧିକାରୀଙ୍କ ପାଖରେ ପ୍ରତିନିଧି ଦଳ ଦାବି କରିଛି। ଏହା ସହ ନିଜ କ୍ଷମତାକୁ ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଶନଙ୍କ ନିକଟରେ ଦାବି କରାଯାଇଛି। ତିର୍ତ୍ତୋଲରେ ପୁଣିଥରେ ମୁଖ୍ୟ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପୋଷ୍ଟାଲ ଭୋଟିଂ କରିବାକୁ ଅନୁମତି ଦେବା ସହ ଆଗାମୀ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଯତୀନ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

# ହଡ଼ପ ହେଉଛି ସରକାରୀ ଅର୍ଥ: ଭୃଗୁ ବକ୍ସିପାତ୍ର

ଭୁବନେଶ୍ୱର,୨୭ା୧୦(ବ୍ୟୁରୋ)

ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଶାସକ ଦଳ ବୁଡି ରହିଛି। ଜନସାଧାରଣଙ୍କ ବିକାଶ ପାଇଁ ଆସୁଥିବା କେନ୍ଦ୍ରୀୟ ଅର୍ଥକୁ ହଡପ କରି ସରକାର ବିକାଶର ଡିଣ୍ଡିମ ପିଟି ଚାଲିଛନ୍ତି। ଗରିବ ଲୋକଙ୍କ ପାଇଁ ଆସୁଥିବା ଆବାସ ଯୋଜନାର ଅର୍ଥ, ବାର୍ଦ୍ଧକ୍ୟ ଭତ୍ତା ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଅର୍ଥ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ମିଳିଥିବା କୋଟି କୋଟି ଟଙ୍କାର ଅନୁଦାନକୁ ଖର୍ଚ୍ଚ କରାଯାଉନାହିଁ। ଯାହା ବି ଖର୍ଚ୍ଚ ହେଉଛି ତାହାର କୌଣସି ହିସାବ ନାହିଁ ବୋଲି ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ, ପଞ୍ଚାୟତିରାଜ ବିଭାଗ ଲୋକାଲ ଫଣ୍ଡ ଅଡିଟ୍‌ର ରିପୋର୍ଟ ଅନୁଯାୟୀ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ପଞ୍ଚାୟତ ସମିତି ପାଉଥିବା ଅନୁଦାନ ସମେତ ଅନ୍ୟ ସମ୍ବଳ ଖର୍ଚ୍ଚ କରାଯାଉ ନାହିଁ। ବିନିଯୋଗ ପ୍ରମାଣପତ୍ର ଦେବାରେ ସେମାନେ ଅସମର୍ଥ ହେଉଛନ୍ତି। ଖର୍ଚ୍ଚ ନ ହୋଇ ଜିଲାପରିଷଦର ୨୫ କୋଟି, ପଞ୍ଚାୟତ ସମିତିରେ ୧୪୧ କୋଟି ଏବଂ ପଞ୍ଚାୟତଗୁଡିକରେ ୮୮ କୋଟି ଟଙ୍କା ପଡିରହିଛି। ବିନିଯୋଗ ହେଉଥିବା ଅର୍ଥରୁ ପଞ୍ଚାୟତ ସମିତିଗୁଡ଼ିକ ୨୪୦ କୋଟି ଓ ପଞ୍ଚାୟତଗୁଡିକ ୧୨୬ କୋଟି ଟଙ୍କାର ହିସାବ ରଖିନାହାନ୍ତି। ଅଗ୍ରିମ ଅର୍ଥ ମଧ୍ୟରୁ ପଞ୍ଚାୟତ ସମିତିଗୁଡିକରେ ୧୨ କୋଟି ଓ ପଞ୍ଚାୟତଗୁଡିକରେ ୭୯ ଲକ୍ଷ ଟଙ୍କାର କୌଣସି କାର୍ଯ୍ୟ ହୋଇନାହିଁ କି ସେମାନଙ୍କଠାରୁ ଏହି ଅର୍ଥ ଅସୁଲ କରାଯାଇ ନାହିଁ। ସରକାରୀ ଅର୍ଥକୁ ଖୋଲାଖୋଲି ହଡପ କରାଯାଉଛି ବୋଲି ବକ୍ସିପାତ୍ର ଅଭିଯୋଗ କରିଛନ୍ତି। ଅର୍ଥକୁ ଠିକ୍ ଭାବେ ବିନିଯୋଗ କରାଗଲେ ତିର୍ତ୍ତୋଲବାସୀ ବିଶେଷକରି ଗରିବ ଅସହାୟ ଲୋକମାନେ ଉପକୃତ ହେବା ସହ ସେମାନଙ୍କ ପାଇଁ ଲାଗୁ ହୋଇଥିବା ଯୋଜନାର ଲାଭ ଉଠାଇ ପାରନ୍ତେ ବୋଲି ବକ୍ସିପାତ୍ର କହିଛନ୍ତି।

# ପୃଥକ୍ ଦୁର୍ଘଟଣା: ଗଲା ୮ ଜୀବନ

**ଏକାଠି ଜଳିଲା ୨ ସାଙ୍ଗଙ୍କ ଜୁଇ**

ଜି.ଉଦୟଗିରି/ରାୟଗଡ (ଗଜପତି)/ ଦିଗପହଣ୍ଡି/ବୁଗୁଡ଼ା/ ଗୋପାଳପୁର ୨୭ା୧୦(ଡି.ଏନ୍.ଏ.)

ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ରବିବାର ଓ ସୋମବାର ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲା ରାୟଗଡ଼ ଥାନା ରଘୁନାଥପୁର ଛକରେ ରବିବାର ବାଇକ ଦୁର୍ଘଟଣାରେ ୨ ସାଙ୍ଗଙ୍କ ଜୀବନ ଯାଇଥିବାବେଳେ କନ୍ଧମାଳ ଜିଲା ଜି.ଉଦୟଗିରି ରାଇପଦା ନିକଟରେ ୨ କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅନ୍ୟ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଗଞ୍ଜାମ ଜିଲାର ଦିଗପହଣ୍ଡି, ବୁଗୁଡ଼ା ଓ ଗୋପାଳପୁର ଥାନା ଅଞ୍ଚଳରେ ଦୁର୍ଘଟଣାରେ ୩ ଜୀବନ ଯାଇଛି।

ରାୟଗଡ଼ ଥାନା ରଘୁନାଥପୁର ଛକରେ ଘଟିଥିବା ଦୁର୍ଘଟଣାରେ ବାସୁଦେବ ପାଇକ ଓ ନୀଳାଚଳ ପାଇକଙ୍କ ମୃତ୍ୟୁ ହୋଇଛି। ବାସୁଦେବ ବାଇକ ପୂଜା କରି ନୀଳାଚଳଙ୍କ ସହ ରଘୁନାଥପୁର ପୂଜା ମଣ୍ଡପକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଅନ୍ୟ ଏକ ବାଇକ୍ ସହ ଧକ୍କା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଗୋଟିଏ ସ୍ଥାନରେ ୨ ସାଙ୍ଗଙ୍କ ଜୁଇ ଜଳିଥିଲା। ଏ ନେଇ ଜିରାଙ୍ଗ ଫାଣ୍ଡିରେ ନଂ.୬୭/୨୦ରେ ମାମଲା ରୁଜୁ ହୋଇଛି।

ସେହିପରି କଳିଙ୍ଗା ପଟୁ ଜି.ଉଦୟଗିରି ଅଭିମୁଖେ ଆସୁଥିବା ଏକ କାର୍ ସହ ରାଇପଦା ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଟିକାବାଲି ତେନ୍ତୁଳିଗଡ଼ର ପଞ୍ଚାନନ ସାହୁ ଓ ବୁଦୁଗୁଡୁର ସୁବାସ ବେହେରାଙ୍କ ମୃତ୍ୟୁ ଘଟିଥିଲା। ଟିକାବାଲି ଥାନା ଅଞ୍ଚଳର ମିଥୁନ ପ୍ରଧାନ, ନାଗାର୍ଜୁନ ନାୟକ, ଦୀପକ ମଲ୍ଲିକ, ମାର୍ଶଲ ପ୍ରଧାନ ଓ ରାଜେନ୍ଦ୍ର ସାହୁ ଆହତ ହୋଇଥିଲେ। ଅଗ୍ନିଶମ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାର କରି ଜି.ଉଦୟଗିରି ହସ୍ପିଟାଲ ଓ ପରେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ମାର୍ଶଲଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ନଂ. ୮୫/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।


ଜି. ଉଦୟଗିରିରେ ଘଟିଥିବା ଦୁର୍ଘଟଣାଗ୍ରସ୍ତ କାର୍।

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି-ଫାଶୀଗୁଡ଼ା ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଭୀଷ୍ମଗିରି ଗ୍ରାମ କାର୍ଜି ସାହିର ଶୁଭେନ୍ଦୁ ପଣ୍ଡାଙ୍କ ମୃତ୍ୟୁ ଘଟିଛି। ସେ ଡେଙ୍ଗାଓସ୍ତା ବଜାରରେ କାମସାରି ମା’ଙ୍କୁ ବାଇକ୍‌ରେ ନେଇ ଘରକୁ ଫେରୁଥିବା ବେଳେ ପାଟପୁର ଥାନା କଲରାପଦର ଗ୍ରାମର ମନୋଜ ସେଠୀଙ୍କ ବାଇକ୍ ସହ ଧକ୍କା ହୋଇଥିଲେ। ସେହିପରି ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଜପଲ୍ଲୀଠାରେ ବାଇକ୍ ଦୁର୍ଘଟଣାରେ ପୋଲସରା ଥାନା କେନ୍ଦୁବାଡ଼ିର ନୀଳମାଧବ ଭୂୟାଁଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ସୋମବାର ଗୋଳନ୍ଥରା ଥାନା ଅଟୋନଗର ନିକଟରେ ସ୍କୁଟି ପଛକୁ ଟ୍ରକ୍ ଧକ୍କାଦେବାରୁ ବ୍ରହ୍ମପୁର ତୁଳସୀନଗର ୩ୟ ଲାଇନର ଶ୍ୟାମା ନନ୍ଦିକଙ୍କ ମୃତ୍ୟୁଘଟିଛି। ସ୍ୱାମୀ ରବୀନ୍ଦ୍ର ନନ୍ଦିକଙ୍କ ସହ ଶ୍ୟାମା ଏକ ସ୍କୁଟିରେ ଘରକୁ ଫେରୁଥିବାବେଳେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଶ୍ୟାମା ତଳେ ପଡ଼ିଯିବାରୁ ତାଙ୍କ ଉପରେ ଟ୍ରକ ଚକା ମାଡ଼ିଯାଇଥିଲା।

## ସଂକ୍ଷେପରେ

### ହାୱଲା କାରବାର ଉପରେ ଆଇଟି ଚଢ଼ାଉ

ନୂଆଦିଲ୍ଲୀ,୨୭।୧୦:ଦେଶର ବିଭିନ୍ନ ରାଜ୍ୟରେ ହାୱଲା କାରବାରକୁ ନେଇ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜାଲ୍ ବିଲ୍ ପ୍ରସ୍ତୁତ କରି ଏଭଳି କାରବାର ଚଳାଉଥିବା ବ୍ୟକ୍ତିବିଶେଷ ଏବଂ ହାୱଲା ଅପରେଟରଙ୍କ ବିରୋଧରେ ଚଢ଼ାଉ କରାଯିବା ସହ ନଗଦ ଅର୍ଥ ଏବଂ ଜୁଏଲେରି ବାବଦ ୫.୨୬ କୋଟି ଟଙ୍କା ଜବତ କରାଯାଇଥିବା ଆୟକର ବିଭାଗ ପକ୍ଷରୁ ସୂଚନା ରହିଛି। ଦିଲ୍ଲୀ-ଏନ୍‌ସିଆର୍, ହରିୟାଣା, ପଞ୍ଜାବ,ଗୋଆ ଏବଂ ଉତ୍ତରାଖଣ୍ଡର ପ୍ରାୟ ୪୨ ସ୍ଥାନରେ ଏଭଳି ଚଢ଼ାଉ କରାଯାଇଛି। ଚଢ଼ାଉ ଦ୍ୱାରା ୨.୩୭ କୋଟି ଟଙ୍କା ୨.୮୯ କୋଟି ଟଙ୍କାର ଜୁଏଲେରି ଜବତ କରାଯାଇଛି।

### ସାମ୍‌ସଙ୍ଗ୍ ପକ୍ଷରୁ ଇ-କାଟାଲଗ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୭।୧୦: ସାମ୍‌ସଙ୍ଗ ପକ୍ଷରୁ ଏହାର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓ ପାଇଁ ଇଣ୍ଟରାକ୍ଟିଭ ଇ-କାଟାଲଗ୍‌ର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଗ୍ରାହକ ଘରେ ରହି ସୁରକ୍ଷିତ ଏବଂ ଉନ୍ନତ କ୍ରୟର ଅନୁଭବ ପାଇପାରିବେ। ସେହିଭଳି କମ୍ପାନୀ ଏହାର ପ୍ରିଣ୍ଟ ବ୍ରୋସରକୁ ହ୍ରାସ କରି ପରିବେଶ ସୁରକ୍ଷା ଆଡକୁ ଏକ ପାଦ ଆଗେଇଛି। ଏହି ଇ-କାଟାଲଗ୍ ଜରିଆରେ ଗ୍ରାହକମାନେ ସ୍ମାର୍ଟଫୋନ, ଓ୍ୱାରବଲ, ଟେଲିଭିଜନ ଏବଂ ଅନ୍ୟାନ୍ୟ ଡିଜିଟାଲ ଉପକରଣ ଯଥା-ରେଫ୍ରିଜେଟର ଓ୍ୱାଶିଂମେଶିନ,ଏୟାର କଣ୍ଡିଶନର, ଏୟାର ପ୍ୟୁରିଫାୟର, ସ୍ମାର୍ଟ ଓଭନ ଓ ସାଉଣ୍ଡ ଡିଭାଇସଗୁଡିକ ସମ୍ପର୍କରେ ଜାଣିପାରିବେ। ଏଥିରେ ଉତ୍ପାଦଗୁଡିକର ଫିଚର, ଲାଭ, ହାଇ ରିଜୋଲ୍ୟୁସନ ପିକ୍ଚର ଏବଂ ଭିଡିଓକୁ ମଧ୍ୟ ଗ୍ରାହକ ଦେଖାଯାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଇଣ୍ଡିଆ କର୍ପୋରେଟ ମାର୍କେଟିଙ୍ଗର ଉପାଧ୍ୟକ୍ଷ ଆଶିଷ ବଂଶଲ କହିଛନ୍ତି ଯେ, ନୂଆ ଇ-କାଟାଲଗ ସହିତ ଆମେ ଗ୍ରାହକଙ୍କୁ ଏକ ଉନ୍ନତ କ୍ରୟର ଅନୁଭୂତି ପ୍ରଦାନ କରିବାକୁ ଚାହିଁଛୁ। ରିଟେଲ ପାର୍ଟନରଙ୍କୁ ମଧ୍ୟ ସାହାଯ୍ୟ ସହ ଗ୍ରାହକମାନେ କ୍ରୟ ନିଷ୍ପତ୍ତିକୁ ଘରେ ରହି ଆରାମରେ ନେଇ ପାରିବେ। ରିଟେଲ ଷ୍ଟୋର ଗୁଡିକରେ ଏଥିପାଇଁ ଅଧିକ ସମୟ ବ୍ୟୟ କରିବାକୁ ପଡିବ ନାହିଁ ବୋଲି ସେ ମତ ଦେଇଥିଲେ।

### ହିରୋ ବିକିବ ହାର୍ଲେ ଡାଭିଡସନ ବାଇକ

ନୂଆଦିଲ୍ଲୀ,୨୭।୧୦: ଟୁ-ହ୍ୱିଲର୍ସ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଏବଂ ହାର୍ଲେଡାଭିଡସନ ମୋଟର ସାଇକେଲ ଇଣ୍ଡିଆ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହା ଦ୍ୱାରା ଭାରତରେ ହିରୋ ଜରିଆରେ ହାର୍ଲେଡାଭିସଡନର ତା'ର ପ୍ରଡକ୍ଟ ଗ୍ରାହକଙ୍କୁ ଯୋଗାଇଦେବ ବୋଲି ଉଭୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଗତ କିଛି ମାସ ହେବ ବିଭିନ୍ନ ସମସ୍ୟା କାରଣରୁ ଭାରତ ବଜାର ଛାଡିବା ପାଇଁ ଯୋଜନା କରୁଥିବା ଏହି ସୌଖୀନ ବାଇକ କମ୍ପାନୀ ବର୍ତ୍ତମାନ ଏହି ସହଯୋଗୀ ସଂସ୍ଥା ମାଧ୍ୟମରେ ପୂର୍ବପରି ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ଫଳରେ ଭାରତୀୟ ଗ୍ରାହକଙ୍କ ମନରେ ସୃଷ୍ଟି ହୋଇଥିବା ନାନା ଆଶଙ୍କା ଦୂରହେବା ସହ ପୁରୁଣା ଗ୍ରାହକଙ୍କୁ ବାଇକ ସେବା ମଧ୍ୟ ପୂର୍ବ ପରି ମିଳିପାରିବ ବୋଲି ବିଶେଷ ସୂତ୍ର ଜଣାପଡିଛି। ସେହିଭଳି ଏହି ଚୁକ୍ତି ଫଳରେ କମ୍ପାନୀ ତା'ର ସେଲ୍ସ ଓ ସର୍ଭିସ ହିରୋ ଜରିଆରେ ପ୍ରଦାନ କରିବ। ଏହା ଫଳରେ ହିରୋ କମ୍ପାନୀ ମଧ୍ୟ ସୁପର ପ୍ରିମିୟମ ୩୦୦-୬୦୦ସିସି ସେଗ୍‌ମେଣ୍ଟର ପ୍ରବେଶ କରିବା ସହ ବଜାରକୁ ନୂଆ ମଡେଲ ପ୍ରବେଶ କରାଇବା ଯୋଜନାରେ ରହିଥିବା ସୂଚନା ମିଳିଛି।

# ରାଜ୍ୟଗୁଡ଼ିକ ପାଇଁ ସ୍ଥିତି ଅଧିକ ଚ୍ୟାଲେଞ୍ଜିଂ



### କୋଭିଡ୍-୧୯ ଝଟକା

ନୂଆଦିଲ୍ଲୀ,୨୭।୧୦

କୋଭିଡ୍-୧୯ ଯୋଗୁ ବଜାର ସ୍ଥିତି ସଙ୍କଟାପନ୍ନ ହୋଇଛି। କୋଭିଡ୍-୧୯ ଯୋଗୁ ରାଜ୍ୟଗୁଡିକର ବିତ୍ତୀୟ ସ୍ଥିତି ମଧ୍ୟ ଦୋହଲିଯାଇଛି। ଟିକସ ସଂଗ୍ରହ ଉନ୍ନତ ନ ଥିବା ବେଳେ ରାଜ୍ୟଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଥିଲାଗି ବଜାରରୁ ଅଧିକ ପରିମାଣରେ ଋଣ ଉଠାଇବାକୁ ପଡୁଛି। ଫଳରେ ରାଜ୍ୟଗୁଡିକ ଉପରେ ଋଣ ଚାପ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ରାଜ୍ୟଗୁଡିକ ଆଗାମୀ କିଛି ବର୍ଷ ଅଧିକ ଚ୍ୟାଲେଞ୍ଜିଂ ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଷ୍ଟେଟ୍ ଫାଇନାନ୍ସ ସଂକ୍ରାନ୍ତ ରିପୋର୍ଟରେ ପ୍ରକାଶ ପାଇଛି। ବଜାରରେ ଚାହିଦା ନ ଥିବା ବେଳେ ରାଜ୍ୟ ସ୍ତରରେ ଖର୍ଚ୍ଚ ବଢୁଛି। ଫଳରେ ଏହା ଅଧିକ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ବର୍ତ୍ତମାନ ଖର୍ଚ୍ଚ ହେଉଥିବା ପୁଞ୍ଜି ଠିକ୍ ବାଟରେ ଖର୍ଚ୍ଚ ହେବା ଏବଂ ବଜେଟର ବିଶ୍ୱସନୀୟତା ୨ଟି ପ୍ରମୁଖ ପ୍ରସଙ୍ଗ ବୋଲି ଏଥିରେ କୁହାଯାଇଛି। ମହାମାରୀ ପୂର୍ବରୁ ଆସିଥିବା ବଜେଟରେ କୁହାଯାଇଥିଲା ଯେ, ରାଜ୍ୟଗୁଡିକର ହାରାହାରି ମୋଟ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୨.୪% ରହିବ। ମାତ୍ର ଲକ୍‌ଡାଉନ ପରେ ହୋଇଥିବା ଆକଳନ ମୁତାବକ ନିଅଣ୍ଟ ରାଜ୍ୟ ଜିଡିପିର ହାରାହାରି ପ୍ରାୟ ୪.୬% ରହିପାରେ। ପ୍ରକୃତ ସ୍ଥିତିରେ ଏହା ୨.୮% ମଧ୍ୟ ରହିପାରେ ବୋଲି ଅନ୍ୟ ଏକ ଆକଳନରେ କୁହାଯାଇଛି। ସେହିଭଳି ଫାଇନାନ୍ସ ଦୃଷ୍ଟିକୋଣରୁ ରାଜ୍ୟଗୁଡିକର ମୋଟ ବିତ୍ତୀୟ ନିଅଣ୍ଟ ଏବଂ ଜିଡିପି ଅନୁପାତ ପ୍ରାୟ ୪% ରହିବା ନେଇ ଆକଳନ ହୋଇଥିବା ବେଳେ ଏହା ବଜେଟରେ ଧାର୍ଯ୍ୟ ଲକ୍ଷ୍ୟ ୨.୮% ରହିଥିଲା ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

୨୦୨୦-୨୧ରେ ଅର୍ଦ୍ଧାଧିକ ରାଜ୍ୟ ରାଜସ୍ୱ ଉନ୍ନତ ହେବା ନେଇ ବଜେଟରେ ଲକ୍ଷ୍ୟ ରଖିଥିଲେ। ମାତ୍ର କୋଭିଡ୍-୧୯ ବଜେଟରେ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟ ଏବଂ ଟିକସ ସଂଗ୍ରହ ଉପରେ ଗଭୀର ପ୍ରଭାବ ପକାଇଛି। ଲକ୍‌ଡାଉନର ସୀମା ଏବଂ କରୋନା ମହାମାରୀ ସଂକ୍ରମଣର ହାର ପ୍ରଭାବ ମଧ୍ୟ ରାଜ୍ୟଗୁଡିକର ରାଜସ୍ୱ ଉପରେ ରହିବା ନେଇ ଆଶଙ୍କା କରାଯାଇଛି। ଏଭଳି ସ୍ଥିତିରେ ରାଜ୍ୟ ବିଭିନ୍ନ ଖର୍ଚ୍ଚ କମାଇବା ଉପରେ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଜିଏସ୍‌ଟି ସଂଗ୍ରହ ୪୭.୨% କମିଛି। ରାଜ୍ୟଗୁଡିକର ମୋଟ ଟିକସ ସଂଗ୍ରହରେ କେନ୍ଦ୍ରୀୟ ଯୋଗଦାନ ୨୫ରୁ ୨୯% ଏବଂ ନିଜସ୍ୱ ଟିକସ ୪୫ରୁ ୫୦% ରହିଥାଏ। ଟିକସ ସଂଗ୍ରହ ଉନ୍ନତ ହେଉ ନ ଥିବାରୁ ୨୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପେଟ୍ରୋଲ ଏବଂ ଡିଜେଲ ଉପରେ ଟିକସ ବଢ଼ାଇଛନ୍ତି। ସେହିଭଳି ୨୫ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ମଦ ଉପରେ ଟିକସ ବୃଦ୍ଧି କରିଥିବା ନଜରକୁ ଆସିଛି। ଏହା ସହ ସ୍ଥିତି ସମ୍ଭାଳିବା ଲାଗି ବିଭିନ୍ନ ପଦକ୍ଷେପ ରାଜ୍ୟ ନେଉଥିବା ଜଣାପଡିଛି।

# ଫେସ୍‌ବୁକ୍ ଛାଡ଼ିଲେ ପବ୍ଲିକ ପଲିସି ମୁଖ୍ୟ ଆଂଖୀ ଦାସ



ବାଙ୍ଗାଲୋର,୨୭।୧୦: ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍‌ର ବଜାର ଲାଗି ନିଯୁକ୍ତ ପବ୍ଲିକ ପଲିସି ମୁଖ୍ୟ ଆଂଖୀ ଦାସ କମ୍ପାନୀ ଛାଡ଼ିଛନ୍ତି। ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ହେଟ୍ କଣ୍ଟେଣ୍ଟର ବ୍ୟାପିବାକୁ ରୋକିବା ଦିଗରେ କମ୍ପାନୀର ରହିଥିବା ଦୁର୍ବଳତାକୁ ନେଇ ସେ ବିବାଦୀୟ ହୋଇ ପଡିଥିଲେ। ପବ୍ଲିକ ସର୍ଭିସ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଫେସ୍‌ବୁକ୍ ଛାଡିବା ନେଇ ଆଂଖୀ ନିଷ୍ପତ୍ତି ନେଇଥିବା କମ୍ପାନୀର ଏମ୍‌ଡି ଅଜିତ ମୋହନ କହିଛନ୍ତି। ଗତ ୯ ବର୍ଷରେ ଭାରତ ବଜାରରେ କମ୍ପାନୀର ଅଭିବୃଦ୍ଧିକୁ ତାଙ୍କର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ମୋହନ ମତ ପ୍ରକାଶ କରିଛନ୍ତି। ଭାରତ ଭଳି ଏକ ଦ୍ରୁତ ଅଭିବୃଦ୍ଧିଶୀଳ ବଜାରରେ ରାଜନୈତିକ କଣ୍ଟେଣ୍ଟ ନିୟନ୍ତ୍ରଣକୁ ଦିଗରେ ଫେସ୍‌ବୁକ୍ ଭୂମିକା ଉପରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ କମ୍ପାନୀର କର୍ମଚାରୀମାନେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ଏହାର ଗୋଟିଏ ସପ୍ତାହ ପରେ ଆଂଖୀ ଇସ୍ତଫା ଦେଇଥିବା ଜଣାପଡିଛି। ଅପରପକ୍ଷରେ ଲୋକଙ୍କ ଡାଟା ସୁରକ୍ଷାକୁ ନେଇ ମଧ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମର କାର୍ଯ୍ୟକଳାପ ଉପରେ ମଧ୍ୟ ପ୍ରଶ୍ନ ଉଠୁଥିବା ନଜରକୁ ଆସିଛି। ଏହି ପ୍ରସଙ୍ଗରେ ଆଂଖୀ ନିକଟରେ ପାର୍ଲାମେଣ୍ଟର ଯୁଗ୍ମ କମିଟିକୁ ଭେଟିଥିଲେ।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୮୧.୮%

ଭୁବନେଶ୍ୱର,୨୭।୧୦



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅଗଷ୍ଟରେ ୩୩୮ ପଏଣ୍ଟ ଥିଲା। ନୂଆ ସିରିଜରେ ଏହା ସେପ୍ଟେମ୍ବରରେ ୧୧୮ ପଏଣ୍ଟକୁ ବଢ଼ିଛି। ବର୍ତ୍ତମାନ ତାଳଚେର, ଅନୁଗୋଳ ଓ ରାଉରକେଲାର ଖାଉଟି ମୂଲ୍ୟସୂଚୀ ହସ୍ତଗତ ହୋଇନାହିଁ। ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ୭୭.୫% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଭତ୍ତାରେ ୪.୩% ବୃଦ୍ଧି ଘଟି ୮୧.୮% ହୋଇଛି। ସଂଶୋଧିତ ହାରରେ ୨୩.୮% ସେମାନେ ନଭେମ୍ବର ପହିଲାରୁ ପାଇବେ। ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ୭୦.୮% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୪.୩% ବୃଦ୍ଧି ଘଟି ୭୫.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୬୫.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୬% ବୃଦ୍ଧି ପାଇ ୧୬୯% ହୋଇଛି। ଏହି ଡିଏ ସେମାନେ ଜାନୁୟାରୀ ପହିଲାରୁ ପାଇବେ। ଅଧିକାଂଶ ସରକାରୀ କର୍ମଚାରୀ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୧୦% ଭତ୍ତା ବୃଦ୍ଧି ହୋଇ ୨୭% ହୋଇଛି। ବର୍ଦ୍ଧିତ ଡିଏ ମଧ୍ୟରୁ ୪% ପିଛିଲା ଭାବେ ଚଳିତ ବର୍ଷ ଜାନୁୟାରୀ ଏବଂ ଅବଶିଷ୍ଟ ୩% ଜୁଲାଇ ପହିଲାରୁ ଏବଂ ଆଉ ଅବଶିଷ୍ଟ ୩%, ୨୦୨୧ ଜାନୁୟାରୀ ପହିଲାରୁ କର୍ମଚାରୀମାନେ ପାଇବେ। ରିଜର୍ଭ ବ୍ୟାଙ୍କର ପ୍ରାୟ ୩ ହଜାର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ଚଳିତ ବର୍ଷ ସେପ୍ଟେମ୍ବର ୨୨ରୁ ପେନ୍‌ସନ ଲାଗି ଦରଖାସ୍ତ ଦେବା ଆରମ୍ଭ କରିଛନ୍ତି।

# ଜରୁରିକାଳୀନ ଯାନ ଦେଲା ପିଏନ୍‌ବି

ନୂଆଦିଲ୍ଲୀ,୨୭।୧୦: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଏକ ନୂତନ ଜରୁରିକାଳୀନ ଯାନ ଭରୋଦରା ସେବା ନିଓ୍ୱାସକୁ ପ୍ରଦାନ କରାଯାଇଛି। ବ୍ୟାଙ୍କର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ ଏହି ଗାଡି ଦିଆଯାଇଥିବା ସୂଚନା ମିଳିଛି। ଏହି ଜରୁରିକାଳୀନ ଯାନଟି ବିଭିନ୍ନ ସ୍ଥାନରୁ ଦିଲ୍ଲୀ ଏମ୍ସକୁ ଚିକିତ୍ସା ପାଇଁ ଆସୁଥିବା ନିରାଶ୍ରୟ ରୋଗୀଙ୍କ ସହାୟତା ପାଇଁ ନିଓ୍ୱାସ ପକ୍ଷରୁ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏବଂ ପିଏନ୍‌ବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସିଏଚ. ଏସ୍.ଏସ୍ ମଲିକାର୍ଜୁନ ରାଓଙ୍କ ଉପସ୍ଥିତିରେ ଏହି ଜରୁରିକାଳୀନ ଯାନର ଚାବିକୁ ନିଓ୍ୱାସର ଟ୍ରଷ୍ଟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା।

# ନୀରବଙ୍କ ଜାମିନ ଆବେଦନ ଖାରଜ



ଲଣ୍ଡନ,୨୭।୧୦:ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଋଣ ଠକେଇ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ମାମଲା ଶୁଣାଣି ଲଣ୍ଡନ କୋର୍ଟରେ ହେଉଥିବା ବେଳେ ତାଙ୍କ ଜାମିନକୁ ପୁଣି ଥରେ ଖାରଜ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୋର୍ଟ ତାଙ୍କ ଜାମିନ ଆବେଦନକୁ ୭ଥର ଖାରଜ କରି ଦେଇଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଗତ ବର୍ଷ ମାର୍ଚ୍ଚରେ ନୀରବଙ୍କୁ ଲଣ୍ଡନ ପୋଲିସ ଗିରଫ କରିଥିଲା। ସେ ପୂର୍ବରୁ ଗତ ବର୍ଷ ମାର୍ଚ୍ଚ ୨୦, ମାର୍ଚ୍ଚ ୨୯, ମେ ୮ ଏବଂ ନଭେମ୍ବର ୬ରେ ଜାମିନ ଆବେଦନ କରିଥିଲେ। ଏହି ଆବେଦନକୁ ଲଣ୍ଡନର ଓ୍ୱେଷ୍ଟମିନଷ୍ଟର ଡିଷ୍ଟ୍ରିକ୍ଟ କୋର୍ଟ ପୂର୍ବରୁ ଖାରଜ କରିଛନ୍ତି। ସେହିଭଳି ଗତ ବର୍ଷ ଜୁନ୍ ୧୨ ଏବଂ ଚଳିତ ବର୍ଷ ମାର୍ଚ୍ଚ ୫ରେ ଲଣ୍ଡନ ହାଇକୋର୍ଟ ନୀରବଙ୍କ ଜାମିନ ପାଇବା ଆବେଦନକୁ ଖାରଜ କରିଦେଇଥିଲେ।


GOVERNMENT OF ORISSA
**OFFICE OF THE EXECUTIVE ENGINEER**
**GANJAM (R&B) DIVISION NO.I, BERHAMPUR**
Phone/Fax : (0680) 2233683, e-mail : eernb1_bam@yahoo.com
Letter No. 7352 Dated 22.10.2020
**1st Corrigendum to Bid Identification No. E.E. (R&B) Divn.No.I Bam. 20/2020-21 vide letter No.7048 Dtd. 12.10.2020**
No. B-350: The tender invited vide Bid Identification No. 20/2020-21 bearing letter No. 7048 dated 12.10.2020 date & time of release of bid 11.11.2020 instead of 21.10.2020 and the date & time of online bid submission of work may be read as from 17.11.2020 to 02.12.2020 instead of 27.10.2020 to 17.11.2020 and opening of tenders on 03.12.2020 in place of 18.11.2020 due to unavoidable circumstances.
Other terms and conditions remain unchanged.
Sd./- Executive Engineer,
Ganjam (R&B) Division No.I
OIPR-34109/11/0011/2021

**ODISHA HYDRO POWER CORPORATION LTD.**
OHPC
O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.-5, BURLA-768017, DISTRICT: SAMBALPUR (ODISHA),
PHONE: 0663-2430197 (O), 2430741 (R), FAX: 0663-2430712
E-mail: srgmhps_burla@yahoo.co.in
No.: HHEP/Tech-WK-104/Vol-III/4815 Date: 22.10.2020
**NOTICE INVITING TENDER NO. HHEP-52/2020**
No. CAD-638: Sealed tenders are invited in two parts i.e. (i) Techno Commercial bid and & (ii) Price bid from the reputed contractors having H.T. License with supervision for EHT works issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below:

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|---|
| 1 | Annual Maintenance Contract for Maintenance of equipments of 132KV Switchyard, 11KV Switch House & LT Systems of HHEP, Burla | Rs.7080/- (Rs.6000/- + GST @ 18%) | 20,000.00 | From Dtd.27.10.2020 to Dtd.06.11.2020 upto 01.00 P.M. | Dtd.06.11.2020 upto 04.00 P.M. | Dt.06.11.2020 at 04.30 P.M. |

For details and further correspondence / corrigendum, please visit our website www.ohpcltd.com.
Sd./- C&P Head, HHEP, Burla
OIPR-04007/11/0017/2021

**ତହସିଲ କାର୍ଯ୍ୟାଳୟ, ଗଁଡିଆ**
ସଂଖ୍ୟା: ୪୨୯୯/ତାରିଖ:୨୩.୧୦.୨୦୨୦
**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**
No. F-63:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନ ଗଁଡିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଦଲାର ବାଲିଘାଟର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (୨୦୨୦-୨୧ରୁ ୨୦୨୪-୨୫) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ଗଁଡିଆଙ୍କ ଦ୍ୱାରା ତା୧୮.୧୧.୨୦୨୦ରିଖ ପୂର୍ବାହ୍ନ ଘ.୧୧.୦୦ଟିକା ସମୟରେ ପ୍ରଥମ ପର୍ଯ୍ୟାୟ ନିଲାମ କରାଯିବ। ତା୧୮.୧୧.୨୦୨୦ରିଖ ଦିନ ନିଲାମ ହୋଇ ନ ପାରିଲେ ପୁନଶ୍ଚ ପରବର୍ତ୍ତୀ ତା୨୫.୧୧.୨୦୨୦ରିଖ ପୂର୍ବାହ୍ନ ଘ.୧୧.୦୦ଟିକା ସମୟରେ ଦ୍ୱିତୀୟ ପର୍ଯ୍ୟାୟ ନିଲାମ କରାଯିବ। ସେହିପରି ତା୨୫.୧୧.୨୦୨୦ରିଖ ଦିନ ନିଲାମ ହୋଇ ନ ପାରିଲେ ପୁନଶ୍ଚ ପରବର୍ତ୍ତୀ ତା୦୨.୧୨.୨୦୨୦ରିଖ ପୂର୍ବାହ୍ନ ଘ.୧୧.୦୦ଟିକା ସମୟରେ ତୃତୀୟ ପର୍ଯ୍ୟାୟ ନିଲାମ କରାଯିବ।
ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.inରେ ଉପଲବ୍ଧ ହେବ।
ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।
ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକ ରେଜିଷ୍ଟ୍ରି ଡାକ ଯୋଗେ କିମ୍ବା ସ୍ପିଡ୍ ଡାକ ଯୋଗେ ନିଲାମ ତାରିଖର ପୂର୍ବ ଦିନ ଯଥା ତା୧୭.୧୧.୨୦୨୦ (୧ମ ପର୍ଯ୍ୟାୟ ନିମନ୍ତେ), ତା୨୪.୧୧.୨୦୨୦ (୨ୟ ପର୍ଯ୍ୟାୟ ନିମନ୍ତେ) ଓ ତା୦୧.୧୨.୨୦୨୦(୩ୟ ପର୍ଯ୍ୟାୟ ନିମନ୍ତେ)ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଧାର୍ଯ୍ୟ ତାରିଖ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।
ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି।
ସ୍ୱା./- ତହସିଲଦାର, ଗଁଡିଆ
OIPR-24084/11/0004/2021

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଜୁରୀପଡ଼ା**
**ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ**
**ଓଡ଼ିଶା ସରକାର**
ଖଜୁରୀପଡ଼ା-୭୬୨୦୧୨
THROUGH FAX/E-Mail/POST
Tel: (06842) 251527
E-Mail:ori-khajuripada@nic.in
**PANCHAYAT SAMITI OFFICE, KHAJURIPADA**
**PANCHAYATIRAJ & DRINKING WATER DEPARTMENT**
**GOVERNMENT OF ODISHA**
Letter No.4810 Date:22.10.2020
**TENDER CALL NOTICE**
The Block Development Officer, Panchayat Samiti, Khajuripada, District- Kandhamal invites sealed tenders on from registered contractors of PWD/WR/RD/RW/CPWD/ Railway for the following works to be eventually drawn in PWD F2 agreement on production of definite proof from appropriate authority.

| Sl. No. | Name of the work | Name of the GP | Name of the scheme | Approximate value of work in lakhs | 1% EMD in Rs. | Cost of tender paper | Class of contractor | Time of completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 01 | Construction of CDPO Office building, Khajuripada | Khajuripada | State Sector (Normal) for the year 2019-20 | Rs.25,84,890.00 | Rs.25,849.00 | Rs.6000.00 | B&C | Six months |

- Place and date of sale of tender paper : Block Office, Khajuripada from 29.10.2020 to 12.11.2020, (Time 10.30 A.M. to 05.00 P.M.).
- Bid documents received by this agency through registered post/ speed post only: Upto 5.00 P.M. on date 13.11.2020.
- Place and date of opening of tender paper : Block Office, Khajuripada on 16.11.2020 at 3.00 P.M.

01. The tender should pay the cost mentioned above of Demand Draft (Non-refundable) drawn in any Nationalized Bank in favour of the Block Development Officer, Khajuripada.
02. The detail tender call notice can be seen at www.kandhamal.nic.in.
03. The tender papers shall have to submitted in a sealed cover each work separately through registered post/speed post in the addressed of Block Development Officer, Khajuripada and he should mention 'TENDER PAPER FOR PANCHAYAT SAMITI' only without mentioning the name of the work in the top of the cover.
04. The tender paper should accompany attested Xerox copies of valid and registered licence, Upto date Income Tax Clearance Certificate, GST Certificate, PAN card and also an affidavit mentioning the authenticity the document submitted.
05. SC/ST contractors should submit attested Xerox copy of cast certificate and an undertaking in shape of affidavit to get exemption from EMD.
06. The EMD to be deposited should be duly pledge in favour of the Block Development Officer, Khajuripada in shape of NSK/KVP/POTD or in shape of Bank Draft/Banker Cheque pledged in favour of the Block Development Officer, Khajuripada payable at Khajuripada along with the tender document.
07. Engineer contractors seeking exemption of EMD should produce the original contract licence before the tender opening authority for verification and he should submit an affidavit to the effect that he has not been awarded with more than three works without EMD in the current financial year.
08. Transfer or adjustment of EMD/Differential amount / Initial Security Deposit (ISD will not be entertained.
09. Additional performance security shall be deposited by the successful bidder when the bid amount is seriously unbalanced i.e. less than the tendered amount by more than 10% in such an event the successful bidder will deposit the additional performance security to the extent the differential cost of the bid amount in shape of Bank Draft/Banker Cheque drawn in favour of the Block Development Officer, Khajuripada payable at Khajuripada at the time agreement.
10. The sealed tender paper can also be sent to the undersigned through Registered Post/Speed Post only.
11. The authority shall not be held responsible for any postal delay.
12. If the opening date declared as govt. holiday by the govt. then the tender opening date differ to next day.
13. The tender paper will not be considered for competition, if received through post beyond the received date i.e. 13.11.2020.
14. The authority reserves the right to reject any or all the tenders without assigning any reason thereof.

Sd./- Block Development Officer
Khajuripada

**ବିଜ୍ଞାପନ**
**ଶିଶୁ ପ୍ରତିଭା ଚୟନ - ୨୦୨୦**
କରୋନା ମହାମାରୀ ସମୟରେ ଶିଶୁ ଅଧିକାର ଏବଂ ସୁରକ୍ଷା ଦିଗରେ ନିଜର ପ୍ରତିଭା ମାଧ୍ୟମରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ୩ଜଣ ପ୍ରତିଭାବାନ୍ ଶିଶୁଙ୍କୁ କଟକ ଜିଲ୍ଲାସ୍ତରରୁ ମନୋନୀତ କରାଯାଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଦ୍ୱାରା ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଣୁ ଉପରୋକ୍ତ ପ୍ରତିଭା ଚୟନ ନିମନ୍ତେ କଟକ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଏବଂ ୧୮ବର୍ଷ ବୟସ ଅତିକ୍ରାନ୍ତ କରି ନ ଥିବା ଶିଶୁମାନଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ଏହି ଆବେଦନ ପତ୍ର ନିମ୍ନ ଠିକଣାରେ ତା୩୧।୧୦।୨୦୨୦ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଡାକ ବା ଇ-ମେଲ୍ ମାଧ୍ୟମରେ ହସ୍ତଗତ ହେବା ଆବଶ୍ୟକ। ଆବେଦନ ପତ୍ର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ, କଟକ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ। ଇଚ୍ଛୁକ ଶିଶୁ ପ୍ରତିଭା ନିଜର ସବିଶେଷ ତଥ୍ୟ ଉକ୍ତ ଆବେଦନ ପତ୍ର ମାଧ୍ୟମରେ ପ୍ରଦାନ କରିବାକୁ ଅନୁରୋଧ। ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
କୋଠରି ନଂ.-୫୪, ଦ୍ୱିତୀୟ ମହଲା,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ - ୭୫୩୦୦୨

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . GENERAL MANAGER (Elect.), EHT O&M CIRCLE, JAJPUR ROAD
CIN: U40102OR2004SGC007553
No. CAD-645 **TENDER CALL NOTICE NO-04/2020-21**
Sealed tenders are invited from experienced manufacturers/suppliers of Electrical goods like ACDB having PAN & GSTIN with up to date GST return certificate for supply of 01 no. 415V, 3 Phase,4 wire ACDB for 132/33kV Grid S/S, Rairangpur under EHT (O&M) Division, Baripada.
**Cost of the tender paper:** Rs. 4480/- (Including GST)
**EMD:** Rs. 6900/-
**Sale of Tender** :28.10.2020 to 11.11.2020 (In working days)
**Last date of submission:**12.11.2020 (Up to 01.00 PM)
**Tender opening:** 12.11.2020 at 03.00 PM
For more details/corrigendum please visit : www.optcl.co.in
Sd/-
FIPR-20/2020-21 OIPR-04011/11/0028/2021 General Manager (Elect.)

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
L. No. 11471 Date: 20.10.2020
**INVITATION FOR BIDS**
**COMPETITIVE BIDDING THROUGH E-PROCUREMENT**
No. C-181 Bid Identification No. BMC (BAM) 229/2020-21

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per Annexure "A" | |
| 2 | Nature of Work | Civil Works |
| 3 | No. of Work | 17 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 15.05 hrs. of Dt.28.10.2020 to 17.00 hrs. of 12.11.2020. |
| 8 | Date & time of Opening of the Bids | 11.30 hrs. onwards on Dt.13.11.2020 |
| 9 | Mode of submission of Tender | Tender should be submitted Online in www.tendersorissa.gov.in. |
| 10 | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Commissioner
Berhampur Municipal Corporation
Berhampur, Odisha
OIPR-13035/11/0026/2021

## ୫ ପାୱାର ଟିଲର ଜବତ, ୪ ଗିରଫ

ଡେଲାଙ୍ଗ,(ଡି.ଏନ୍.ଏ.): ବେଆଇନ ପଥର ଖନନ ମାମଲାରେ ଡେଲାଙ୍ଗ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ବରପଦା ଗ୍ରାମର ଦୀପକ ବେହେରା, ଉପେନ୍ଦ୍ର ଜେନା, ଖାରପଡ଼ା ଗ୍ରାମର ପଠାଣି ଭଞ୍ଜ, ସୁଧୀର ବେହେରା। ପୋଲିସ ନଂ. ୧୬୬/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୋଡିପୁଟ ମାଟିଆପଡ଼ା ମୌଜାର ଖାରପଡ଼ା ଓ ବରପଦା ନିକଟରେ ଥିବା ଜଙ୍ଗଲ ମଧ୍ୟରେ ପାୱାର ଟିଲର ଦ୍ୱାରା ପଥର ଖନନ ହେଉଥିଲା। ଡେଲାଙ୍ଗ ପୋଲିସ ସେଠାରେ ଚଢ଼ାଉ କରିବାରୁ ଅଭିଯୁକ୍ତମାନେ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରୁ ୪ଜଣ ଅଭିଯୁକ୍ତଙ୍କୁ ଧରିବା ସହ ୫ଟି ପାୱାର ଟିଲର ଓ ୨ଟି ଗ୍ୟାସ୍ ଲାଇଟ୍ ଜବତ କରିଛି।



## ସଂକ୍ଷେପରେ

### ଖୋର୍ଦ୍ଧା: ମା'ଙ୍କ ଭସାଣି

ଖୋର୍ଦ୍ଧା ଅଫିସ,୨୭।୧୦: ଧରାପୃଷ୍ଠରୁ ମେଲାଣି ନେଲେ ମା' ଜଗତ ଜନନୀ ଏବଂ ହର ପାର୍ବତୀ। ମଙ୍ଗଳବାର ନିରାଡମ୍ବର ଭାବେ ସୀମିତ ସଦସ୍ୟଙ୍କୁ ନେଇ ଖୋର୍ଦ୍ଧା ଟିଏଲସି ଛକ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ କରୋନା କଟକଣା ଯୋଗୁ ବିନାଭକ୍ତରେ ଖୋର୍ଦ୍ଧା ସହରରେ ଦୁର୍ଗା ପୂଜା ଆୟୋଜନ ହୋଇଥିଲା। ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଗୁରୁଜଙ୍ଗ, ପୁରୁଣା ଦମକଳ ରୋଡ, କଣ୍ଠା ଛକରେ ମା'ଙ୍କ ମୃଣ୍ମୟୀ ପ୍ରତିମା ଏବଂ ଟ୍ରାଫିକ ଛକ, ଚାରିଶ ସାତ ଷ୍ଟାଣ୍ଡ, ମାଛ ମାର୍କେଟ ଆଦି ସ୍ଥାନରେ ହରପାର୍ବତୀ ପୂଜା ଅନୁଷ୍ଠିତ ହୋଇଥିଲା। ଷଷ୍ଠୀରେ କଳସ ସ୍ଥାପନ, ସପ୍ତମୀରେ ବିଲ୍ୱ ବରଣ ପରେ ଚକ୍ଷୁଦାନ, ଅଷ୍ଟମୀ ଓ ନବମୀ ପୂଜା ଆୟୋଜିତ ହୋଇଥିଲା। କଟକଣା ଯୋଗୁ ସୀମିତ ସଦସ୍ୟଙ୍କୁ ନେଇ ନିରାଡମ୍ବର ଭାବେ ପୂଜା ଅନୁଷ୍ଠିତ ହୋଇଥିଲା।

### ନଦୀରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ

ସାଲେପୁର,୨୭।୧୦(ଡି.ଏନ୍.ଏ.): ସାଲେପୁର ବ୍ଲକ ହରିଚନ୍ଦନପୁର ବ୍ୟାରେଜ୍ ନିକଟ ଚିତ୍ରୋତ୍ପଳା ନଦୀରେ ସୋମବାର ପ୍ରଫେଶନାଲ ଡାଇଭିଂ ସର୍ଭିସ୍ ଆଣ୍ଡ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଗଭୀର ଜଳ ଡ୍ରାଇଭିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଇମିଂ, ସ୍କୁବା ଡ୍ରାଇଭିଂ, ଲାଇଫ୍ ଗାର୍ଡ ଟ୍ରେନିଂ, ପାଣି ଭିତରେ ଭିଡିଓଗ୍ରାଫି, ୱେଲ୍‌ଡିଂ ଆଣ୍ଡ୍ କଟିଂ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଭାରତୀୟ ନୌବାହିନୀର ଅବସରପ୍ରାପ୍ତ ତଟରକ୍ଷୀ ପରେଶ ମହନ୍ତ, ଅବସରପ୍ରାପ୍ତ ନୌସେନା କର୍ମଚାରୀ ପ୍ରଣବ ବିଶ୍ୱାଳ, ଶେଖର ବିଶ୍ୱାଳ ଓ ସୌରଭ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୧୦ ଜଣ ଯୁବକ ଅଂଶଗ୍ରହଣ କରିଥିଲେ।

### ଚଢ଼ାଉ କରି ୨ ଟ୍ରାକ୍ଟର ଜବତ

ନିରାକାରପୁର,୨୭।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲଦାର ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ବେଆଇନ ଭାବେ ଚାଲୁଥିବା ବିଭିନ୍ନ ଚୋରା ମାଙ୍କଡ଼ା ଓ ମୋରମ ଖଣିରେ ଚଢ଼ାଉ କରି ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଅଧିକାଂଶ ସମୟରେ ସ୍ଥାନୀୟ ଅଞ୍ଚଳରେ ଖଣି ମାଫିଆମାନେ ଦିନରାତି ମାଙ୍କଡ଼ା ପଥର କାଟି ବିକ୍ରି କରୁଥିବା ଅଭିଯୋଗ ହେଉଥିଲା। ତେବେ ତହସିଲଦାର ମଙ୍ଗଳବାର ଅଚାନକ ଚଢ଼ାଉ କରି ୧୬ନମ୍ବର ଜାତୀୟ ରାଜପଥର ଉଗ୍ରତାରା ଛକଠାରୁ ଏକ ମୋରମ ବୋଝେଇ ଟ୍ରାକ୍ଟର ଓ ଛଣଗିରି ପଞ୍ଚାୟତର ଅରାଙ୍ଗ ମୌଜାରେ ମାଙ୍କଡ଼ା ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି।

### ଗାଥା କବିତାର ପ୍ରଥମ ସ୍ରଷ୍ଟା ଗୋଦାବରୀଶ

କଟକ ଅଫିସ, ୨୭।୧୦: ଓଡ଼ିଆ ସାହିତ୍ୟରେ ଗାଥା କବିତାର ପ୍ରଥମ ସ୍ରଷ୍ଟା ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। କେବଳ ଗାଥା କବିତା ନୁହେଁ, ନାଟକ, ଉପନ୍ୟାସ, ପ୍ରବନ୍ଧ ଓ ଆତ୍ମଜୀବନୀ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସେ ସମୃଦ୍ଧ କରିଛନ୍ତି। ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭକରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓଡ଼ିଶାର ଶିକ୍ଷା ଓ ସାହିତ୍ୟ କ୍ଷେତ୍ରକୁ ତାଙ୍କର ଅବଦାନ ଥିଲା ଅତୁଳନୀୟ ବୋଲି ସାହିତ୍ୟିକ ତରୁଣ କୁମାର ସାହୁ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପରିସରରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଉପସଭାପତି ସଞ୍ଜିତ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ମୀନାକ୍ଷୀ ଦେବୀ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ସେହିପରି କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଗୋଦାବରୀଶ ମିଶ୍ରଙ୍କ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଏବଂ ଶିଶୁ ସାହିତ୍ୟିକ ମହେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

# ମେଲାଣି ନେଲେ ମା'

## କଟକଣା ମଧ୍ୟରେ ହେଲା ବିସର୍ଜନ

କଟକ ଅଫିସ/ ଭୁବନେଶ୍ୱର(ବ୍ୟୁରୋ), ୨୭।୧୦



କୋଭିଡ୍ କଟକଣା ମଧ୍ୟରେ ଚଳିତବର୍ଷ କଟକ ଓ ଭୁବନେଶ୍ୱରରେ ଦୁର୍ଗା ପୂଜା ଓ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରରେ ବିନା ଶୋଭାଯାତ୍ରା ଓ ନିରାଡମ୍ବର ଭାବେ ମା'ଙ୍କୁ ମେଲାଣି ଦିଆଯାଇଛି।

ପ୍ରତିବର୍ଷ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଭସାଣି ଉତ୍ସବରେ ସାମିଲ ହୋଇଥାନ୍ତି। କଟକ ରାଣୀହାଟ ଠାରୁ ଦେବୀଗଡା ପର୍ଯ୍ୟନ୍ତ ମୂର୍ତ୍ତୀ ବିସର୍ଜନ ପାଇଁ ଲାଇନ ଲାଗିଥାଏ। ପାରମ୍ପରିକ ବାଦ୍ୟ, ଘଣ୍ଟ, ଲୋକନୃତ୍ୟର ଆସରରେ ମା'ଙ୍କୁ ମେଲାଣି ଦିଆଯାଇଥାଏ। ମାତ୍ର ଚଳିତବର୍ଷ କରୋନା ଯୋଗୁ ସବୁ ଫିକା ପଡିଛି। କୈଣସି ବାଦ୍ୟଯନ୍ତ୍ର ଶୋଭାଯାତ୍ରାରେ ସାମିଲ କରାଯାଇନାହିଁ। ପୂଜା କମିଟିର ୭ଜଣ ସଦସ୍ୟଙ୍କୁ ନେଇ ଏହି ଭସାଣକୁ ପାଳନ କରାଯାଇଥିଲା। ମୂର୍ତ୍ତିଗୁଡିକୁ ଡାଲାଅଟୋ, ଟ୍ରାକ୍ଟର ଏବଂ ଟ୍ରଲିରେ ନିଆଯାଇ ନିକଟସ୍ଥ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ୧୨୨ଟି ମେଢ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ୧୪ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ୪ଟି ପର୍ଯ୍ୟାୟ (ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା, ଅପରାହ୍ନ ୨ଟାରୁ ୪ଟା ଏବଂ ୪ଟାରୁ ସନ୍ଧ୍ୟା ୬ଟା) ପର୍ଯ୍ୟନ୍ତ ମୂର୍ତ୍ତୀ ବିସର୍ଜନ ପାଇଁ ପୂଜା କମିଟିଗୁଡିକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରାଯାଇଥିବା ଡିସିପି ପ୍ରତୀପ ସିଂ ସୂଚନା ଦେଇଛନ୍ତି। ସେହିପରି ଭୁବନେଶ୍ୱରରେ ମଧ୍ୟ କଟକଣା ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ମା'ଙ୍କ ଭସାଣୀ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଦୟାନଦୀ ଓ କୁଆଖାଇ ନଦୀ ପଠାରେ ନିର୍ମିତ ୪ଟି ଅସ୍ଥାୟୀ ପୋଖରୀରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରାଯାଇଛି। ବିଏମ୍‌ସି ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ ଓ ରାଜଧାନୀ ଶାନ୍ତି କମିଟି ସମ୍ପାଦକ ନବକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ୬ ପ୍ଲାଟୁନ୍ ପୋଲିସ ସହ ମଞ୍ଚେଶ୍ୱର ଥାନା ଅଧିକାରୀ, ବିଏମ୍‌ସି ଅଧିକାରୀ ସତ୍ୟନାରାୟଣ ପାତ୍ର, ଅସୀମ ମିଶ୍ର, ସରୋଜ କୁମାର ମହାପାତ୍ର, ଜଗନ୍ନାଥ ପାତ୍ର, ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ସମସ୍ତ ପୂଜାମଣ୍ଡପର ମୁରବିମାନଙ୍କ ଉପସ୍ଥିତିରେ ମା'ଙ୍କର ମୂର୍ତ୍ତି ବିସର୍ଜନ କରାଯାଇଥିଲା।



କଟକରେ ଭସାଣି କାର୍ଯ୍ୟକ୍ରମକୁ ଦୂରରେ ଥାଇ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି।



ମା'ଙ୍କ ଭସାଣି ପୂର୍ବରୁ ବଙ୍ଗୀୟ ମହିଳାଙ୍କ ସିନ୍ଦୂର ଖେଳ।



କଟକ ପୁରୀଘାଟରେ ମା'ଙ୍କୁ ବିସର୍ଜନ ପୂର୍ବରୁ ଆଳତି କରାଯାଉଛି।



କୁଆଖାଇ ନଦୀରେ ମା'ଙ୍କୁ ବିସର୍ଜନ କରାଯାଉଛି।

# ସିଂହଦ୍ୱାରରେ ଦେବୀ ସଭା



ଶ୍ରୀମନ୍ଦିର ସମ୍ମୁଖକୁ ଯାଉଛି ବାରବାଟୀ ଗୋଷାଣି ଶୋଭାଯାତ୍ରା।

### ବାଜିଲାନି ବାଜା, ହେଲାନି ଶୋଭାଯାତ୍ରା

ପୁରୀ ଅଫିସ,୨୭।୧୦

ଶେଷ ହୋଇଛି ଶାରଦୀୟ ଦୁର୍ଗାପୂଜା। ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା' ଦୁର୍ଗା। ଦଶହରା ସନ୍ଧ୍ୟାରେ ମୃଣ୍ମୟୀ ଦୁର୍ଗାଙ୍କ ବିସର୍ଜନ ପରେ ଏକାଦଶୀରେ ଶ୍ରୀକ୍ଷେତ୍ରରେ ପାରମ୍ପରିକ ରୀତିନୀତିରେ ଗୋସାଣି ଭସାଣି ପର୍ବ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ପୁରୀ ସହରର ବିଭିନ୍ନ ମଣ୍ଡପରୁ ଗୋସାଣି, ନାଗା ପ୍ରଭୃତି ମୂର୍ତ୍ତିଙ୍କୁ ନିରାଡ଼ମ୍ବର ଭାବେ ସିଂହଦ୍ୱାରକୁ ଅଣାଯାଇ ଅନୁଷ୍ଠିତ ହୋଇଥିଲା ଦେବୀ ସଭା। ଏହାପରେ ଗୋସାଣି, ନାଗାମାନଙ୍କୁ ନେଇ ମଙ୍ଗଳାଘାଟ ନିକଟ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା। ପ୍ରତିବର୍ଷ ମଣ୍ଡପରୁ ଗୋସାଣି ଏବଂ ନାଗାଙ୍କୁ ଶୋଭାଯାତ୍ରାରେ ଆଣିବା ସମୟରେ ବାଜାବାଣରେ ଦୁଲୁକିଥାଏ ସହର। ହେଲେ ଏଥର କୋଭିଡ୍ କଟକଣା ଯୋଗୁ ବାଜା ବାଜି ନ ଥିଲା କି ଲାଇଟ୍ ଶୋଭାଯାତ୍ରା ନ ଥିଲା। ପ୍ରଶାସନ ପକ୍ଷରୁ ମରିଚିକୋଟ ଛକଠାରୁ ସିଂହଦ୍ୱାର ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଥିଲା। ପ୍ରତ୍ୟେକ ଗୋସାଣି ସହ ୭ ଜଣଙ୍କୁ ଅନୁମତି ଦିଆଯାଇଥିଲା।

ଶାରଦୀୟ ପୂଜା ଅବସରରେ ସହରର ବିଭିନ୍ନ ମଣ୍ଡପରେ ଗୋସାଣି, ନାଗା ପୂଜା ପାଇଥିଲେ। କାକୁଡ଼ିଖାଇ, ଷ୍ଟେଶନ ବଜାର, ମାର୍କେଟ ଛକ, ଦୁର୍ଗାବାଡ଼ିରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ସୋମବାର ଦୁର୍ଗା ମୂର୍ତ୍ତି ବିସର୍ଜିତ ହୋଇଥିଲେ। ପରମ୍ପରା ଅନୁଯାୟୀ, ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରେ ଗୋସାଣି ବିସର୍ଜନ ଅନୁଷ୍ଠିତ ହୋଇଥିଲା। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ବାରବାଟି ଗୋସାଣୀ, ଦୋଳମଣ୍ଡପ ସାହି ଗୋସାଣୀ, ଜହ୍ନିଖାଇ ଠାକୁରାଣୀଙ୍କ ସମେତ ଶ୍ରୀକ୍ଷେତ୍ରର ଅନ୍ୟାନ ଗୋସାଣୀ ଏବଂ ନାଗା ପୂଜା ମଣ୍ଡପରୁ ସିଂହଦ୍ୱାରକୁ ଆସିଥିଲେ। ହରଚଣ୍ଡୀ ଗୋସାଣି, ବନଦୁର୍ଗା, ଗେଲବାଇ, ଶୂନ୍ୟ ଗୋସାଣି, ବାସେଳି ସାହିର ବନଦୁର୍ଗା, ଭୋଗଜାଗା ଗୋସାଣି, ଜହ୍ନିଖାଇ ପ୍ରମୁଖ ମେଳଣରେ ସାମିଲ ହୋଇ ରାତିରେ ଭସାଣିକୁ ଯାଇଥିଲେ। ସେହିପରି ପୁରୀ ସହରର ଅନ୍ୟତମ ଆକର୍ଷଣ ହେଉଛି ନାଗା ପରମ୍ପରା। ଏହି ମେଳଣରେ ବାଲିସାହି, ହରଚଣ୍ଡି ସାହି, ପଶ୍ଚିମଦ୍ୱାର, ବଳଗଣ୍ଡି, ନରେନ୍ଦ୍ରକୋଣ ପ୍ରଭୃତି ସାହିର ନାଗା ମୂର୍ତ୍ତି ମଧ୍ୟ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ମେଳଣର ସବୁଠୁ ଆକର୍ଷଣ ଥିଲା ସମ୍ପାଡି ଚଢ଼େଇ। ଦଶହରା ସମୟରେ ପୁରୀର ବିଭିନ୍ନ ସାହିରେ ଗୋସାଣି, ନାଗା ଏବଂ ଅନ୍ୟାନ୍ୟ ମୂର୍ତ୍ତି ପୂଜା ପାଇଥାନ୍ତି। ସହରବାସୀ ତଥା ଜନସାଧାରଣ ଏହି ମୂର୍ତ୍ତିମାନଙ୍କୁ ଗୋଟିଏ ସ୍ଥାନରେ ଏକକାଳୀନ ଦେଖିବାର ସୁଯୋଗ ଦେବା ଲକ୍ଷ୍ୟରେ ସିଂହଦ୍ୱାର ସମ୍ମୁଖରେ ଦେବୀ ସଭାର ଆୟୋଜନ କରାଯାଇଥାଏ, ଯାହା ଅତ୍ୟନ୍ତ ପ୍ରାଚୀନ।

## ରାଜଧାନୀରେ ଶହେ ତଳକୁ ଖସିଲା ସଂକ୍ରମଣ

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଦୈନିକ ସଂକ୍ରମଣ ଶହେ ତଳକୁ ଖସଛି। ଗଞ୍ଜାମ ଜିଲା ପରେ ହଟ୍‌ସ୍ପଟ ଜିଲା ଖୋର୍ଦ୍ଧା ରହିଥିଲା। ଖୋର୍ଦ୍ଧାରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ୮୦ପ୍ରତିଶତ ଭୁବନେଶ୍ୱରର ରହିଥାଏ। ତେବେ ଗତ କିଛି ଦିନରେ ରାଜ୍ୟରେ ସଂକ୍ରମଣ ହ୍ରାସ ପାଉଥିବାବେଳେ ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟାକମିବାରେ ଲାଗିଛି। ଗତ ୨୪ଘଣ୍ଟାରେ ଖୋର୍ଦ୍ଧାରୁ ୨୦୬ଜଣ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱରରୁ ୮୮ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୭୧ଜଣ ସ୍ଥାନୀୟ ଆକ୍ରାନ୍ତ ହୋଇଥିବା ବେଳେ ୧୭ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଛନ୍ତି। ଫଳରେ ଭୁବନେଶ୍ୱରରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮,୭୮୨ରେ ପହଞ୍ଚିଛି। ତେବେ ବହୁଦିନ ପରେ ଭୁବନେଶ୍ୱରରେ ଗତ ଦୁଇଦିନ ହେବ ଶହେ ତଳକୁ ଦୈନିକ ସଂକ୍ରମଣ ରହୁଛି। ସେପଟେ ଭୁବନେଶ୍ୱରରେ ଆଉ ୪ଜଣଙ୍କର ମୃତ୍ୟୁ ଘଟିଛି। ଫଳରେ ରାଜଧାନୀରେ କରୋନା ମୃତ୍ୟୁ ସଂଖ୍ୟା ୧୫୮କୁ ବୃଦ୍ଧି ପାଇଛି। ମଙ୍ଗଳବାର ଆଉ ୨୩୦ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୨୬,୬୦୭ରେ ପହଞ୍ଚିଥିବାବେଳେ ୧,୯୧୬ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ବ୍ୟାଙ୍କ କର୍ମଚାରୀଙ୍କୁ ତାଲା ପକାଇଲେ ସ୍ୱୟଂ ସହାୟକ ଗୋଷ୍ଠୀ

ଗୋପ,୨୭।୧୦(ଡି.ଏନ୍.ଏ.): ସୁଧ ଟଙ୍କା ଆଦାୟକୁ ନେଇ ମଙ୍ଗଳବାର ୩ଜଣ ବ୍ୟାଙ୍କ କର୍ମଚାରୀଙ୍କୁ ଗୋପ ଥାନା ଅଧୀନ ଓରେଇ ଗ୍ରାମର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଟକ ରଖିବା ସହ ତାଲା ପକାଇଦେଇଥିଲେ। ଗ୍ରାମର କେତେଜଣ ବ୍ୟକ୍ତି ମହିଳା ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ପରେ ଅଟକ କର୍ମଚାରୀଙ୍କୁ ଛାଡ଼ିଦେଇଥିଲେ। ସୂଚନା ଅନୁଯାୟୀ, କିଛି ମାସ ପୂର୍ବେ ନିମାପଡ଼ାର ଏହି ଘରୋଇ ବ୍ୟାଙ୍କରୁ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ୨ଲକ୍ଷ ଟଙ୍କା ଋଣ ଆଣିଥିଲେ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ମାସରେ ସୁଧ ସହ ମୂଳ ଟଙ୍କା ଦେଉଥିଲେ। କରୋନା ଯୋଗୁ ପ୍ରାୟ ୪ମାସ ହେବ ଟଙ୍କା ଦେଇ ନ ଥିବା ବେଳେ ପରେ ସମସ୍ତ ଟଙ୍କା ଶୁଝିଦେଇଥିଲେ। ମଙ୍ଗଳବାର ଏହି ଘରୋଇ ବ୍ୟାଙ୍କ କର୍ମଚାରୀମାନେ ଓରେଇ ଗ୍ରାମରେ ପହଞ୍ଚି ସୁଧ ଟଙ୍କା ବକେୟା ରହିଥିବା କହିଥିଲେ। ଏନେଇ ମହିଳା ଗୋଷ୍ଠୀ ଓ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ମହିଳାମାନେ ବ୍ୟାଙ୍କ କର୍ମଚାରୀଙ୍କୁ ଏକ ଘରେ ତାଲା ପକାଇ ଦେଇଥିଲେ। ଗ୍ରାମବାସୀଙ୍କ ବୁଝାଶୁଝା ପରେ ମହିଳାମାନେ ବ୍ୟାଙ୍କ କର୍ମଚାରୀଙ୍କୁ ଛାଡ଼ିଦେଇଥିଲେ।

## ମନ୍ଦିର ଯିବା ରାସ୍ତାକୁ ନେଇ ମହିଳାଙ୍କୁ ବାଛନ୍ଦ

### ଥାନା ନ ବୁଝିବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ

କଣାସ, ୨୭।୧୦(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ବଡ଼ାଲ ପଞ୍ଚାୟତର ବଡ଼ଓରା ଗ୍ରାମରେ ଆରାଧ୍ୟ ଠାକୁରାଣୀ ମା' ଜୟଦୁର୍ଗାଙ୍କ ମନ୍ଦିର ଯିବା ରାସ୍ତାକୁ ନେଇ ଗ୍ରାମର ସୁଷମା ସାହୁଙ୍କ ପରିବାରକୁ ବାଛନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ସୁଷମା ଏ ନେଇ ଗଡ଼ିଶାଗୋଦା ଥାନାରେ ବାରମ୍ବାର ଅଭିଯୋଗ କରି ନିରାଶ ହେବାରୁ ସୋମବାର ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଖବର ଅନୁଯାୟୀ, ଜୟଦୁର୍ଗା ମନ୍ଦିର ଯିବାର ଏକ ରାସ୍ତାର ଏକ ଜମିକୁ ନେଇ ସୁଷମାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏପରିକି ସୁଷମାଙ୍କ ଶ୍ୱଶୁରଙ୍କ ଶବଦାହ ବେଳେ ଶ୍ମଶାନକୁ ସାମଗ୍ରୀ ନେବା ସମୟରେ ଗ୍ରାମବାସୀ ବାରଣ କରିଥିଲେ। ଏହାସହ ସୁଷମାଙ୍କ ବିଭିନ୍ନ କାର୍ଯ୍ୟ ତଥା ପୂଜା, ରାଶନ ସାମଗ୍ରୀ ଆଣିବା ବେଳେ ଗ୍ରାମବାସୀ ବାରମ୍ବାର ବାରଣ କରୁଥିଲେ। ଶେଷରେ ସୁଷମା ନିରାଶ ହୋଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଅଫିସର ଏତଲା କପି ଦେଉ ନ ଥିବା ଅଭିଯୋଗ ଏସ୍‌ପିଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ଗଡ଼ିଶାଗୋଦା ଆଇଆଇସି ଦେବାଶିଷ ମିଶ୍ରଙ୍କୁ ପଚାରିବାରୁ ଦୁଇ ପକ୍ଷକୁ ଆଲୋଚନା ପାଇଁ ଡକାଯାଇଛି କହି ଫୋନ କାଟି ଦେଇଥିଲେ। ସେହିଭଳି ସୁଷମାଙ୍କ ପ୍ରତିବାଦୀ ପୂର୍ବତନ ସରପଞ୍ଚ ଧନେଶ୍ୱର ଲେଙ୍କା କୁହନ୍ତି, ୧୯୭୩ରେ ଗ୍ରାମର ସ୍ୱର୍ଗତ ହାଡିବନ୍ଧୁ ସାମନ୍ତରାୟ ଅନାବାଦି ୫ ଡିସିମିଲି ଜାଗାକୁ ନିଜ ନାମରେ ରେକର୍ଡ କରି ନେଇଯାଇଥିଲେ। ଏହା ଗ୍ରାମବାସୀ ଜାଣିବାପରେ କମିଟି ବସାଇ ୪ ଡିସିମିଲି ମଧ୍ୟରୁ ପୋଖରୀହୁଡାରେ ମନ୍ଦିରକୁ ଯିବା ପାଇଁ ଗୋଟିଏ ଡିସିମିଲି ଜାଗା ଛାଡ଼ିବାକୁ ହାଡ଼ିବନ୍ଧୁଙ୍କୁ କହିଥିଲେ। କିନ୍ତୁ ପରେ ତାଙ୍କ ପୁଅମାନେ କିଛି ଅର୍ଥ ନେଇ ୧ଡିସିମିଲି ଜାଗାକୁ ସୁଷମାଙ୍କ ସ୍ୱାମୀ ଶରତଙ୍କୁ ପ୍ରଦାନ କରିଦେଇଥିଲେ। ଗ୍ରାମବାସୀ ବସି ମାପଚୁପ ପାଇଁ ଦିନ ଧାର୍ଯ୍ୟ ହେବା, ମନ୍ଦିର ପାଇଁ ଜାଗା ଛାଡ଼ିବା ପାଇଁ କେବଳ କହିଥିଲେ। କିନ୍ତୁ ସୁଷମାଙ୍କ ପରିବାରକୁ ବାଛନ୍ଦ କରାଯାଇ ନାହିଁ। ସେମାନେ ଅପପ୍ରଚାର ଚଳାଇଛନ୍ତି ବୋଲି ସେ କହିଛନ୍ତି।

## ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କ ଭିଡ଼

କୋଣାର୍କ,୨୭।୧୦(ଡି.ଏନ୍.ଏ.)



ଦଶହରା ଛୁଟିରେ ପର୍ଯ୍ୟଟନସ୍ଥଳୀ କୋଣାର୍କରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରବିବାର ଓ ସୋମବାର ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମୀ ଓ ରାମଚଣ୍ଡୀ ପୀଠରେ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସୂର୍ଯ୍ୟମନ୍ଦିରକୁ ଅଢ଼େଇ ହଜାର ପର୍ଯ୍ୟଟକଙ୍କ ପ୍ରବେଶ ନିୟମ ରହିଛି। ଫଳରେ ଶତାଧିକ ପର୍ଯ୍ୟଟକ ମନ୍ଦିର ବୁଲି ନ ପାରି ନିରାଶ ମନରେ ଫେରିଥିଲେ। ମୁଖ୍ୟ ପ୍ରବେଶ ପଥରେ ଏଏସ୍‌ଆଇର ବୋର୍ଡରେ କ୍ୟୁଆର କୋର୍ଡକୁ ସ୍ମାର୍ଟଫୋନରେ ସ୍କାନ କଲେ ପର୍ଯ୍ୟଟକମାନେ ପ୍ରବେଶ ପାଇଁ ଅନୁମତି ମିଳିପାରିବ। ପ୍ରବେଶ ପଥରେ ନିୟୋଜିତ ସୁରକ୍ଷା କର୍ମୀ ପର୍ଯ୍ୟଟକଙ୍କ ସ୍କିନ ଟେଷ୍ଟ କରି ଭିତରକୁ ଛାଡିବେ। ପର୍ଯ୍ୟଟକଙ୍କ ଭିଡକୁ ଦୃଷ୍ଟିରେ ରଖି ସୂର୍ଯ୍ୟମନ୍ଦିର ସମ୍ମୁଖରେ ଦଲାଲମାନେ ନିଜ ମୋବାଇଲରେ କ୍ୟୁଆର କୋର୍ଡ ସ୍କାନ କରି ପର୍ଯ୍ୟଟକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ସେହିଭଳି ଚନ୍ଦ୍ରଭାଗା ବେଳାଭୂମିରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ମାସ୍କ ଓ ସାମାଜିକ ଦୂରତ୍ୱ ନ ଥାଇ ପର୍ଯ୍ୟଟକମାନେ ବୁଲାବୁଲି କରୁଥିଲେ। ପର୍ଯ୍ୟଟକଙ୍କ ଭିଡ଼କୁ ଦେଖି ସୂର୍ଯ୍ୟମନ୍ଦିର ଓ ବେଳାଭୂମିରେ ଉଠା ବ୍ୟବସାୟୀମାନେ ରାସ୍ତା ଅବରୋଧ କରି ବ୍ୟବସାୟ କରୁଥିଲେ।

## ଦୁର୍ନୀତି ନିବାରଣ ପାଇଁ ଶପଥ ନେଲେ କର୍ମଚାରୀ

ଭୁବନେଶ୍ୱର,୨୭।୧୦(ବ୍ୟୁରୋ): ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସେଚତନତା କାର୍ଯ୍ୟକ୍ରମ ଓ ଶପଥ ପାଠ କରାଯାଇଥିଲା। ତ୍ରିପାଠୀ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱଚ୍ଛତା, ନିରପେକ୍ଷତା ଓ ନିଷ୍ଠାପୂର୍ବକ କାର୍ଯ୍ୟ କରିବା ସହ ଦୁର୍ନୀତି ନିବାରଣ ପାଇଁ ମିଳିତ ପ୍ରଚେଷ୍ଟା ବଜାୟ ରଖିବାକୁ ଶପଥ ପାଠ କରାଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଦିଲୀପ ରାଉତରାୟ, ଅତିରିକ୍ତ ଶାସନ ସଚିବ ଅବନୀକାନ୍ତ ପଟ୍ଟନାୟକ ଓ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ମଥ ଶତପଥୀଙ୍କୁ 'ସୁରେଶ ସୃଜନ ସମ୍ମାନ'

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)




ପୂର୍ବତନ ଏମ୍.ପି. ପ୍ରସନ୍ନ ପାଟ୍ଟଶାଣୀ ଗବେଷକ ଡ. ମନ୍ମଥ ଶତପଥୀଙ୍କୁ ସମ୍ମାନିତ କରୁଛନ୍ତି।

ବିଶିଷ୍ଟ ଲୋକସଂସ୍କୃତି ଗବେଷକ ଡ. ମନ୍ମଥ ଶତପଥୀଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଛି। ଖ୍ୟାତନାମା ନାଟ୍ୟକାର, ଅନୁବାଦକ, ସଂସ୍କୃତିକର୍ମୀ ଓ ଲୋକସଂସ୍କୃତି ବିଶାରଦ ସ୍ୱର୍ଗୀୟ ସୁରେଶ ବଳବନ୍ତରାୟଙ୍କ ୬୬ତମ ଜୟନ୍ତୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡ. ଶତପଥୀଙ୍କୁ ଲୋକସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ଦିଆଯାଇଛି। ସୁରେଶ ବଳବନ୍ତରାୟ ଫାଉଣ୍ଡେଶନ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ସାହିତ୍ୟିକ ଡ. ପ୍ରସନ୍ନ ପାଟ୍ଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଲୋକନାଟକ କ୍ଷେତ୍ରରେ ରହିଥିବା କୃତିତ୍ୱ ଓ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନ୍‌ର ସଭାପତି ଡ. ହରେକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ସୁଶ୍ରୀ ଶାଶ୍ୱତୀ ଜେନା ମାନପତ୍ର ପାଠ କରିଥିଲେ ଓ ଫାଉଣ୍ଡେଶନ୍‌ର ସମ୍ପାଦିକା ଅଧ୍ୟାପିକା ଅନ୍ୟା ଅନୁରୂପା ଧନ୍ୟବାଦ ଅର୍ପଣ କରିଥିଲେ। ଫାଉଣ୍ଡେଶନ୍ ପକ୍ଷରୁ ଏଣିକି ପ୍ରତି ତିନି ମାସରେ ଲୋକସଂସ୍କୃତି ଆଲୋଚନା ଓ ପ୍ରଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ପ୍ରଥମେ ହେବ ସାତପାହାଚ ଦ୍ୱାର



ବୈଠକରେ ୮ ଦ୍ୱାରର ରୁପା ଛାଉଣି ସମ୍ପର୍କରେ ଆଲୋଚନା ଚାଲିଛି।

**ପୁରୀ ଅଫିସ,୨୭।୧୦**

ଶ୍ରୀମନ୍ଦିରର ୮ଟି ଦ୍ୱାର ହେବ ରୁପା ଛାଉଣି। ଜୟ ବିଜୟ, କଳାହାଟ, ବେହେରଣ, ସାତପାହାଚ, ପଶ୍ଚିମ ଭୋଗ ମଣ୍ଡପ, ନୃସିଂହ ମନ୍ଦିର, ମା' ବିମଳା ଓ ମା' ମହାଲକ୍ଷ୍ମୀ ମନ୍ଦିରର ଗର୍ଭ ଦ୍ୱାରକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ଜଣେ ଭକ୍ତ ବହନ କରିବେ। ଏହି ୮ଟି କବାଟ ପାଇଁ ପ୍ରାୟ ଅଢେଇ ଟନ୍ ରୁପା ଲାଗିବ। ମଙ୍ଗଳବାର ଏଥିପାଇଁ ଗଠିତ ଏକ କମିଟିର ପ୍ରଥମ ବୈଠକ ନୀଳାଦ୍ରି ଭକ୍ତ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୁପା ଛାଉଣି କାମ ସମ୍ପର୍କରେ ଆମୂଳଚୂଳ ଆଲୋଚନା କରାଯାଇଛି। ବମ୍ବେରୁ ଆସିଥିବା ଡିଜାଇନର ଏବଂ କାରିଗର କବାଟର ଏକାଧିକ ଡିଜାଇନ ଦେଖାଇଥିଲେ।

**ଶ୍ରୀମନ୍ଦିରର ୮ ଦ୍ୱାର ରୁପା ଛାଉଣି ପ୍ରସଙ୍ଗ**

- ୫ ମୁଖ୍ୟ କବାଟ କାଠ ମୋଟେଇ ୪ ଇଞ୍ଚ
- ରୁପା ଚାଦର ମୋଟେଇ ୧.୬ ଏମ୍ଏମ୍
- କବାଟ ଡିଜାଇନ ଚୂଡ଼ାନ୍ତ, ରୁପା ଡିଜାଇନ ଅଟକିଛି

୮ଟି ଯାକ କବାଟର ଡିଜାଇନ ମନୋନିତ ହୋଇଛି। କେବଳ ରୁପା କାରୁକାର୍ଯ୍ୟ ଡିଜାଇନକୁ ଛାଡି ଆଉ ପ୍ରାୟ ସମସ୍ତ କାମ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ରୁପା ଡିଜାଇନ ଚୂଡ଼ାନ୍ତ କରାଯିବ। ତେବେ କବାଟ ତିଆରି, ରୁପା ରହିବା ପାଇଁ ଷ୍ଟ୍ରଙ୍ଗ୍‌ରୁମ୍, କାରିଗରଙ୍କ ରହଣି, କାମ ଅନୁଧ୍ୟାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପରମ୍ପରା ରକ୍ଷା ତଥା ଉତ୍କଳୀୟ କଳା, କାରିଗରିର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କାମ କରାଯିବ। ପ୍ରଥମେ ସାତପାହାଚ ଦ୍ୱାର କବାଟ ରୁପା ଛାଉଣି କରାଯିବ। ଯଦି ଏଥିରେ କୌଣସି ପ୍ରକାର ତ୍ରୁଟିବିଚ୍ୟୁତି ନଜରକୁ ଆସେ ତେବେ ପରବର୍ତ୍ତୀ ୭ଟି ଯାକ କବାଟରେ ଏହାକୁ ସଂଶୋଧନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ସଦସ୍ୟ, ବମ୍ବେରୁ ଆସିଥିବା ଡିଜାଇନର ଓ କାରିଗର ଉପସ୍ଥିତ ଥିଲେ। କବାଟର ଡିଜାଇନ ଚୂଡ଼ାନ୍ତ ପରେ ପ୍ରଥମେ ସାତପାହାଚ ଦ୍ୱାର ରୁପା ଛାଉଣି କରାଯିବ। ପ୍ରଥମେ ୮ଟି ଯାକ କବାଟ ବର୍ମା ଟିକ୍ କାଠରେ ନୂତନ ଭାବେ ତିଆରି କରାଯିବ। ଏହା ଉପରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ଚାଦର ଆବରଣ କରାଯିବ। ତେବେ ଜୟ ବିଜୟ, କଳାହାଟ, ବେହେରଣ, ସାତପାହାଚ ଓ ପଶ୍ଚିମ ଭୋଗ ମଣ୍ଡପ ଦ୍ୱାର କବାଟର କାଠ ମୋଟେଇ ୪ ଇଞ୍ଚ ରହିବ ଏବଂ ମହାଲକ୍ଷ୍ମୀ, ବିମଳା ଓ ନୃସିଂହ ମନ୍ଦିର ଗର୍ଭଗୃହ ଦ୍ୱାର କବାଟ କାଠର ମୋଟେଇ ୩ ଇଞ୍ଚ ଲେଖାଏ ରହିବ। ସବୁ କବାଟରେ ରୁପା ଚାଦର ଆବରଣ ମୋଟେଇ ୧.୬ ଏମ୍ଏମ୍ ରହିବ। ତେବେ ଜୟ ବିଜୟ, କଳାହାଟ ଓ ପଶ୍ଚିମ ଭୋଗ ମଣ୍ଡପ ଦ୍ୱାର ସିଧାସଳଖ ଠାକୁରଙ୍କ ନୀତିକାନ୍ତି ସହ ସମ୍ପୃକ୍ତ ଥିବାରୁ ଏହି ଦ୍ୱାର କାମ ମହାପ୍ରଭୁ ମନ୍ଦିରରେ ନ ଥିବାବେଳେ ଅର୍ଥାତ୍ ରଥଯାତ୍ରାଠାରୁ ନୀଳାଦ୍ରିବିଜେ ମଧ୍ୟରେ ଶେଷ କରାଯିବାକୁ ବୈଠକରେ ସ୍ଥିର ହୋଇଥିବା ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରର ଆଉ ୧୫ଟି ଦ୍ୱାର ରୁପା ଛାଉଣି ପାଇଁ ବୈଠକରେ ପ୍ରସ୍ତାବ ଆସିଥିଲା। ଏ ସମ୍ପର୍କରେ ବିଚାର କରାଯିବ ବୋଲି ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି। ପରବର୍ତ୍ତୀ ବୈଠକ ଆସନ୍ତା ୯ ତାରିଖରେ ହେବ।

## ସଂକ୍ଷେପରେ

### ନଭେମ୍ବର ପହିଲାରୁ କାର୍ତ୍ତିକ ବ୍ରତ

**ପୁରୀ ଅଫିସ,୨୭।୧୦:** ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ ହୋଇଥାଏ। କିନ୍ତୁ କୁମାର ପୂର୍ଣ୍ଣିମା ପରଦିନ ଅର୍ଥାତ କାର୍ତ୍ତିକ ମାସର ପ୍ରଥମ ଦିନରୁ ସାଧାରଣତଃ ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଆସନ୍ତା ନଭେମ୍ବର ୧ କାର୍ତ୍ତିକର ପ୍ରଥମ ଦିନ। ହେଲେ କାର୍ତ୍ତିକ ବ୍ରତ ଲାଗି ଶ୍ରୀକ୍ଷେତ୍ରକୁ ଗତ ବର୍ଷଗୁଡ଼ିକ ଭଳି ଏଥର ହବିଷିଆଳିଙ୍କ ଆଗମନ ନାହିଁ। ସରକାରଙ୍କ ପକ୍ଷରୁ ଚଳିତବର୍ଷ ହବିଷିଆଳି ଶିବିର କରାଯାଇନାହିଁ। ସୂଚନାଥାଉ କି, କାର୍ତ୍ତିକ ମାସରେ ପ୍ରାତଃରୁ ମାର୍କଣ୍ଡ, ଶ୍ୱେତଗଙ୍ଗା, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ଆଦି ପୁଷ୍କରିଣୀରେ ହବିଷିଆଳିମାନେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥାନ୍ତି। ହେଲେ ଏଥର ସବୁ ସ୍ଥିତିକୁ ବଦଳାଇ ଦେଇଛି କରୋନା। ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଥିବାବେଳେ ହବିଷିଆଳି ଶିବିର ବି ନାହିଁ। କରୋନା ସଂକ୍ରମଣ ଭୟ ଯୋଗୁ ବ୍ରତଧାରୀଙ୍କୁ ପରିବାର ସଦସ୍ୟ ବି ବାହାରେ କେଉଁଠି ରଖିବା ଲାଗି ଚାହୁଁ ନାହାନ୍ତି।

### ଏମ୍‌ସିଏଚ୍ ପାଠ୍ୟକ୍ରମ ପାଇଁ ମିଳିଲା ସ୍ୱୀକୃତି

**କଟକ ଅଫିସ,୨୭।୧୦:** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ସର୍ଜିକାଲ ଅଙ୍କୋଲୋଜି ଓ ଗାଇନିକ ଅଙ୍କୋଲୋଜି ବିଭାଗରେ ମାଷ୍ଟର ଅଫ ଚିରାଜି (ଏମ୍‌ସିଏଚ୍) ପାଠ୍ୟକ୍ରମ ପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍‌ସି) ତରଫରୁ ସ୍ୱୀକୃତି ମିଳିଛି। ୨୦୧୭ରେ ଏହି ଦୁଇ ବିଭାଗରେ ଏମ୍‌ସିଏଚ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ୨ଟି ଲେଖାଏ ସିଟ୍ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଏନ୍ଏମ୍‌ସି ଅନୁମତି ଦେଇଥିଲେ। ସେହିବର୍ଷ ପ୍ରଥମକରି ଉଭୟ ବିଭାଗରେ ୨ଜଣ ଲେଖାଏ ଡାକ୍ତରୀ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ପ୍ରଥମ ବ୍ୟାଚ୍‌ର ପରୀକ୍ଷା ଓ ତାଲିମ ସଫଳ ହେବା ପରେ ବୋର୍ଡ ଅଫ୍ ଗଭର୍ନାନ୍ସ ଓ ଏନ୍ଏମ୍‌ସିଙ୍କ ନିଷ୍ପତ୍ତିକ୍ରମେ ଉକ୍ତ ପାଠ୍ୟକ୍ରମ ଜାରି ରଖିବା ପାଇଁ ସ୍ୱିକୃତି ଦେଇଛନ୍ତି। ଏହି ସ୍ୱୀକୃତି ୫ ବର୍ଷ ପାଇଁ ଦିଆଯାଇଛି। ଯାହା ପରବର୍ତ୍ତୀ ସମୟରେ ନବୀକରଣ କରାଯିବ। ଶେଷରେ ସ୍ୱୀକୃତିକୁ ପୁନଃ ଅନୁମୋଦନ କରିବାକୁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପାଖକୁ ଏନ୍ଏମ୍‌ସି ପଠାଇ ଦେଇଛନ୍ତି ବୋଲି ସାଧାରଣ ସମ୍ପାଦକ ଡା. ଆର. କେ. ଭାଟ୍‌ସ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

### କେବିସି ପ୍ରଶ୍ନରେ ସୁଦର୍ଶନ

ପୁରୀ ଅଫିସ,୨୭।୧୦: ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ଦେଶ ବିଦେଶରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ବାଲୁକା କଳାକୁ ସବୁ ବର୍ଗର ଲୋକ ପସନ୍ଦ କରିଆସୁଛନ୍ତି। ବାଲୁକା କଳାକୁ ନେଇ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶାର ଗର୍ବ ଓ ଗୌରବ ସୁଦର୍ଶନ ଏକ ଘରୋଇ ଚ୍ୟାନେଲରେ ପ୍ରସାରିତ ହେଉଥିବା ଲୋକପ୍ରିୟ କାର୍ଯ୍ୟକ୍ରମ କୌନ୍ ବନେଗା କରୋଡ଼ପତି (କେବିସି)ର ପ୍ରଶ୍ନରେ ସ୍ଥାନ ପାଇଛନ୍ତି। ଅଭିନେତା ତଥା ବିଗ୍ ବି ଅମିତାଭ ବଚ୍ଚନ ଜଣେ ମହିଳା ପ୍ରତିଯୋଗୀଙ୍କୁ ବାଲୁକା କଳା ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ୨୦୨୦ ଫେବୃୟାରୀରେ ଟ୍ରମ୍ପ ଦମ୍ପତିଙ୍କ ଭାରତ ଗସ୍ତ ଅବ୍ୟବହିତ ପୂର୍ବରୁ ସେମାନଙ୍କୁ ସ୍ୱାଗତ ଜଣାଇ କେଉଁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶିଳ୍ପୀ ବାଲୁକା କଳା ପ୍ରସ୍ତୁତ କରିଥିଲେ। ଏଥିରେ ବିଗ୍ ବି ପ୍ରତିଯୋଗୀଙ୍କୁ ୪ ଜଣଙ୍କ ନାମ ଅପ୍‌ସନ ଦେଇଥିଲେ, ଯେଉଁଥିରେ ସୁଦର୍ଶନଙ୍କ ନାମ ରହିଥିଲା। ଆଉ ଏହାର ଉତ୍ତର ବି ରହିଛି ସୁଦର୍ଶନ ପଟ୍ଟନାୟକ। ସୋମବାର ଏହି ଏପିସୋଡ୍ ପ୍ରସାରିତ ହୋଇଥିଲା।



# ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ

**ପୁରୀ ଅଫିସ,୨୭।୧୦**

- ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନରୁ ଭକ୍ତ ବଞ୍ଚିତ
- ପତିତପାବନଙ୍କୁ ଦର୍ଶନ କରି ମନ ଦୁଃଖରେ ଫେରୁଛନ୍ତି ଭକ୍ତ

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅର୍ଥାତ୍ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରତ୍ନସିଂହାସନରେ ରାଧାଦାମୋଦର ବେଶରେ ସଜେଇ ହୋଇଛନ୍ତି ମହାପ୍ରଭୁ। ହେଲେ ଏହି ଦୁର୍ଲ୍ଲଭ ବେଶ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଭକ୍ତ। କୋଭିଡ୍ କଟକଣା ପାଇଁ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ବନ୍ଦ ରହିଛି। ତେଣୁ ଭକ୍ତମାନେ ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରି ମନ ଦୁଃଖରେ ଫେରୁଛନ୍ତି। ତେବେ ଦାରୁଦିଅଁଙ୍କ ଏହି ବେଶ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଚାଲିବ।

କାର୍ତ୍ତିକ ନୀତି ପାଇଁ ପୂର୍ବରୁ ନୀତି ନିର୍ଘଣ୍ଟ କରାଯାଇଥିଲା। ମଙ୍ଗଳବାର ନୀତି ନିର୍ଘଣ୍ଟ ଅନୁସାରେ ମହାପ୍ରଭୁଙ୍କର ନୀତିକାନ୍ତି ଚାଲିଥିଲା। ଭୋର ୪ଟା ୨୫ରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତିକାନ୍ତି ହୋଇଥଲା। ଅନ୍ୟପକ୍ଷରେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ୬ ଦିନ ପଞ୍ଚକ ବେଶ ଅନୁଷ୍ଠିତ ହେବ। ନଭେମ୍ବର ୨୫ରେ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ, ୨୬ରେ ବାଙ୍କଚୂଡ ବା ବାମନ ବେଶ, ୨୭ରେ ନାଗାର୍ଜୁନ ବେଶ, ୨୮ରେ ତ୍ରିବିକ୍ରମ ବେଶ, ୨୯ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ୩୦ ତାରିଖ (କାର୍ତ୍ତିକ ପୂର୍ଣ୍ଣିମା)ରେ ରାଜାଧିରାଜ ତଥା ସୁନାବେଶ ଅନୁଷ୍ଠିତ ହେବ। ସେହିପରି ଦୀପାବଳି ଅମାବାସ୍ୟାଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ମଧ୍ୟରେ ପଡୁଥିବା ସୋମବାରରେ ଅବକାଶ ନୀତି ପରେ ବଡଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ଏଥର ନଭେମ୍ବର ୧୬ ଏବଂ ୨୩ ଏହି ଦୁଇଦିନ ସୋମବାର ପଡୁଥିବାରୁ ବଳଭଦ୍ରଙ୍କ ବାଡରେ ହରିହର ବେଶ ହେବ।

### ଆରମ୍ଭ ହେଲା ବାଳଧୂପ

ଏହି ସମୟରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ବାଳଧୂପ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ନିକଟରେ ସକାଳ ଧୂପ ବଢିବା ପରେ ବାଳଧୂପ ହୋଇଥାଏ। ବାଳଧୂପ ବଢିବା ପରେ ରାଧାଦାମୋଦର ବେଶ ଓଲାଗି କରାଯାଏ। ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ବାଳଧୂପ ହୋଇଥାଏ। କିନ୍ତୁ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ହୋଇଥାଏ। ବାଳଧୂପରେ ବିଭିନ୍ନ ପାଚିଲା ଫଳ, ଖଇ ଆଦି ପଞ୍ଚୋପଚାର ବିଧିରେ ମହାପ୍ରଭୁଙ୍କୁ ଲାଗି କରାଯାଏ।




ପିଆଜର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱରଠାରେ ସିପିଆଇ ପକ୍ଷରୁ କରାଯାଇଥିବା ବିକ୍ଷୋଭରେ ଅଣ୍ଡାଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପିଆଜର ମୂଲ୍ୟ ଅଧିକ ବୋଲି ଲେଖି ପ୍ଲାକାର୍ଡ ପ୍ରଦର୍ଶନ କରାଯାଉଛି।

# ମରାମତି ହେବ ଶ୍ରୀମନ୍ଦିର ବାଇଶିପାହାଚ

**ଅନୁଧ୍ୟାନ କଲା ଏଏସ୍ଆଇ ଟିମ୍**

**ପୁରୀ ଅଫିସ,୨୭।୧୦**

ମରାମତି ହେବ ଶ୍ରୀମନ୍ଦିର ବାଇଶିପାହାଚ। ଏଥିପାଇଁ ମଙ୍ଗଳବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ୪ ଜଣିଆ ଟିମ୍ ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ଏହି ଟିମ୍ ଶ୍ରୀମନ୍ଦିରରେ ପହଞ୍ଚି ବାଇଶିପାହାଚର ସବୁ ପାହାଚର ଯାଞ୍ଚ କରିଥିଲେ। ଏଥିସହ ମାପଚୁପ କରି ପ୍ରତ୍ୟେକ ପଥରକୁ ଭଲ ଭାବେ ତନଖି କରିଛନ୍ତି। ଯେଉଁ ପଥର ଦୁର୍ବଳ ରହିଛି ତାହାକୁ ଚିହ୍ନଟ କରାଯାଇଛି। ଦୀର୍ଘବର୍ଷ ଧରି ଖରା, ବର୍ଷା ଖାଇବା ଏବଂ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁଙ୍କ ଚଳପ୍ରଚଳ ଯୋଗୁ ବାଇଶିପାହଚର କେତେକ ସ୍ଥାନରେ ଫାଟ ସହ କ୍ଷତି ହୋଇଛି। ଏହିସବୁ ସ୍ଥାନକୁ ପ୍ଲାଷ୍ଟରିଂ କରାଯିବ। ସେହିପରି ଦୁର୍ବଳ ପଥରଗୁଡ଼ିକୁ ଆବଶ୍ୟକ ପଡ଼ିଲେ ପରିବର୍ତ୍ତନ କରାଯିବ। ପୂର୍ବରୁ ଏଏସ୍ଆଇ ଉତ୍ତର ଓ ପଶ୍ଚିମ ଦ୍ୱାର ପାହାଚ ମରାମତି କରିସାରିଛି। ଅନ୍ୟପକ୍ଷରେ ଏଏସ୍ଆଇ ଟିମ୍ ମହାଲକ୍ଷ୍ମୀ ମନ୍ଦିର ଏବଂ ବିମଳା ମନ୍ଦିରର ଅନୁଧ୍ୟାନ କରିଛନ୍ତି। ମହାଲକ୍ଷ୍ମୀ ମନ୍ଦିରରୁ ପାଣି ଗଳୁଥିବାରୁ ଏହାର ମରାମତି କରାଯିବ। ତେବେ ଛତିଶା ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହ ଏହି ମରାମତି ସମ୍ପର୍କରେ ପ୍ରଥମେ ଆଲୋଚନା କରିବ ଏଏସ୍ଆଇ। ସେମାନଙ୍କଠାରୁ ଅନୁମତି ପାଇବା ପରେ ମରାମତି ଆରମ୍ଭ କରାଯିବ ବୋଲି ଜଣାପଡିଛି।

# ନାଗାର୍ଜୁନ ବେଶ ଅନୁକୂଳ



**ପୁରୀ ଅଫିସ,୨୭।୧୦**

ଦୀର୍ଘ ୨୫ ବର୍ଷ ପରେ ପଡୁଛି ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ନାଗାର୍ଜୁନ ବେଶର ଠିକ୍ ମାସକ ପୂର୍ବରୁ ସୋମବାର ବେଶ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ହରଚଣ୍ଡୀ ସାହି ଚକ୍ରକୋଟ ଜାଗାରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଏହି ଅନୁକୂଳ କରାଯାଇଥିଲା। ବେଶ ଯୋଗାଇବା ପାଇଁ ଅନୁମତି ପାଇଥିବା ବଳରାମ ଖୁଣ୍ଟିଆ ପୂଜାରେ ବସି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଆସନ୍ତା ନଭେମ୍ବର ୨୭ରେ ନାଗାର୍ଜୁନ ବେଶରେ ସଜେଇ ହେବେ ଦାରୁଦିଅଁ। ମସ୍ତକରେ ହାଣ୍ଡିଆ, ହାତରେ ଛୁରୀ, ଶ୍ରୀମୁଖରେ ଲମ୍ବା ଦାଢି ଭଳି ଅନନ୍ୟ ଓ ଅପୂର୍ବ ନାଗା ରୂପ ଧାରଣ କରିବେ। ସନ୍ତରାପଟ, ସୋଲ, ବେତ ଆଦି ସାମଗ୍ରୀରେ ତିଆରି ହେବ ଏହି ବେଶ। ମହାପ୍ରଭୁଙ୍କ ଏହି ବିରଳ ବେଶ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଅପେକ୍ଷା କରିଥିବାବେଳେ କରୋନା କଟକଣା ବାଧକ ସାଜିଛି।

# 'ଦେଶର ୩୨ ପ୍ରମୁଖ ବ୍ୟାଘ୍ର କରିଡରକୁ ସମୃଦ୍ଧ କରାଯିବା ଉଚିତ'

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**

ଓଡ଼ିଶା ପରିବେଶ ସମିତିର ୩୯ତମ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ପ୍ରଦାନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସମିତିର ସଭାପତି ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବେଶ ସୁରକ୍ଷା ନିମନ୍ତେ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ପୂର୍ବତନ ଏଡିଜି (ବ୍ୟାଘ୍ର ପ୍ରକଳ୍ପ) ତଥା ଏନ୍‌ଟିସିଏର ସଦସ୍ୟ ସଚିବ ଡ. ଅନୁପ କୁମାର ନାୟକ ଯୋଗଦେଇଥିଲେ। ସେ 'ଭାରତରେ ବ୍ୟାଘ୍ର ସଂରକ୍ଷଣର ଦୃଶ୍ୟପଟ୍ଟ' ଉପରେ ଆଲୋକପାତ କରିଥିଲେ। ଫ୍ଲାଗ୍‌ଶିପ୍ ଜାତି ବା ମୁଖ୍ୟ ପ୍ରାଣୀ ଭାବେ ବାଘ ଜଙ୍ଗଲ ପରିସଂସ୍ଥାର ସନ୍ତୁଳନ ବଜାୟ ରଖିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶ୍ୱ ବ୍ୟାଘ୍ର ସଂଖ୍ୟାର ୭୦% ଭାରତରେ ରହିଛି। ଏମାନଙ୍କ ବାସସ୍ଥଳୀଗୁଡ଼ିକୁ ସଂଯୋଗ କରି ସେମାନଙ୍କ ଯାତାୟାତକୁ ସୁଗମ କରିବା ପାଇଁ ଦେଶର ୩୨ଟି ପ୍ରମୁଖ ବ୍ୟାଘ୍ର କରିଡରକୁ ସମୃଦ୍ଧ କରାଯିବା ଆବଶ୍ୟକ ବୋଲି ଅନୁପ ନାୟକ କହିଛନ୍ତି।

ଏହି ଅବସରରେ ପରିବେଶ, ବିଜ୍ଞାନ ଏବଂ ବନ୍ୟଜୀବ କ୍ଷେତ୍ରକୁ ଅବଦାନ ନିମନ୍ତେ ତିନିଜଣ ବ୍ୟକ୍ତିଙ୍କୁ ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ଅତିରିକ୍ତ ପିସିସିଏଫ୍ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସରୋଜ କୁମାର ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ କୃତି ପୁରସ୍କାର', କିଟ୍ ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂର ପୂର୍ବତନ ନିର୍ଦ୍ଦେଶକ ଇଂ ମାୟାଧର ସ୍ୱାଇଁଙ୍କୁ ପରିବେଶ ଏବଂ ବିଜ୍ଞାନ ଜନପ୍ରିୟକରଣ ପାଇଁ 'ଡକ୍ଟର ବି.ସି. ପଣ୍ଡା ପୁରସ୍କାର' ପ୍ରଦାନ କରାଯାଇଥିଲା। ୪ଜଣଙ୍କୁ ଓଇଏସ୍‌ର ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା। ସମିତିର ବାର୍ଷିକ ପ୍ରକାଶନ 'ପରିବେଶ ଏବଂ ବିଜ୍ଞାନ ଉପରେ ବକ୍ତବ୍ୟ' ପୁସ୍ତକ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ଡ. ଲାଲା ଏ.କେ. ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହ-ସମ୍ପାଦକ ଡ. ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପରିବେଶବିତ୍, ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ,୨୭।୧୦**



ମଦନମୋହନଙ୍କ ବୀର ବେଶରେ ଶିକାର ନୀତି ସମ୍ପନ୍ନ।

ଶ୍ରୀମନ୍ଦିରରେ ସୋମବାର ବିଜୟା ଦଶମୀ ନୀତି ପାଳିତ ହୋଇଛି। ଦ୍ୱାରଫିଟା, ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହଙ୍କ ସୁନାବେଶ କରାଯାଇଥିଲା। କୋଭିଡ୍ କଟକଣା ପାଇଁ କୌଣସି ଶ୍ରଦ୍ଧାଳୁ ଏହି ବେଶ ଦର୍ଶନ କରିପାରି ନ ଥିଲେ। ଅବକାଶ ନୀତି ପରେ ତିନିବାଡରେ ଚନ୍ଦନ ଲାଗି କରାଯାଇଥିଲା। ନୂଆଲୁଗା ଲାଗିସାରିବା ପରେ ଠାକୁରଙ୍କ ସୁନାବେଶ ହୋଇଥିଲା। ଏହି ବେଶରେ ଆୟୁଧମାନ ଲାଗି ହୋଇ ନ ଥିଲା। ବେଶ ବଢି ସକାଳ ଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢି ବରୁଣ ପୂଜା କରାଯାଇଥିଲା। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୋଇଥିଲା। ଦଶହରା ପଦା (ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥିଲେ। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥିଲେ। ସେଠାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ନୀତିକାନ୍ତି ସାରି ଶ୍ରୀମନ୍ଦିରକୁ ଫେରିଥିଲେ।

# ଦାଦାବଟି ମାଗି ୬ ସାମ୍ବାଦିକ ଗିରଫ

**ଭୁବନେଶ୍ୱର,୨୭।୧୦ (ବ୍ୟୁରୋ)**

- ଡକାୟତି ମାମଲା ରୁଜୁ କରି କୋର୍ଟଚାଲାଣ କଲା ପୋଲିସ
- ଗୁଗଲ ପେ'ରେ ନେଇଥିଲେ ୧ଲକ୍ଷ ୩୦ ହଜାର
- ଦୁଇଟି କାର, ୨୪ହଜାର ଟଙ୍କା, ବୁମ୍, ନକଲି ପରିଚୟପତ୍ର ଜବତ

ରାଜଧାନୀରେ ଛାଇ ଗଲେଣି ନକଲି ସାମ୍ବାଦିକ। ଛତୁଫୁଟିଲା ପରି ୱେବ୍‌ପୋଟାଲ ଖୋଲି ବସିଛନ୍ତି। ବେକରେ ଆଇକାର୍ଡ ପକାଇ, ଗାଡ଼ିର ଆଗ ପଛ ପ୍ରେସ୍ ଲେଖି ସହର ସାରା ପଇଁତରା ମାରୁଛନ୍ତି। ଲୋକଙ୍କୁ ବୁମ୍‌ର ଭୟ ଦେଖାଇ ଦାଦାବଟି ମାଗୁଛନ୍ତି। ବଟି ନ ଦେଲେ ଟିଭିରେ ଦେଖାଇ ସଂସ୍ଥା ବନ୍ଦ କରି ଦେବାକୁ ଧମକ ଦେଉଛନ୍ତି। ଏଭଳି ଏକ ରାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ତମାଣ୍ଡୋ ଭଗବାନପୁରରେ ଥିବା ଜ୍ୟୋତି ଟ୍ରେଡର୍ସ ନାମକ ଘିଅ ଫ୍ୟାକ୍ଟ୍ରି ମାଲିକଙ୍କୁ ୭ଜଣ ନକଲି ସାମ୍ବାଦିକ ଦାଦାବଟି ମାଗୁଥିଲେ। ଏନେଇ ଅଭିଯୋଗ ହେବାପରେ କମିଶନରେଟ ପୋଲିସ ସ୍ପେଶାଲ ସ୍କ୍ୱାର୍ଡ ସହାୟତାରେ ଦାଦାବଟି ମାଗୁଥିବା ଜଣେ କାର୍ ଡ୍ରାଇଭରଙ୍କ ସହ ୫ ୱେବ୍ ପୋଟାଲର ସାମ୍ବାଦିକଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ୱେବ୍ ପୋର୍ଟାଲ ଟାଇମ୍‌ସ ଓଡ଼ିଆ'ର ରିପୋର୍ଟର କାହ୍ନୁଚରଣ ନାୟକ, ଟଙ୍କପାଣିରୋଡ଼ରେ ରହୁଥିବା ନୃସିଂହ ବେହେରା। ଆଇଏଓ୍ୱାଇ ନ୍ୟୁଜର ସାମ୍ବାଦିକ କହୁଥିବା ବିନାୟକ ବେହେରା, ଭିଜନ ଟିଭିର ସାମ୍ବାଦିକ ବିଶ୍ୱରଞ୍ଜନ ମହାନ୍ତି, ଅନନ୍ୟା ନ୍ୟୁଜ୍‌ର ସାମ୍ବାଦିକ ଲକ୍ଷ୍ମୀକାନ୍ତ ସାହୁ ଓ ଗାଡ଼ି ଚାଳକ ତଥା ବଡ଼ଗଡ଼ର ବାସିନ୍ଦା ବଳରାମ ବେହେରା। ସେମାନଙ୍କ ନିକଟରୁ ୨୪ ହଜାର ୪୫୦ଟଙ୍କା, ଦୁଇଟି କାର, ୧୧ଟି ମୋବାଇଲ୍, ୪ଟି ବାଇକ, ୬ଟି ନକଲି ସାମ୍ବାଦିକ ପରିଚୟପତ୍ର ଓ ବୁମ୍‌କୁ ଜବତ କରାଯାଇଛି। ସେମାନଙ୍କ ନାମରେ ପୋଲିସ ତମାଣ୍ଡୋ ପୋଲିସ ଆଇପିସି ଦଫା ୩୯୫,୪୫୫ରେ ଏକ ମାମଲା(ନଂ-୧୪୦/୨୦) ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଫେରାର ଥିବା ଅନ୍ୟ ଦୁଇ ସାମ୍ବାଦିକଙ୍କୁ ଗିରଫ ପାଇଁ ପୋଲିସ ଚଢାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ତମାଣ୍ଡୋ ଭଗବାନପୁରରେ ଜ୍ୟୋତି ଟ୍ରେଡର୍ସ ନାମକ ଏକ ତେଲ ଫ୍ୟାକ୍ଟ୍ରି ରହିଛି। ଏହାକୁ ଆଲୋକ ପାଢୀ ଓ ତୋଫାନ ବାରିକ ପାର୍ଟନର ଭାବେ ଚଳାଉଛନ୍ତି। ଗତ ୨୪ ତାରିଖରେ ଆଲୋକ ଉକ୍ତ ଫ୍ୟାକ୍ଟ୍ରିରେ ଥିବା ବେଳେ ଅପରାହ୍ନ ୨.୫ ସମୟରେ ୭ଜଣ ଯୁବକ ନିଜକୁ ସାମ୍ବାଦିକ ପରିଚୟ ଦେଇ ପଶିଥିଲେ। ଆଲୋକ ଏବଂ ତୋଫାନ କିଛି ବୁଝିବା ପୂର୍ବରୁ ସେମାନେ ଫ୍ୟାକ୍ଟ୍ରି ଭିତରେ ପଶି ଭିଡ଼ିଓ କରିବା ସହ ଏଠାରେ କ'ଣ କରାଯାଉଛି ବୋଲି ପଚାରିଥିଲେ। ଉକ୍ତ ଫ୍ୟାକ୍ଟ୍ରିରେ ଦୀପଜଳା ଘିଅ ପ୍ରସ୍ତୁତ କରାଯାଉଥିବା ଆଲୋକ କହିଥିଲେ। ହେଲେ ୭ସାମ୍ବାଦିକ ଏହାର କାଗଜପତ୍ର ମାଗିଥିଲେ। ଆଲୋକ ସମସ୍ତ କାଗଜପତ୍ର ଦେଖାଇଥିଲେ ମଧ୍ୟ ଅଭିଯୁକ୍ତମାନେ ଫିଙ୍ଗି ଦେଇଥିଲେ। ଏଠାରେ ନକଲି ଘିଅ ପ୍ରସ୍ତୁତ କରୁଛ, ଏହାକୁ ଆମେ ଟିଭିରେ ଦେଖାଇବୁ। ତେଣୁ ଟିଭିରେ ବାଜିବା ପୂର୍ବରୁ କମ୍ପରମାଇଜ୍ କରିବାକୁ କହିଥିଲେ। ଏପରି କି ଫ୍ୟାକ୍ଟ୍ରି ମାଲିକ ଆଲୋକଙ୍କୁ ଧକ୍କା ମାରି କ୍ୟାସ୍ କାଉଣ୍ଟରରୁ ନଗଦ ୩୪ ହଜାର ଟଙ୍କା ନେଇଯାଇଥିଲେ। ଏମାନଙ୍କ ଧମକରେ ମାଲିକ ଅଲୋକ ଭୟଭିତ ହୋଇଯାଇଥିଲେ। ପୋଲିସ ଫୋର୍ସ ଚଢାଉ କରିବାକୁ ଆସିବେ ବୋଲି ଭୟ ଦେଖାଇ ଫେନ୍ ପେ'ରେ ୩ଲକ୍ଷ ଦେବାକୁ କହିଲେ। ଆଲୋକେ ଭୟରେ ପ୍ରଥମେ ସେମାନଙ୍କୁ ଫୋନ୍ ପେ'ରେ ପ୍ରଥମେ ୯୯ ହଜାର ପରେ ଅନ୍ୟ ଏକ ନମ୍ବରକୁ ୩୧ ହଜାର ନେଇଥିଲେ। ଏହିଭଳି ଏକ ଲକ୍ଷ ୬୪ ହଜାର ଟଙ୍କା ନେଇଥିଲେ। ତମାଣ୍ଡୋ ଥାନାରେ ଆଲୋକ ପରେ ଅଭିଯୋଗ କରିବାକୁ ପୋଲିସ ୬ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଗେଣ୍ଡୁ ଫୁଲର ଉନ୍ନତ କିସମ



ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।

# ପିଆଜ ତଳିଘରାର ଯତ୍ନ



ଏକ ଏକର ପିଆଜ ଚାଷ ପାଇଁ ୨୦୦ ବର୍ଗ ମିଟର ତଳିଘରା ଆବଶ୍ୟକ। ତଳି ପଟିଗୁଡ଼ିକ ତିନି ମିଟର ଲମ୍ବ ଏକ ମିଟର ଓସାର ଓ ୧୫ ସେମି ଉଚ୍ଚା ହେବା ଦରକାର। ପ୍ରତି ଦୁଇ ପଟି ମଧ୍ୟରେ ୭୦ସେମି ବ୍ୟବଧାନ ରଖିବା ଉଚିତ। ଏହାଦ୍ୱାରା ପଟାଳିରେ ପାଣି ଦେବା, କୋଡାଖୁସା, ଘାସବଛା ଇତ୍ୟାଦି ସୁବିଧାରେ କରିହୋଇଥାଏ। ଏହି ତଳିଘରା ପାଇଁ ଏକ ଟନ୍ ଶଢ଼ା ଗୋବର ଖତ ଓ ୧୦ କିଗ୍ରା ୧୫:୧୫:୧୫ ଯବକ୍ଷାରଜାନ, ଫସଫରସ ଓ ପଟାସ ମିଶ୍ରିତ ସାର ପ୍ରୟୋଗ କରନ୍ତୁ। ମଞ୍ଜି ବୁଣିବାର ୭ ଦିନ ପୂର୍ବରୁ ଖତସାରକୁ ଭଲ ଭାବରେ ମାଟିରେ ମିଶାଇ ମାଟିକୁ ଉତ୍ତମ ରୂପରେ ଗୁଣ୍ଡ କରିଦିଅନ୍ତୁ। ବର୍ଗମିଟର ପ୍ରତି ୪ ଗ୍ରାମ କାର୍ବେଜାଣ୍ଡିମ ବା ଥିରାମ ତଳିଘରାରେ ପ୍ରୟୋଗ କରି ସମତୁଲ କରିଦିଅନ୍ତୁ। ପଟି ପ୍ରସ୍ତୁତ ହେବା ପରେ ଧାଡ଼ିକୁ ଧାଡ଼ି ୫-୭ ସେମି ଛାଡ଼ି ଆଙ୍ଗୁଠି ବା କାଠି ଦ୍ୱାରା ଅଳ୍ପ ଗହିରିଆ ସିଆର କରି ମଞ୍ଜିକୁ ୧-୨ ସେମି ଗଭୀରରେ ବୁଣନ୍ତୁ। ମଞ୍ଜିକୁ ଶୁଖିଲା ଖତ ଦ୍ୱାରା ଘୋଡାଇ ହାଲୁକା ଭାବରେ ମାଟିକୁ ଦବାଇ ଦିଅନ୍ତୁ। ନଡ଼ା ବା ପାଳ ଦ୍ୱାରା ତଳିଘରାକୁ ଢ଼ାଙ୍କି ଝରା ସାହାଯ୍ୟରେ ପାଣି ଦିଅନ୍ତୁ। ଛୋଟ ଚାରାକୁ ଖରା ଓ ବର୍ଷାରୁ ରକ୍ଷା କରିବା ପାଇଁ ଅସ୍ଥାୟୀ ଛାମୁଣ୍ଡିଆ କରିଦେଲେ ଭଲ। ମଞ୍ଜି ଗଜା ହେବା ପରେ ନଡ଼ା ବା ପାଳକୁ ଧୀରେ ଧୀରେ ବାହାର କରିନିଅନ୍ତୁ। ତଳିଘରାକୁ ପ୍ରତି ୧୫ଦିନରେ ଥରେ ୨ ଗ୍ରାମ କାର୍ବେଜାଣ୍ଡିମ ବା ଥିରାମ ଏକ ଲିଟର ପାଣିରେ ମିଶାଇ ଭଲ ଭାବରେ ଭିଜାଇ ଦିଅନ୍ତୁ। ଏହାଫଳରେ ତଳିଘରାରେ ଘରକଟା ରୋଗ ହୁଏ ନାହିଁ। ତଳିଘରାରେ ଆବଶ୍ୟକ ମୁତାବକ ପାଣି ଦିଅନ୍ତୁ।

# ମହୁ ମାଛିର ଶତ୍ରୁ ଓ ପରିଚାଳନା



ଡ. ବିଷ୍ଣୁଚରଣ ଜେନା

ମହୁମାଛି ପାଳନ ସମୟରେ ମହୁଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ବେଳେବେଳେ ଖାଦ୍ୟାଭାବ ଯୋଗୁଁ ରାଣୀ ମହୁମାଛି ନିଜର ଦଳ ସହିତ ଅନ୍ୟ ସ୍ଥାନକୁ ଚାଲି ଯାଆନ୍ତି। ଅନେକ ସମୟରେ ମହୁମାଛିଙ୍କୁ ତାଙ୍କର ଶତ୍ରୁମାନେ ଆକ୍ରମଣ କରନ୍ତି। ଏଥି ଯୋଗୁ ମହୁ ବାକ୍ସରେ ମହୁ ସଂଗ୍ରହ ହୋଇପାରେ ନାହିଁ। ବିଭିନ୍ନ ପ୍ରଜାତିର ପିମ୍ପୁଡ଼ି, ଭଅଁର, ଶଲଭ, ପତଙ୍ଗ, ବୁଢ଼ିଆଣୀ, ଚଢ଼େଇ,





ବେଙ୍ଗ, ଭାଲୁ, ମୂଷା ଓ ସରୀସୃପ ଆଦି ଜୀବମାନେ ମହୁମାଛି ପ୍ରତି ବିପଦ ସୃଷ୍ଟି କରନ୍ତି। ଏମାନଙ୍କ କବଳରୁ ମହୁମାଛିଙ୍କୁ ରକ୍ଷା କରିବା ପାଇଁ ଅନେକ ପ୍ରତିଷେଧକ ତଥ୍ୟ ଉପଲବ୍ଧ ହେଉଛି। ସେଗୁଡ଼ିକ ସମ୍ବନ୍ଧରେ ନିମ୍ନରେ ସୂଚୀତ କରାଯାଉଛି...

**ପିମ୍ପୁଡ଼ି :** ପିମ୍ପୁଡ଼ି ବିଷୁବମଣ୍ଡଳୀ ଜଳବାୟୁରେ ମହୁମାଛିଙ୍କ ପାଇଁ ବିଶେଷ କ୍ଷତିକାରକ। ଏମାନେ ମହୁମାଛି ବହନ କରି ଆଣୁଥିବା ପରାଗରେଣୁ ଓ ମଧୁକଣିକା ଖାଇ ଦେଇ ମହୁବାକ୍ସରେ ମହୁମାଛି ଦଳକୁ ନଷ୍ଟ କରନ୍ତି। ମହୁମାଛି ଓ ସେମାନଙ୍କର ଅଣ୍ଡାଗୁଡ଼ିକୁ ଖାଇ ଦିଅନ୍ତି। ଦଳ ଦୁର୍ବଳ ହେବା ଯୋଗୁଁ ରାଣୀ ମହୁମାଛି ନିଜ ଦଳ ସହିତ ଅନ୍ୟତ୍ର ଚାଲିଯାଆନ୍ତି। ବେଳେବେଳେ ମହୁମାଛି ମହୁବାକ୍ସ ନିକଟରେ ଥିବା ମହୁଚାଷୀ ଓ ଅନ୍ୟମାନଙ୍କୁ ନାଉଡ ଦ୍ୱାରା ଆକ୍ରମଣ କରନ୍ତି। ବ୍ୟବସାୟିକ ଭିତ୍ତିରେ ଚାଷ କରୁଥିବା ମହୁଚାଷୀମାନେ ନିରାଶରେ ଭାଙ୍ଗି ପଡନ୍ତି।

**ପରିଚାଳନା :** ଦୁର୍ବଳ ମହୁମାଛି ଦଳ ପରିବର୍ତ୍ତେ ସବଳ ଦଳ ମହୁବାକ୍ସରେ ରଖିବା ଜରୁରୀ। ମହୁବାକ୍ସର ଚାରି ଗୋଡକୁ ମାଟି ପାତ୍ର କିମ୍ବା ପ୍ଲାଷ୍ଟିକ ବା ଟିଣ ପାତ୍ରରେ ପାଣି ରଖି ତା' ଉପରେ ଗୋଡଗୁଡ଼ିକୁ ରଖନ୍ତୁ। ମହୁବାକ୍ସରେ ଥିବା ଶଢ଼ା କାଠଖଣ୍ଡ, ମୃତ ମହୁମାଛି ଓ ଅନ୍ୟାନ୍ୟ ଅପରିଷ୍କାର ବସ୍ତୁଗୁଡ଼ିକୁ ବାହାର କରି ବାକ୍ସଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ମହୁବାକ୍ସ ରଖୁଥିବା ସ୍ଥାନ ନିକଟରେ ପିମ୍ପୁଡ଼ି ଦଳ ରହୁଥିଲେ ସେମାନଙ୍କୁ ଘଉଡାଇବା ପାଇଁ ଇଥାନଲ୍ କିମ୍ବା ସୋଡିୟମ ଫ୍ଲୁଓରାଇଡ କିମ୍ବା ସଲଫର, କିମ୍ବା ବୋରାକ୍ସ ବା କିରୋସିନ୍ ବ୍ୟବହାର କରନ୍ତୁ।

**ଭଅଁର ବା ବିରୁଡ଼ି :** ପ୍ରାୟ ଦଶ ପ୍ରଜାତିର ବିରୁଡ଼ି ମହୁମାଛିଙ୍କୁ ଆକ୍ରମଣ କରନ୍ତି। ବସନ୍ତ ଋତୁରେ ବିରୁଡ଼ିଙ୍କ ସଂଖ୍ୟା ବୃଦ୍ଧି ପାଏ। ବର୍ଷା ଋତୁର ଜୁଲାଇ ମାସଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ବିରୁଡ଼ି ମହୁବାକ୍ସରେ ଆତଙ୍କ ସୃଷ୍ଟି କରନ୍ତି। ଫସଲ ଓ ବୃକ୍ଷରେ ଫୁଲ ଧରିବା ସମୟରେ ମହୁମାଛି ପରାଗ ରେଣୁ ଓ ମଧୁ କଣିକା ସଂଗ୍ରହ କରି ମହୁ ବାକ୍ସରେ ରଖନ୍ତି। ବିରୁଡ଼ି ଏହି ସମୟରେ ମହୁମାଛିଙ୍କୁ ଖାଇ ଦିଅନ୍ତି। ଖାଦ୍ୟାଭାବ ସମୟରେ ବିରୁଡ଼ି ମହୁବାକ୍ସ ପାଖକୁ ଆସନ୍ତି ଓ ମହୁବାକ୍ସରୁ ବାହାରକୁ ଆସି ଉଡୁଥିବା ମହୁମାଛିଙ୍କୁ ମଧ୍ୟ ଖାଇଦିଅନ୍ତି। ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟାଞ୍ଚଳରେ ଚାଷ କରାଯାଉଥିବା ମହୁମାଛିଙ୍କୁ ବିରୁଡ଼ି ଅଧିକ ସଂଖ୍ୟାରେ ଆକ୍ରମଣ କରନ୍ତି। ପୂର୍ଣ୍ଣାଙ୍ଗପ୍ରାପ୍ତ ବିରୁଡ଼ି ନିଜର ଛୁଆଙ୍କୁ ପୁଷ୍ଟିସାର ଯୋଗାଇବା ପାଇଁ ମହୁମାଛିଙ୍କୁ ଖାଇ ଦିଅନ୍ତି। ବିରୁଡ଼ି ମଧ୍ୟ ଏକ ସାମାଜିକ ପ୍ରାଣୀ। ଏମାନେ ରାଣୀ ମାଛି ସହ ଦଳ ଭିତରେ ରହନ୍ତି। ଏମାନେ ଖୋଲାଜାଗାରେ ଗଛ ପତ୍ରର ସବୁଜ ଅଂଶ, କରତ ଗୁଣ୍ଡ ଓ ମାଟିକୁ ନେଇ ଗଛର କୋରଡ ଏବଂ ଘଞ୍ଚ କିଆ ଡାଳ ଓ ପଥର ସନ୍ଧିରେ ବସା ନିର୍ମାଣ କରନ୍ତି। ବର୍ଷର ଏପ୍ରିଲଠାରୁ ଜୁନ୍ ମାସ ମଧ୍ୟରେ ସ୍ତ୍ରୀ ବିରୁଡ଼ି ବସା ତିଆରି କରି ସେଥିରେ ଅନ୍ୟମାନଙ୍କ ସହିତ ରହି ଜୀବନଯାପନ କରେ।

**ପରିଚାଳନା:** ବିରୁଡ଼ିଙ୍କ ଆକ୍ରମଣରୁ ମହୁମାଛିଙ୍କୁ ସୁରକ୍ଷା ଦେବାପାଇଁ କେତେକ ନିୟମ ପାଳନ କରିବା ଲାଗି ମହୁଚାଷୀଙ୍କୁ ପରାମର୍ଶ ଦିଆଯାଉଛି। ମହୁ ବାକ୍ସରେ ମହୁ ମାଛି ଦଳକୁ ଦୁର୍ବଳ ହେବାକୁ ଦିଅନ୍ତୁ ନାହିଁ। ମହୁମାଛିଙ୍କୁ ଉପଯୁକ୍ତ ପରିମାଣର ଚିନି ଖାଦ୍ୟ ରୂପେ ଦିଅନ୍ତୁ। ମହୁମାଛି ମହୁବାକ୍ସ ଭିତରକୁ ଯିବା ବାଟରେ ଯେପରି ଗୋଟିଏ କିମ୍ବା ଦୁଇଟି ମହୁମାଛି ଯାଇପାରିବେ ତାହାର ବ୍ୟବସ୍ଥା କରନ୍ତୁ। ମହୁ ବାକ୍ସରେ ମହୁମାଛି ବ୍ୟତୀତ ଅନ୍ୟ ଜୀବ ପ୍ରବେଶ ନ କରିବା ପାଇଁ ସୁରକ୍ଷା ପର୍ଦ୍ଦା ଲଗାନ୍ତୁ। ମହୁବାକ୍ସର କିଛି ଦୂରତାରେ ବିରୁଡ଼ି ଥୋପ ପ୍ରସ୍ତୁତ କରନ୍ତୁ। କିଛି ଚିନି କିମ୍ବା ମହୁ କିମ୍ବା ଫଳର ପଚାଶଢ଼ା ଅଂଶ ବା ମାଂସରେ କ୍ଲୋରୋପାଇରିଫସ ମିଶାଇ ଏଗୁଡ଼ିକୁ କୌଣସି ଛୋଟ ପାତ୍ରରେ ରଖନ୍ତୁ। ଏହାଦ୍ୱାରା ବିରୁଡ଼ି ଥୋପ ପ୍ରତି ଆକୃଷ୍ଟ ହୋଇ ସେଠାରେ ଜମା ହୁଅନ୍ତି ଏବଂ ମୃତ୍ୟୁମୁଖରେ ପଡନ୍ତି। ଜୁଲାଇଠାରୁ ଅଗଷ୍ଟ ମାସରେ ଏହି ଥୋପଗୁଡ଼ିକୁ ବ୍ୟବହାର କରନ୍ତୁ। ଏସବୁ ସତ୍ତ୍ୱେ ଯଦି ବିରୁଡ଼ି ବଞ୍ଚି ରହନ୍ତି, ସେ ସମୟରେ ମହୁବାକ୍ସକୁ ଅନ୍ୟ ସୁରକ୍ଷିତ ସ୍ଥାନରେ ରଖନ୍ତୁ କିମ୍ବା ବିରୁଡ଼ିଙ୍କୁ କୀଟନାଶକ ପ୍ରୟୋଗ କରି ବିନାଶ କରନ୍ତୁ।

**ଶଲଭ ପୋକ :** ଏହା ଏକ ପ୍ରକାର ପତଙ୍ଗଜାତୀୟ ପୋକ। ଆର୍ଦ୍ର ଓ ଗ୍ରୀଷ୍ମ ଜଳବାୟୁରେ ଏହି ପୋକ ଅତ୍ୟନ୍ତ ସକ୍ଷମ ହୁଅନ୍ତି। ଏହି ପୋକ ଦୁଇ ପ୍ରକାରରେ ଦେଖାଯାଆନ୍ତି। ଗୋଟିଏ ବଡ ଆକାରର ଓ ଅନ୍ୟଟି ଛୋଟ ଆକାରର। ଦୁର୍ବଳ ମହୁବାକ୍ସ ପ୍ରତି ଏମାନେ ବହୁ କ୍ଷତିକାରକ। ଏହି ପୋକମାନେ ସମତଳ ଅଞ୍ଚଳରେ ହାନିକାରକ। ବର୍ଷର ୧୨ ମାସ ଯାକ ଏମାନେ ଦେଖାଯାଆନ୍ତି। କିନ୍ତୁ ଜୁଲାଇ ମାସଠାରୁ ଡିସେମ୍ବର ମାସ ମଧ୍ୟରେ ଅତ୍ୟଧିକ ପରିମାଣର କ୍ଷତି ଘଟାନ୍ତି। ଶୂକଗୁଡ଼ିକ ମହୁ ବାକ୍ସରୁ ଅମଳହେଉଥିବା ସମସ୍ତ ଦ୍ରବ୍ୟଗୁଡ଼ିକୁ ଖାଇଯାଆନ୍ତି। ପୁରୁଣା ମହୁ ଫେଣାରେ ଏମାନଙ୍କ ଦ୍ୱାରା ହେଉଥିବା କ୍ଷତିର ପରିମାଣ ଅଧିକ। ଶୂକଗୁଡ଼ିକ ନିଜ ଦ୍ୱାରା ତିଆରି ହେଉ ନ ଥିବା ରେଶମ ନଳି ମଧ୍ୟରେ ରହି ମହୁଫେଣାରେ ଥିବା ପରାଗରେଣୁ ଓ ମହମକୁ ଖାଆନ୍ତି। (କ୍ରମଶଃ..)

*-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର, ମୋ:୯୭୭୬୪୦୪୪୦୬*



# ଛେଳି ପାଳନ ସମ୍ପର୍କରେ..



ଡା. ବୀରକିଶୋର ପରିଡ଼ା

(ଶେଷ ଭାଗ)

**ପ୍ରଜନନ ପ୍ରଣାଳୀ :** ସାଧାରଣ ଛେଳି ୭ମାସରୁ ୧ ବର୍ଷ ମଧ୍ୟରେ ପ୍ରଜନନକ୍ଷମ ହୋଇଥାନ୍ତି ଏବଂ ଋତୁକାଳୀନ ପ୍ରଜନନକାରୀ ଅଟନ୍ତି । ଶୀତଦିନରେ ସେପ୍ଟେମ୍ବରଠାରୁ ନଭେମ୍ବର ମଧ୍ୟରେ ଏବଂ ଗ୍ରୀଷ୍ମଋତୁରେ ମାର୍ଚ୍ଚଠାରୁ ମେ ମଧ୍ୟରେ ଛେଳି ଗରମକୁ ଆସନ୍ତି । ଅକ୍ଟୋବର ଓ ଫେବୃୟାରୀ ମାସରେ ଛେଳି ସର୍ବାଧିକ ଛୁଆ ଜନ୍ମ କରନ୍ତି ।

**ଋତୁଚକ୍ର :** ଛେଳିମାନେ ୧୭ରୁ ୨୦ ଦିନରେ ଥରେ ଗରମକୁ ଆସନ୍ତି । ଏହି ଗରମ ଛେଳିଙ୍କର ୧୮ରୁ ୩୬ ଘଣ୍ଟା ପର୍ଯ୍ୟନ୍ତ ରୁହେ ।

**ଗରମ ଲକ୍ଷଣ :** ମେଣ୍ଢାଙ୍କ ଅପେକ୍ଷା ଛେଳିଙ୍କଠାରେ ଗରମ ଲକ୍ଷଣ ସହଜରେ ଜଣାପଡ଼େ । ଛେଳି ଗରମକୁ ଆସିଲେ ଅସ୍ୱସ୍ତିବୋଧ କରନ୍ତି । ବାରମ୍ବାର ବୋବାନ୍ତି ଓ ଲାଙ୍ଗୁଡ଼କୁ ଶୀଘ୍ର ଶୀଘ୍ର ଏପଟ ସେପଟ ହଲାଇଥାନ୍ତି । ବେଳେ ବେଳେ ଯୋନିଦ୍ୱାରରୁ ସ୍ୱଚ୍ଛଲାଳ ନିର୍ଗତ ହେବାର ଦେଖାଯାଏ ।

**ଛେଳିଙ୍କ ସଙ୍ଗମ :** ପ୍ରତି ୨୦ଟି ଛେଳିଙ୍କ ପାଇଁ ଗୋଟିଏ ବୋଦା ଦରକାର । ଛେଳି ଗରମ ହେବାର ୧୦ଘଣ୍ଟାରୁ ୧୫ଘଣ୍ଟା ମଧ୍ୟରେ ସଙ୍ଗମ କରାଇବା ଦରକାର ।

**ଗର୍ଭାବସ୍ଥା ଓ ସନ୍ତାନ ପ୍ରସବ :** ଛେଳିର ଗର୍ଭଧାରଣ କ୍ଷମତା ହେଉଛି ୧୪୫ ଦିନରୁ ୧୫୫ ଦିନ ଏବଂ ଅଧିକାଂଶ ଛେଳି ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ପ୍ରସବ କରନ୍ତି । ବୋଦାଙ୍କୁ ପ୍ରଜନନକ୍ଷମ ହେବାପାଇଁ ୧୦ ରୁ ୧୨ମାସ ଦରକାର ।



**ସୁଷମ ଖାଦ୍ୟ : (ବୈଜ୍ଞାନିକ ପ୍ରଣାଳୀରେ)** ସାଧାରଣତଃ ଛେଳିମାନେ ଡାଳପତ୍ରଗଛ ଓ ବୁଦା ଚଢ଼ି ଖାଇବାକୁ ଭଲପାଆନ୍ତି । ଛେଳିଙ୍କର ଉପର ଓଠର ଚାଳନା ଓ ଜିଭର ପ୍ରସାର ଯୋଗୁ ସେମାନେ ଛୋଟ ଛୋଟ ଘାସଠାରୁ ଆରମ୍ଭ କରି ଗଛବୁଦାର ପତ୍ର ସହଜରେ ଖାଇପାରନ୍ତି । ଛେଳିକୁ ଛୁଇଁଜାତୀୟ ପୁଷ୍ଟିସାରଯୁକ୍ତ ଘାସ ଓ ପତ୍ର ଏବଂ ସୁଷମ ଦାନା ଦରକାର । ଆସନ୍ତୁ, ଏଥର ଛେଳିର ଖାଦ୍ୟ ସମ୍ପର୍କରେ ଜାଣିବା । ସେହି ଖାଦ୍ୟ ହେଲା- ମକା (୩୫ ପ୍ରତିଶତ), କୋଳଥ (୧୦ ପ୍ରତିଶତ), କୁଣ୍ଡା/ଚୋକଡ (୩୦ ପ୍ରତିଶତ), ବାଦାମ ପିଡିଆ (୧୧ ପ୍ରତିଶତ), ନାଇଜର ପିଡିଆ (୧୨ ପ୍ରତିଶତ), ଧାତବ ଲବଣ (୧ ପ୍ରତିଶତ), ଲୁଣ (୧ ପ୍ରତିଶତ), ଭିଟାମିନ୍-କ ଏବଂ ଘ (୨୦୦ ଗ୍ରାମ)। ଉପରୋକ୍ତ ପରିମାଣର ସୁଷମ ଖାଦ୍ୟ ଛେଳିମାନଙ୍କୁ ଦେବାକୁ ହୁଏ । ବୋଦାପାଇଁ ୫୦୦ଗ୍ରାମ୍ ଦାନା ଓ ଯଥେଷ୍ଟ ଘାସ ।

**ସ୍ୱାସ୍ଥ୍ୟ ଓ ପରିପାଳନର ବ୍ୟବସ୍ଥା**

ଛେଳିଘର ପ୍ରତିମାସରେ ଅନ୍ତତଃ ଥରେ ଫିନାଇଲ୍ ପାଣିରେ ଧୁଅନ୍ତୁ । ପ୍ରତି ମାଇଛେଳି ପିଛା ୧୦ ବର୍ଗ ଫୁଟ ସ୍ଥାନ ରଖନ୍ତୁ । ଅଯଥା ଗହଳି କରନ୍ତୁ ନାହିଁ। ଛେଳିଘର ସର୍ବଦା ଶୁଖିଲା ଏବଂ ପରିଷ୍କାର ରହିବା ଦରକାର । ମୁକ୍ତ ପବନ ଚଳାଚଳ ହେବା ଆବଶ୍ୟକ । ଖାଦ୍ୟ ଏବଂ ଦାନାପାତ୍ରକୁ ସର୍ବଦା ପରିଷ୍କାର ରଖାଯିବା ଉଚିତ । ପ୍ରତି ଦୁଇ ମାସ ଅନ୍ତରରେ କୃମିନାଶକ ଔଷଧ ଦେବା ଦରକାର । ଦୁର୍ବଳ ଛେଳିକୁ ଅଲଗା ରଖି ତା'ର ଉପଯୁକ୍ତ ଚିକିତ୍ସା କରିବା ସହିତ ସୁଷମ ଖାଦ୍ୟ ଦେବା ଦରକାର ।

**ସଂକ୍ରାମକ ରୋଗ ଏବଂ ତା'ର ପ୍ରତିକାର :** ଅନ୍ୟ ପ୍ରାଣୀଙ୍କ ତୁଳନାରେ ଛେଳିମାନଙ୍କୁ କମ୍ ରୋଗ ହୋଇଥାଏ ।

**କୃମିଜନିତ ରୋଗ :** ଅଙ୍କୁଶ କୃମି, କଳିଜା କୃମି ଏବଂ ଫିତା କୃମି ଆଦି ପ୍ରଧାନ। ଛେଳିର ଝାଡ଼ା ଗୋବର ପରି ହୁଏ । ମୁହଁର ତଳ ଅଂଶ ଫୁଲିଯାଏ । ଖୁବ୍ ଶୀଘ୍ର ଛେଳି ଦୁର୍ବଳ ହୋଇପଡ଼େ । ମୁଣ୍ଡରେ ବା ଫିତା କୃମିର ସିଷ୍ଟ ଯୋଗୁଁ ଛେଳି ଗୋଲାକାର ଗତି କରେ । ଧୀରେ ଧୀରେ ଛେଳି ଦୁର୍ବଳ ହୋଇପଡ଼େ।

**ଚିକିତ୍ସା :** ଆଲ୍‌ବେଣ୍ଡାଜୋଲ୍ ସିରପ୍ – ୨ ମି.ଲି. ପ୍ରତି କି.ଗ୍ରା ଶାରୀରିକ ଓଜନ । ଆଲବେଣ୍ଡାଜୋଲ୍ ବଟିକା – ୧୫୦ କି.ଗ୍ରା ପ୍ରତି ଛେଳିକୁ ୧ ରୁ ୨ଟି ବଟିକା ।

**ଜୀବାଣୁଜନିତ ରୋଗ**

**ଏଣ୍ଟରୋଟକ୍ସେମିଆ :** ଏହା କ୍ଲଷ୍ଟ୍ରିଡ଼ିଅସ୍ ପରଫିଜେନ୍ସ ନାମକ ବ୍ୟାକ୍‌ଟେରିଆ ଦ୍ୱାରା ହୁଏ । ଛେଳିର ନୀଳ ବା ମାଟିଆ ପରି ତରଳ ଝାଡ଼ା ହୁଏ । ଛେଳି ପେଟ ଆଡ଼କୁ ମୁହଁ ମାଡ଼ି ରୁହନ୍ତି। ଛେଳିର ଜ୍ୱର ୧୦୫-୧୦୭ ଡିଗ୍ରୀ ଫାରେନ୍‌ହିଟ୍ ହୁଏ, ଝାଡ଼ା ହୁଏ । ହଠାତ୍ ମୃତ୍ୟୁମୁଖରେ ପଡ଼ନ୍ତି।

**ଚିକିତ୍ସା :** ପେନ୍‌ସିଲିନ୍ କିମ୍ବା ସଲ୍‌ଫା ଡ୍ରଗ୍ ୪-୫ଦିନ, ଡେକ୍ସଟ୍ରୋଜ୍ ସାଲାଇନ୍ ଆଦିଲ ।

**ଆନ୍ଥ୍ରାକ୍ସ:** ଛେଳିମାନେ ହଠାତ୍ ମୃତ୍ୟୁ ମୁଖରେ ପଡ଼ନ୍ତି । ସମୟେ ସମୟେ ଦେହର ଉତ୍ତାପ ୧୦୫ ଡିଗ୍ରୀ ଫାରେନ ହାଇଟ୍ ଊର୍ଦ୍ଧ୍ୱରେ ରହେ । ପେଟ ଫମ୍ପାଏ । ଚିକିତ୍ସା : ଅକ୍ସିଟେଟ୍ରାସାଇକ୍ଲିନ୍ ଇଞ୍ଜେକ୍‌ସନ୍ ୪-୫ମି.ଗ୍ରା/ପ୍ରତି କେ.ଜି ଶାରୀରିକ ଓଜନ ।

**ଫାଟୁଆ ଓ ଚଉଆ :** ଛେଳିର ଦେହରେ ଉତ୍ତାପ ବଢ଼େ । ପାଟିରୁ ଫେଣ ପରି ଲାଳ ବାହାରେ । ଗୋଡ଼ର ଖୁରାରେ ଘା' ହୁଏ । ଚିକିତ୍ସା : ଖାଇବା ସୋଡ଼ା ବା ପୋଟାସିଅମ୍ ପରମାଙ୍ଗାନେଟ୍ ମିଶା ଉଷୁମ ପାଣିରେ ଗୋଡ଼ର ଘା'କୁ ଧୋଇଦେବା ଦରକାର । ଆଣ୍ଟିବାୟୋଟିକ୍ ଇଞ୍ଜେକସନ୍ ୩-୫ ଦିନ ପର୍ଯ୍ୟନ୍ତ ଦିଆଯିବ ।

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ), କଳାହାଣ୍ଡି, ମୋ : ୯୪୩୭୬୦୭୩୧୨*

# ରସୁଣ ଲଗାଇବା ସମୟରେ...





ଜଳସେଚନ ସୁବିଧା ଥିଲେ ଢ଼ିପ ଜମିରେ ଧାନ ଅମଳ ପରେ ଜମିରେ ବତର ଦେଖି ରସୁଣ ଲଗନ୍ତୁ। ରସୁଣର ଉନ୍ନତ କିସମ ତଥା ଅଧିକ ଅମଳକ୍ଷମ କିସମ ମଧ୍ୟରେ ରହିଛି-ଫୱାରି,ରାଜାଲଗତି, ଯାମନଗର ଏବଂ ଡି-୨୮୨। ଏକର ପ୍ରତି ୨୦୦ରୁ ୨୮୦ କିଗ୍ରା କୋଳା ବିହନ ରୂପେ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୨୦ସେମି ଓ ଗଛକୁ ଗଛ ୮ ସେମି ଦୂରତା ରଖନ୍ତୁ। ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୧୫ଟନ୍ ଶୁଖିଲା ଗୋବର ଖତ ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ। ମୂଳ ସାର ହିସାବରେ ଏକର ପ୍ରତି ୨୪ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ ଏବଂ ୨୪ କିଗ୍ରା ପଟାସ ବ୍ୟବହାର କରନ୍ତୁ।

# ଚାଷୀଙ୍କ ପାଇଁ..

**ପନିପରିବା:** ମେଘୁଆ ପାଗ ହୋଇଥିଲେ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ଆଶଙ୍କା ଅଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ରସୁଣରେ ପତ୍ରପୋଡ଼ା ରୋଗ ଲାଗିଥିଲେ ତାହାର ନିରାକରଣ ସକାଶେ ଏକର ପିଛା ୬୦୦ଗ୍ରାମ୍ ମାଙ୍କୋଜେବ୍ କବକନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ଦମନ:** ସୂର୍ଯ୍ୟମୁଖୀ ଚାଷରେ ଦାନାଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କିଗ୍ରା ଓ ସଙ୍କରଜାତୀୟ ପାଇଁ ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।



## ସଂକ୍ଷେପରେ

### ଲାଞ୍ଚ ନେଇ ଧରାପଡ଼ି ଗିରଫ ହେଲେ ସିଡିପିଓ


ସ୍ୱପ୍ନାରାଣୀ ମିଶ୍ର

ଜୟପୁର/ନନ୍ଦପୁର,୨୭।୧୦ (ଡି.ଏନ.ଏ/ନି.ପ୍ର. ): କୋରାପୁଟ ଜିଲା ନନ୍ଦପୁର ସମ୍ମନିତ ଶିଶୁ ବିକାଶ ସେବା ଯୋଜନା ପ୍ରକଳ୍ପର ସିଡିପିଓ ସ୍ୱପ୍ନାରାଣୀ ମିଶ୍ର ୧ଲକ୍ଷ ୭୫ହଜାର ଟଙ୍କା ଲାଞ୍ଚ ନେବାବେଳେ ଜୟପୁର ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି। ତାଙ୍କୁ ଭିଜିଲାନ୍ସ ବିଭାଗ ଜୟପୁରସ୍ଥିତ ଏସପି କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚରା କରୁଛି । ଭିଜିଲାନ୍ସ ସୂଚନା ଅନୁଯାୟୀ ସ୍ଥାନୀୟ ତିନି ଭୈରବୀ ନାମକ ଏକ ମହିଳ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି)ର ଛତୁଆ ପ୍ରଦାନ ବାବଦକୁ ୯ଲକ୍ଷ ୪୭ ହଜାର ୮୩୦ ଟଙ୍କାର ବିଲ୍ କରିଦେବାକୁ ସିଡିପିଓ ୧ଲକ୍ଷ ୭୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଏସଏଚ୍‌ଜି ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା। ଯୋଜନା ମୁତାବକ ମଙ୍ଗଳବାର ଏସଏଚଜିର ସଦସ୍ୟା ସ୍ନେହଲତା ଦଳପତିଙ୍କଠାରୁ ସିଡିପିଓ ସ୍ୱପ୍ନାରାଣୀ ଟଙ୍କା ନେବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ କାବୁକରି ନେଇଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଭିଜିଲାନ୍ସ ଟିମ୍ ସିଡିପିଓଙ୍କ ଅଫିସ ସହ ସେମିଲିଗୁଡାସ୍ଥିତ ତାଙ୍କ ବାସଭବନ ଓ ତାଙ୍କ ଅଫିସରେ ଚଢାଉ ଜାରି ରହିଥିବା ଭିଜିଲାନ୍ସ ଏସ୍‌ପି ଶଶୀଶେଖର ମହାପାତ୍ର ସୂଚନା ଦେଇଛନ୍ତି।

### ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ନାନବେଳେ ଛାତ୍ର ନିଖୋଜ

ପୁରୀ ଅଫିସ,୨୭।୧୦: ବ୍ଲୁ ଫ୍ଲାଗ୍ ବିଚ୍ ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ଛାତ୍ର ଭାସିଯାଇଛନ୍ତି। ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇନାହାନ୍ତି। ନିଖୋଜ ଛାତ୍ର ଜଣଙ୍କ ହେଲେ ଝାଡ଼ଖଣ୍ଡ ରାଜ୍ୟର ତନୀଷ ବିନୟ (୧୬)। ସେ ଯୁକ୍ତ ୨ରେ ପାଠ ପଢୁଛନ୍ତି। ମା, ବାପା ଓ ପରିବାରର ଅନ୍ୟ ସଦସ୍ୟଙ୍କ ସହ ତନୀଷ ପୁରୀ ବୁଲିବାକୁ ଆସିଥିଲେ। ପୂର୍ବାହ୍ନରେ ବ୍ଲୁ ଫ୍ଲାଗ ବିଚ୍ ବୁଲିବାକୁ ଯାଇଥିଲେ। ଏହି ସମୟରେ ତନୀଷ ସମୁଦ୍ରରେ ସ୍ନାନ କରୁଥିଲେ। ମାତ୍ର ହଠାତ୍ ସେ ଭାସି ଯାଇଥିଲେ। ତାଙ୍କ ସମ୍ପର୍କୀୟ ପାଟି କରିବାରୁ ଲାଇଫ୍‌ଗାର୍ଡ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଗ୍ନିଶମବାହିନୀର ଗୋଟିଏ ଟିମ୍ ଖୋଜାଖୋଜି କରୁଛନ୍ତି। ନୂଆନଈଠାରୁ ହୋଟେଲ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ରରେ ଖୋଜାଖୋଜି କରିଥିଲେ ମଧ ତନୀଷଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପୁନଶ୍ଚ ବୁଧବାର ସକାଳ ୬ଟାରୁ ଖୋଜାଯିବ ବୋଲି ଲାଇଫ୍‌ଗାର୍ଡ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି।

### କେନାଲରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ

ଡେଲାଙ୍ଗ,୨୭।୧୦ (ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତ ଅନ୍ତର୍ଗତ ବୁଆଲି ଗ୍ରାମର ଏକ କେନାଲରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବୁଆଲି ଆଦିବାସୀ ସାହିର ସୁଦାମ ପ୍ରଧାନଙ୍କ ଦେଢ଼ ବର୍ଷର ଶିଶୁ ସୋମନାଥ ଓ ତା'ର ୫ ବର୍ଷର ବଡ଼ଭାଇ ଅଗଣାରେ ଖେଳୁଥିଲେ। ଖେଳୁ ଖେଳୁ ଘର ପଛପଟେ ଥିବା କେନାଲ ଆଡ଼କୁ ସୋମନାଥ ଦୌଡ଼ିଥିଲା। କେନାଲ ବନ୍ଧରେ ଥିବା ଗୁଡ଼କୁ ଯିବାବେଳେ ତା'ର ଗୋଡ଼ ଖସି ଯିବାରୁ ପାଣିରେ ବୁଡିଯାଇଥିବାର ଦେଖି ବଡ଼ଭାଇ ମାକୁ ଜଣାଇଥିଲା। ମା ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତୁଠାରୁ ୧୦ଫୁଟ ଦୂରରେ ଛୁଆଟି ପାଣି ସ୍ରୋତରେ ଭାସୁ ଥିବାର ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ ମାଓବାଦୀ ବିରୋଧୀ ମେଳି


ମାଓବାଦୀ ବିରୋଧୀ ମେଳିରେ ଏକାଠି ହୋଇଥିବା ଆଦିବାସୀ।

**ମାଲକାନଗିରି/ ଚିତ୍ରକୋଣ୍ଡା, ୨୭।୧୦ (ଡି.ଏନ୍.ଏ.)**
ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଲକାନଗିରି ଜିଲା ଯୋଡ଼ାମ୍ବ ଥାନା ଅଧୀନ ଖଜୁରିଗୁଡ଼ା ଗ୍ରାମର ଦାସୁ ଖେମୁଡଙ୍କୁ ହତ୍ୟା କରିବା ଏବଂ ଅନ୍ୟ ୩ଜଣଙ୍କୁ ମାଡ଼ ମାରିବା ଘଟଣା ପରେ ଖଜୁରିଗୁଡା ଗ୍ରାମ ଅଶାନ୍ତ ହୋଇପଡ଼ିଛି। ମାଓବାଦୀଙ୍କ ହିଂସାକାଣ୍ଡ ବିରୋଧରେ ଅଞ୍ଚଳବାସୀ ଏକାଠି ହୋଇଛନ୍ତି। ରବିବାର ମାଓବାଦୀ କାର୍ଯ୍ୟକଳାପ ବିରୋଧରେ ବିଚ୍ଛିନ୍ନାଞ୍ଚଳର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିଲା। ସୋମବାର ଘଟଣାକୁ ନେଇ ସେହି ଅଞ୍ଚଳର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଶତାଧିକ ମହିଳା ଓ ଗ୍ରାମବାସୀ ଏକଜୁଟ ହୋଇ ଦାସ ଖେମୁଡୁ ମୃତ୍ୟୁର ଆମେ ଉଚିତ ଜବାବ ଦେବୁ। ମାଓବାଦୀଙ୍କୁ ଆମ ଗ୍ରାମରେ ପ୍ରବେଶ କରିବାକୁ ଦେବୁନାହିଁ। ଯଦି ସେମାନେ ଗ୍ରାମରେ ପ୍ରବେଶ କଲେ ଏହାର ଜବାବ ପାଇବେ। ଆମେ ହିଂସା ନୁହେଁ ଶାନ୍ତି ଚାହୁଁ ବୋଲି ଖଜୁରିଗୁଡା ଗ୍ରାମରେ ଅନୁଷ୍ଠିତ ପ୍ରଜାମେଳିରେ ମହିଳାମାନେ ପ୍ରକାଶ କରଛନ୍ତି। ପ୍ରଥମେ ସେମାନେ ଏକତ୍ରିତ ହୋଇ ପ୍ଲାକାର୍ଡ ଏବଂ ପୋଷ୍ଟର ଧରି ଶୋଭାଯାତ୍ରା କରିଥିଲେ। ପରେ ଏକାଠି ହୋଇ ମାଓବାଦୀଙ୍କ ଉପରେ ବର୍ଷିଥିଲେ।

# ଜୁମଡାଙ୍ଗ ଜଙ୍ଗଲରେ ମାଓବାଦୀ-ଯବାନ ଗୁଳି ବିନିମୟ

**ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୧୦(ଡି.ଏନ.ଏ.)**
ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ରାଲେଗାଡା ପଞ୍ଚାୟତ ଜୁମଡାଙ୍ଗ ଜଙ୍ଗଲରେ ମଙ୍ଗଳବାର ଏସ୍‌ଓଜି, ଡିଭିଏଫ୍ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିୟମ ହୋଇଛି। ମାଓବାଦୀମାନେ ଜଙ୍ଗଲରେ ଶିବିର କରୁଥିବା ସୂଚନା ପାଇ ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ ଅପରେଶନରେ ଯାଉଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଏହାର କଡା ଜବାବ ଦେଇଛନ୍ତି ଯବାନ। ଫଳରେ ଉଭୟପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ତେବେ ଗୁଳି ବିନିମୟ ବେଳେ ଟପ୍ କ୍ୟାଡର ମାଓବାଦୀ ନେତା ଅନିଲ ଓ ଆନ୍ଦୁ ସମେତ ଅନେକ ନେତା ଖସି ପଳାଇବାକୁ ସକ୍ଷମ ହୋଇଛନ୍ତି। ଘଟଣା ସ୍ଥଳରୁ ପୋଲିସ କିଟ୍ ବ୍ୟାଗ ଓ ମାଓବାଦୀ ସାମଗ୍ରୀ ଜବତ କରିଛି। ସୂଚନାଯୋଗ୍ୟ ଯେ, ସୋମବାର ରାତିରେ ମାଓବାଦୀମାନେ ପାପରମେଟଲା ଅଞ୍ଚଳରେ ରାସ୍ତା କାମକୁ ବିରୋଧ କରି ଏଥିରେ ନିୟୋଜିତ ୨ଟି ଟ୍ରାକ୍ଟର ଓ ଗୋଟିଏ ଜେବିସି ପୋଡି ଦେଇଛନ୍ତି। ପୁଲିସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସମଗ୍ର ସ୍ୱାଭିମାନ ଅଞ୍ଚଳ ଏବେ ପୋଲିସ ଛାଉଣିରେ ପରିଣତ ହୋଇଛି।

# କୋମ୍ବିଂବେଳେ ବିସ୍ଫୋରକ, ଅସ୍ତ୍ରଶସ୍ତ୍ର ଜବତ


ଜବତ ବିସ୍ଫୋରକ ସାମଗ୍ରୀ।

**ମାଲକାନଗିରି,୨୭।୧୦(ସ୍ୱ.ପ୍ର.)**
ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳରୁ ସୋମବାର ସୁରକ୍ଷା କର୍ମୀଙ୍କ ଦ୍ୱାରା ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ମାଓବାଦୀଙ୍କ ଚଳପ୍ରଚଳ ନେଇ ଗୋଇନ୍ଦା ସୂଚନା ଅଧାରରେ ବିଏସ୍‌ଏଫ୍(୯ମ ବାଟାଲିୟନ) ଏବଂ ଏସ୍‌ଓଜି ପକ୍ଷରୁ ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ଚିତ୍ରକୋଣ୍ଡା ବ୍ଲକ୍ ଯୋଡ଼ାମ୍ବ ଥାନା ଅଧୀନ ମୁକୁନ୍ଦିପାଲି, ଗୁରାସେତୁ, ବେଜିଙ୍ଗି, ଜମ୍ପଲୁର ଓ ପାରଲୁବନ୍ଧ ଗ୍ରାମରେ କୋମ୍ବିଂବେଳେ ଜଙ୍ଗଲରେ ମାଟିତଳେ ଲୁଚାଇ ରଖାଯାଇଥିବା ବନ୍ଧୁକ, କ୍ଲେମୋର ବୋମା, କୋଡେକ୍ସ କେବଲ, ୮ ଡିଟୋନେଟର, ଅକ୍ସିଜେନ ସିଲିଣ୍ଡର(୪୦କେ.ଜି.), କ୍ୟାମେରା ଫ୍ଲାଶ୍ ଓ ସୁଇଚ୍, ଜିପିଏସ୍ ପାଉଚ୍ ସମେତ ବିଭିନ୍ନ ବିସ୍ଫୋରକ ଏବଂ ମାଓବାଦୀ ଲିଫ୍‌ଲେଟ ଜବତ ହୋଇଛି। ଯବାନ ଏବଂ ସାଧାରଣ ଲୋକଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଏହି ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି ବୋଲି ମାଲକାନଗିରି ଏସ୍‌ପି ଋଷିକେଶ ଡି. ଖିଲାରି କହିଛନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

# ୩ ଦିନରେ ୪,୩୬୦ ଆକ୍ରାନ୍ତ ଚିହ୍ନଟ, ୪୩ ମୃତ

**ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)**
ରାଜ୍ୟରେ ତଳମୁହାଁ ହେଉଛି କରୋନା ସଂକ୍ରମଣ। ଗତ ତିନି ଦିନରେ ରାଜ୍ୟରେ ୪,୩୬୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪୩ଜଣଙ୍କ ମୃତ୍ୟୁ ଘଟିଛି। ୨୫ତାରିଖରେ ୧,୬୩୩ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୬ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୬ରେ ୧,୪୮୦ ଆକ୍ରାନ୍ତ ଚିହ୍ନଟ ଓ ୧୪ଜଣଙ୍କ ମୃତ୍ୟୁ ଘଟିଛି। ଗତ ୨୪ଘଣ୍ଟାରେ ୧,୨୪୭ଜଣ ଆକ୍ରାନ୍ତ ଚିହ୍ନଟ ଓ ୧୩ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଓଡ଼ିଶାରେ ଦୈନିକ କରୋନା ସଂକ୍ରମଣ ଦେଢ଼ ହଜାର ତଳକୁ ଖସିଆସିଛି। ଦୀର୍ଘଦିନ ପରେ କରୋନା ସଂକ୍ରମଣରେ ଏପରି ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି। ୨୯ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୭୨୯ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୫୧୮ଜଣ ସ୍ଥାନୀୟ ଅଞ୍ଚଳର ରହିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨୦୬ଜଣ ରହିଥିବାବେଳେ କଟକରୁ ୧୦୫ଜଣ ରହିଛନ୍ତି। ବହୁଦିନ ପରେ ଦୈନିକ ସଂକ୍ରମଣରେ ମାତ୍ର ଦୁଇଟି ଜିଲା ଶହେ ଉପରେ ଥିବାବେଳେ ବାକି ସବୁ ଜିଲାରେ ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୮୩,୯୪୨ରେ ପହଞ୍ଚିଛି।



ସେପଟେ ଗତ ୨୪ଘଣ୍ଟାରେ କରୋନା ମୃତ୍ୟୁ ଘଟିଥିବା ୧୩ଜଣଙ୍କ ମଧ୍ୟରେ ଭୁବନେଶ୍ୱରରୁ ସର୍ବାଧିକ ୪ଜଣ ଥିବାବେଳେ ନୂଆପଡ଼ାରୁ ୩, ଝାରସୁଗୁଡ଼ା ଓ କେନ୍ଦୁଝରରୁ ୨ଜଣ ଲେଖାଏ, ସୁନ୍ଦରଗଡ଼ ଓ ମାଲକାନଗିରିରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୨୭୨କୁ ବୃଦ୍ଧି ପାଇଛି। ଗଞ୍ଜାମ ଜିଲାରେ ସର୍ବାଧିକ ୨୨୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧାରେ ୨୧୯, କଟକରେ ୧୦୫, ପୁରୀରେ ୮୨, ବାଲେଶ୍ୱରରେ ୬୬ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ ଏଯାବତ୍ ୪୩,୮୫,୨୫୯ ନମୁନା ପରୀକ୍ଷା ହୋଇଥିବାବେଳେ ୬.୪୭% କରୋନା ପଜିଟିଭ୍ ବାହାରିଛି। ସେପଟେ ଗତ ତିନି ଦିନରେ ରାଜ୍ୟରେ ସୁସ୍ଥ ହୋଇଛନ୍ତି ୬,୦୮୪। ମଙ୍ଗଳବାର ୨୦୧୦ଜଣ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବାପରେ ଏବେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୨,୬୮,୧୧୫କୁ ବୃଦ୍ଧି ପାଇଛି।

# ଏସ୍‌ସିବିରେ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ

**ଦୂର ହେବ କରୋନା ଆକ୍ରାନ୍ତଙ୍କ ସମସ୍ୟା**

- ୫୦୦ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲରେ ରହିଛି ୬୮ଟି ଆଇସିୟୁ

**କଟକ ଅଫିସ,୨୭।୧୦**
କଟକ ଏସ୍‌ସିବି ମେଡିକାଲ ପରିସରରେ କୋଭିଡ୍ ହସ୍ପିଟାଲ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହାକୁ କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲ ଉଦ୍‌ଘାଟନ କରି କହିଥିଲେ, ଏହି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା କରୋନା ଆକ୍ରାନ୍ତଙ୍କ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡିକର ସଫଳ ଚିକିତ୍ସା ହୋଇପାରିବ । ରାଜ୍ୟ ପାଇଁ ଏହି କୋଭିଡ୍ ହସ୍ପିଟାଲ ଆଶାର ଆଲୋକ ସଦୃଶ କାମ କରିବ। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଏସ୍‌ସିବି ପ୍ରିନ୍ସିପାଲ ପ୍ର. ଦଣ୍ଡେଶ୍ୱର ହୋତା ଉପସ୍ଥିତ ଥିଲେ। ୫୦୦ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲରେ ରହିଛି ୬୮ଟି ଆଇସିୟୁ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିବି ଭାରାପ୍ରାପ୍ତ ଅଧୀକ୍ଷକ ଡା. ଲୁସୀ ଦାଶ, ମେଡିସିନ ବିଭାଗ ମୁଖ୍ୟ ଡା. ଜୟନ୍ତ ପଣ୍ଡା, ଡା. ବନବିହାରୀ ମିଶ୍ର, ତୁଷାର କର, ଶୁଭ୍ରାଂଶୁ ମିଶ୍ର, ଡା. ବିଦ୍ୟୁତ ଦାସ, ହସ୍ପିଟାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ଏସ୍‌ସିବିର ଜରୁରି କାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣାଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ, ସେବିକା ଓ ହସ୍ପିଟାଲ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଉନ୍ନତ ମାନର କୋଭିଡ ହସ୍ପିଟାଲ କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ କୋଭିଡ୍ ପରିଚାଳନାରେ ବିଶେଷ ସହାୟକ ହେବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଆଶାବାଦୀ ଅଛନ୍ତି।


କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲ ଏସ୍‌ସିବି ମେଡିକାଲ ପରିସରରେ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ କରୁଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୪ ତାରିଖରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସିବି ପରିସରରେ କୋଭିଡ୍ ହସ୍ପିଟାଲ ସ୍ଥାପନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ କୋଭିଡ୍ ହସ୍ପିଟାଲରେ କରୋନା ରୋଗୀଙ୍କ ଚିକିତ୍ସା କରାଯିବା ସହ ସ୍ତ୍ରୀରୋଗ, ଶଲ୍ୟ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ଡାକ୍ତରୀ ସୁବିଧା ମଧ ଯୋଗାଇ ଦେବା ପାଇଁ ଯୋଜନା ରଖାଯାଇଥିଲା। ସେବେଠାରୁ ଏସ୍‌ସିବିର ମୁଖ୍ୟତଃ ନିଉ ମେଡିସିନ ୱାର୍ଡ ଓ ଅନ୍ୟ କିଛି ସ୍ଥାନରେ ଭିତିଭୂମି ସଜାଡିବା ସହ ନିରବଚ୍ଛିନ୍ନ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଥିଲା ।

# ପହିଲାରୁ ଖୋଲିବ ଶିମିଳିପାଳ



**ବାରିପଦା ଅଫିସ,୨୭।୧୦**
ପ୍ରସ୍ତାବିତ ଜାତୀୟ ଅଭୟାରଣ୍ୟ ଶିମିଳିପାଳ ନଭେମ୍ବର ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି କର୍ତ୍ତୃପକ୍ଷ ଜଣାଇଛନ୍ତି। ବାରିପଦା ପିଠାବଟା ଗେଟ ଦେଇ ପ୍ରଥମେ ପହଞ୍ଚିଥିବା ୨୫ ଗାଡ଼ି ଏବଂ ଯଶିପୁରର କଳିଆଣି ପଟୁ ସର୍ବାଧିକ ୩୫ ଗାଡ଼ିକୁ ପ୍ରବେଶ ଅନୁମତି ଦିଆଯିବ ବୋଲି ସୂଚନା ମିଳିଛି। ସେହିଭଳି ପ୍ରତିଦିନ ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ପ୍ରବେଶ ଫାଟକରୁ ପ୍ରବେଶ ଅନୁମତି ନେଇ ପାରିବେ। ଚଳିତବର୍ଷ ବାରେହିପାଣିକୁ ମିଶାଇ ଗୁଡୁଗୁଡ଼ିଆ, ରାମତୀର୍ଥ, କୁମାରୀ, ଜାମୁଆଣିଠାରେ ପର୍ଯ୍ୟଟକଙ୍କ ପାଇଁ ରାତ୍ରୀଯାପନର ବ୍ୟବସ୍ଥା କରାଯାଇଛି। କେବଳ ରାତ୍ରୀଯାପନ ପାଇଁ ପର୍ଯ୍ୟଟକମାନେ www.ecotourodisha.comରେ ଇ-ମେଲ ମାଧମରେ ଅଗ୍ରୀମ ବୁକିଂ କରିପାରିବେ। ପର୍ଯ୍ୟଟକମାନେ ମାସ୍କ ପିନ୍ଧିବା ସହ କୋଭିଡ୍-୧୯ ନିୟମକୁ ମାନିବା ବାଧ୍ୟତାମୂଳକ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ମାସରେ କରୋନା କଟକଣା ସକାଶେ ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରି ଦିଆଯାଇଥିଲା ।

## ପ୍ରଥମ ପୃଷ୍ଠାରୁ...

### ଭାରତ-ଆମେରିକା...

ଅଞ୍ଚଳରେ ଚାଇନା ଏହାର ଅର୍ଥନୈତିକ ଓ ସାମରିକ ତାକତ ବଢ଼ାଇ ଚାଲିଥିବାବେଳେ ପୂର୍ବ ଲଦାଖରେ ଭାରତ ସହ ଉତ୍ତେଜନାମୂଳକ ସ୍ଥିତି ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ଉଚ୍ଚସ୍ତରୀୟ ଆଲୋଚନା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଭାରତର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ପ୍ରତି ବିପଦ ଆଶଙ୍କା ଥିବାବେଳେ ଆମେ ସବୁବେଳେ ନୂଆଦିଲ୍ଲୀ ସହିତ ରହିଛୁ ବୋଲି ପମ୍ପିଓ ପ୍ରତିଶ୍ରୁତି ଦେଇଥିଲେ। ଏକ ମିଳିତ ଖବରଦାତା ସମ୍ମିଳନୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ, ଉଭୟ ପକ୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଛି। ଆମେରିକା ସହ ବିଇସିଏ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଏକ ଉଲ୍ଲେଖନୀୟ ପଦକ୍ଷେପ। ଫଳରେ ଦୁଇଦେଶର ସୈନ୍ୟବାହିନୀ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ। ମିଳିତ ଭାବେ ପ୍ରତିରକ୍ଷା ଉପକରଣର ବିକାଶ ଲାଗି ମଧ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ନିରାପତ୍ତା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ରାଜନାଥ ଦୋହରାଇଥିଲେ।

ଗତ ଜୁନ୍ ମାସରେ ଚାଇନା ସେନାର ଆକ୍ରମଣରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ଭାରତର ଯୁଦ୍ଧ ସ୍ମାରକୀ ପରିଦର୍ଶନ କରି ଦେଶ ପାଇଁ ପ୍ରାଣବଳି ଦେଇଥିବା ଯବାନମାନଙ୍କୁ ସମ୍ମାନ ଜଣାଇବା ଅବସରରେ ପମ୍ପିଓ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିସିପି)କୁ ସମାଲୋଚନା କରିଥିଲେ। ସିସିପି ଗଣତନ୍ତ୍ର, ଆଇନର ଶାସନ ଓ ସ୍ୱଚ୍ଛତା ସହ ସମ୍ପର୍କ ରଖେନାହିଁ, ଏହା ଆମେରିକୀୟ ନେତା ଓ ଜନସାଧାରଣ ଉପଲବ୍ଧି କରିଛନ୍ତି ବୋଲି ଏହାର ପରରାଷ୍ଟ୍ର ସଚିବ କହିଥିଲେ। କେବଳ ସିସିପି ନୁହେଁ ସମସ୍ତ ପ୍ରକାର ବିପଦର ମୁକାବିଲା ପାଇଁ ଭାରତ-ଆମେରିକା ସହଯୋଗ ବଢ଼ାଇବାକୁ ପଦକ୍ଷେପ ନେଉଛନ୍ତି। ଦୁଇଦେଶ ମଧ୍ୟରେ ଜାତୀୟ ସୁରକ୍ଷା ସହଯୋଗ ବୃଦ୍ଧି ପାଇବା ସହ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ବୋଲି ଜୟଶଙ୍କର କହିଥିଲେ। ବିଇସିଏ ସ୍ୱାକ୍ଷର ହେବା ସହ ଦୁଇଦେଶ ମଧ୍ୟରେ ୪ ପ୍ରମୁଖ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି, ଯାହା ସାମରିକ ସହଯୋଗ ବୃଦ୍ଧିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

୨+୨ ତୃତୀୟ ସଂସ୍କରଣ ଆଲୋଚନା ପରେ ପମ୍ପିଓ ଏବଂ ଏସ୍ପାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ। ଏହି ବୈଠକ ସମୟରେ ଜୟଶଙ୍କର, ରାଜନାଥ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିବା କେନ୍ ଜଷ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

### ବିଇସିଏ କ'ଣ

ବିଇସିଏ ହେଉଛି ମୌଳିକ ଆଦାନପ୍ରଦାନ ଓ ସହଯୋଗ ଚୁକ୍ତିନାମା। ମଙ୍ଗଳବାର ଆମେରିକା ପ୍ରତିରକ୍ଷା ବିଭାଗର ଜିଓସ୍ପାଟିଆଲ-ଇଣ୍ଟେଲିଜେନ୍ସ ଏଜେନ୍ସି ଏବଂ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ଏହି ରାଜିନାମା ବଳରେ ଦୁଇ ଦେଶ ପରସ୍ପର ମଧ୍ୟରେ ସାମରିକ ତଥ୍ୟ ଯଥା ମାନଚିତ୍ର, ନଟିକାଲ ଓ ଏରୋନଟିକାଲ ଚାର୍ଟ, ବାଣିଜ୍ୟିକ ତଥା ଅନ୍ୟାନ୍ୟ ଗୋପନୀୟ ତଥ୍ୟ, ଜିଓଡେଟିକ୍, ଜିଓଫିଜିକାଲ, ଭୂଚୁମ୍ବକୀୟ ତଥା ମାଧ୍ୟାକର୍ଷଣ ତଥ୍ୟ ବିନିମୟ କରିପାରିବେ। ତେବେ ଏହି ତଥ୍ୟଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ଓ କୌଣସି ତୃତୀୟ ପକ୍ଷ ସହ ଶେୟାର କରାଯିବ ନାହିଁ। ଚୁକ୍ତି କାର୍ଯ୍ୟକାରୀ ହେଲେ ଭାରତ ଉଚ୍ଚ ପ୍ରଯୁକ୍ତିଯୁକ୍ତ ଅସ୍ତ୍ର ଉତ୍ପାଦନ କରିବା ସହ ଦୀର୍ଘ ଲକ୍ଷ୍ୟଭେଦ କ୍ଷମତାବିଶିଷ୍ଟ କ୍ଷେପଣାସ୍ତ୍ର ଉତ୍ପାଦନକାରୀ ଶକ୍ତିଗୋଷ୍ଠୀରେ ସାମିଲ ହୋଇପାରିବ।

ଏହା ପୂର୍ବରୁ ଭାରତ ଓ ଆମେରିକା ମଧ୍ୟରେ ୩ଟି ମୌଳିକ ରାଜିନାମା ହୋଇଥିଲା। ୨୦୦୨ରେ ଜେନେରାଲ ସିକ୍ୟୁରିଟି ଅଫ୍ ମିଲିଟାରୀ ଇନ୍‌ଫର୍ମେଶନ ଏଗ୍ରିମେଣ୍ଟ (ଜିଏସ୍‌ଓଏମ୍‌ଆଇଏ) ସ୍ୱାକ୍ଷର ହୋଇଥିଲାବେଳେ ୨୦୧୬ରେ ଲଜିଷ୍ଟିକ୍ସ ଏକ୍ସଚେଞ୍ଜ ମେମୋରାଣ୍ଡମ୍ ଅଫ୍ ଏଗ୍ରିମେଣ୍ଟ (ଏଲ୍‌ଇଏମ୍‌ଓଏ) ଏବଂ ୨୦୧୮ରେ କମ୍ୟୁନିକେଶନ୍ସ କମ୍ପାଟିବିଲିଟି ଆଣ୍ଡ ସିକ୍ୟୁରିଟି ଏଗ୍ରିମେଣ୍ଟ (ସିଓଏମ୍‌ସିଏଏସ୍‌ଏ) ସ୍ୱାକ୍ଷରିତ ହୋଇଥିଲା। ଉପା ସରକାର ଅମଳରୁ ବିଇସିଏକୁ ନେଇ ବୁଝାମଣା ଚାଲିଥିଲା।

ନୂଆ ରାଜିନାମା କାର୍ଯ୍ୟକାରୀ ହେଲେ ଆମେରିକା ସୈନ୍ୟବାହିନୀ ଭାରତକୁ ଅତ୍ୟାଧୁନିକ ଆର୍ଥିକ ନୌପରିବହନ ସହାୟତା, ଜିଓସ୍ପାଟିଆଲ ଗୋଇନ୍ଦା ସୂଚନା ଯୋଗାଇଦେବ। ଏହା ସେନାର ସ୍ୱୟଂକ୍ରିୟ ହାର୍ଡୱେର ବ୍ୟବସ୍ଥା, କ୍ରୁଜ୍ ମିସାଇଲ, ବାଲିଷ୍ଟିକ୍ ମିସାଇଲ ଓ ଡ୍ରୋନ୍‌ର ସଠିକତାକୁ ଅଧିକ ସମୃଦ୍ଧ କରିବ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ବୃଦ୍ଧି ପାଉଥିବା ପ୍ରଭାବକୁ ପ୍ରତିହତ କରିବାରେ ମଧ ବିଇସିଏ ଦୁଇଦେଶ ପାଇଁ ସହାୟକ ହୋଇପାରିବ।

### ଟ୍ରମ୍ପଙ୍କ ସପକ୍ଷରେ...

ଇରାନ ଭଳି ଅନେକ ରାଷ୍ଟ୍ର ଏହାର ଉତ୍ତର ଖୋଜୁଛନ୍ତି। କାରଣ ଏହି ନିର୍ବାଚନର ପରିଣାମ ସାରା ବିଶ୍ୱର କୂଟନୀତି ଓ ବାଣିଜ୍ୟକୁ ପ୍ରଭାବିତ କରିବ। ଏଥିଲାଗି ନଭେମ୍ବର ୩ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ଉପରେ ସାରା ବିଶ୍ୱର ନଜର ରହିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପାଇଁ ସବୁଠୁ ପ୍ଲସ୍ ପଏଣ୍ଟ ହେଲା ଆମେରିକାର ନିର୍ବାଚନୀ ଇତିହାସ ତାଙ୍କ ସପକ୍ଷରେ ଅଛି।

ହ୍ୱାଇଟ୍ ହାଉସ୍‌ର ୨୩୧ ବର୍ଷର ଇତିହାସରୁ ଜଣାଯାଏ ଯେ, ଅତୀତରେ ଦେଶର ୪୫ ରାଷ୍ଟ୍ରପତିଙ୍କ ମଧ୍ୟରୁ ୩୫ ଜଣ ପୁନଃ ନିର୍ବାଚିତ ହୋଇଥିବାବେଳେ ମାତ୍ର ୧୦ ଜଣ ଦ୍ୱିତୀୟ ଥର କ୍ଷମତା ଦଖଲ କରିବାରେ ସଫଳ ହୋଇ ନ ଥିଲେ। ବିଗତ ୧୦୦ ବର୍ଷ ମଧ୍ୟରେ ଶାସକ ଦଳ ପ୍ରାର୍ଥୀ ୨୫ ନିର୍ବାଚନ ମଧ୍ୟରୁ ୧୧ଟିରେ ପରାଜିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୬ ଡେମୋକ୍ରାଟ ଓ ୫ ରିପବ୍ଲିକାନ୍ ନୋମିନି ଥିଲେ। ଏହି ଦୃଷ୍ଟିରୁ ଦେଖିଲେ ଟ୍ରମ୍ପଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ବୋଲି କୁହାଯାଉଛି।

ନଭେମ୍ବର ୩ରେ ଟ୍ରମ୍ପ ହାରିଗଲେ, ୨୮ ବର୍ଷ ମଧ୍ୟରେ ସେ ହେବେ ପୁନଃ ନିର୍ବାଚିତ ହେବାରେ ବିଫଳତାର ସ୍ୱାଦ ଚାଖିଥିବା ଆମେରିକାର ପ୍ରଥମ ରାଷ୍ଟ୍ରପତି। ଶେଷ ଥର ପାଇଁ ଏପରି ହୋଇଥିଲା ୧୯୯୨ରେ, ଯେତେବେଳେ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲ୍ୟୁ. ବୁଶ ବିଲ୍ କ୍ଲିଣ୍ଟନଙ୍କଠାରୁ ପରାଜୟ ସ୍ୱୀକାର କରିଥିଲେ। କରୋନା ଭାଇରସ୍ ସଙ୍କଟ ମୁକାବିଲାରେ ବିଫଳତାକୁ ନେଇ ଟ୍ରମ୍ପଙ୍କୁ ସମାଲୋଚନା କରାଯାଉଥିବା ସତ୍ତ୍ୱେ ହ୍ୱାଇଟ୍ ହାଉସ୍ ଦୌଡ଼ରେ ସେ ପଛରେ ପଡ଼ିଯାଇ ନାହାନ୍ତି। ଆମେରିକାର ଗଣତାନ୍ତ୍ରିକ ଢାଞ୍ଚା ଯୋଗୁ ଏପରି ହେଉଥାଇପାରେ। ବିଶ୍ୱର ଅନ୍ୟ କେତେକ ଗଣତାନ୍ତ୍ରିକ ରାଷ୍ଟ୍ର ଭଳି ଆମେରିକାର ଗଣତାନ୍ତ୍ରିକ ଢାଞ୍ଚା ଏପରି ଭାବେ ଗଢ଼ାଯାଇଛି ଯେ, କ୍ଷମତାରେ ଥିବା ପ୍ରାର୍ଥୀ ତାଙ୍କ ଚ୍ୟାଲେଞ୍ଜରଙ୍କଠାରୁ କିଛି ପାଦ ଆଗକୁ ଯାଇ ନିର୍ବାଚନ ପ୍ରଚାର ଆରମ୍ଭ କରିଥାନ୍ତି।

### ୫ ସୁଧା ଚକ୍ରବୃଦ୍ଧି...

ଏମ୍‌ଏସ୍‌ଏମ୍‌ଇକୁ ବି ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଏହି ବାବଦ ଅର୍ଥ କେନ୍ଦ୍ର ସରକାର ବହନ କରିବେ। ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ଫେରାଇବା ପରେ ଏହାକୁ କେନ୍ଦ୍ର ସରକାରଙ୍କଠାରୁ ଫେରିପାଇବେ। ଚକ୍ରବୃଦ୍ଧି ସୁଧ ଫେରାଇବା ନେଇ ବ୍ୟାଙ୍କ ସମେତ ଅନ୍ୟ ଋଣ ପ୍ରଦାନକାରୀ ଅନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ସତ୍ୟପାଠରେ କୁହାଯାଇଛି। ମୋରାଟୋରିୟମ ସୁବିଧା ନେଇଥିଲେ, ଆଂଶିକ ଭାବେ ନେଇଥିଲେ କିମ୍ବା ମୋରାଟୋରିୟମ ସୁବିଧା ନ ନେଇଥିଲେ ମଧ ବ୍ୟାଙ୍କ ଚକ୍ରବୃଦ୍ଧି ସୁଧ ଫେରାଇବେ ବୋଲି ଜଣାପଡିଛି।

### 'ନକାରାତ୍ମକ ରହିବ...

ଠିକ୍। ଲୋକଙ୍କ ଜୀବନ ରକ୍ଷା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ସେ ଯୁକ୍ତି ବାଢ଼ିଛନ୍ତି। ମହାମାରୀ ବିରୋଧରେ ଲଢେଇ ଲାଗି ପ୍ରସ୍ତୁତ ରହିବାକୁ ଲକ୍‌ଡାଉନ ସମୟ ମଧ ପ୍ରଦାନ କରିଥିବା ସେ ମତ ପ୍ରକାଶ କରିଛନ୍ତି। ସରକାର ବିଭିନ୍ନ ପଦକ୍ଷେପ ସ୍ୱରୂପ କରୋନା କଟକଣା ଧୀରେ ଧୀରେ କୋହଳ କରାଯିବା ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରୁଛି। ଏହାର ଉଦାହରଣ ଭାବେ ସୀତାରାମନ ନିକେଇ ମାନୁଫାକ୍‌ଚରିଂ ମ୍ୟାଜେନର୍ସ ସୂଚୀ(ପିଏମ୍‌ଆଇ)ର ଡାଟାକୁ ନେଇଛନ୍ତି। ପ୍ରଥମ ତ୍ରୈମାସରେ ଜିଡିପିରେ ଦ୍ରୁତ ହ୍ରାସ ଦେଖାଯାଇଥିଲା। ମାତ୍ର ଅନ୍‌ଲକ ପରେ ପିଏମ୍‌ଆଇ ୨୦୧୨ ପରଠାରୁ ସର୍ବୋଚ୍ଚ ସ୍ତରରେ ରହିଛି। ନଭେମ୍ବରରେ ଦେଶର ଫ୍ୟାକ୍ଟ୍ରି କାର୍ଯ୍ୟକଳାପ ସବୁଠାରୁ ଦ୍ରୁତ ରହିଥିବା ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ପ୍ରକାଶ ପାଇଥିବା ଡାଟାରେ କୁହାଯାଇଛି।

# ବୌଦ୍ଧକ୍ଷେତ୍ର ଏବେ ଆତଙ୍କର ଗଡ଼

**ଏକଦା ପାକିସ୍ତାନର ଅନ୍ୟତମ ପ୍ରମୁଖ ସହର ପେଶାୱାର ଥିଲା ବୌଦ୍ଧଧର୍ମର ପେଣ୍ଠସ୍ଥଳୀ। ସମ୍ରାଟ କନିଷ୍କଙ୍କ ଉଦ୍ୟମରେ ଏଠାରେ ବୌଦ୍ଧଧର୍ମ ନୂଆ ପରିଚୟ ହାସଲ କରିଥିଲା। ବାଣିଜ୍ୟ, ବ୍ୟବସାୟରେ ସମୃଦ୍ଧ ହେବା ପରେ ଏହା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ହେଲେ ପରିବର୍ତ୍ତିତ ସମୟରେ ଏହି ପୁରାତନ ସହରର ପରିଚୟ ବଦଳିଯାଇଛି। ବୌଦ୍ଧ ଧର୍ମର ସନ୍ଦେଶ ବାଣ୍ଟୁଥିବା ଏହି ସ୍ଥାନ ଏବେ ପାଲଟି ଯାଇଛି ଆତଙ୍କର ଗଡ଼। ତାଲିବାନୀ ଆତଙ୍କବାଦୀଙ୍କ ଟାର୍ଗେଟରେ ରହୁଥିବା ଏହି ସହରରେ ହିଂସା ସାଧାରଣ ଘଟଣାରେ ପରିଣତ ହୋଇଛି।**



## ପୁରୁଷପୁରରୁ ପେଶାୱାର

ପାକିସ୍ତାନର ପେଶାୱାର ସହରରେ ମଙ୍ଗଳବାର ଏକ ମଦ୍ରାସାରେ ଆତଙ୍କବାଦୀଙ୍କ ନରସଂହାରରେ ଝାଉଁଳି ପଡ଼ିଛି ୧୦ରୁ ଊର୍ଦ୍ଧ୍ୱ ନିରୀହ ଜୀବନ। ତେବେ ମୃତାହତଙ୍କ ଠିକ୍ ସଂଖ୍ୟା ଏବେ ବି ସ୍ପଷ୍ଟ ହୋଇନାହିଁ। ଏହି ଘଟଣାର ଠିକ୍ ୬ ବର୍ଷ ପୂର୍ବେ ଅନୁରୂପ ଆକ୍ରମଣ ଦେଖିଥିଲା ପେଶାୱାର। ତାଲିବାନୀ ଆତଙ୍କବାଦୀଙ୍କ ଆଖିବୁଜା ଗୁଳିଚାଳନାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଗତ କିଛିବର୍ଷ ହେଲା ତାଲିବାନୀ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଆସିଛି ପେଶାୱାର। ଗତଦିନରେ ସବୁଠାରୁ ଅଧିକ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏହି କାରଣରୁ ପେଶାୱାରକୁ ପୃଥିବୀର ୧୦ ବିପଦପୂର୍ଣ୍ଣ ସହର ତାଲିକାଭୁକ୍ତ କରାଯାଇଛି।

ଖାଇବର୍-ପାଖତୁନ୍‌ଖ୍ୱା ପ୍ରଦେଶର ରାଜଧାନୀ ପେଶାୱାରର ପୁରାତନ ନାମ ପୁରୁଷପୁର। ଇତିହାସ ବହିରେ ଏ ସମ୍ପର୍କିତ ସବିଶେଷ ତଥ୍ୟ ଉଲ୍ଲେଖ ରହିଛି। କନିଷ୍କଙ୍କ ରାଜତ୍ୱ କାଳରେ ରାଜଧାନୀ ମାନ୍ୟତା ପାଇବା ପରେ ଏହି ସହର ପାଲଟିଥିଲା ଗାନ୍ଧାର ମୂର୍ତ୍ତିକଳା ଏବଂ କାରିଗରି ବିଦ୍ୟାର କେନ୍ଦ୍ରସ୍ଥଳୀ। ବୌଦ୍ଧଧର୍ମରେ ଦୀକ୍ଷିତ ହେବା ପରେ ସମ୍ରାଟ କନିଷ୍କ ଏଠାରେ ୧୩ ମହଲା ବିଶିଷ୍ଟ ଏକ ଭବ୍ୟ ମହାସ୍ତୂପ ନିର୍ମାଣ କରିଥିଲେ। ୫୦୦ ହାତ ଉଚ୍ଚତା ବିଶିଷ୍ଟ ଏବଂ କାଠରେ ତିଆରି ଏହି ସ୍ତୂପ ଉପରେ ଏକ ସୁନ୍ଦର ମଣ୍ଡପ ରହିଥିଲା। କନିଷ୍କଙ୍କ ପରେ ଏହି ସ୍ତୂପକୁ ଅନେକ ଥର ଜଳାଯାଇଛି ଏବଂ ନିର୍ମାଣ କରାଯାଇଛି। ଏହି ମହାସ୍ତୂପର ପଶ୍ଚିମ ପାର୍ଶ୍ୱରେ ବିଶାଳ ବିହାର ନିର୍ମାଣ କରାଯାଇଥିଲା। ଏହାର ଅନ୍ତଃପୁରରେ କନିଷ୍କଙ୍କ ଗୁରୁ ଭଦନ୍ତପାର୍ଶ୍ୱ ରହୁଥିବା ଇତିହାସ କୁହେ।

ଭବ୍ୟ ସଂସ୍କୃତି ପାଇଁ ଏକଦା ଇତିହାସ ପୃଷ୍ଠାରେ ନିଜକୁ ସାମିଲ କରିଥିଲା ପେଶାୱାର। ଦକ୍ଷିଣ ଏସିଆର ପୁରାତନ ସହର ଭାବେ ଏହାର ପରିଚୟ ରହିଛି। ସେହିପରି ପାକିସ୍ତାନର ସବୁଠୁ ଅଧିକ ପୁରାତନ ଏବଂ ଐତିହାସିକ ଅଟ୍ଟାଳିକା ଏହି ସହରରେ ରହିଛି। ବଲିଉଡ୍ କିମ୍ବଦନ୍ତୀ ଦିଲୀପ କୁମାରଙ୍କ ଜନ୍ମ ୧୯୨୨ ଡିସେମ୍ବର ୧୧ରେ ପେଶାୱାରରେ ହୋଇଥିଲା। ୧୯୩୦ ସେ ନିଜର ପରିବାର ସହିତ ବମ୍ବେ (ଏବେକାର ମୁମ୍ବାଇ) ଚାଲି ଆସିଥିଲେ। ୧୯୮୮ରେ ଦିଲୀପ କୁମାର ପାକିସ୍ତାନ ଯାଇଥିବାବେଳେ ପୈତୃକ ଘରର ସ୍ମୃତି ରୋମନ୍ଥନ କରିଥିଲେ। ଏହି ଐତିହାସିକ ଅଟ୍ଟାଳିକାକୁ ପାକିସ୍ତାନ ସଂସ୍କୃତି ବିଭାଗ ଏବେ ସଂରକ୍ଷଣ କରିବାକୁ ଅଣ୍ଟା ଭିଡ଼ିଛି। ତେବେ ଏସବୁ ସତ୍ତ୍ୱେ ଏହି ପୁରାତନ ସହରରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ପାକିସ୍ତାନ ସରକାର ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏପରି ଘଟୁଥିବା ଚର୍ଚ୍ଚା ହେଉଛି।

## ଟପ୍‌ଲେସ୍ ଫଟୋ ଶେୟାର କଲେ ମୃଣାଳ


ମୃଣାଳ ଠାକୁର

ମୁମ୍ବାଇ: ସୋସିଆଲ ମିଡିଆରେ ବୋଲ୍ଡ ଏବଂ ହଟ୍ ଫଟୋ ଶେୟାର କରି ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ବଲିଉଡ୍‌ର ବହୁ ଅଭିନେତ୍ରୀ। ଏମିତି ଏବେ ଚର୍ଚ୍ଚାରେ ରହିଛନ୍ତି 'ବାଟ୍‌ଲା ହାଉସ୍'ର ଅଭିନେତ୍ରୀ ମୃଣାଳ ଠାକୁର। ମୃଣାଳ ଇନ୍‌ଷ୍ଟାରେ ଏକ ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ଫଟୋ ଶେୟାର କରିଛନ୍ତି। ବିନା ଫିଲ୍‌ଟର କରି ସେ ଏହି ଫଟୋକୁ ଶେୟାର କରିଛନ୍ତି। ଫଟୋରେ ମୃଣାଳ ଟପ୍‌ଲେସ ଅନ୍ଦାଜରେ ନଜର ଆସିଛନ୍ତି। ତାଙ୍କର ଏହି ଫଟୋ ଦେଖି ଫ୍ୟାନ୍‌ମାନେ ପାଗଳ ହୋଇଯାଇଛନ୍ତି। ଫଟୋକୁ ଦେଖିବା ପରେ ତାଙ୍କୁ ବହୁତ୍ ସାରା ଲାଇକ୍ ଏବଂ କମେଣ୍ଟ ମିଳିଛି। କିଛି ଭଲ କମେଣ୍ଟ ମିଳିଥିବାବେଳେ ଆଉ କେତେଜଣ ରାଗିଯାଇ ଖରାପ କମେଣ୍ଟ ମଧ୍ୟ କରିଛନ୍ତି। ଜି-ଟିଭିରେ ପ୍ରସାରିତ ଡେଲି ଧାରାବାହିକ 'କୁମ୍‌କୁମ୍ ଭାଗ୍ୟ'ରୁ କ୍ୟାରିୟର ଆରମ୍ଭ କରି ମୃଣାଳ ଘରେ ଘରେ ବେଶ୍ ପରିଚିତ ହୋଇପାରିଛନ୍ତି। ଏହାପରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। 'ସୁପର୍ ୩୦' ଏବଂ 'ବାଟ୍‌ଲା ହାଉସ୍' ଭଳି ଫିଲ୍ମରେ ସେ ଅଭିନୟ କରି ବେଶ୍ ହିଟ୍ ସାବ୍ୟସ୍ତ ହୋଇଛନ୍ତି। ଲୋକେ ତାଙ୍କ କାମକୁ ଭାରି ପ୍ରଶଂସା ମଧ୍ୟ କରିଛନ୍ତି।

# ଦେହରେ ୬ ଲକ୍ଷ ମହୁମାଛି



**ନୂଆଦିଲ୍ଲୀ:** ଗୋଟିଏ ମହୁମାଛିର ଦଂଶନକୁ ସହିବା ବି ଏତେ ସହଜ ନୁହେଁ। ସେଥିପାଇଁ ତ ମହୁମାଛିକୁ ଦେଖିବା ମାତ୍ରେ ଲୋକେ ଭୟ କରନ୍ତି। କିନ୍ତୁ ଏମିତି ବି କିଛି ଲୋକ ଅଛନ୍ତି ଯେଉଁମାନେ ମହୁମାଛିକୁ ବି ଭଲ ପାଆନ୍ତି। ଖାଲି ଭଲପାଆନ୍ତି କହିଲେ ବି ଭୁଲ୍ ହେବ, କିଛି ଲୋକ ମହୁମାଛିକୁ ପୋଷା ମନାଇ ରଖିବାକୁ ବି ପଛାନ୍ତି ନାହିଁ। ଏମିତି ଅସମ୍ଭବ କାମ କରି ଏବେ ରେକର୍ଡ କରିଛନ୍ତି ଚାଇନାର ରୁଆନ୍ ଲିଆଙ୍ଗ୍‌ମିଂ। ନିଜ ଶରୀରରେ ସେ ୬ ଲକ୍ଷରୁ ଅଧିକ ମହୁମାଛିଙ୍କୁ ରଖିପାରିଥିବାରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିପାରିଛନ୍ତି।

ଆକ୍ରମଣ ଆଶଙ୍କାରେ ମହୁମାଛିଟିଏ ଦେଖିଲେ ସମସ୍ତେ ଭୟଭୀତ ହୋଇଥାନ୍ତି। କିନ୍ତୁ ରୁଆନ୍ ଛୋଟବେଳରୁ ମହୁମାଛିଙ୍କୁ ବହୁତ ଭଲପାଆନ୍ତି। ସେଥିପାଇଁ ସେ ଅନେକ ସମୟ ମହୁମାଛିଙ୍କ ଗହଣରେ କଟାଇବାକୁ ଭଲପାଆନ୍ତି। ଧୀରେ ଧୀରେ ତାଙ୍କର ଏହି ଆକର୍ଷଣ ମହୁମାଛିଙ୍କୁ ତାଙ୍କର ଅଧିକ ନିକଟତର କରାଇଥିଲା। ଫଳରେ ସେ ଅନେକ ସଂଖ୍ୟାରେ ମହୁମାଛିଙ୍କୁ ପୋଷା ମନାଇବାରେ ଲାଗିଥିଲେ। ତାଙ୍କର ଏହି ଅଭ୍ୟାସ ଫଳରେ ଏବେ ସେ ନିଜ ଶରୀରରେ ଏକ ସମୟରେ ୬ ଲକ୍ଷରୁ ଅଧିକ ମହୁମାଛିଙ୍କୁ ରଖି ପାରୁଛନ୍ତି। ଆଉ ଆଶ୍ଚର୍ଯ୍ୟର କଥା ହେଉଛି କି ମହୁମାଛିମାନେ ତାଙ୍କୁ ଆଦୌ ଦଂଶନ କରୁନାହାନ୍ତି, ବରଂ ନିଜ ଦେହରେ ଏତେ ମହୁମାଛିଙ୍କୁ ଧରି ରଖି ସେ ବେଶ୍ ଖୁସି ହୋଇଥାନ୍ତି। ରୁଆନଙ୍କ କହିବା ଅନୁସାରେ ମହୁମାଛିଙ୍କ ପାଖକୁ ଯିବାବେଳେ ତୁମକୁ ସ୍ଥିର ହୋଇ ରହିବାକୁ ପଡ଼ିବ। କାରଣ ମହୁମାଛି ଭୟଭୀତ ହେବା ପରେ ହିଁ ଆକ୍ରମଣ କରିବାକୁ ଆସନ୍ତି। ତେଣୁ ସେମାନଙ୍କୁ ଭୟଭୀତ କରିବା ଭଳି କାମ କେହି କରିବା ଉଚିତ ନୁହେଁ। ମହୁମାଛିଙ୍କ ଦଂଶନରୁ ବଞ୍ଚିବାକୁ ହେଲେ ଧୀରେ ଧୀରେ ତାଙ୍କ ପାଖକୁ ଯିବାକୁ ହେବ। ଏଭଳି କୌଶଳରେ ରୁଆନ୍ ମହୁମାଛିଙ୍କ ନିକଟତର ହୋଇ ନିଜ ଦେହରେ ୬ ଲକ୍ଷରୁ ଅଧିକ ମହୁମାଛିଙ୍କୁ ବସାଇ ପାରିଛନ୍ତି। ମୋଟ ୬ ଲକ୍ଷ ୩୭ ହଜାର ମହୁମାଛିଙ୍କୁ ଏକ ସମୟରେ ସେ ୨ ଘଣ୍ଟାରୁ ଅଧିକ ସମୟ ନିଜ ଶରୀରରେ ରଖିପାରିଥିବାରୁ ଏବେ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି।

# ଯୁଦ୍ଧ ଭୟ ଲାଗି କାପୁରୁଷତ୍ୱ ଟ୍ୟାକ୍ସ

**ହିଂସା, ରକ୍ତପାତକୁ ବାଦ୍ ଦେଇ ଯୁଦ୍ଧ ଲଢ଼ିବା ଅସମ୍ଭବ। ଯୁଦ୍ଧରେ ଯିଏ ବି ଜିତୁ ହେଲେ କ୍ଷତି ଉଭୟ ପକ୍ଷର ହୋଇଥାଏ। ତେଣୁ ପରମାଣୁ ବୋମାର ବାରୁଦ ଗଦା ଉପରେ ଛିଡ଼ା ହୋଇଥିବା ପୃଥିବୀର କୌଣସି ରାଷ୍ଟ୍ର ଯୁଦ୍ଧ କରିବା ଆଗରୁ ଶହେ ଥର ଚିନ୍ତା କରିବାକୁ ବାଧ ହେଉଛନ୍ତି। ବିଶ୍ୱର ଅଧିକାଂଶ ଦେଶକୁ ଶାସନ କରିଥିବା ବ୍ରିଟେନରେ ମଧ୍ୟଯୁଗରେ ସମ୍ଭ୍ରାନ୍ତ ଶ୍ରେଣୀୟ ଯୁବଗୋଷ୍ଠୀଙ୍କୁ ଘାରିଥିଲା 'ଯୁଦ୍ଧ ଫୋବିୟା'। ଯୁଦ୍ଧରୁ ନିଜକୁ ଦୂରେଇ ରଖିବାକୁ ସେମାନେ ଦେଉଥିଲେ 'କାପୁରୁଷତ୍ୱ ଟ୍ୟାକ୍ସ'। ଏହା କେବଳ ଅର୍ଥ ମଧ୍ୟରେ ସୀମିତ ନ ଥିଲା। ଶକ୍ତିଶାଳୀ ଘୋଡ଼ା, ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯୁଦ୍ଧ ଉପକରଣ ଏହାର ଅଂଶବିଶେଷ ଥିଲା।**



ମାନବ ସଭ୍ୟତାର ସାମଗ୍ରିକ ବିକାଶ ଲାଗି କେଉଁ ଆବହମାନ କାଳରୁ ଟିକସ ପ୍ରଥା ପ୍ରଚଳିତ। ଏହା ଅର୍ଥ, ଶସ୍ୟ, ଭୂମି କିଛି ବି ହୋଇପାରେ। ହେଲେ ମଧ୍ୟଯୁଗୀୟ ବ୍ରିଟେନରେ ଯୁଦ୍ଧକୁ ଭୟ କରୁଥିବା ଏବଂ ସେନାରେ ସାମିଲ ହେବାକୁ ଅମଙ୍ଗ ହେଉଥିବା ବ୍ୟକ୍ତିଙ୍କଠାରୁ ଏକ ଅଜବ ଟ୍ୟାକ୍ସ ଆଦାୟ କରାଯାଉଥିଲା, ଯାହାର ନାମ 'କାପୁରୁଷତ୍ୱ ଟିକସ'। ବ୍ରିଟେନର ସମ୍ଭ୍ରାନ୍ତ ଶ୍ରେଣୀୟ ଯୁବକଙ୍କୁ ଯୁଦ୍ଧରେ ବିକଳାଙ୍ଗ ହେବା ଭୟ ଘାରୁଥିଲା। ତେଣୁ ଯୁଦ୍ଧରୁ ନିଜକୁ ଦୂରେଇ ରଖିବା ଲାଗି ସେମାନେ ଏହି ଟିକସ ଦେଉଥିଲେ। ଏହି ଟଙ୍କାରେ ଅନ୍ୟ ସୈନିକଙ୍କୁ ଭର୍ତ୍ତି କରାଯାଉଥିଲା।

ମଧ୍ୟଯୁଗରେ ବିଶ୍ୱରେ ଅନେକ ଦେଶ ନିଜର ବିସ୍ତାରବାଦୀ ନୀତିକୁ ଅନ୍ୟ ରାଷ୍ଟ୍ର ଉପରେ ଜୋରଜବରଦସ୍ତ ଲଦି ଦେଉଥିଲେ। ଏଥିଲାଗି ସର୍ବଦା ଛୋଟ ବଡ଼ ଯୁଦ୍ଧ ଲାଗି ରହୁଥିଲା। ନିଜର ସୈନ୍ୟବଳ ବୃଦ୍ଧି କରିବା ଲାଗି ବିସ୍ତାରବାଦୀ ନୀତି ଅନୁସରଣ କରୁଥିବା ଦେଶଗୁଡ଼ିକ ଯୁବଶକ୍ତି ଉପରେ ନିର୍ଭରଶୀଳ ଥିଲେ। ତେଣୁ ଯୁବକଙ୍କୁ ସେନାରେ ସାମିଲ କରିବା ଏକପ୍ରକାର ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଧନିକ ଗୋଷ୍ଠୀର ଯୁବକ ଏଥିରୁ ମୁକୁଳିବାକୁ ବାଟ ଖୋଜିଥିଲେ। ଏଥିଲାଗି ସେମାନେ ପ୍ରଚୁର ଅର୍ଥ ଟିକସ ଦେଇ ଉଭୟ ଶାନ୍ତି ଏବଂ ଯୁଦ୍ଧ ସମୟରେ ନିଜକୁ ସେନାରୁ ଦୂରେଇ ରଖୁଥିଲେ। କିଙ୍ଗ୍ ହେନ୍‌ରି-୧ଙ୍କଠାରୁ ଆରମ୍ଭ କରି ଷ୍ଟିଫେନ୍‌ଙ୍କ କାର୍ଯ୍ୟକାଳ ସମୟ ଅର୍ଥାତ୍ ୧୧୦୦ରୁ ୧୧୫୪ ଖ୍ରୀଷ୍ଟାବ୍ଦ ଯାଏ ଏହି ଟିକସ ପ୍ରଥା ପ୍ରଚଳିତ ଥିଲା।

ବ୍ରିଟେନରୁ ଆରମ୍ଭ ହୋଇଥିବା ଏହି ଟିକସ ସିଷ୍ଟମ୍ ଆଖପାଖ ଦେଶକୁ ମଧ୍ୟ ବ୍ୟାପିଥିଲା। ଦ୍ୱାଦଶ ଏବଂ ତ୍ରୟୋଦଶ ଶତାବ୍ଦୀରେ ଫ୍ରାନ୍ସ, ଜର୍ମାନୀରେ ମଧ୍ୟ ଏଭଳି ଟିକସ ବ୍ୟବସ୍ଥା ପ୍ରଚଳିତ ଥିବା ଇତିହାସ କୁହେ। କୌଣସି ଯୁଦ୍ଧରେ ଭାଗ ନେବା ଆଗରୁ ସମ୍ଭ୍ରାନ୍ତ ଯୁବକମାନେ 'କାପୁରୁଷତ୍ୱ ଟିକସ' ଆଳ ଦେଖାଉଥିଲେ। ମୋଟା ଅଙ୍କର ଅର୍ଥରାଶି ଦେଇ ସେମାନେ ଶାସକଙ୍କ ମୁହଁ ବନ୍ଦ କରିଦେଉଥିଲେ। ପରବର୍ତ୍ତୀ ସମୟରେ ଏହା ରାଜସ୍ୱ ଆଦାୟର ମାଧ୍ୟମ ପାଲଟିଗଲା। ତେବେ ୧୪ଶ ଶତାବ୍ଦୀ ବେଳକୁ ଏଭଳି ଟିକସ ଉପରେ ରୋକ୍ ଲଗାଇ ଦିଆଯାଇଥିଲା। ରାଜସ୍ୱ ଭରଣା କରିବାକୁ ଉକ୍ତ ସମୟରେ ଆରମ୍ଭ ହୋଇଥିଲା 'ୱିଣ୍ଡୋ ଟ୍ୟାକ୍ସ'। ଘରର ଝରକା ସଂଖ୍ୟା ଅନୁଯାୟୀ ଏହି ଟିକସ ଦେବାକୁ ପଡୁଥିଲା। ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଇଂଲଣ୍ଡ, ଫ୍ରାନ୍ସ, ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡରେ 'ୱିଣ୍ଡୋ ଟ୍ୟାକ୍ସ' ଆଦାୟ କରାଯାଉଥିଲା। ଏହା ବଡ଼ ବଡ଼ ପ୍ରାସାଦରେ ରହୁଥିବା ସମ୍ଭ୍ରାନ୍ତଙ୍କୁ ବେଶ୍ ବାଧିଥିଲା। ବିରୋଧ ପରେ ଚାପର ବଶବର୍ତ୍ତୀ ହୋଇ ଏଭଳି ଟିକସକୁ ଉଠାଇ ନିଆଯାଇଥିଲା।

### ସେନାରେ ଭର୍ତ୍ତି ବାଧ୍ୟତାମୂଳକ

ଇସ୍ରାଏଲ୍, ଦକ୍ଷିଣ କୋରିଆ, ରୁଷିଆ, ସିରିଆ, ସୁଇଜରଲାଣ୍ଡ ଭଳି ଦେଶରେ ସେନାରେ ଭର୍ତ୍ତି ହେବା ବାଧ୍ୟତାମୂଳକ। ଏଥିଲାଗି ସମ୍ପୃକ୍ତ ଦେଶର ନିୟମ ଭିନ୍ନ ଭିନ୍ନ। ଏହାକୁ ଅମାନ୍ୟ କଲେ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଛି। କେବଳ ଏତିକି ନୁହେଁ, କେତେକ ଦେଶରେ ମହିଳାମାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁ କରାଯାଇଛି। ସେମାନେ ସେନାରେ ଭର୍ତ୍ତି ହୋଇ ନିର୍ଦ୍ଦିଷ୍ଟ ସମୟ ଯାଏ ପ୍ରଶିକ୍ଷଣ ନେବା ସହ ସ୍ୱେଚ୍ଛାସେବୀ ଭାବେ ମଧ୍ୟ କାର୍ଯ୍ୟ କରିପାରିବେ ବୋଲି ନିୟମ ରହିଛି।

# କୋଲକାତା ମୁହଁ

**ନୂଆଦିଲ୍ଲୀ:** ଜଣେ ନାରୀ ମୁହଁ ଭଳି ହୋଇଥିବା ଏକ ପେଣ୍ଟିଂରେ ପୂରା କୋଲକାତାର ରୂପରେଖ ସ୍ଥାନ ପାଇଛି। ଆଉ ଏହି ସୁନ୍ଦର କଳାକୃତିକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ବଲିଉଡ୍ ଅଭିନେତା ବିଗ୍ ବି ଅମିତାଭ ବଚ୍ଚନ। ଦେବୀ ଦୁର୍ଗାଙ୍କର ଏକ ମୁହଁକୁ ପେଣ୍ଟିଂରେ କୋଲକାତାର ବିଭିନ୍ନ ସ୍ୱତନ୍ତ୍ରତାକୁ କଳାକାରଜଣକ ସୁନ୍ଦରଭାବରେ ଦେଖାଇଛନ୍ତି। ଦେବୀଙ୍କ ଦୁଇ ଆଖିରେ ଇଲିଶି ମାଛ, ମୁକୁଟରେ କୋଲକାତା ଦୁର୍ଗାପୂଜା ମଣ୍ଡପ ଓ ମେଢ, କାନଫୁଲଭାବେ ରସଗୋଲା ଏବଂ ଭିକ୍ଟୋରିଆ ମେମୋରିଆଲ୍, ହାୱଡ଼ା ବ୍ରିଜ୍, ଦୁଇଟି ଫୁଟବଲ୍ ଟିମ୍, ନନ୍ଦନ ଫିଲ୍ମ ସେଣ୍ଟର, ରିକ୍‌ସା, ଫ୍ଲାଇଓଭର, ହଳଦିଆ ଟ୍ୟାକ୍ସି ଆଦି ପେଣ୍ଟିଂର ବିଭିନ୍ନ ସ୍ଥାନରେ ଶୋଭା ପାଉଛି। ଜଣେ କଳାକାରଙ୍କ କଳ୍ପନାର ବିଭିନ୍ନ ଦୃଶ୍ୟକୁ ସୁନ୍ଦରଭାବେ ଏହି ପେଣ୍ଟିଂରେ ଦେଖାଯାଇଛି। ପେଣ୍ଟିଂଟିକୁ ବିଗ୍ ବି ଅମିତାଭ ବଚ୍ଚନ ସୋସିଆଲ ମିଡିଆରେ ଶେୟାର କରି କ୍ୟାପସନ୍‌ରେ ଲେଖିଛନ୍ତି କି 'ଯଦି କୋଲକାତାର ମୁହଁ ଥାନ୍ତା...' ଏହା ପରେ ସେ ପେଣ୍ଟିଂରେ ଥିବା ସବୁ ସ୍ଥାନର ଓ ଖାଦ୍ୟର ତାଲିକା ବି ଦେଇଛନ୍ତି। ଏହି ପେଣ୍ଟିଂଟି ସୋସିଆଲ ମିଡିଆରେ ଏବେ ଭାଇରାଲ୍ ହେବାରେ ଲାଗିଛି।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍‌ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰କ୍ଷୀରେଶ ଚନ୍ଦ୍ର ମହାନ୍ତି
ଓଲ୍ଡ ଟାଉନ୍, ଅନନ୍ତ ନଗର, ଲେନ୍-୭
ପ୍ଲଟ୍ ନଂ-୧୮୬୮, ପିତୃସ୍ମୃତି
ଚାହୁଁ ଚାହୁଁ ଏକବର୍ଷ ପୂରିଗଲା। ଆପଣଙ୍କର ଅନୁପସ୍ଥିତିକୁ ଆମେ ସବୁ ମୁହୂର୍ତ୍ତ ପାଇଁ ଅନୁଭବ କରୁଛୁ। ଆପଣଙ୍କର ସେହି ତ୍ୟାଗ, ସ୍ନେହ, ସରଳ ଓ ନିରାଡ଼ମ୍ବର ଜୀବନ, ପରୋପକାରିତା, ସଚ୍ଚୋଟପଣିଆ, କର୍ମଦକ୍ଷତା, କର୍ମନିଷ୍ଠା ଆମମାନଙ୍କ ପାଇଁ ଚିର ଆଦର୍ଶ ହୋଇ ରହିବ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କର ସଦ୍‌ଗତି କାମନା ନିମିତ୍ତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କର ଆଶୀର୍ବାଦ ଆମ ଉପରେ ସବୁବେଳ ପାଇଁ ଥାଉ।
-:ଶୋକସନ୍ତପ୍ତ:-
ସ୍ତ୍ରୀ:ତିଳୋତ୍ତମା ; ପୁତ୍ର:ରାଜେଶ, ରାକେଶ ; ପୁତ୍ରବଧୂ: ଡଲି, ଜଲି ; ନାତି:ନିତ୍ ଓ ନାତୁଣୀ:ଶ୍ରେୟା
ସମସ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୪୫୭୯

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ସୁଦାମ ସାଠୁଆ
ଜଗନ୍ନାଥ ପ୍ରସାଦ, ମହୁଲପଡ଼ା, ନୟାଗଡ଼
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ତିଳୋତ୍ତମା ; ପୁତ୍ର: ମୁନା, ଚୁନା ; ପୁତ୍ରବଧୂ: ଶୁସୀ, ମାମା ; ଝିଅ: ରୀନା, ଗୁନ ; ଜ୍ୱାଇଁ: ରବି, ଶ୍ରୀକାନ୍ତ ; ନାତି: ଅଲ୍ଲୁ, ମିଥୁନ ; ନାତୁଣୀ: ମାମା, ସୋନୁ, ସୋନୀ, ରାନୀ
ବନ୍ଧୁ ଓ ପରିବାରବର୍ଗ।
ଧ-୬୮୫୭୦

**ସ୍ମୃତିରେ....**



୰ଦିବ୍ୟଜ୍ୟୋତି ସାହୁ (ବବୁଲ୍)
ୟୁନିଟ୍-୭, ଭୁବନେଶ୍ୱର
ଆବିର୍ଭାବ: ୦୮।୦୫।୨୦୦୨
ତିରୋଧାନ: ୦୯।୧୦।୨୦୧୯
(ଏକାଦଶୀ ତିଥି)
ଦେଖୁ ଦେଖୁ ବିତିଗଲା ବର୍ଷେ। ସବୁ ଯେପରି ମିଛ ଲାଗୁଛି। ଆମ ଜୀବନରେ ତୋର ସ୍ଥାନ ଅପୂରଣୀୟ। ଆମେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ, ତୋ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।
:ଶୋକସନ୍ତପ୍ତ:
ମାମା, ନାନା, ମାଉସୀ, ମଉସା, ମାଇଁ, ମାମୁ, ଦାଦା, ଖୁଡ଼ୀ, ଭାଇ, ଭଉଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୬୨୦

## ଫିଫା ସଭାପତିଙ୍କୁ କରୋନା

**ଜୁରିଚ୍, ୨୭।୧୦ (ଏପି):** ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ) ସଭାପତି ଜିଆନି ଇନ୍‌ଫାଣ୍ଟିନୋ କରୋନା ସଂକ୍ରମିତ ହୋଇଛନ୍ତି। ତାଙ୍କ ନିକଟରେ ଆଂଶିକ ଲକ୍ଷଣ ଦେଖାଦେଇଥିଲା। ସେ ତୁରନ୍ତ ନିଜକୁ ସେଲ୍‌ଫ ଆଇସୋଲେଶନରେ ରଖିଛନ୍ତି। ଅତିକମ୍‌ରେ ୧୦ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ନିକଟରେ ଏହି ୫୦ ବର୍ଷୀୟ ସୁଇସ୍ ଆଇନଜ୍ଞଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାଲାଗି ସୂଚାଇ ଦିଆଯାଇଥିବା ଫିଫା କହିଛି। କରୋନାଭାଇରସ ମହାମାରୀ ସମୟରେ ଇନ୍‌ଫାଣ୍ଟିନୋ ଯିବା ଆସିବା ଖୁବ୍ କମ୍ ଥିଲା। କିନ୍ତୁ ସେ ଗତ ମାସରେ ହ୍ୱାଇଟ୍ ହାଉସ୍‌ରେ ସ୍ୱାକ୍ଷର ସେରିମନିରେ ଯୋଗ ଦେଇଥିଲେ। ଇସ୍ରାଏଲ୍, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ବାହାରିନ୍ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ଆଣିବା ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୁଇଜରଲାଣ୍ଡରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାର ସଂଖ୍ୟା ପାଖାପାଖି ୧୨୭,୦୦୦ରେ ପହଞ୍ଚିଛି।

# ଭାରତୀୟ ମହିଳାଙ୍କୁ ସ୍ୱର୍ଣ୍ଣ, ପୁରୁଷଙ୍କୁ ରୌପ୍ୟ



ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ ମହିଳା ଦଳର ଖେଳାଳିମାନେ।

**ଏସିଆନ୍ ଅନ୍‌ଲାଇନ୍ ଟିମ୍ ଚେସ୍**

**ଚେନ୍ନାଇ, ୨୭।୧୦(ପି.ଟି.)** ଏସିଆନ୍ ନେସନ୍ସ (ରିଜିଅନ୍ସ) ଅନ୍‌ଲାଇନ୍ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳାଙ୍କୁ ସ୍ୱର୍ଣ୍ଣ ଏବଂ ପୁରୁଷ ଦଳକୁ ରୌପ୍ୟ ପଦକ ମିଳିଛି। ମହିଳା ଦଳର ସଦସ୍ୟା ଭାବରେ ଓଡ଼ିଶାର ପଦ୍ମିନୀ ରାଉତ ମଧ୍ୟ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପୂର୍ବରୁ ସେ ବୋର୍ଡ ପ୍ରାଇଜ୍‌ଭାବେ ରୌପ୍ୟ ପଦକ ହାସଲ କରିଥିଲେ। ଅର୍ଥାତ୍ ପ୍ରତିଯୋଗିତାରୁ ସେ ଗୋଟିଏ ଲେଖାଏ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ଭାରତୀୟ ମହିଳା ଦଳ ୬-୨ ବ୍ୟବଧାନରେ ଇଣ୍ଡୋନେସିଆକୁ ପରାସ୍ତ କରିଥିଲା। ମାତ୍ର ଭାରତୀୟ ପୁରୁଷ ଦଳ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩.୫-୪.୫ ବ୍ୟବଧାନରେ ଅଷ୍ଟ୍ରେଲିଆଠାରୁ ହାରିଯିବାରୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ମହିଳା ଫାଇନାଲରେ ପିଭି ନନ୍ଧିଧା ଭାରତକୁ ପ୍ରଥମ ପଏଣ୍ଟ ଦେଇଥିବାବେଳେ ପଦ୍ମିନୀ ମଧ୍ୟ ଚମତ୍କାର ପ୍ରଦର୍ଶନ ବଜାୟ ରଖି ପ୍ରତିପକ୍ଷ ମେଦିନା ୱାର୍ଦା ଆଉଲିଆଙ୍କୁ ପରାସ୍ତ କରିଥିଲେ। ଫର୍ମରେ ଥିବା ଆର. ବୈଶାଳୀ ଓ ଅଧିନାୟିକା ମାରି ଆନ୍ ଗୋମ୍ସ ଡ୍ର ରଖିବାରୁ ପ୍ରଥମ ମ୍ୟାଚ ଶେଷ ବେଳକୁ ସ୍କୋର ୩-୧ ପଏଣ୍ଟ ରହିଥିଲା। ଦ୍ୱିତୀୟ ମ୍ୟାଚରେ ବୈଶାଳୀ ହାରି ଯାଇଥିଲେ ହେଁ ଭକ୍ତି କୁଲକର୍ନୀ, ପଦ୍ମିନୀ ଓ ନନ୍ଧିଧା ବିଜୟ ହାସଲ କରି ଭାରତକୁ ଗର୍ବିତ କରିଥିଲେ।

# ପର୍ତ୍ତୁଗୀଜ୍ ଗ୍ରାଁ ପ୍ରି ଜିତିଲେ ହାମିଲଟନ

**ପୋର୍ଟିମାଓ, ୨୭।୧୦ (ଏପି):** ବ୍ରିଟିଶ ଡ୍ରାଇଭର ଲୁଇସ୍ ହାମିଲଟନ ରବିବାର ପର୍ତ୍ତୁଗୀଜ୍ ଫର୍ମୁଲା ୱାନ ମୋଟର ରେସ୍ ଜିତିଛନ୍ତି। ଏହାଦ୍ୱାରା ସେ ସବୁଠାରୁ ଅଧିକ ୯୨ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଜର୍ମାନର ମହାନ ଫର୍ମୁଲା ୱାନ ଡ୍ରାଇଭର ମାଇକେଲ ସୁମାକରଙ୍କଠାରୁ ସେ ଗୋଟିଏ ବିଜୟ ଅଧିକ ବିଜୟ ହାସଲ କରିଛନ୍ତି। ହାମିଲଟନ ମର୍ସିଡିଜ୍ ଟିମ୍‌ମେଟ୍ ଭାଲଟେରି ବୋଟାସଙ୍କଠାରୁ ୨୫.୬ ସେକେଣ୍ଡ ଏବଂ ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ ୩୪.୫ସେକେଣ୍ଡ ଆଗରେ ରହିଥିଲେ। ଚଳିତ ସିଜନରେ ସେ ପ୍ରାଧାନ୍ୟ ଜାରି ରଖିବା ସହ ୮ମ ଟାଇଟଲ ଜିତିଛନ୍ତି। ଦ୍ରୁତତମ ଲାପ୍ ପାଇଁ ସେ ଅତିରିକ୍ତ ପଏଣ୍ଟ ଲାଭ କରିଛନ୍ତି। ସିଜନର ଆଉ ମାତ୍ର ୫ଟି ରେସ୍ ବାକି ରହିଥିବାବେଳେ ସେ ଚାମ୍ପିୟନଶିପ୍ ଟେବୁଲରେ ପ୍ରଥମ ସ୍ଥାନରେ ରହିଥିବା ହାମିଲଟନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଟାସଙ୍କଠାରୁ ୭୭ ପଏଣ୍ଟରେ ଅଗ୍ରଣୀ ରହିଛନ୍ତି। ବ୍ରିଟିଶ ଡ୍ରାଇଭର ତାଙ୍କ କ୍ୟାରିୟରରେ ୯୭ ପୋଲ୍ ପୋଜିଶନ ହାସଲ କରିସାରିଲେଣି, ଯାହାକି ଏକ ରେକର୍ଡ। ଚାମ୍ପିୟନଶିପ୍ ଲିଡର ଭାବେ ସୁମାକର( ୭)ଙ୍କ ରେକର୍ଡ ସମକକ୍ଷ ହେବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ରହିଛି।



ଟ୍ରଫି ସହ ଲୁଇସ୍ ହାମିଲ୍‌ଟନ।

# ମୁମ୍ବାଇ ସିଟିରେ ଜାପାନିଜ୍ ମିଡ୍‌ଫିଲ୍ଡର ଗୋଡାର୍ଡ

**ମୁମ୍ବାଇ, ୨୭।୧୦ (ପି.ଟି.)** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ମୁମ୍ବାଇ ସିଟି ଏଫ୍‌ସି ସିଜନ ୨୦୨୦-୨୧ ପାଇଁ ଇଂଲଣ୍ଡ ଜନ୍ମିତ ଜାପାନିଜ ମିଡ୍ ଫିଲ୍ଡର ସାଏ ଗୋଡାର୍ଡଙ୍କ ସହିତ ଚୁକ୍ତି କରିଛି। ୨୩ ବର୍ଷୀୟ ଏହି ଫୁଟ୍‌ବଲର ଗୋଟିଏ ସିଜନ ପାଇଁ ଋଣ ଭିତ୍ତିରେ ଇଟାଲିଆନ କ୍ଲବ ବେନେଭେଣ୍ଟୋ କାଲସିଓ ଦଳରୁ ଆସିଛନ୍ତି। ଗୋଡାର୍ଡ ହେଉଛନ୍ତି ଇଂଲିଶ କ୍ଲବ ଟୋଟେନହାମ୍ ହଟ୍ସପୁର ୟୁଥ୍ ଏକାଡେମୀର ସୃଷ୍ଟି। ସେ ୨୦୧୭ରେ ସ୍ପର୍ସ କ୍ଲବ ଛାଡ଼ିବା ପୂର୍ବରୁ ୧୮ବର୍ଷରୁ କମ୍, ୨୧ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଗୋଡାର୍ଡ ପରେ ଇଟାଲୀ ଯାଇଥିଲେ। ସେଠାରେ ସେ ୨୦୧୮ରେ ସିରି ବି' ଦଳ ବେନେଭେଣ୍ଟୋ ଦଳ ସହ ୩ ବର୍ଷିଆ ଚୁକ୍ତି କରିଥିଲେ। ସମୟ ମିଳିଲେ ସେ ସାମୟିକ ଅନ୍ୟ କ୍ଲବ୍ ତରଫରୁ ଖେଳିଥାନ୍ତି।

# ଝାକର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ଉପ-ସଭାପତି

**ଏସିଆନ ଭଲିବଲ୍ କନ୍‌ଫେଡେରେଶନ**

**ଭୁବନେଶ୍ୱର, ୨୭। ୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ସାଧାରଣ ସମ୍ପାଦକ ରାମଅବତାର ସିଂ ଝାକର ଏସିଆନ ଭଲିବଲ୍ କନ୍‌ଫେଡେରେଶନ (ଏଭିସି)ର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ଉପସଭାପତି ଓ ବୋର୍ଡ ଅଫ୍ ଆଡମିନିଷ୍ଟ୍ରେଶନର ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ରୀତା ସୁବୋୱୋ ଏଭିସିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏଭିସି ବୋର୍ଡ ଅଫ୍ ଆଡମିନିଷ୍ଟ୍ରେଶନକୁ ନିର୍ବାଚିତ ହୋଇଥିବା ଏସିଆନ ସେଣ୍ଟ୍ରାଲ ଜୋନର ଅନ୍ୟ ସଦସ୍ୟମାନେ ହେଲେ ବାଂଲାଦେଶର ମହମ୍ମଦ ଅତିକୁଲ ଇସ୍‌ଲାମ, କାଜାଖସ୍ତାନର ୟେର୍ମେକ ସିରିଲବାଭେ ଓ ଇରାନ୍‌ର ମହମ୍ମଦ ରେଜା ଦାଭାରଜାନୀ। ମଙ୍ଗଳବାର ଏଭିସିର ୨୩ତମ ଭର୍ଚୁଆଲ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଫେଡେରେଶନ ଇଣ୍ଟରନ୍ୟାଶନାଲ ଡି ଭଲିବଲ୍ (ଏଫ୍‌ଆଇଭିବି) ଅଧ୍ୟକ୍ଷ ଅରି ଏସ୍. ଗ୍ରାସା, ଏଭିସି ଲାଇଫ୍ ପ୍ରେସିଡେଣ୍ଟ ଜିଜହୋଙ୍ଗ୍ ୱେଇ, ଏଭିସି ଅଧ୍ୟକ୍ଷ ସାଲେ ଅହମ୍ମଦ ବିନ୍‌ନାସେର ଯୋଗ ଦେଇଥିଲେ।



ରାମଅବତାର ସିଂ ଝାକର

# ଭାରତୀୟ ଦଳରେ ବରୁଣ ସାମିଲ

**ଅଷ୍ଟ୍ରେଲିଆ ଗସ୍ତରୁ ରୋହିତ ଶର୍ମା ବାଦ୍**

**ନୂଆଦିଲ୍ଲୀ, ୨୭।୧୦ (ପି.ଟି.)** ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଲାଗି ୩ଟି ଫର୍ମାଟ ପାଇଁ ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସୀମିତ ଓଭର ଉପ- ଅଧିନାୟକ ରୋହିତ ଶର୍ମାଙ୍କୁ ଏହି ହାଇପ୍ରୋଫାଇଲ ଗସ୍ତରୁ ବାଦ୍ ଦିଆଯାଇଛି। ବାରମ୍ବାର ସେ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହେଉଥିବାରୁ ତାଙ୍କୁ ଦଳରେ ସ୍ଥାନ ମିଳିପାରି ନାହିଁ। ତେବେ ଆଗାମୀ ଗୋଟିଏ ସପ୍ତାହରେ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଉପଲବ୍ଧ ହୋଇପାରନ୍ତି।

ରୋହିତଙ୍କ ଅନୁପସ୍ଥିତିରେ ଜବରଦସ୍ତ ଫର୍ମରେ ଥିବା ଲୋକେଶ ରାହୁଲ ସୀମିତ ଓଭର ଫର୍ମାଟ୍‌ରେ ଉପ- ଅଧିନାୟକ ଦାୟିତ୍ୱ ତୁଲାଇବେ। ଏଥି ସହିତ ରାହୁଲ ଦୀର୍ଘ ଦିନ ପରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିପରି ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସୀମିତ ଓଭର ଦଳରୁ ବାଦ୍ ପଡିଥିଲେ ମଧ୍ୟ ଟେଷ୍ଟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବ। ସେହିପରି ୪ଟି ଟେଷ୍ଟ ମ୍ୟାଚ୍ ମଧ୍ୟ ଆୟୋଜନ ହେବ। ନଭେମ୍ବର ୨୭ରୁ ଏହି ଗସ୍ତ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି।

ନଭେମ୍ବର ୩ ତାରିଖରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ରୋହିତ ଖେଳିପାରିନ୍ତି। ପ୍ଲେ- ଅଫ୍ ପୂର୍ବରୁ ଏହା ଅନ୍ତିମ ଲିଗ୍ ମ୍ୟାଚ୍। ଚେନ୍ନାଇର ୨୯ ବର୍ଷୀୟ କ୍ରିକେଟର ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରଥମଥର ପାଇଁ ଜାତୀୟ ଦଳରେ ସାମିଲ କରାଯାଇଛି। ୧୧ଟି ଆଇପିଏଲ୍ ମ୍ୟାଚ୍ ଖେଳିବା ସହ ସିନିୟରସ୍ତରରେ ସେ ୨୧ଟି ମ୍ୟାଚ୍ ଖେଳିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ୫ ଉଇକେଟ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋଲକାତା ନାଇଟ ରାଇଡର୍ସ କୁଲଦୀପ ଯାଦବଙ୍କ ବଦଳରେ ତାଙ୍କୁ ଖେଳାଇବାକୁ ଅଧିକ ପସନ୍ଦ କରିଛି।

**ଟି୨୦ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ (ଉଇକେଟକିପର ଓ ଉପ-ଅଧିନାୟକ), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଦୀପକ ଚହର ଓ ବରୁଣ ଚକ୍ରବର୍ତ୍ତୀ।

**ଦିନିକିଆ ଦଳ:** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ୍, ଲୋକେଶ ରାହୁଲ (ଉପ-ଅଧିନାୟକ ଓ ଉଇକେଟକିପର), ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର।

**ଟେଷ୍ଟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ଶୁବମନ ଗିଲ, ରିଦ୍ଧିମାନ ଶାହା (ଉଇକେଟକିପର), ରିଷଭ ପନ୍ତ (ଉଇକେଟକିପର), ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବ, ନବଦୀପ ସଇନି, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସିରାଜ।




## ପୂଜାରା, ବିହାରୀ, ୟୁଏଇରେ ଯୋଗଦେବେ



ଚେତେଶ୍ୱର ପୂଜାରା

**ନୂଆଦିଲ୍ଲୀ, ୨୭।୧୦(ପି.ଟି.):** ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଭାରତୀୟ ଦଳ କୋଚିଂ ଷ୍ଟାଫ୍‌ଙ୍କ ସହ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ହନୁମା ବିହାରୀ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଦଳର ବାକି ଖେଳାଳିଙ୍କ ସହ ଯୋଗ ଦେବେ। ଏଥିପାଇଁ ଏମାନେ ଆସନ୍ତା ରବିବାର ଦୁବାଇ ଅଭିମୁଖେ ଯାତ୍ରା କରିବେ। ସୋମବାର ହେଡ୍ କୋଚ୍ ରବି ଶାସ୍ତ୍ରୀ ଅନ୍ୟମାନଙ୍କ ସହ ଯୋଗଦେବେ। ପୂଜାର ଓ ବିହାରୀଙ୍କୁ ବାଦ୍‌ଦେଲେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋର, ବୋଲିଂ କୋଚ୍ ଭରତ ଅରୁନ ଓ ଫିଲ୍ଡିଂ କୋଚ୍ ଆର. ଶ୍ରୀଧର ଅଷ୍ଟ୍ରେଲିଆ ଗସ୍ତପୂର୍ବରୁ ଦଳରେ ଯୋଗ ଦେବେ। ୟୁଏଇରେ ପହଞ୍ଚିବା ପରେ ଏମାନେ କୋଭିଡ୍-୧୯ର ସବୁ ନିୟମକୁ ଅନୁସରଣ କରିବେ। ଦୁବାଇରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ସହ ନିୟମିତ ବ୍ୟବଧାନରେ କୋଭିଡ୍ ଟେଷ୍ଟ କରାଇବେ। କିନ୍ତୁ ଏହି ଗ୍ରୁପ୍ ଆଇପିଏଲ୍ ବାୟୋ- ବବଲରେ ସାମିଲ ହେବେନି ଓ ଏମାନେ ଅଲଗା ରହିବେ। ସିଡ୍‌ନୀ ଓ କାନବେରାରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ସୀମିତ ଓଭର ସିରିଜ ଆୟୋଜନ ହେବ।

# ରୋମାଞ୍ଚକ ସ୍ଥିତିରେ ଆଇପିଏଲ୍

**ଦୁବାଇ, ୨୭।୧୦** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟ ଶେଷଭାଗରେ ପହଞ୍ଚିଥିଲେ ହେଁ କୌଣସି ଦଳ ପ୍ଲେ-ଅଫ୍ ସ୍ପଷ୍ଟ କରିପାରି ନାହାନ୍ତି। ବିଶେଷ କରି ଗତ କିଛି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ କୋଲକାତା ନାଇଟ ରାଇଡର୍ସ, ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ କିଙ୍ଗ୍ସ ଇଲେଭେନ ପଞ୍ଜାବ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଚେନ୍ନାଇ ସୁପରକିଙ୍ଗ୍ସ, ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସ, କୋଲକାତା ବିପକ୍ଷରେ ପଞ୍ଜାବର ବିଜୟ ପ୍ରତିଯୋଗିତାକୁ ଉତ୍କଣ୍ଠାପୂର୍ଣ୍ଣ କରିଦେଇଛି। କୌଣସି ଦଳ ୧୬ ପଏଣ୍ଟ ପାଇଗଲେ ପ୍ଲେ-ଅଫ୍ ସ୍ପଷ୍ଟ ହୋଇଯିବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ମାତ୍ର ଏଥର ତାହା ହେବନାହିଁ। ବିଶେଷ କରି ଶାରଜାରେ ପଞ୍ଜାବ(୧୫୦/୨) ନିକଟରୁ କୋଲକାତା(୧୪୯/୯)ର ପରାଜୟ ଫଳରେ ଟେବୁଲ ଟପ୍ପର ମୁମ୍ବାଇ, ଦିଲ୍ଲୀ ଓ ବାଙ୍ଗାଲୋର ୧୬ ପଏଣ୍ଟ ପାଇଲେ ମଧ୍ୟ ପ୍ଲେ-ଅଫ୍‌ରେ ପ୍ରବେଶ କଲେ ବୋଲି କହି ହେବନାହିଁ। ବର୍ତ୍ତମାନ ପରିସ୍ଥିତିରେ ଅତିକମ୍‌ରେ ୫ଟି ଦଳ ୧୬ ପଏଣ୍ଟ ପାଇବା ସମ୍ଭାବନା ରହିଛି। ଟେବୁଲ ଟପ୍ପର ୩ଟିମ୍ ପରସ୍ପର ମଧ୍ୟରେ ଏବଂ ସନ୍‌ରାଇଜର୍ସ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ତେଣୁ ୩ ମ୍ୟାଚରୁ ଯେଉଁ ଦଳ ୨ଟି ମ୍ୟାଚ ଜିତିବ ପ୍ଲେ-ଅଫ୍‌ରେ ପ୍ରବେଶ କରିପାରିବ। ପଏଣ୍ଟ ସମାନ ହେବା ସ୍ଥିତିରେ ବିଭିନ୍ନ ପୋଜିଶନ ପାଇଁ ରନ୍ ହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ଅକ୍ଟୋବର ୧୦ରେ କୋଲକାତା ବିପକ୍ଷରେ ପଞ୍ଜାବର ବିଜୟ ପରେ ପଏଣ୍ଟ ଟେବୁଲରେ ଅନେକ ପରିବର୍ତ୍ତନ ଦେଖାଦେଇଛି। ୭ ମ୍ୟାଚରୁ ମାତ୍ର ୧ ବିଜୟ ସହ ପଏଣ୍ଟ ଟେବୁଲର ନିମ୍ନରେ ପଡ଼ିଥିବା ପଞ୍ଜାବ କ୍ରମାଗତ ୫ ମ୍ୟାଚ ଜିତି ଉପରକୁ ଲମ୍ଫ ମାରିବାରେ ଲାଗିଛି। କୋଲକାତା ଓ ପଞ୍ଜାବର ଆଉ ୨ଟି ଲେଖାଏ ମ୍ୟାଚ ବାକିଅଛି। ଉଭୟ ଦଳ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ତେଣୁ ଏହି ଦୁଇ ଦଳ ଯଦି ୨ଟି ଯାକ ମ୍ୟାଚରେ ବିଜୟୀ ହେବେ ତେବେ ୧୬ ପଏଣ୍ଟରେ ପହଞ୍ଚିଯିବେ। ମୁମ୍ବାଇ, ଦିଲ୍ଲୀ ଓ ବାଙ୍ଗାଲୋର ମଧ୍ୟରୁ ଯଦି କେହି ୩ଟି ଯାକ ମ୍ୟାଚ ନ ହାରନ୍ତି ତେବେ ଏକାଧିକ ଦଳ ୧୬ ପଏଣ୍ଟରେ ନଜରକୁ ଆସିବେ। ଏ କ୍ଷେତ୍ରରେ ନେଟ୍ ରନହାର ବିଚାରକୁ ନିଆଯିବ। ଯଦି ପଞ୍ଜାବ ଓ କୋଲକାତା ୨ଟି ଯାକ ମ୍ୟାଚ ହାରିଯାଆନ୍ତି ତେବେ ଏଲିମିନେଟ୍ ହେବେ। ରାଜସ୍ଥାନ ରୟାଲ୍ସ ଏହାର ଅବଶିଷ୍ଟ ୨ଟି ମ୍ୟାଚରେ ଯଦି ପଞ୍ଜାବ ଓ କୋଲକାତା ବିପକ୍ଷରେ ବିଜୟୀ ହୁଏ ତେବେ ୧୪ ପଏଣ୍ଟରେ ପହଞ୍ଚିବ। ଅନ୍ୟ ମ୍ୟାଚଗୁଡ଼ିକର ଫଳାଫଳ ଦୃଷ୍ଟିରୁ ଯଦି ଅଧିକ ଦଳ ୧୪ ପଏଣ୍ଟରେ ରହିଯାଆନ୍ତି ତେବେ ରନ ହାରରେ ପ୍ଲେ-ଅଫ୍ ପ୍ରବେଶ ନିର୍ଣ୍ଣୟ ହେବ। ମାତ୍ର ଗୋଟିଏ ମ୍ୟାଚ ହାରିଲେ ରାଜସ୍ଥାନ ବିଦାୟ ରାସ୍ତା ଦେଖିବ।



କ୍ରିସ୍ ଗେଲ୍

# ମୁମ୍ବାଇ-ବାଙ୍ଗାଲୋର ମୁକାବିଲା ଆଜି

**ଅବୁଧାବି, ୨୭।୧୦(ପି.ଟି.)** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୮ତମ ମାଚ୍‌ରେ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ପରସ୍ପରକୁ ଭେଟିବେ। ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଉଭୟ ଦଳ ପ୍ଲେ-ଅଫ୍‌ରେ ସ୍ଥାନ ହାସଲ କରିବା ଆଶାକୁ ଦୃଢୀଭୂତ କରିବା ଲକ୍ଷ୍ୟରେ ରହିଛନ୍ତି। ଆହତ ହୋଇଥିବାରୁ ଅଧିନାୟକ ରୋହିତ ଶର୍ମା କ୍ରମାଗତ ତୃତୀୟ ମ୍ୟାଚ୍ ନ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି।

୧୧ଟି ମ୍ୟାଚ୍ ଖେଳି ୭ ବିଜୟ, ୪ ପରାଜୟ ସହ ମୁମ୍ବାଇ ୧୪ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ବାଙ୍ଗାଲୋର ମଧ୍ୟ ସମାନ ସଂଖ୍ୟାକ ମ୍ୟାଚ୍, ବିଜୟ ଓ ପରାଜୟ ସହ ସମାନ ୧୪ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍ ରନ୍‌ରେଟ୍‌ରେ ପଛରେ ରହି ତୃତୀୟ ସ୍ଥାନରେ ରହିଛି। ଆଉ ଗୋଟିଏ ବିଜୟ ହାସଲ କଲେ ଦୁଇଟି ଦଳର ପ୍ଲେ-ଅଫ୍ ଆଶା ଆହୁରି ଦୃଢୀଭୂତ ହେବ। ମ୍ୟାଚ୍ ପୂର୍ବରୁ ରୋହିତଙ୍କ ଫିଟ୍‌ନେସ୍ ନେଇ ଚର୍ଚ୍ଚା ହେଉଛି। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ରୋହିତ ଗତ ଦୁଇଟି ମ୍ୟାଚ୍ ମଧ୍ୟ ଖେଳିପାରି ନ ଥିଲେ। ସୋମବାର ସେ ନେଟ୍ସରେ ଅଭ୍ୟାସ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ କିମ୍ବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ରୋହିତଙ୍କ ଫିଟ୍‌ନେସ୍ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ରୋହିତଙ୍କ ଅନୁପସ୍ଥିତିରେ ମୁମ୍ବାଇ ସୌରଭ ତିୱାରୀ ଓ ଇଶାନ କିଶନଙ୍କ ଉପରେ ଭରସା କରିବ। ଏହି ଦୁଇ ଖେଳାଳି ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଛନ୍ତି। ମୁମ୍ବାଇ ଦଳରେ କ୍ୱିଣ୍ଟନ ଡିକକ୍, ଇଶାନ, ସୂର୍ଯ୍ୟକୁମାର ଯାଦବଙ୍କ ଭଳି ଲିଡିଂ ରନ୍ ସ୍କୋରର ରହିଛନ୍ତି। ପାୱାର ହିଟର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ତାଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। କାମଚଳା ଅଧିନାୟକ କିରନ ପୋଲାର୍ଡ ଓ କ୍ରୁନାଲ ପାଣ୍ଡ୍ୟା ନିଜର ବିସ୍ଫୋରକ ବ୍ୟାଟିଂ ବଳରେ ଦଳକୁ ବିଜୟୀ କରାଇବାର ଦକ୍ଷତା ରଖୁଛନ୍ତି। ଗତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ବେନ୍ ଷ୍ଟୋକ୍ସ ଓ ସଞ୍ଜୁ ସାମସନଙ୍କ ନିର୍ଘାତ ପ୍ରହାରକ ଭୁଲିବାକୁ ମୁମ୍ବାଇ ଚାହିଁବ। ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ ବୁମ୍‌ରା ଆରମ୍ଭରୁ ଓ ଡେଥ୍ ଓଭରରେ ବେଶ୍ ଭଲ ବୋଲିଂ କରୁଛନ୍ତି। ଏହି ଦୁଇ ବୋଲର ୩୩ଟି ଉଇକେଟ ମିଳିତ ଭାବେ ଅକ୍ତିଆର କରିଛନ୍ତି। ତୃତୀୟ ବୋଲର ଭାବେ ମୁମ୍ବାଇ ଜେମ୍ସ ପାଟିନସନ କିମ୍ବା ନାଥନ କୁଲ୍ଟର ନାଇଲଙ୍କୁ ଖେଳାଇପାରେ।

ଅପରପକ୍ଷରେ ବାଙ୍ଗାଲୋର ତରଫରୁ ଅଧିନାୟକ କୋହଲି ସ୍ଥିର ପ୍ରଦର୍ଶନ କରି ଜବରଦସ୍ତ ଫର୍ମରେ ରହିଛନ୍ତି। ସେହିପରି ଆରୋନ ଫିଞ୍ଚ୍, ଯୁବ ଓପନର ଦେବଦତ୍ତ ପଡିକାଲ ଓ ଏବି ଡିଭିଲର୍ସ ଭଲ ଖେଳିଥିଲେ ମଧ୍ୟ ଆହୁରି ସ୍ଥିର ପ୍ରଦର୍ଶନ କରିବା ଆବଶ୍ୟକ। ଅଭିଜ୍ଞ ଏବି ଡିଭିଲର୍ସ ମଧ୍ୟ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିଛନ୍ତି। ସେହିପରି କ୍ରିସ୍ ମୋରିସ୍, ମୋଇନ ଅଲି ଓ ଗୁରକିରାତ ମାନ ଲୋୟର ମିଡିଲ ଅର୍ଡରରେ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ବାଙ୍ଗାଲୋର ବୋଲରଙ୍କ ଫିଟ୍‌ନେସ ନେଇ ଚିନ୍ତିତ ରହିଛି। ଦ୍ରୁତ ବୋଲର ନବଦୀପ ସଇନି ଆହତ ହୋଇଛନ୍ତି। ସେ ଏହି ମ୍ୟାଚ୍ ଖେଳିବେ କି ନା ସ୍ପଷ୍ଟ କରାଯାଇନାହିଁ। ଯଦି ସେ ନ ଖେଳନ୍ତି ତା'ହେଲେ ମହମ୍ମଦ ସିରାଜ ଓ କ୍ରିସ ମୋରିସ୍‌ଙ୍କୁ ଅଧିକ ଦାୟିତ୍ୱ ନେବାକୁ ହେବ। ଇସୁରୁ ଉଡାନା ମଧ୍ୟ ବୋଲିଂରେ ଏହି ଦୁଇଜଣଙ୍କୁ ସହଯୋଗ କରିବେ।



ନେଟ୍ସରେ ବିରାଟ କୋହଲି।

**ଆଇପିଏଲ୍**
(ବୁଧବାର ମ୍ୟାଚ୍)
**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବ ପାକିସ୍ତାନ

କରାଚୀ, ୨୭।୧୦ (ପି.ଟି.)

ଆସନ୍ତା ବର୍ଷ ଏପ୍ରିଲ୍‌ରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବ ପାକିସ୍ତାନ। ଉଭୟ ଦଳ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପୁରୁଷ ବିଶ୍ୱକପ୍ ସୁପର ଲିଗ୍‌ର ଅଂଶ ବିଶେଷ ସ୍ୱରୂପ ୩ ଅନ୍ତର୍ଜାତୀୟ ଦିନିକିଆ ସିରିଜ ସମେତ ଏକ ସୀମିତ ଓଭର ସିରିଜ ଖେଳାଯିବ ବୋଲି ଦେଶର କ୍ରିକେଟ ବୋର୍ଡ (ପିସିବି) ମଙ୍ଗଳବାର ପ୍ରକାଶ କରିଛି। ପାକିସ୍ତାନ ଆହୁରି ମଧ୍ୟ ଗସ୍ତ ବେଳେ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଏହି ସିରିଜ ଚଳିତ ବର୍ଷ ସେପ୍ଟେମ୍ବର/ଅକ୍ଟୋବର ରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ଦକ୍ଷିଣ ଆଫ୍ରିକାରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ହୋଇଥିଲା। ଅନ୍ୟପକ୍ଷରେ ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ (ଏଫ୍‌ଟିପି)କୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାକୁ ଯାଇ ଜିମ୍ବାୱେ ଗସ୍ତରେ ଯିବା ଲାଗି ପାକିସ୍ତାନ ବର୍ତ୍ତମାନ ରାଜି ହୋଇଛି। ସେଠାରେ ଦଳ ଦୁଇଟି ଟେଷ୍ଟ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଉଭୟ ସିରିଜ ପାଇଁ କାର୍ଯ୍ୟସୂଚୀ ଠିକଣା ସମୟରେ ଘୋଷଣା କରାଯିବ ବୋଲି ପିସିବି କହିଛି। ସୂଚନାଯୋଗ୍ୟ, ପାକିସ୍ତାନ ଅକ୍ଟୋବର ୩୦ରୁ ଭ୍ରମଣକାରୀ ଜିମ୍ବାୱେ ଦଳ ବିପକ୍ଷରେ ୩ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳିବା କାର୍ଯ୍ୟକ୍ରମ ରହିଛି।




# ଦିଲ୍ଲୀକୁ ହରାଇଲା ସନ୍‌ରାଇଜର୍ସ



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଋଦ୍ଧିମାନ ଶାହା।

ଦୁବାଇ, ୨୭।୧୦

ଅଧିନାୟକ ଡେଭିଡ୍ ୱାର୍ନର ଓ ଋଦ୍ଧିମାନ ଶାହାଙ୍କ ବିସ୍ଫୋରକ ବ୍ୟାଟିଂ ପରେ ରଶିଦ ଖାଁଙ୍କ ଚମତ୍କାର ବୋଲିଂ ସହାୟତାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବୃହତ୍ ବିଜୟ ହାସଲ କରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବହୀନ ପ୍ରଦର୍ଶନ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସକୁ ଡେଭିଡ୍ ୱାର୍ନରଙ୍କ ଦଳ ୮୮ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ୨୦ ଓଭରରେ ୨ ଉଇକେଟ ହରାଇ ୨୧୯ ରନ କରିଥିଲା। ୨୨୦ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ୧୯ ଓଭରରେ ୧୩୧ ରନକରି ଅଲଆଉଟ ହୋଇଯାଇଥିଲା। ଏହି ବିଜୟ ଫଳରେ ସନ୍‌ରାଇଜର୍ସର ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ କ୍ରମାଗତ ୩ ପରାଜୟ ସହ ତୃତୀୟ ସ୍ଥାନକୁ ଖସି ପ୍ଲେ-ଅଫ୍ ପ୍ରବେଶ ପାଇଁ ସଂଘର୍ଷ ଜାରି ରଖିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟାର। ମାତ୍ର ହାଇଦ୍ରାବାଦ୍‌ର ଦୁଇ ଓପନର ଅଧିନାୟକ ଡେଭିଡ ୱାର୍ନର ଓ ଋଦ୍ଧିମାନ ଶାହା ତାହାକୁ ଭୁଲ୍ ପ୍ରମାଣିତ କରି ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୁହେଁ କୌଣସି ଉଇକେଟ ନ ହରାଇ ପାୱାରପ୍ଲେ ୬ ଓଭରରେ ୭୭ ରନ ସଂଗ୍ରହ କରିଥିବାବେଳେ ୮.୪ ଓଭରରେ ଦଳର ୧୦୦ ରନ ପୂରଣ ହୋଇଥିଲା। ପାୱାରପ୍ଲେରେ କେବଳ ୱାର୍ନର ୫୪ ରନ ସ୍କୋର କରିଥିଲେ। ଚଳିତ ଆଇପିଏଲ୍‌ରେ କୌଣସି ବ୍ୟାଟ୍ସମ୍ୟାନଙ୍କ କ୍ଷେତ୍ରରେ ଏହା ସର୍ବାଧିକ। ପୂର୍ବରୁ ଦୁବାଇରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଦିଲ୍ଲୀର ପୃଥ୍ୱୀ ଶ' ୪୨ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ୱାର୍ନର ୩୪ ବଲ୍‌ରୁ ୮ ଚୌକା ଓ ୨ ଛକା ସହ ୬୬ ରନ କରି ଆଉଟ ହୋଇଥିଲେ। ଦିଲ୍ଲୀକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ସେତେବେଳକୁ ୯.୪ ଓଭରରେ ଦଳୀୟ ସ୍କୋର ୧୦୭ ହୋଇଥିଲା। ୱାର୍ନରଙ୍କ ଆଉଟରେ ଚାପଗ୍ରସ୍ତ ହୋଇ ନ ଥିଲେ ଋଦ୍ଧିମାନ। ସେ ଧୂଆଁଧାର ବ୍ୟାଟିଂ ଜାରି ରଖି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ୧୪.୩ ଓଭରରେ ଦଳୀୟ ସ୍କୋର ୧୭୦ରେ ପହଞ୍ଚିବାପରେ ପ୍ୟାଭିଲିୟନ ଫେରିଥିଲେ ଏହି ବେଙ୍ଗଲ ଖେଳାଳି। ଏନରିଚ୍ ନର୍ଜେଙ୍କ ବଲ୍‌ରେ ସେ ବଡ଼ ଶଟ୍ ଖେଳିବାକୁ ଯାଇଥିଲେ ହେଁ ବ୍ୟାଟ୍‌ରେ ବଲ୍ ଠିକ୍‌ଭାବେ ସଂଯୋଗ ହୋଇ ନ ଥିଲା। ଫଳରେ ମିଡ୍‌ଅଫ୍‌ରେ ଆୟାର ଅଭ୍ୟାସ କଲା ଭଳି ସହଜ କ୍ୟାଚ ଦେଇଥିଲେ। ଋଦ୍ଧିମାନ ଏଠାରେ ଚମତ୍କାର ଖେଳିଥିବାବେଳେ ଶତକରୁ ୧୩ ରନ ଦୂରରେ ରହି ଯାଇଥିଲେ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୧୪ | +୧.୨୫୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୭ | ୪ | ୧୪ | +୦.୦୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୭ | ୫ | ୧୪ | +୦.୦୩୦ |
| କିଙ୍ଗ୍ସ ଇଲେଭେନ | ୧୨ | ୬ | ୬ | ୧୨ | -୦.୦୪୯ |
| ନାଇଟ ରାଇଡର୍ସ | ୧୨ | ୬ | ୬ | ୧୨ | -୦.୪୭୯ |
| ସନ୍‌ରାଇଜର୍ସ | ୧୨ | ୫ | ୭ | ୧୦ | +୦.୩୯୬ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୫୦୫ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୨ | ୪ | ୮ | ୮ | -୦.୬୦୨ |

ସେ ୪୫ଟି ବଲ୍ ଖେଳି ୧୨ ଚୌକା ଓ ୨ ଛକା ସହାୟତାରେ ଦଳ ପକ୍ଷରୁ ସର୍ବାଧିକ ୮୭ ରନ ସ୍କୋର କରିଥିଲେ। ସେତେବେଳକୁ ମନୀଷ ପାଣ୍ଡେ ମାତ୍ର ୧୧ ରନ କରିଥିଲେ ହେଁ ଋଦ୍ଧିମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୬୩ ରନ ସଂଗୃହୀତ ହୋଇଥିଲା। ଶେଷଭାଗରେ ମନୀଷ ଦ୍ରୁତ ହାରରେ ରନ ସଂଗ୍ରହ କରି ପାରିବାରୁ ସନ୍‌ରାଇଜର୍ସ ୨୦ ଓଭରରେ ୨ ଉଇକେଟ ହରାଇ ୨୧୯ ରନ କରି ପାରିଥିଲା। ୩୧ଟି ବଲ୍ ଖେଳିଥିବା ମନୀଷ ୪ ଚୌକା ଓ ୧ ଛକା ସହିତ ୪୪ ଏବଂ କେନ୍ ୱିଲିୟମସନ ୧୦ ବଲ୍‌ରୁ ୧୧ ରନକରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ଉଇକେଟରେ ଦୁହେଁ ୪୯ ରନ ସଂଗ୍ରହ କରିଥିଲେ। ଦିଲ୍ଲୀ ପକ୍ଷରୁ କେବଳ ରବିଚନ୍ଦ୍ରନ ଅଶ୍ୱିନ, ଏନରିଚ୍ ନର୍ଜେ ଉଇକେଟ ପାଇଥିଲେ। ଚଳିତ ଆଇପିଏଲରେ କାଗିଶୋ ରାବାଡ଼ା ପ୍ରଥମଥରପାଇଁ ଉଇକେଟ ଶୂନ୍ୟ ରହିଥିଲେ ଏବଂ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ୪ ଓଭରରେ ୫୪ ରନ ବ୍ୟୟ କରିଥିଲେ। ୨୬ଟି ଟି୨୦ ମ୍ୟାଚ ପରେ ରାବାଡ଼ା ଉଇକେଟ ଶୂନ୍ୟ ରହିଛନ୍ତି। ୨୬ ଇନିଂସ ପୂର୍ବରୁ ୨୦୧୭ ମେ ୨ରେ ଏହି ସନ୍‌ରାଇଜର୍ସ ବିପକ୍ଷରେ ହିଁ ଉଇକେଟ ପାଇ ନ ଥିଲେ। ସେତେବେଳେ ୪ ଓଭରରେ ସେ ୫୯ ରନ ବ୍ୟୟ କରିଥିଲେ। ୨୧୯ ରନ ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସର ସର୍ବାଧିକ ଏବଂ ଓଭରଅଲ୍ ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୯ରେ ହାଇଦ୍ରାବାଦରେ ଏହି ଦଳ ବାଙ୍ଗାଲୋର ବିପକ୍ଷରେ ୨ ଉଇକେଟ ହରାଇ ସର୍ବାଧିକ ୨୩୧ ରନ ସ୍କୋର କରିଥିଲା।

ଟାର୍ଗେଟ ବଡ଼ ଥିବାବେଳେ ଦିଲ୍ଲୀ ପ୍ରଥମ ଓଭରରେ ଇନ୍‌ଫର୍ମ ଶିଖର ଧାୱନ(୦)ଙ୍କ ଉଇକେଟ ହରାଇ ଯେଉଁ ଝଟ୍‌କା ଖାଇଥିଲା ସେଥିରୁ ଶେଷ ପର୍ଯ୍ୟନ୍ତ ମୁକୁଳି ପାରି ନ ଥିଲା। କୌଣସି ବ୍ୟାଟ୍ସମ୍ୟାନ ହାଇଦ୍ରାବାଦ ବୋଲରଙ୍କ ସଫଳ ମୁକାବିଲା କରିପାରି ନ ଥିଲେ। ଫଳରେ ଦଳ ଗୋଟିଏ ଓଭର ବାକିଥାଇ ଅଲଆଉଟ ହୋଇ ଯାଇଥିଲା। ଋଷଭ ପନ୍ତ ସର୍ବାଧିକ ୩୬ ଓ ଅଜିଙ୍କ୍ୟ ରାହାନେ ୨୬ ରନ କରି ପାରିଥିବାବେଳେ ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳ ପକ୍ଷରୁ ରଶିଦ ଖାଁ (୪-୦-୭-୩) ଚମତ୍କାର ସ୍ପେଲ ବୋଲିଂ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ଶର୍ମା ଓ ଟି. ନଟରାଜନ ୨ଟି ଲେଖାଏ ଏବଂ ଶାହାବାଜ ନଦୀମ, ଜାସନ ହୋଲ୍ଡର ଓ ବିଜୟ ଶଙ୍କର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୧୯/୨(ଋଦ୍ଧିମାନ-୮୭, ୱାର୍ନର-୬୬, ମନୀଷ-୪୪*, ଅଶ୍ୱିନ-୧/୩୫, ନର୍ଜେ-୧/୩୭)। ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୧୩୧/ଅଲଆଉଟ (ପନ୍ତ-୩୬, ରାହାନେ-୨୬, ରଶିଦ-୩/୭, ସନ୍ଦୀପ-୨/୨୭, ନଟରାଜନ-୨/୨୬, ନଦୀମ-୧/୮, ବିଜୟ ଶଙ୍କର-୧/୧୧, ହୋଲ୍ଡର-୧/୪୬)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ